
- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-156 ◆TUESDAY ◆2 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୫୬ ◆ମଙ୍ଗଳବାର ◆୨ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


ବିବାହ ବନ୍ଧନରେ ସାମନ୍ଥା

▶ପୃଷ୍ଠା ୧୧ ଦେଖନ୍ତୁ...

# ଆରମ୍ଭରୁ ଏସ୍‌ଆଇଆର୍ ତାତି

## ପ୍ରଥମ ଦିନରେ ସଂସଦ ଅଚଳ

■ ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ଆଜି ଠାରୁ ଆରମ୍ଭ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନ ସରଗରମ ରହିଛି। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍‌କୁ ନେଇ ସରକାର ଏବଂ ବିରୋଧୀ ମୁହାଁମୁହିଁ ହୋଇ ରହିଥିବାରୁ ସଂସଦର ଉଭୟ ଗୃହ ପ୍ରଥମ ଦିନରୁ ଅଚଳ ହୋଇପଡ଼ିଛି। ଏସ୍‌ଆଇଆର୍ ଉପରେ ତୁରନ୍ତ ଆଲୋଚନା କରିବାକୁ ବିରୋଧୀ ଦଳମାନେ ଦାବି କରିଥିବା ବେଳେ ସରକାର ତୁରନ୍ତ ଆଲୋଚନା ପାଇଁ ରାଜି ହେଉ ନାହାନ୍ତି। ବିରୋଧୀ ସଭ୍ୟମାନଙ୍କ ହଟ୍ଟଗୋଳ ଯୋଗୁଁ ଉଭୟ ଲୋକସଭା ଏବଂ ରାଜ୍ୟସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି।



**ଆଲୋଚନା ପାଇଁ ସରକାର ରାଜି, କିନ୍ତୁ ବିରୋଧୀଙ୍କ ସର୍ତ୍ତରେ ନୁହେଁ: ମନ୍ତ୍ରୀ**

ଆଜି ସଂସଦ ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳମାନେ ଏସ୍‌ଆଇଆର୍ ଉପରେ ତୁରନ୍ତ ଆଲୋଚନା କରିବାକୁ ଦାବି କରିଥିଲେ। ଅଧ୍ୟକ୍ଷ ଏଥିପାଇଁ ଅନୁମତି ନଦେବାରୁ ସେମାନେ ହଟ୍ଟଗୋଳ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ଏସ୍‌ଆଇଆର୍ ଉପରେ ଆଲୋଚନା ପାଇଁ ସରକାର ରାଜି ଅଛନ୍ତି। କିନ୍ତୁ ଏହି ଆଲୋଚନା ବିରୋଧୀଙ୍କ ସର୍ତ୍ତ ଅନୁଯାୟୀ ହେବ ନାହିଁ। ଗତକାଲି ଅନୁଷ୍ଠିତ ସର୍ବଦଳୀୟ ବୈଠକରେ କିଛି ବିରୋଧୀ ଦଳ ଏହା ଉପରେ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ସରକାରଙ୍କର ବିଚାରାଧୀନ ଅଛି। ଏଥିପାଇଁ ସମୟ ଦରକାର। କିନ୍ତୁ ତୁରନ୍ତ ଆଲୋଚନା ପାଇଁ ବିରୋଧୀଙ୍କ ଦାବି ଗ୍ରହଣଯୋଗ୍ୟ ନୁହେଁ। ଆଲୋଚନା କେବେ ହେବ ଏବଂ କେତେ ସମୟ ପାଇଁ ହେବ, ତାହା କେବଳ ଗୃହ ପରିଚାଳନା କମିଟି ସ୍ଥିର କରିବ। ଗୃହରେ ଆହୁରି ଅନେକ ପ୍ରସଙ୍ଗ ରହିଥିବାରୁ ତୁରନ୍ତ ଏସ୍‌ଆଇଆର୍ ଉପରେ ଆଲୋଚନା ହୋଇପାରିବ ନାହିଁ ବୋଲି ରୋକଠୋକ୍ ଜଣାଇଦେଇଥିଲେ। ମନ୍ତ୍ରୀଙ୍କର ଏଭଳି ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ବିରୋଧୀ ଦଳ ସଭ୍ୟମାନେ କକ୍ଷତ୍ୟାଗ କରିଥିଲେ।

ବାଚସ୍ପତି ଓମ୍ ବିର୍ଲାଙ୍କ ତାଗିଦ ସତ୍ତ୍ୱେ ଲୋକସଭାରେ ବିରୋଧୀ ସଭ୍ୟମାନେ ଏସ୍‌ଆଇଆର୍ ଉପରେ ଆଲୋଚନା ପାଇଁ ଜିଦ୍ ଧରିଥିଲେ। ଫଳରେ ଗୃହକୁ ପ୍ରଥମେ ୧୨ଟା ପର୍ଯ୍ୟନ୍ତ, ପୁଣି ୨ଟା ପର୍ଯ୍ୟନ୍ତ ଏବଂ ଶେଷରେ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରିଦିଆଯାଇଛି। ତେବେ ଏହି ସମୟ ମଧ୍ୟରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ତିନିଟି ବିଲ୍ ଆଗତ କରିଥିଲେ। ୨ଟା ପରେ ମଧ୍ୟ ହଟ୍ଟଗୋଳ ଜାରି ରହିବାରୁ ଆସନ୍ତାକାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି।

ରାଜ୍ୟସଭାରେ ମଧ୍ୟ ଏସ୍‌ଆଇଆର୍ ପ୍ରସଙ୍ଗରେ ହଟ୍ଟଗୋଳ ହୋଇଥିଲା। ତେ।ବେ ଗୃହ ପ୍ରଥମେ ନବନିର୍ବାଚିତ ଉପରାଷ୍ଟ୍ରପତି ତଥା ଗୃହର ନୂଆ ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନଙ୍କୁ ସବୁ ଦଳର ସଭ୍ୟମାନେ ସ୍ୱାଗତ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିର ଦିନକୁ ଐତିହାସିକ ବୋଲି କହିଥିଲେ। ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ▶ପୃଷ୍ଠା-୭

## ‘ସକାଳ’ର ୫ମ ସ୍ୱନକ୍ଷତ୍ର ଦିବସ

# ୫ ସହରରେ ମିନି ମାରାଥନ୍: ଦୌଡ଼ିଲା ଓଡ଼ିଶା

■ ଭୁବନେଶ୍ୱର, ୧।୧୨ (ସମିସ): ‘ସକାଳ’ର ୫ମ ସ୍ୱନକ୍ଷତ୍ର ଅବସରରେ ରାଜଧାନୀ ଭୁବନେଶ୍ୱର, ବାଲେଶ୍ୱର, ରାଉରକେଲା, ସମ୍ବଲପୁର ଓ ଜୟପୁର ଆଦି ୫ଟି ସ୍ଥାନରେ ଅନୁଷ୍ଠିତ ହୋଇଛି ମିନି ମାରାଥନ। ସକାଳ ୬ଟାରେ ରାଜ୍ୟର ୫ ସହରରେ ଏକ ସମୟରେ ଆରମ୍ଭ ହୋଇଥିବା ମିନି ମାରାଥନରେ ବିଭିନ୍ନ ବର୍ଗର ହଜାର ହଜାର ବ୍ୟକ୍ତିବିଶେଷ ସାମିଲ ହୋଇଛନ୍ତି। ଭୁବନେଶ୍ୱରରେ ଶିଶୁଭବନ ଛକରୁ ଆରମ୍ଭ ହୋଇଥିବା ମିନି ମାରାଥନ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ନିକଟସ୍ଥ ଏକାମ୍ର ହାଟରେ ଶେଷ ହୋଇଛି। ପ୍ରଥମ ଓଡ଼ିଆ ମହିଳା ଗ୍ରାଣ୍ଡ ମାଷ୍ଟର କିରଣ ମନିଷା ମହାନ୍ତି, ପ୍ରଥମ ଓଡ଼ିଆ ବିଶ୍ୱ ଚେସ୍ ଚାମ୍ପିଅନ୍ ପଦ୍ମିନୀ ରାଉତ, ଓଲିଉଡ ଅଭିନେତ୍ରୀ ପୁନମ୍ ମିଶ୍ର, ଅଭିନେତ୍ରୀ ଦେବଯାନୀ, ହିରୋ ମୋଟୋ କର୍ପ ଏରିଆ ମ୍ୟାନେଜର ଉଜ୍ଜ୍ୱଳ କୋହଲି ପ୍ରମୁଖ ପତାକା ହଲାଇ ମିନି ମାରାଥନକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ର ଉଦ୍ୟମକୁ ବେଶ୍ ପ୍ରଶଂସା କରିଥିଲେ। ୫ବର୍ଷ ପୂର୍ବରୁ ଜନ୍ମ ନେଇଥିବା ‘ସକାଳ’ ଓ ‘ନନ୍ଦିଘୋଷ ଟିଭି’ ନିଛକ ଖବର ପ୍ରସାରଣ କରି କିଭଳି ଘରେ ଘରେ ପରିଚିତ ହୋଇପାରିଛି ଓ ▶ପୃଷ୍ଠା-୭




## ବାରବାଟୀ ଟି-୨୦ ଆଉ ୭ ଦିନ

# ୪୫ ମିନିଟରେ ସରିଗଲା ଅନ୍‌ଲାଇନ୍ ଟିକଟ

■ କଟକ, ୧।୧୨ (ସମିସ): ବାରବାଟୀ ଟି-୨୦କୁ ଆଉ ୭ଦି ବାକି ଥିବାବେଳେ ସୋମବାରଠାରୁ ଟିକଟ୍ ବିକ୍ରି ଆରମ୍ଭ ହୋଇଛି। ୪୫ ମିନିଟରେ ୨ହଜାର ଅନଲାଇନ ଟିକଟ ବୁକିଂ ହୋଇଗଲା। ଆଜି ଦିନ ଠିକ୍ ୨ଟାରେ ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେସନ୍‌ରେ ଟିକଟ ଉପଲବ୍ଧ ହୋଇଥିବା ବେଳେ ପ୍ରଥମ କିଛି କ୍ଷଣରେ ଗ୍ୟାଲେରୀ ଟିକଟଗୁଡିକ ବୁକିଂ ଶେଷ ହୋଇଯାଇଥିଲା। ଏସି ବକ୍ସ, ସ୍ପେଶିଆଲ ଏନକ୍ଲୋଜର ଭଳି ଦାମୀ ଟିକଟ ଗୁଡିକ ବିଳମ୍ବରେ ସରିଥିଲା। ତେବେ ଗତ ମ୍ୟାଚ୍ ତୁଳନାରେ ଚଳିତଥର ଅନଲାଇନ୍‌ରେ କମ୍ ସଂଖ୍ୟକ ଟିକଟ ଆଶାୟୀ ଆପ୍ଲିକେସନ୍ ହିଟ୍ କରିଥିବା ଦେଖିବାକୁ ମିଳିଥିଲା। ଏଥର ମାତ୍ର ୨ହଜାର ଟିକଟ ଅନଲାଇନ୍ ▶ପୃଷ୍ଠା-୭



**୩ରେ ଟିକଟ କିଣିବେ ଅନୁବନ୍ଧିତ ୟୁନିଟ୍**

**୫ରେ ଖୋଲିବ ୫ଟି କାଉଣ୍ଟର; ମହିଳାଙ୍କ ନିମନ୍ତେ ଦୁଇଟି**

# ଡିଜିଟାଲ ଆରେଷ୍ଟ ମାମଲାର ତଦନ୍ତ କରିବ ସିବିଆଇ

## ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧।୧୨ (ଏଜେନ୍ସି): ‘ଡିଜିଟାଲ ଆରେଷ୍ଟ’କୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଦ୍ରୁତ ଗତିରେ ବଢୁଥିବା ଏଭଳି ସାଇବର କ୍ରାଇମ ଉଦବେଗଜନକ ସ୍ଥିତି ସୃଷ୍ଟି କରିଥିବାରୁ ଏହାର ତଦନ୍ତ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯାଞ୍ଚରେ ସିବିଆଇକୁ ସହଯୋଗ କରିବା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଠକେଇରେ ବ୍ୟାଙ୍କରମାନଙ୍କ ଭୂମିକାର ମଧ୍ୟ ଯାଞ୍ଚ କରାଯିବ। ପ୍ରଥମ ଥର ପାଇଁ ସିବିଆଇ ଏଭଳି ମାମଲାର ଯାଞ୍ଚ କରିବାକୁ ଯାଉଛି। ଏଥିପାଇଁ କେନ୍ଦ୍ରୀୟ ଏଜେନ୍ସିକୁ ଅଖଣ୍ଡ କ୍ଷମତା ଦିଆଯାଇଛି। ଡିଜିଟାଲ ଆରେଷ୍ଟ ସମ୍ବନ୍ଧିତ ମାମଲାରେ ବ୍ୟାଙ୍କ ଅଧିକାରୀଙ୍କୁ ଜେରା ଏବଂ ଫୋନ ତଥ୍ୟ ▶ପୃଷ୍ଠା-୭

## ଯୋଜନା ବ୍ୟୟ ନୈରାଶ୍ୟଜନକ

# ୭ ମାସରେ ୩୯% ଖର୍ଚ୍ଚ

■ ଭୁବନେଶ୍ୱର, ୧।୧୨ (ସମିସ): ରାଜ୍ୟରେ ବିତ୍ତୀୟ ପରିଚାଳନାରେ ଦୁର୍ବଳତାକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ବିଶେଷକରି ବଜେଟ ଅର୍ଥ ଖର୍ଚ୍ଚକୁ ନେଇ ସରକାରଙ୍କ ଉପରେ ପ୍ରଶ୍ନବାଚୀ ଉଠୁଥିବା ବେଳେ ଆଜି ଗୃହରେ ଏକ ତାରକା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଖିଥିବା ତଥ୍ୟ ରାଜ୍ୟର ଅର୍ଥନୀତିଜ୍ଞମାନଙ୍କୁ ନିରାଶ କରିଛି। ଗତ ୭ ମାସ ମଧ୍ୟରେ ଆର୍ଥିକ ବ୍ୟୟ ମାତ୍ର ୩୯% ରହିଥିବା ଓ ଆଗାମୀ ଦିନଗୁଡ଼ିକରେ ଯୋଜନା ବ୍ୟୟ ବୃଦ୍ଧି ପାଇବ ବୋଲି ଉଲ୍ଲେଖ କରି ଗତବର୍ଷ ତୁଳନାରେ ଚଳିତ ବର୍ଷ ଏହି ସମୟରେ ଅଧିକ ୩ ପ୍ରତିଶତ ବ୍ୟୟ ହୋଇଥିବା ଶ୍ରୀ ହରିଚନ୍ଦନ କହିଛନ୍ତି। ବିରୋଧୀ ବିଜେଡି ଓ କଂଗ୍ରେସ ରାଜ୍ୟ ସରକାରଙ୍କ ଏଭଳି ଆଭିମୁଖ୍ୟକୁ କଟୁ ସମାଲୋଚନା ସହ କ୍ଷୋଭ ପ୍ରକାଶ କରିଛନ୍ତି। ଆର୍ଥିକ ବର୍ଷ ଶେଷ ହେବାକୁ ଆଉ ମାତ୍ର କେଇମାସ ବାକିଥିବା ବେଳେ ବଜେଟ ବରାଦ ପୂର୍ଣ୍ଣ ଖର୍ଚ୍ଚ ହୋଇ ନ ପାରିବା ଆଶଙ୍କା ସୃଷ୍ଟି କରିଛି। ୨୦୨୫-୨୬ ଆର୍ଥିକ ବର୍ଷର ମାସ ୭ ମାସରେ ବଜେଟ ଅର୍ଥ ବ୍ୟୟ ମାତ୍ର ୩୯ ପ୍ରତିଶତ ମଧ୍ୟରେ ରହିବାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଆର୍ଥିକ ବର୍ଷ ସରିବାକୁ ହାତରେ ମାତ୍ର ଆଉ ୫ ମାସ ସମୟ ଥିବା ବେଳେ ଆଉ ମାତ୍ର ୧୫ରୁ ୨୦ ପ୍ରତିଶତ ବ୍ୟୟ ସମ୍ଭାବନା ରହିଛି, ତେଣୁ ଡବଲ ଇଞ୍ଜିନ ଓଡ଼ିଶାରେ କାମ କରୁଛି ତ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

**■ ଆର୍ଥିକ ପ୍ରଦର୍ଶନକୁ ନେଇ ବିରୋଧୀଙ୍କ କ୍ଷୋଭ**

**■ ୫ ମାସରେ ବ୍ୟୟ ହେବ ବଳକା ଅର୍ଥ: ମନ୍ତ୍ରୀ**

ସୋମବାର ପ୍ରଶ୍ନକାଳ ଆରମ୍ଭରେ ବଜେଟ ଅର୍ଥ ଖର୍ଚ୍ଚରେ ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ ବିଜେଡିର ବରିଷ୍ଠ ବିଧାୟକ ପ୍ରତାପକେଶରୀ ଦେବ। ସେ ▶ପୃଷ୍ଠା-୭



**ଦୁଇ ରାଜପଥର ସଂଯୋଗସ୍ଥଳରେ ରାସ୍ତାରୋକ**

**ପ୍ରଶାସନର ପ୍ରତିଶ୍ରୁତି ପରେ ହଟିଲା ଅବରୋଧ**

## ସମ୍ବଲପୁରରେ ଧାନକିଣା ଅବ୍ୟବସ୍ଥା


# ଅର୍ଥନୈତିକ ଅବରୋଧ କଲେ ଚାଷୀ

■ ସମ୍ବଲପୁର, ୧।୧୨ (ସମିସ): ସମ୍ବଲପୁର ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ଏଯାଏଁ ଆରମ୍ଭ ହୋଇପାରିନାହିଁ। ଚଳିତବର୍ଷ ଆଗୁଆ ମୌସୁମୀ ଯୋଗୁଁ ଭଲ ଅମଳ ହୋଇଛି। ଅକ୍ଟୋବରରୁ ଚାଷୀ ଅମଳ ଆରମ୍ଭ କଲାଣି। କ୍ଷେତ ଓ ଖଳାରେ ଧାନ ଜମା ହୋଇଛି। କିନ୍ତୁ ଧାର୍ଯ୍ୟ ଦିନକୁ ୪ ଦିନ ବିତିଯାଇଥିଲେ ହେଁ ଏଯାଏଁ ଧାନ କିଣା ହୋଇନାହିଁ। ଏହାକୁ ନେଇ ଚାଷୀର ରୋଷ ସୀମା ଲଂଘିଛି। ଆଜି ଦିନ ୧୧ଟାରେ ଶହଶହ ସଂଖ୍ୟାରେ ଚାଷୀ ସକାଳ ୧୧ଟାରେ ଜାତୀୟ ରାଜପଥ-୫୩ ଓ ଜାତୀୟ ରାଜପଥ-୫୫ର ସଂଯୋଗସ୍ଥଳ ସିନ୍ଦୂରପଙ୍କ ତୁମ୍ବେସିଂହା ଛକରେ ଅର୍ଥନୈତିକ ଅବରୋଧ କରିଛନ୍ତି। ଫଳରେ ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଟ୍ରକ୍ ଅଟକି ରହିଥିଲା। ଗୋଟିଏପଟେ ରେମେଡ୍ ଛକ ଓ ▶ପୃଷ୍ଠା-୭

## ଶତାୟୁ ଡାକ୍ତରାଣୀ ଲକ୍ଷ୍ମୀବାଇଙ୍କ ମହାନତା

# ଭୁବନେଶ୍ୱର ଏମ୍ସକୁ ଦେଲେ ୩.୪୦ କୋଟି

■ ବ୍ରହ୍ମପୁର, ୧।୧୨ (ସମିସ): ବ୍ରହ୍ମପୁରର ଖ୍ୟାତନାମା ତଥା ଅବସରପ୍ରାପ୍ତ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଲକ୍ଷ୍ମୀବାଇ ନିଜର ଜୀବନବ୍ୟାପୀ ସଞ୍ଚିତ ଅର୍ଥ ୩ କୋଟି ୪୦ ଲକ୍ଷ ଟଙ୍କାକୁ ଭୁବନେଶ୍ୱର ଏମ୍ସକୁ ଦାନ କରିଛନ୍ତି। ଏହି ଅର୍ଥ କର୍କଟ ରୋଗୀଙ୍କ ଉପଶମ ଉଦ୍ଦେଶ୍ୟରେ ବିନିଯୋଗ କରାଯିବାରୁ ସେ ଆଗ୍ରହ କରିଛନ୍ତି। ୧୦୦ ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ସେ ଏଭଳି ନିଆରା ପଦକ୍ଷେପ ନେଇଥିବା ବେଳେ ସବୁ ମହଲରୁ ତାଙ୍କୁ ପ୍ରଶଂସା କରାଯାଉଛି।



**ମହିଳାଙ୍କ କର୍କଟ ରୋଗ ଓ ଯତ୍ନ କେନ୍ଦ୍ର ପ୍ରତିଷ୍ଠାରେ ହେବ ବିନିଯୋଗ**

ଆସନ୍ତା ୫ ତାରିଖରେ ଶହେବର୍ଷରେ ପଦାର୍ପଣ କରିବେ ପ୍ରଫେସର୍ ଡା. ଲକ୍ଷ୍ମୀ ବାଇ। ୧୦୦ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ଜୀବନବ୍ୟାପୀ ସଞ୍ଚିତ ପୁଞ୍ଜିକୁ ସେ ସ୍ୱାସ୍ଥ୍ୟସେବାର ବିକାଶ କ୍ଷେତ୍ରରେ ବିନିଯୋଗ କରିବା ପାଇଁ ମନସ୍ଥ କରିଛନ୍ତି। ଚଳିତ ବର୍ଷ ଏପ୍ରିଲ ୨୧ତାରିଖରେ ସେ ଜୀବନଯାକର ଜମା ପୁଞ୍ଜିକୁ ଏମ୍ସ ବ୍ୟାଙ୍କ ଏକାଉଣ୍ଟକୁ ପ୍ରଦାନ କରିଛନ୍ତି। ଭାବାନଗରସ୍ଥିତ ନିଜ ଘରକୁ ବିକ୍ରି କରି ରୋଗୀଙ୍କୁ ଉଚ୍ଚତର ସେବା ଯୋଗାଇବା ଆଶାରେ ଏହି ଅର୍ଥକୁ ସେ ଦାନ କରିଥିବା କହିଛନ୍ତି।

ପ୍ରଫେସର୍ ଲକ୍ଷ୍ମୀବାଇ କଟକ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବ୍ୟାଚ୍ ଏମବିବିଏସ୍ ଛାତ୍ରୀ। ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ଅବସର ଗ୍ରହଣ ପରେ ସେ ସ୍ଥାନୀୟ ଭାବାନଗରସ୍ଥିତ ନିଜ ବାସଭବନରେ ରହୁଛନ୍ତି। ଜୀବନବ୍ୟାପୀ ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିନିଯୋଗ ପାଇଁ ଦାନ କରି ସେ ଅତ୍ୟନ୍ତ ଖୁସି ଥିବା କହିଛନ୍ତି। ଟଙ୍କା ପଇସା ପଛରେ ନଦୌଡ଼ି ରୋଗୀଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାକୁ ସେ ଡାକ୍ତରମାନଙ୍କୁ ପରାମର୍ଶ ଦେଇଛନ୍ତି। ଡାକ୍ତର ଲକ୍ଷ୍ମୀବାଇ ଅବସର ପରେ ସ୍ୱାମୀ ଚିନ୍ମୟାନନ୍ଦ ମିଶନର ସଦସ୍ୟା ଭାବେ ଦୀକ୍ଷା ଗ୍ରହଣ କରିଛନ୍ତି। ଡାକ୍ତର ଲକ୍ଷ୍ମୀବାଇଙ୍କ ଛାତ୍ରୀ ତଥା ଜଣାଶୁଣା ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ ପ୍ରଫେସର ଡା. ▶ପୃଷ୍ଠା-୭




# ଏଡ୍‌ସ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ



ଜଗତସିଂହପୁର,୧।୧୨(ସମିସ)

ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜି ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଚର୍ମରୋଗ ବିଭାଗର ଡାକ୍ତର ରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଡ୍‌ସ ରୋଗ ବିଷୟରେ ଲୋକମାନଙ୍କୁ ସଚେତନ କରିବା ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା ଆଶ୍ରମ ପାଟଣାସ୍ଥିତ ବିଜୁ ପଟ୍ଟନାୟକ କଲେଜ ପରିସରରୁ ବାହାରି ଗାଁ ପରିକ୍ରମା କରିଥିଲା।

ଏହି ଅବସରରେ ସକାଳୁ ଯୋଗ ଶିବିର ଆୟୋଜନ କରାଯାଇଥିଲା। ପରେ ବିଜୁପଟ୍ଟନାୟକ କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଚେତନତା ସଭା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜ୍ୟ ସଂଯୋଜକ ଗୋପାଳକୃଷ୍ଣ ମିଶ୍ର ଯୋଗ ଦେଇଥିଲେ। କଲେଜର ଅଧ୍ୟକ୍ଷ ଡ. ପ୍ରଦୀପ୍ତ କୁମାର ଦାସ, ଜିଲ୍ଲା କୋଅର୍ଡିନେଟର କଲ୍ୟାଣୀ ପଣ୍ଡା, ତ୍ରିଲୋଚନ ସାହୁ, ରାଇଚରଣ ତ୍ରିପାଠୀ, ପ୍ରତାପ ଚନ୍ଦ୍ର ରାଉତରାୟ, ବିଜୟ ଲକ୍ଷ୍ମୀ ସାମଲ, ସନ୍ଦୀପ ନନ୍ଦ, କୀର୍ତ୍ତି ସାହୁ, ସଚଳା ମହାନ୍ତି, ଓମ୍ ପ୍ରକାଶ ମହାନ୍ତି ଯୋଗଦେଇ ଏଡ୍‌ସ ବିଷୟରେ ଲୋକମାନଙ୍କୁ କାରଣ ନିରାକରଣ ବିଷୟରେ ସଚେତନ କରାଇବା, ସମାଜରେ ସେମାନଙ୍କୁ ସମାନ ଅଧିକାର ସହିତ ବଞ୍ଚିବା ପାଇଁ ସଚେତନ କରିବା, ସହିତ ଏଡ୍‌ସ ରୋଗରୁ ଦୂରେଇ ରହିବା ପାଇଁ ଏଡ୍‌ସ ବିଭାଗର କର୍ମଚାରୀମାନଙ୍କ ଠାରୁ ପରାମର୍ଶ ଗ୍ରହଣ କରିବା ଆଦି ବିଷୟରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ମହିମା ନର୍ସିଂ କଲେଜ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବିଭାଗୀୟ ସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର, ସ୍ୱାସ୍ଥ୍ୟ କର୍ମୀମାନେ ଯୋଗ ଦେଇଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ ପରିସରରେ ସମସ୍ତ ମେଡିକାଲ ଅଫିସର, ପାରାମେଡିକାଲ କର୍ମକର୍ତ୍ତା, ଆଶା, ଅଙ୍ଗନବାଡ଼ି ଏବଂ ସ୍ୱୟଂସହାୟକ ଗୋଷ୍ଠୀର୍ କର୍ମକର୍ତ୍ତାମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମେଡିକାଲ ଅଫିସର ଡାକ୍ତର ରଞ୍ଜନ ପଟ୍ଟନାୟକ, ଏଡିଏମଓ ଡାକ୍ତର ପ୍ରମୋଦ କୁମାର ବାରିକ ଏବଂ ଡାକ୍ତର ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏଡ୍‌ସ ରୋଗର କାରଣ, ନିରାକରଣ ଓ ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ଆଇସିଟିସିର ପରାମର୍ଶଦାତା ବିଜୟଲକ୍ଷ୍ମୀ ସାମଲ ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁବ୍ରତ ମହାପାତ୍ର, ପରାମର୍ଶଦାତା ନଳିନୀ କାନ୍ତ ଖୁଣ୍ଟିଆ, ଲ୍ୟାବ ଟେକ୍ନିସିଆନ ସନ୍ଦୀପ ସ୍ୱରୂପ ନନ୍ଦ, ଡେପୁଟି ମ୍ୟାନେଜର ସନ୍ଧ୍ୟାରାଣି ପଣ୍ଡା, ସୁଜାତା କବି, ଏମ୍‌ଡି ୱାକର ଅଲି, ସୁଶିଲ ସ୍ୱାଇଁ ଏବଂ ବିପିନ ବିହାରୀ ପାତ୍ର ପ୍ରମୁଖ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ପାରାଦୀପ ବନ୍ଦର ଚିକିତ୍ସାଳୟରେ ଏଡ୍‌ସ ଦିବସ



ପାରାଦୀପ,୧।୧୨(ସମିସ): ବିଶ୍ୱ ଏଡ୍‌ସ ଦିବସ ଅବସରରେ ପାରାଦୀପ ବନ୍ଦର ହସ୍ପିଟାଲରୁ ଏକ ପଦଯାତ୍ରା ଆରମ୍ଭ କରାଯାଇ ଅଫିସର୍ସ କ୍ଲବଠାରେ ଶେଷ ହୋଇଥିଲା। ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍ ହରନାଦ ଉପସ୍ଥିତ ଜନସାଧାରଣଙ୍କୁ ଶପଥ ପାଠ କରାଇବା ସହିତ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ବନ୍ଦର ଉପାଧ୍ୟକ୍ଷ ଟି.ଭେନୁଗୋପାଳ, ବନ୍ଦର ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ, ଚିକିତ୍ସକ, ପାରା ମେଡିକାଲ କର୍ମଚାରୀଙ୍କ ସମେତ ବନ୍ଦରର ବିଭାଗୀୟ ମୁଖ୍ୟ, ଅଧିକାରୀ, ସିଆଇଏସଏଫ କର୍ମଚାରୀ, ପାରାଦୀପ ସାକ୍ଷରତା ସମିତି ସ୍ୱେଚ୍ଛାସେବୀ, ଏଡସ୍ ଉପରେ କାର୍ଯ୍ୟ କରୁଥିବା ଏନଜିଓ, ଟ୍ରାନସଜେଣ୍ଡର ଏବଂ ଜନସାଧାରଣ ଏହି ସମାବେଶରେ ସାମିଲ ହୋଇଥିଲେ। ଏହା ପରେ କ୍ୟାଡ୍ସ ସହଯୋଗରେ ବନ୍ଦର ଗେଟ୍-୧ ଏବଂ ୩ରେ ଟ୍ରକ୍ ଚାଳକମାନଙ୍କ ପାଇଁ ଏକ ସ୍କ୍ରିନିଂ ଶିବିର ଆୟୋଜନ କରାଯାଇ ୨୦୬ ଜଣଙ୍କର ସ୍କ୍ରିନିଂ କରାଯାଇଥିଲା। ସେଥି ମଧ୍ୟରେ କାହାରିକୁ ଏଡ୍ସ ପଜିଟିଭ ଚିହ୍ନଟ ହୋଇନଥିବା ବୋଲି ବନ୍ଦର ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ ଇସ୍ତାହାର ମାଧ୍ୟମରେ ସୂଚନା ଦିଆଯାଇଛି।

## ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା



ନାଉଗାଁ,୧।୧୨(ସମିସ): ବିଶ୍ୱ ଏଡ୍ସ ଦିବସ ଅବସରରେ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ରେ ସଚେତନତା କାର୍ଯ୍ୟକ୍ରମ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଚିତ୍ତରଞ୍ଜନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡ଼କ୍ରସ, +୨ ଓ +୩ ଏନଏସଏସ ଇଉନିଟ୍ର ସ୍ୱେଚ୍ଛାସେବୀମାନଙ୍କ ସଂଯୁକ୍ତ ପରିଚାଳନାରେ ଯୁବ ରେଡ଼କ୍ରସ କାଉଁସିଲର ଚୈତନ୍ୟ ଚରଣ ପରିଡାଙ୍କ ତତ୍ତ୍ୱାବଧାନରେ ପଦଯାତ୍ରାଟି ମହାବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇ ଚାନ୍ଦଖାପାଟଣା, ହରିନବାଇ, ବ୍ଲକଛକ, ନାଉଗାଁହାଟ, ଅବଦଲପୁର ଓ ଚନ୍ଦ୍ରପୁର ଦେଇ ଆବାରେ କ୍ୟାମ୍ପସକୁ ପହଞ୍ଚିଲା।ପଦଯାତ୍ରାକାଳୀନ ସମୟରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ଏଡ୍ସ ସଚେତନତାର ସ୍ଲୋଗାନ ଧ୍ୱନିତ କରିଥିଲେ ଏବଂ ବିଭିନ୍ନ ପ୍ଲାକାର୍ଡ ମାଧ୍ୟମରେ ସମାଜକୁ ସଚେତନତା ବାର୍ତ୍ତା ପହଞ୍ଚାଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ର ସହ ଜ୍ୟୋତି ପ୍ରକାଶ ଲେଙ୍କା, ବିଭୁତି ଭୂଷଣ ସ୍ୱାଇଁ, +୩ ଏନଏସଏସ ପ୍ରୋଗ୍ରାମ ଅଫିସର ବିଜୟିନୀ ପଢିହାରୀ, +୨ ପ୍ରୋଗ୍ରାମ ଅଫିସର ଏକତା ପଣ୍ଡା, ହୃଦାନନ୍ଦ ସ୍ୱାଇଁ, ଅମ୍ବିକା ଚାନ୍ଦ, ବିକ୍ରମ ବେହେରା ଆଦି ଉପସ୍ଥିତ ଥିଲେ। ପଦଯାତ୍ରା ପରେ ମହାବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହେଲା। ସଭାରେ ନାଉଗାଁ ମେଡିକାଲ ଅଫିସର ଡ଼. ସଂଗ୍ରାମ କେଶରୀ ମହାନ୍ତି ମୁଖ୍ୟ ବକ୍ତା ଭାବେ ଏଡ୍ସ ରୋଗର ଆଶଙ୍କା, ଲକ୍ଷଣ ଓ ପ୍ରତିରୋଧ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଶେଷରେ ଅଧ୍ୟାପକ ପ୍ରଭାତ କୁମାର ଶତପଥୀ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଦୁଇଶହରୁ ଅଧିକ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

## ଧାରଣା ଦେବେ ମାଛଗାଁ ସମିତିସଭ୍ୟ

ବାଲିକୁଦା,୧।୧୨(ସମିସ): ପଞ୍ଚାୟତକୁ ଆସୁଥିବା 'ବିକଶିତ ଗାଁ ବିକଶିତ ଓଡ଼ିଶା' ଅନୁଦାନ କାର୍ଯ୍ୟରେ ବିଡିଓ ଅବହେଳା କରୁଥିବା ଅଭିଯୋଗ ନେଇ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତ ସମିତିସଭ୍ୟ ନିରଞ୍ଜନ ଦାସ। ଆସନ୍ତାକାଲିଠାରୁ ସେ ଧାରଣା ଦେବା ନେଇ ବିଡିଓଙ୍କୁ ଦାବିପତ୍ର ଦେଇଛନ୍ତି। ନିରଞ୍ଜନଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟ ସରକାର ପ୍ରତ୍ୟକ ଗ୍ରାମକୁ ବିକାଶ କ୍ଷେତ୍ରରେ ସାମିଲ କରିବା ପାଇଁ ବିକଶିତ ଗାଁ ବିକଶିତ ଓଡିଶା ନାମକ ଏକ ଯୋଜନା କରିଥିଲେ। ଯେଉଁଥିରେ ପଞ୍ଚାୟତକୁ କିଛି ଅନୁଦାନ ଆସିବା ପରେ ଏହି ଅନୁଦାନ ରାଶି କିଭଳି ଗ୍ରାମର ଉନ୍ନୟନ ମୂଳକ କାର୍ଯ୍ୟରେ ଲାଗିବ ସେଥିପାଇଁ ବ୍ଲକ ପ୍ରଶାସନ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ସହାୟତାରେ କାର୍ଯ୍ୟାଦେଶ ବଣ୍ଟନ କରିବେ। ତେବେ ମାଛଗାଁ ପଞ୍ଚାୟତରେ ବିଡିଓ ସାଗର କୁମାର ନନ୍ଦ ନିଜ ମନମାନିରେ ପ୍ରୋଜେକ୍ଟ ଦେଇଥିବା ଅଭିଯୋଗ କରିଛନ୍ତି ନିରଞ୍ଜନ। ଏହାକୁ ନେଇ ସେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସମାଧାନ ହେଉନାହିଁ। ତାଙ୍କ କ୍ଷେତ୍ରରେ ପ୍ରତାରଣା କରାଯାଇଥିବା ପ୍ରତିବାଦରେ ସେ ନ୍ୟାୟର ପ୍ରତୀକ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଆସନ୍ତାକାଲି ଠାରୁ ଧାରଣାରେ ବସିବା ନେଇ କହିଛନ୍ତି। ଏନେଇ ବିଡ଼ିଓ ସାଗର କୁମାର ନନ୍ଦ କହିଛନ୍ତି ତାଙ୍କର ସମସ୍ତ କଥା ଶୁଣାଯାଇଛି। ତେବେ କାହାକୁ ଠିକାଦାରୀ ପ୍ରଦାନ କରିବା ବିଡିଓଙ୍କ ପକ୍ଷେ ସମ୍ଭବ ନୁହେଁ।

## ଜିଲ୍ଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ଜଗତସିଂହପୁର,୧।୧୨(ସମିସ): ପୁରୀଠାରେ ପ୍ରଜ୍ଞାନ ମିଶନ ପକ୍ଷରୁ ଆସନ୍ତା ଡିସେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଆୟୋଜନ ହେବାକୁ ସ୍ଥିର କରାଯାଇଛି। ଏହି ଅବସରରେ ମିଶନ୍ ପକ୍ଷରୁ ଜଗତସିଂହପୁର ସହରର ବଡ଼ବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜିଲ୍ଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜକ ବାସବ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଜ୍ଞାନ୍ ମିଶନର ରାଜ୍ୟ ସଂଯୋଜକ ସ୍ୱାମୀ ଅନିର୍ବାଣ ନନ୍ଦ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏବଂ ମୁଖ୍ୟବକ୍ତା ଭାବେ ପ୍ରଦୀପ୍ତ କୁମାର ଶତପଥୀ ଏଥିରେ ଯୋଗଦେଇଥିଲେ। ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବିଶ୍ୱାଳ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ପରମହଂସ ପ୍ରଜ୍ଞାନନ୍ଦଙ୍କ ନୀତିବାଣୀ ସମ୍ପର୍କରେ କହିଥିଲେ। ଜିଲ୍ଲାର ୮ଟି ବ୍ଲକ୍ ଓ ୨ଟି ପୌରାଞ୍ଚଳରୁ ମୋଟ ୯୦ ଜଣ କୃତି ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିବା ବେଳେ ଚାରୋଟି ଗ୍ରୁପରେ ୧୨ ଜଣ ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଦଯାପନୀ ଉତ୍ସବରେ ବିଜୟ ବିଶ୍ୱାଳଙ୍କ ସଭାପତିତ୍ୱରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଚୈତନ୍ୟ ଚରଣ ରାଉତ, ପ୍ରବୀର ମିଶ୍ର ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରମେଶ ଚନ୍ଦ୍ର ବହିରା ଧନ୍ୟବାଦ ଦେଇଥିଲେ।

## ଗୃହ ସଂପର୍କ ଅଭିଯାନ ଶୁଭାରମ୍ଭ

ଜଗତସିଂହପୁର,୧।୧୨(ସମିସ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବର୍ଷ ପୂର୍ତ୍ତି ଉପଲକ୍ଷେ ବର୍ଷବ୍ୟାପୀ ପାଳନ ହେଉଥିବା ସପ୍ତ ସୂତ୍ରୀ କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟ "ବ୍ୟାପକ ଗୃହ ସଂପର୍କ ଅଭିଯାନ'ର ଶୁଭ ଉଦ୍‌ଘାଟନ ଆଜି ଜଗତସିଂହପୁର ଜୟବଡ଼ସ୍ଥ ଶ୍ରୀଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବିଶାଳ କାର୍ଯ୍ୟକ୍ରମର ଜଗତସିଂହପୁରରେ ସଫଳ କ୍ରିୟାନ୍ୱୟନ ପାଇଁ ଶତାଧିକ ସ୍ୱୟଂ ସେବକ ଶ୍ରୀଜନ୍ନାଥ ମନ୍ଦିରରେ ଏକତ୍ରିତ ହୋଇଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ସହିତ ମା' ଭାରତୀଙ୍କ କୃପାଭିକ୍ଷା କରି ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ଏକ ମାସ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଚଳିତ ମାସ ଶେଷ ସୁଦ୍ଧା ଜଗତସିଂହପୁରର ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚିବା ପାଇଁ ସ୍ୱୟଂସେବକମାନେ ସଙ୍କଳ୍ପବଦ୍ଧ ହୋଇଥିଲେ।

## ଚୋରା ମଦ ଜବତ; ଜଣେ ଗିରଫ

ପାରାଦୀପ,୧।୧୨(ସମିସ): ପାରାଦୀପ ଲକଥାନା ଗେଟ୍ ବଜାର ନିକଟରୁ ଜଣେ ଚୋରା ମଦ ବେପାରିକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲା ଅଠରବାଙ୍କୀ ଅଞ୍ଚଳରେ ରହୁଥିବା ପ୍ରମୋଦ କୁମାର ବେହେରା (୫୫)। ତା' ଠାରୁ ୫ ଲିଟର ଦେଶୀ ମଦ ଜବତ କରିଛି ପୋଲିସ।ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସଂପୃକ୍ତ ବ୍ୟକ୍ତି ଜଣଙ୍କ ରୀତିମତ ଚୋରା ମଦ ବ୍ୟବସାୟ କରୁଥିବା ପୁଲିସ ଜାଣିବାକୁ ପାଇଛି।

## ନାଉଗାଁରେ ଯୁଗ୍ମଜନ ଅଭିଯୋଗ ଶୁଣାଣି



ଜଗତସିଂହପୁର/ନାଉଗାଁ, ୧।୧୨ (ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୬୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୫ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୦ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ସମ୍ପର୍କୀୟ ୧୨ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୩ଟି, ଭତ୍ତା ପାଇବା ପାଇଁ ୨ଟି, ପୁଲିସ୍ ସହାୟତା ପାଇଁ ୩ ଟି ଏବଂ ଅନ୍ୟାନ୍ୟ ୧୮ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୭ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର, ନାଉଗାଁ, ଅକ୍ଷୟ କୁମାର ବଡୁ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଲକ୍ଷ୍ମୀ ମନ୍ଦିରର ଭୂମିପୂଜନ କାର୍ଯ୍ୟକ୍ରମ

ପାରାଦୀପ,୧।୧୨(ସମିସ): ପାରାଦୀପ ପୌରାଞ୍ଚଳ ଷଣ୍ଢକୁଦରେ ଥିବା ଜଗନ୍ନାଥ ମନ୍ଦିରରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଲକ୍ଷ୍ମୀ ମନ୍ଦିରର ଆଜି ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନେଇ ପଣ୍ଡିତ ରାଧାକୃଷ୍ଣ ପଣ୍ଡାଙ୍କ ସହାୟତାରେ ସକାଳୁ ନାଗ ପୂଜା, ସୂର୍ଯ୍ୟ ପୂଜା ସମେତ ଯଜ୍ଞ ଆଦି କରାଯାଇଥିଲା। ଷଣ୍ଢକୁଦ ବାସୁଦେବ ପୀଠଠାରେ ଥିବା ଏହି ଜଗନ୍ନାଥ ମନ୍ଦିର ଟ୍ରଷ୍ଟର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ଥାନୀୟ କାଉନସିଲରଙ୍କ



ସମେତ ସମସ୍ତ ବାସିନ୍ଦା ସହଯୋଗର ହାତ ବଢାଇଛନ୍ତି। ଆଜି ଭୂମିପୂଜନ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ସହିତ ଟ୍ରଷ୍ଟ ମେମ୍ବର ଗଦାଧର ଦାସ, ନାରାୟଣ ପରିଡା, ପବିତ୍ର ନାୟକ, ଶିଶିର ଓଝା, କେଦାର ପରିଡା, କେ ରାମବାବୁ, ଅକ୍ଷୟ ଜେନା, ରଥ ଓଝା, ଭ୍ରମରବର ନାୟକ ଓ କେ ଜଗନ୍ନାଥ ରାଓ ପ୍ରମୁଖ ସହଯୋଗ କରିଥିଲେ। ସ୍ଥାନୀୟ ବସ୍ତିର ବହୁ ମୁରବୀ ଶ୍ରେଣୀୟ ଲୋକ ଓ ବହୁ ଜଗନ୍ନାଥ ପ୍ରେମୀ ମଧ୍ୟ ଉପସ୍ଥିତି ଥିଲେ।

## ମନ୍ତ୍ରୀଙ୍କ ପାଇଲଟ୍ ଗାଡ଼ି ଧକ୍କାରେ ବୃଦ୍ଧା ଗୁରୁତର



ରଘୁନାଥପୁର,୧।୧୨(ସମିସ): କଟକ- ପାରାଦୀପ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ଦୈନିକ ରଘୁନାଥପୁରରୁ ଜଇପୁର ମଧ୍ୟରେ ଘଟୁଛି ଦୁର୍ଘଟଣା। ଆଜି ସୋମବାର ସକାଳେ କଟକ ପାରାଦୀପ ରାସ୍ତାର ତାରପୁର ପଞ୍ଚାୟତ ଅଫିସ ସମ୍ମୁଖରେ ଶିଳ୍ପମନ୍ତ୍ରୀ ସଂପଦ ସ୍ୱାଇଁଙ୍କ ପାଇଲଟ ଗାଡ଼ି ଧକ୍କାରେ ଜନୈକ ବୃଦ୍ଧା ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ସେ ହେଲେ ଉକ୍ତ ଗ୍ରାମର ମୁରଲୀମୋହନ ମଲ୍ଲିକଙ୍କ ସ୍ତ୍ରୀ କମଳା ମଲ୍ଲିକ (୭୫)। ଶିଳ୍ପ ମନ୍ତ୍ରୀ ସ୍ୱାଇଁ ସୋମବାର ପୂର୍ବାହ୍ନରେ ପାରାଦୀପରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଏହି ସମୟରେ ସ୍ଥାନୀୟ ଗ୍ରାମର କମଳା ମଲ୍ଲିକ କୌଣସି କାର୍ଯ୍ୟରେ ଯାଉଥିବା ବେଳେ ମନ୍ତ୍ରୀଙ୍କୁ ନେଇ ଯାଉଥିବା ପାଇଲଟ ଗାଡ଼ି କମଳାଙ୍କୁ ଧକ୍କା ଦେଇଥିଲା। ରାସ୍ତାରେ ପଡ଼ି ବୃଦ୍ଧାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ସେ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲର ଜରୁରୀକାଳୀନ ବିଭାଗକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ଜାରି ରହିଛି। ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ବୋଲି ପରିବାରଜନଙ୍କ ଠାରୁ ଖବର ମିଳିଛି।

### ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବ

## 'ପତି, ପତ୍ନୀ, ପୁଲିସ ଓ ପ୍ରେତ' ମଞ୍ଚସ୍ଥ

ପାରାଦୀପ,୧।୧୨(ସମିସ)



ପାରାଦୀପ ବନ୍ଦର ସାଂସ୍କୃତିକ ଅନୁଷ୍ଠାନ ଜଗନ୍ନାଥ ଲଳିତ କଳା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ସଦନ ଠାରେ ଆୟୋଜିତ ସାଂସ୍କୃତିକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ବନ୍ଦର ପ୍ରଶାସନିକ ବିଭାଗର କର୍ମଚାରୀ ମାନେ ଡାକ୍ତର ରାଜେନ୍ଦ୍ର ନାୟକଙ୍କ ନିର୍ଦ୍ଦେଶନାରେ ତଥା ଦିଲୀପ ବଳବନ୍ତରାୟଙ୍କ ଲିଖିତ ନାଟକ 'ପତି, ପତ୍ନୀ, ପୁଲିସ ଓ ପ୍ରେତ' ମଞ୍ଚସ୍ଥ କରିଥିଲେ। ଅନ୍ଧକାର ଯେତେ ଘନୀଭୂତ ହେଲେ ମଧ୍ୟ ସୂର୍ଯ୍ୟ ଉଦୟକୁ ଅଟକାଇ ପରେ ନାହିଁ। ଠିକ୍ ସେମିତି ଅପରାଧୀ ଯେତେ ଚତୁର ହେଲେ ବି ଆଇନର ଲମ୍ବା ହାତରୁ ଖସି ଯାଇ ପାରେ ନାହିଁ। ହିଂସା ଓ ଅପରାଧ କେବେ ସମାଧାନର ବାଟ ନୁହେଁ। କ୍ଷଣିକ ଆବେଗ କିମ୍ବା ସ୍ୱାର୍ଥ ପାଇଁ କରାଯାଇଥିବା ଭୁଲ ଗୋଟିଏ ସୁନ୍ଦର ଜୀବନକୁ ତ ନଷ୍ଟ କରେ ତା ସହ ପୂରା ପରିବାର ଏବଂ ସମାଜକୁ ଅନ୍ଧକାର ମଧ୍ୟକୁ ଠେଲି ଦିଏ। ତେଣୁ ଆସନ୍ତୁ ଆମେ ସମସ୍ତେ ସଜାଗ ହେବା। ଏକ ଅପରାଧମୁକ୍ତ, ଭୟମୁକ୍ତ ଏବଂ ସୁସ୍ଥ ସମାଜ ଗଠନ କରିବାରେ ନିଜର ଯୋଗଦାନ ଦେବା। ଏହା ହିଁ ଥିଲା ନାଟକର ବାର୍ତ୍ତା। ନାଟକରେ ସବୁ କଳାକାର ମାନଙ୍କର ନିଖୁଣ ଅଭିନୟ ଦର୍ଶକ ମାନଙ୍କୁ ଅନେକ ସମୟ ଧରି ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲା। ନାଟକରେ ସମୀର ସ୍ୱାଇଁ, ରାଜଲକ୍ଷ୍ମୀ ପଟ୍ଟନାୟକ, ସମୀର ମହାପାତ୍ର, ଶ୍ରଦ୍ଧାଞ୍ଜଳି ରାଉତରାୟ, ପ୍ରକାଶ ନାୟକ, ମହେନ୍ଦ୍ର ନାୟକ, ଜନ କଲ୍ୟାଣ ମାଝି, ଜ୍ୟୋତି ଦାସ, ପ୍ରକାଶ ରାଉତ, ହେନା ଭୂୟାଁ, ଉଷାନ୍ତ ମହାନ୍ତି, ତପନ ପାତ୍ର ଆଦି କଳାକାର ମାନେ ଅଭିନୟ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ଜଗତସିଂହପୁର,୧।୧୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପାଟେଣୀଗାଁ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ସ୍ଥାନୀୟ ବିଧାୟକଙ୍କ କରକମଳରେ ଶିଳାନ୍ୟାସ ହୋଇଯାଇଛି। ଉରାଳୀଠାରେ ସୁଭଦ୍ରା ଶକ୍ତି ମହାସଂଘ ଗୃହ ଶିଳାନ୍ୟାସ, ଆୟୁଷ୍ମାନ ଆରୋଗ୍ୟ ସ୍ୱାସ୍ଥ୍ୟ ମନ୍ଦିରର ଶିଳାନ୍ୟାସ, ମା' ଜାଡୁଆଣୀ ଯଜ୍ଞ ମଣ୍ଡପର ଶିଳାନ୍ୟାସ ଏବଂ ପାଟେଣିଗାଁ ପଞ୍ଚାୟତର ବୁଢ଼ୀ ଜାଗୁଳେଇ ମନ୍ଦିର ପରିସରରେ ଉଜ୍ୱଳ ଆଲୋ ବିଧାୟକ ଅମରେନ୍ଦ୍ର ଦାସଙ୍କ କର କମଳରେ ଉଦ୍‌ଘାଟିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଜ୍ୟୋସ୍ନାମୟୀ ପରିଡ଼ା, ସମିତି ସଭ୍ୟା ରାଜଶ୍ରୀ ମହାନ୍ତି, ସୁରେନ୍ଦ୍ର ସ୍ୱାଇଁ, ଜଗଦୀଶ ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ସାରଙ୍ଗ ପାଇଟାଳ, ଅଶୋକ ଭୋଇଙ୍କ ସମେତ ଶତାଧିକ ଲୋକ ଏବଂ ପଞ୍ଚାୟତ ସୁଭଦ୍ରା ଶକ୍ତିକେନ୍ଦ୍ରର ସଦସ୍ୟା ମାନେ ଉପସ୍ଥିତ ଥିଲେ।

# ଅଟୋ ଚାଳକଙ୍କୁ ମାଡ଼ମାରି ଗିରଫ

ସାକ୍ଷୀଗୋପାଳ,୧।୧୨(ସମିସ): ସତ୍ୟବାଦୀ ଥାନା ଅନ୍ତର୍ଗତ ମଣ୍ଡିକେରା ଗ୍ରାମର ଅଟୋ ଚାଳକ ପ୍ରସନ୍ନ କୁମାର ସେଠୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଅଟୋ ଭାଙ୍ଗିଦେବା ଅଭିଯୋଗରେ ସେହି ଗ୍ରାମର ବିରଞ୍ଚି ନାରାୟଣ ବରାଳଙ୍କୁ ସତ୍ୟବାଦୀ ପୁଲିସ ଗିରଫ କରି ପୁରୀ କୋର୍ଟ ଚାଲାଣ କରିଥିଲେ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପୁରୀ ଜେଲକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ପୂର୍ବ ଯୋଜନା ମୁତାବକ ବିରଞ୍ଚି ନାରାୟଣ ବରାଳ ଅଟୋ ଚାଳକ ପ୍ରସନ୍ନ କୁମାର ସେଠୀଙ୍କ ଅଟୋ ଭଡ଼ା ନେଇଥିଲେ। ଅଟୋରେ ଯିବା ସମୟରେ ନିକଟବର୍ତ୍ତୀ ଭାମଦାସପୁର ଗାଁ ନିକଟରେ ହଠାତ୍ ଅଟୋ ଅଟକାଇ ଚାଳକ ଶ୍ରୀ ସେଠୀଙ୍କୁ ନିଷ୍ଠୁର ମାଡ଼ମାରି ଅଟୋକୁ ଚୁର କରି ଛାଡ଼ି ପଳାଇଥିଲେ। ପାଖ ପଡ଼ୋଶୀ ଲୋକେ ଅଟୋ ଚାଳକ ଶ୍ରୀ ସେଠୀଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ତାଙ୍କ ଘରେ ପହଞ୍ଚାଇଥିଲେ। ପରିବାର ଲୋକେ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ପ୍ରସନ୍ନଙ୍କ ସାନଭାଇ ପ୍ରଦୀପ୍ତ ସେଠୀଙ୍କ ଅଭିଯୋଗ ଆଧାରରେ ସତ୍ୟବାଦୀ ପୁଲିସ ୪୨୧/୨୫ରେ ଏକ ମାମଲା ରୁଜୁ କରିଥିବାବେଳେ ସବଇନ୍ସପେକ୍ଟର ସୁକାନ୍ତି ମୁର୍ମୁ ତଦନ୍ତ କରୁଥିବା ଜଣାପଡ଼ିଛି।

# ବାଲିଦଣ୍ଡା ଶାସନ ଛକରେ ମଦ, ଗଞ୍ଜେଇ ଅବାଧ କାରବାର

ନୟାହାଟ,୧।୧୨(ସମିସ): ଗ୍ରାମାଞ୍ଚଳରେ ମଦ ଓ ଗଞ୍ଜେଇ ଅବାଧରେ କାରବାର ହେଉଥିଲେ ମଧ୍ୟ ଅବକାରୀ ବିଭାଗ ସବୁ ଜାଣି ସେମାନଙ୍କୁ ନ ଧରିବା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ଗ୍ରାମାଞ୍ଚଳରେ ଯୁବପିଢ଼ି ନିଶା ପ୍ରତି ଆସକ୍ତ ହେଉଥିବାବେଳେ କମ୍ ବୟସର ପିଲା ଗଞ୍ଜେଇ, ମଦ ଖାଇବା ଦ୍ୱାରା ଗାଁ ଗହଳିରେ ଛୋଟମୋଟ ଚୋରି ମଧ୍ୟ ବୃଦ୍ଧି ପାଉଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ବାଲିଦଣ୍ଡା ଓ ଶାସନ ଛକରେ କେତେକ ଦୋକାନୀ ଖୋଲାମଖୋଲା ନକଲି ବିଦେଶୀ ଓ ଦେଶୀ ମଦ ଅବାଧ କାରବାର କରୁଛନ୍ତି। ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ କେବେକେବେ କେତିଚଢ଼ଉ ହେଉଥିଲେ ମଧ୍ୟ ନିଶା କାରବାର କମିବାର ନାଁ ଧରୁନି। ନିଶା ଖାଉଥିବା ବ୍ୟକ୍ତିମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଯୋଗୁଁ ଝିଅ-ବୋହୂମାନେ ସନ୍ଧ୍ୟାରେ ବଜାର ଘାଟକୁ ଯିବା ଆସିବା କରିବା ନିଜକୁ ନିରାପଦ ମଣୁନାହାନ୍ତି। ଛୋଟ ପିଲା ଆଉ ଯୁବଗୋଷ୍ଠୀ ମଦ, ଗଞ୍ଜେଇ ସେବନ କରିବା ପାଇଁ ଆକୃଷ୍ଟ ହେଉଥିବାବେଳେ ସମାଜ ପ୍ରତି କୁପ୍ରଭାବ ପଡୁଛି। ମଦ, ଗଞ୍ଜେଇ ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରା ନ ଯିବା ଫଳରେ ଚୋରା ମଦ, ଗଞ୍ଜେଇ ଛକମାନଙ୍କରେ ବିକ୍ରି ବଢ଼ି ଚାଲିଛି। ଅବକାରୀ ବିଭାଗ ଛତ୍ରଛାୟା ତଳେ ନିଶା ବେପାରୀ ରହୁଥିବାରୁ ନିର୍ଭୟରେ କାରବାର ଚଳାଉଛନ୍ତି। ଏ ଦିଗରେ ପୁରୀ ଅବକାରୀ ଏସ୍‌ପିଙ୍କୁ ଦୃଷ୍ଟି ଦେବାକୁ ଦାବି ହେଉଛି।

# ବାରିଷ୍ଟର ବିଶ୍ୱନାଥ ମିଶ୍ରଙ୍କ ବାସଭବନର ପୁନଃଉଦ୍ଧାର ଦାବି



ଡେଲାଙ୍ଗ/ସାକ୍ଷୀଗୋପାଳ, ୧।୧୨ (ସମିସ): ପୁରୀ ଜିଲ୍ଲା ସାକ୍ଷୀଗୋପାଳ ନିକଟସ୍ଥ ନୂଆ ସୋମେସରପୁର ଶାସନରେ ଉତ୍କଳ ରତ୍ନ ବାରିଷ୍ଟର ବିଶ୍ୱନାଥ ମିଶ୍ର ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ କରାଯାଇଛି। ଏଥିରେ ଶ୍ରୀ ମିଶ୍ରଙ୍କ ଭଗ୍ନ ବାସଭବନର ପୁନଃଉଦ୍ଧାର ସହିତ ନୂଆ ସୋମେସର ପୁରକୁ ଏକ ଐତିହ୍ୟ ଗ୍ରାମର ମାନ୍ୟତା ପ୍ରଦାନ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା ପାଇଁ ସ୍ଥିର କରାଯାଇଥିଲା। ଉତ୍କଳ ରତ୍ନ ଶ୍ରୀ ମିଶ୍ରଙ୍କ ସ୍ମୃତିସ୍ଥାନ ପ୍ରତି ଅବହେଳା ହେଉଥିବାରୁ ଟ୍ରଷ୍ଟ ପକ୍ଷରୁ ଗଭୀର କ୍ଷୋଭ ପ୍ରକାଶ କରାଯାଇଥିଲା। ତାଙ୍କ ପୀଠ ସମ୍ପର୍କରେ ଜନସଚେତନତା ପାଇଁ ଅନେକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଥିଲା। ଲକ୍ଷ୍ମୀଚରଣ ପାଢ଼ୀ, ଡ. ସୁରେଶ ଚନ୍ଦ୍ର ମିଶ୍ର, ସୂର୍ଯ୍ୟ କୁମାର ମିଶ୍ର, ତ୍ରିନାଥ ଲେଙ୍କା, ସୁଦର୍ଶନ ପ୍ରଧାନ, ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ବିଶ୍ୱ ଏଡ୍ସ ଦିବସ ଓ ସଚେତନତା କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୧।୧୨(ସମିସ): ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳ ଯୁବ ରେଡ୍‌କ୍ରସ୍ ଆନୁକୂଲ୍ୟରେ ଅନୁଷ୍ଠାନର ସଭାଗୃହରେ ବିଶ୍ୱ ଏଡ୍ସ ଦିବସ ପରିପ୍ରେକ୍ଷୀରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥ ଏବଂ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଧୂପ, ଦୀପ ଓ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପ୍ରଫେସର ଚନ୍ଦ୍ରଶେଖର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଧନୁର୍ଦ୍ଧର ମୁଦୁଲି ଏଡ୍ସର କାରଣ ଓ ଏହାର ନିରାକରଣ ଉପରେ ଆଲୋକପାତ କରିଥିଲେ। ଅଲଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ଦେବାଶିଷ ନାୟକ ଯୋଗଦେଇ ଏଡ୍ସ ମହାମାରୀର ଯୁବ ସମାଜ ଉପରେ ପ୍ରଭାବ ଓ ତା'ର କୁପରିଣାମ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯୁବ ରେଡ୍‌କ୍ରସର ଉପଦେଷ୍ଟା ପ୍ରଫେସର ସ୍ୱର୍ଣ୍ଣଲତା ମାହାରୀ ପରିଚାଳନା କରିଥିଲେ। ପ୍ରଫେସର ଜିତେନ୍ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



**ଚାରିଛକ :** ସୋମବାର ବିଶ୍ୱ ଏଡ୍ସ ଦିବସ ଅବସରରେ ଚାରିଛକସ୍ଥିତ ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଏଡ୍ସ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଅନସୂୟା ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ସେମାନଙ୍କ କଲେଜ ପରିସରରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଚାରିଛକ ବଜାର ଓ ମେଡିକାଲ ଛକ ପରିକ୍ରମା କରିବା ସହ ହାତରେ ପ୍ଲାକାର୍ଡ ଧରି 'ଭାଇ-ଭଉଣୀ ଶପଥ ନେବା ଏଡ୍ସ ରୋଗକୁ ଦୂରେଇ ଦେବା', 'ଏଡ୍ସ ଏକ ମାରାତ୍ମକ ରୋଗ ତାକୁ ଦୂରେଇବା ଆମର ଦାୟିତ୍ୱ', 'ଏଡ୍ସ ଦିବସ ଆମେ ପାଳିବା' ଆଦି ସ୍ଲୋଗାନ୍ ଦେଇ ଜନସାଧାରଣଙ୍କୁ ସଚେତନତା କରାଇଥିଲେ। ଏହି ଶୋଭାଯାତ୍ରାରେ ଇନ୍‌ଷ୍ଟିଚ୍ୟୁଟ୍ ଚେୟାରମ୍ୟାନ ସୁବାସ ଚନ୍ଦ୍ର ଦାସ, ନର୍ସିଂ କଲେଜ ଅଧ୍ୟକ୍ଷ ଅଜୟ କୁମାର ମହାନ୍ତି, ସମ୍ପାଦକ ନିରଞ୍ଜନ ଦାସ, ସମାଜସେବୀ ସନାତନ ପାତ୍ରଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

**କଣାସ:** କଣାସ ସ୍ନାତକ ମହାବିଦ୍ୟାଳୟ ପରିସରରେ ସୋମବାର ମହାବିଦ୍ୟାଳୟର ଅଧ୍ୟକ୍ଷ ସନ୍ୟାସୀ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଏକ ଏଡ୍ସ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଣାସ ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଚିକିତ୍ସାଧିକାରୀ ଡ. ବିଶ୍ୱରଞ୍ଜନ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମ୍ପ୍ରତି ସମାଜରେ ବ୍ୟକ୍ତିଗତ ବିଶୃଙ୍ଖଳା ଯେ ପ୍ରତ୍ୟକ୍ଷ ଭାବରେ ବ୍ୟକ୍ତିକୁ ଏବଂ ପରୋକ୍ଷ ଭାବରେ ସମାଜକୁ କ୍ଷତି ପହଞ୍ଚାଉଛି, ଏହି ତତ୍ତ୍ୱକୁ ଅତ୍ୟନ୍ତ ସୁନ୍ଦର ଭାବରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଡ. ଗୁରୁ ପ୍ରସାଦ ମହାପାତ୍ର, ମହାବିଦ୍ୟାଳୟର ରେଡ୍‌କ୍ରସ ଉପଦେଷ୍ଟା ବିଶ୍ୱଜିତ ପଣ୍ଡା, ଅଧ୍ୟାପିକା ଜ୍ୟୋସ୍ନାରାଣୀ ଦୀକ୍ଷିତ, ସ୍ନେହାଞ୍ଜଳି ପତି, ସଞ୍ଚିତା ମହାପାତ୍ର, ସୁଲୋଚନା ରାଉତ, ପାୟଲ ମହାନ୍ତି, ବିଜୟ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଦ୍ୟାଳୟ ସମୂହ କ୍ରିକେଟ୍ ପ୍ରତିଯୋଗିତା: କାକଟପୁର ବ୍ଲକ୍ ଚାମ୍ପିଅନ



କାକଟପୁର,୧।୧୨(ସମିସ): ପୁରୀ ଜିଲ୍ଲା ସ୍କୁଲଠାରେ ଜିଲ୍ଲା ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ବାଳକ ବିଭାଗର କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ମହେନ୍ଦ୍ର ବିଶ୍ୱାଳ ଯୋଗଦେଇଥିବା ବେଳେ ଫାଇନାଲ ମ୍ୟାଚ୍ କାକଟପୁର ବ୍ଲକ୍ ଏବଂ କୃଷ୍ଣପ୍ରସାଦ ବ୍ଲକ୍ ମଧ୍ୟରେ ହୋଇଥିଲା। ଏହି ପ୍ରତିଯୋଗିତାରେ ୧୧ଟି ବ୍ଲକ୍‌ରୁ ୧୭୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃଷ୍ଣପ୍ରସାଦ ବ୍ଲକ୍‌କୁ ହରାଇ କାକଟପୁର ବ୍ଲକ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସୂଚନାନୁସାରେ, ଏହି ପ୍ରତିଯୋଗିତାରୁ ଚୟନ ହୋଇଥିବା ଖେଳାଳିମାନେ ଜଗତସିଂହପୁରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରିକେଟ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାକୁ କାକଟପୁର ବ୍ଲକ୍ କ୍ରୀଡ଼ା ସମ୍ପାଦକ ଓମ୍ ପ୍ରକାଶ ସେଠୀ, ମୁଖ୍ୟ ପ୍ରଶିକ୍ଷକ ସୁରଜ ସ୍ୱାଇଁ, ରାଜ କିଶୋର ନାୟକ, ସୁଧାଂଶୁ ମୋହନ ବିଶ୍ୱାଳ, ମାନସ ବିଶ୍ୱାଳ, ଦୁଷ୍ମନ୍ତ ବିଶ୍ୱାଳ, ଗୀତାଂଶୁ ସ୍ୱାଇଁ, ଜ୍ଞାନ ରଞ୍ଜନ ମିଶ୍ର, ସନତ ପ୍ରଧାନ ପ୍ରମୁଖ ଶିକ୍ଷକ କ୍ରୀଡ଼ାବିତ୍‌ମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେବା ସହିତ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ କାକଟପୁର ବ୍ଲକ୍ ପକ୍ଷରୁ ଅଧିନାୟକ ରୋନକ ବରାଳ, ପ୍ରଭଞ୍ଜନ ସିଂ ଉଚ୍ଚକୋଟିର ମ୍ୟାଚ୍ ଖେଳି ବ୍ଲକ୍ ପାଇଁ ଗୌରବ ଆଣିଥିଲେ। ଶେଷରେ ସମସ୍ତ ଶିକ୍ଷକ ଏବଂ କ୍ରୀଡ଼ାବିତ୍ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କୁ ଦର୍ଶନ କରିବା ପରେ କାକଟପୁର ବ୍ଲକ୍ ଶିକ୍ଷାଧିକାରୀ ରବିନ୍ଦ୍ରନାଥ ନନ୍ଦଙ୍କୁ ବିଜୟ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ବିଜେପି ବିଧାୟକ ପ୍ରାର୍ଥୀ ବାଇଧର ମଲ୍ଲିକ, କାକଟପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ ପ୍ରମୁଖ କ୍ରୀଡ଼ାବିତ୍‌ଙ୍କୁ ପ୍ରଶଂସା କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବ୍ରହ୍ମଗିରି,୧।୧୨(ସମିସ): ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତୋରଣର ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆମ୍ବପଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଜାତା ନାୟକ, ସମ୍ମାନିତ ଅତିଥି ଭାବେ ବାମୁଣ୍ଡି ଭାଗବତ ଟୁଙ୍ଗିର ସଭାପତି ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଯୋଗଦେଇ ଭଲ ମଣିଷ ହେବାକୁ ହେଲେ ସଂସ୍କାର ଦରକାର। ସଂସ୍କାରୀ ମଣିଷ ହେଲେ ସମାଜ ସଂସ୍କାରୀ ହେବ ବୋଲି ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଦେବ ପ୍ରସାଦ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମହାନ୍ତି, ବାସନ୍ତି ମଲ୍ଲିକ, ଆଶୁତୋଷ କୁଣ୍ଡୁ, ସଭାପତି ମିଟୁ ଭୋଇ ଏବଂ ସମାଜସେବୀ ରାଜେଶ ନାୟକ ଉପସ୍ଥିତ ଥିଲେ। ଶେଷରେ ବାମୁଣ୍ଡି ଭାଗବତ ଟୁଙ୍ଗି ପକ୍ଷରୁ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ହନୁମାନ ଚାଳିଶା ବଣ୍ଟନ କରାଯାଇଥିଲା ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


# ସାକ୍ଷୀଗୋପାଳ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା

ସାକ୍ଷୀଗୋପାଳ,୧।୧୨(ସମିସ): ସୋମବାର ପୂର୍ବାହ୍ନ ୯ଟାରେ ସତ୍ୟବାଦୀ ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ତଥା ବାଲ୍ ବିଜ୍ଞାନ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସାକ୍ଷୀଗୋପାଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ମୁଖ୍ୟତଃ ୭ ବିଭାଗରେ ୧୩୫ଟି ପ୍ରକଳ୍ପକୁ ବିଦ୍ୟାର୍ଥୀମାନେ ପ୍ରଦର୍ଶିତ କରିଥିଲେ। ଏଥିରେ କୃତୀ ପ୍ରତିଯୋଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସିଦ୍ଧେଶ୍ୱରୀ ପୂଜାରୀ, ଚଉଦବାଟିଆ (ୟୁଜିୟୁପି) ବିଦ୍ୟାଳୟର ଆୟୁଷ ନାରାୟଣ ପରିଡ଼ା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସାଇ ଆଦିତ୍ୟ ପ୍ରଧାନ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପାରକେଣାର ଅଞ୍ଜଳି ମିଶ୍ର, ବରାଳ (ୟୁଜିୟୁପି) ବିଦ୍ୟାଳୟର ଆଦ୍ୟାସ୍ମିତା ମହାପାତ୍ର, ପୁରୁଣା ବୁଢ଼ାକେରା ବିଦ୍ୟାଳୟର ଛାତ୍ରୀ ରୁପାଲୀ ବାରିକଙ୍କ ପ୍ରକଳ୍ପଗୁଡିକ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଛି। ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ ଶିକ୍ଷକ ଶିବରାମ ମିଶ୍ର, ତ୍ରିଲୋଚନ ବେହେରା ଓ ପ୍ରଦୀପ୍ତ କୁମାର ସ୍ୱାଇଁ। ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ବ୍ଲକ୍ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ମୁଖ୍ୟବକ୍ତା କୃଷିବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ସୂର୍ଯ୍ୟନାରାୟଣ ମିଶ୍ର ଯୋଗଦେଇଥିଲେ। ସେହିପରି ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଜୟପୁର ସମିତିସଭ୍ୟ ଦୀପକ ଶତପଥୀ, ବିଡିଓ ଦେବାଶିଷ ନାୟକ, ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର କରଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ କର, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳର ପ୍ରଧାନଶିକ୍ଷୟିତ୍ରୀ ଅମିତା ସେନାପତି, ଗୋପୀନାଥ ଦେବ ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

PINGALAKHI PUBLIC WELFARE ORGANISATION
NIMAPARA, PURI, ODISHA-752114


Services offered -

- Halfway Home for the Persons with Mentally ill
- Niladri Nilaya Rehabilitation Center for the Beggars with Physical and Intellectual Disabled.
- Rehabilitative and Therapeutic Center for the Children's/Persons with Intellectual Disabled.
- Center for Children with Autism
- Sakhi Niwas (Working Women Hostel)
- Ratnakar Dash Higher Secondary School for the Persons with Visual Disabilities.
- Ekalavva Shiksha Kendra (Inclusive School)
- Pingalakhi College of Special Education
- Special School for Cerebral Palsy
- Physiotherapy, Speech Therapy and Occupational Therapy.
- Public Library
























# ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା

କଣାସ,୧।୧୨(ସମିସ): କଣାସ ବ୍ଲକ୍ ପଟଯୋଶିପୁର ଗ୍ରାମର ଯୁବଜ୍ୟୋତି ସେବା ପ୍ରତିଷ୍ଠାନ ପରିସରରେ ରବିବାର ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକୁ ପଞ୍ଚାୟତର ଶତାଧିକ ମହିଳା ଶିଶୁ ଯୋଗଦେଇଥିଲେ। ମହିଳାମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟ, ଶିଶୁ ସ୍ୱାସ୍ଥ୍ୟ ତଥା କିଶୋରୀ ବାଳିକା ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ସର୍ବୋପରି ଜନସଂଖ୍ୟା ହ୍ରାସ, ଶିଶୁ ଓ ମାତୃ ମୃତ୍ୟୁହାର କିପରି ରୋକାଯାଇ ପାରିବ ତାହା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଉପସ୍ଥିତ ମହିଳାମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁ ଓ ମହିଳାମାନଙ୍କ ଭିତରେ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଶାଳାରେ ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ କୁମାର ଜଗଦେବ, ସମ୍ପାଦକ ଦୁର୍ଗାଶଙ୍କର ମହାପାତ୍ର, ଲିଙ୍ଗରାଜ ମିଶ୍ର, ରାମଚନ୍ଦ୍ର ସ୍ୱାଇଁ, ଦେବଦତ୍ତ ମିଶ୍ର, ଦିବାକାର ମିଶ୍ର, ପ୍ରିୟରଞ୍ଜନ ନନ୍ଦ, ସବିତା ମହାପାତ୍ର, ମମତା ମହାପାତ୍ର, ତାରାଶଙ୍କର ମହାପାତ୍ର, ସୁକାନ୍ତ ମହାପାତ୍ର, ରମାରଞ୍ଜନ ମହାପାତ୍ର ସେମାନଙ୍କର ସୁଚିନ୍ତିତ ମତାମତ ରଖିଥିଲେ। ୱାର୍ଡମେମ୍ବର ସସ୍ମିତା ଦାସ, ଅଙ୍ଗନବାଡ଼ି କର୍ମୀ କଳ୍ପନା ପତି, ଆଶାକର୍ମୀ ଦେବପ୍ରଭା ପଣ୍ଡା ସକ୍ରୀୟ ସହଯୋଗ କରିଥିଲେ। ଶେଷରେ ମହିଳାମାନଙ୍କୁ ସ୍ୱାସ୍ଥ୍ୟ ଉପକରଣ, ଛୋଟ ପିଲାମାନଙ୍କୁ ଶିକ୍ଷା ଉପକରଣ ପ୍ରଦାନ କରାଯାଇଥିଲା।



# ଡିଲରଙ୍କ ପାଖରୁ ମିଳୁନି ଗ୍ୟାସ ସିଲିଣ୍ଡର; ଚିନ୍ତାରେ ଉପଭୋକ୍ତା

**ମାହାଙ୍ଗା,୧।୧୨(ସମିସ):** ଏବେ କେବଳ ସହରରେ ନୁହେଁ, ଗ୍ରାମାଞ୍ଚଳରେ ବସବାସ କରୁଥିବା ଅଧିକାଂଶ ପରିବାର ଜାଳେଣି କାଠରେ ରୋଷଇ କରିବା ପରିବର୍ତ୍ତେ ଗ୍ୟାସ ସିଲିଣ୍ଡର ଉପରେ ନିର୍ଭରଶୀଳ କିନ୍ତୁ ଗ୍ୟାସ କମ୍ପାନୀ ପକ୍ଷରୁ ନିଯୁକ୍ତି ପାଇଥିବା ଡିଲରମାନେ ଆବଶ୍ୟକ ମୁତାବକ ଗ୍ୟାସ ଭର୍ତ୍ତି ଟାଙ୍କି ମହଜୁଦ ନ ରଖିବାରୁ ହନ୍ତସନ୍ତ ହେଉଛନ୍ତି ହଜାର ହଜାର ଉପଭୋକ୍ତା। କଟକ ଜିଲ୍ଲାର ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଏଚପି (ହିନ୍ଦୁସ୍ତାନ ପେଟ୍ରୋଲିୟମ) କମ୍ପାନୀ ଉପରେ ନିର୍ଭରଶୀଳ ହଜାର ହଜାର ଗ୍ୟାସ ଉପଭୋକ୍ତାଙ୍କୁ ଆବଶ୍ୟକ ସମୟରେ ଡିଲରମାନେ ଗ୍ୟାସ ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ବୋଲି ଅଭିଯୋଗ ହେଉଛି। କେବଳ ମାହାଙ୍ଗା, ସାଲେପୁର, ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଏଚପି ଉପଭୋକ୍ତା ସମସ୍ୟାରେ ପଡିଛନ୍ତି, ସେକଥା ନୁହେଁ। ଏପରିକି ଜିଲ୍ଲାର ଅଧିକାଂଶ ଡିଲରମାନେ ହାତଟେକି ବସିବା ଚର୍ଚ୍ଚା ହେଉଛି। ଚାହିଦା ମୁତାବକ ରୋଷେଇ ଗ୍ୟାସ ସିଲିଣ୍ଡର ମହଜୁଦ ନ ଥିବାରୁ ଖାଉଟି ଚଢ଼ା ଦରରେ କଳା ବଜାରରୁ ଗ୍ୟାସ ଟାଙ୍କି ଆଣି ଆବଶ୍ୟକତା ପୂରଣ ପାଇଁ ବାଧ ହେଉଥିବା ଦେଖିବାକୁ ମିଳୁଛି। କାହିଁକି ଗ୍ରାମାଞ୍ଚଳର ଉପଭୋକ୍ତାଙ୍କୁ ଚାହିଦା ମୁତାବକ ଗ୍ୟାସ ଯୋଗାଣ ହୋଇପାରୁ ନାହିଁ ସେ ଦିଗରେ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରୁ ନାହିଁ। ଗ୍ରାମାଞ୍ଚଳରେ ନିଯୁକ୍ତି ପାଇଥିବା ଏଚପି କମ୍ପାନୀର ଡିଲରମାନେ ସଠିକ ସମୟରେ ଉପଭୋକ୍ତାଙ୍କୁ ରୋଷେଇ ଗ୍ୟାସ ସିଲିଣ୍ଡର ଯୋଗାଇ ନ ଦେଲେ, ଆଗାମୀ ଦିନରେ ସାଧାରଣ ଜନତା ରାଜରାସ୍ତାକୁ ଓହ୍ଲେଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ଆଳୁ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ; କମୁଛି ଚାଷ



**କଟକ,୧।୧୨(ସମିସ):** କଟକ ଜିଲ୍ଲାରେ ଆଳୁ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ। ବିଗତ କିଛି ବର୍ଷ ଧରି ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏଥିପାଇଁ ଆଳୁ ଚାଷ ବଢିବା ପରିବର୍ତ୍ତେ କମି କମି ଯାଉଛି। ଜିଲ୍ଲା ଉଦ୍ୟାନକୃଷି ବିଭାଗ ତରଫରୁ ଯେତିକି ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି ସେତିକି ଅଞ୍ଚଳରେ ଆଳୁ ଚାଷ କରାଯାଇପାରୁନାହିଁ। ଏଥିପାଇଁ ଏଥର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଜିଲ୍ଲାରେ ଆଳୁ ଚାଷ କିଭଳି ଅଧିକରୁ ଅଧିକ ଜମିରେ କରାଯିବ ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲାର ୧୪ଗୋଟି ବ୍ଲକ ମଧ୍ୟରୁ ସାଧାରଣତଃ ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି, ସଦର, ବାଙ୍କୀ,ଡମପଡା,ତିଗିରିଆ, ଆଠଗଡ, କଣ୍ଟାପଡା,ବାରଙ୍ଗ, ନିଆଳି ଆଦି କେତେକ ବ୍ଲକରେ ଅଧିକ ପରିମାଣରେ ଆଳୁ ଚାଷ କରାଯାଇଥାଏ। ଚଳିତ ବର୍ଷ କଟକ ଜିଲ୍ଲାରେ ପ୍ରାୟ ୮୦୦ହେକ୍ଟର ଜମିରେ ଆଳୁ ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ହେଲେ ଏହି ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନେଇ ଅନିଶ୍ଚିତତା ଦେଖାଦେଇଛି। ଅନେକ ଚାଷୀ ରିଆତି ଅର୍ଥ ପାଇବା ପାଇଁ ଆଳୁ ବିହନ ନେଉଥିଲେ ମଧ୍ୟ ସେତିକି ଜମିରେ ଚାଷ କରୁନାହାନ୍ତି। ସୂଚନାଥାଉକି ସରକାରଙ୍କ ପକ୍ଷରୁ ଏଥିପାଇଁ ସବ୍‌ସିଡି ଯୋ।ଗାଇଦିଆଯାଇଆସୁଥିଲେ ମଧ୍ୟ ଆଳୁ ଚାଷ ଜିଲ୍ଲାରେ ବ୍ୟାପକ ହୋଇପାରୁନି। ଜିଲ୍ଲାରେ ସାଧାରଣତଃ ଆଳୁ ଚାଷ ନଭେମ୍ବର ଶେଷ ସପ୍ତାହ ସୁଦ୍ଧା ହୋଇଥାଏ। ୧୦୦ରୁ ୧୨୦ ଦିନ ମଧ୍ୟରେ ଏହା ଅମଳକ୍ଷମ ହୋଇଥାଏ। ଅଧିକାଂଶ କ୍ଷେତ୍ରରେ ଖରିଫ ଧାନ ଚାଷ ହେଉଥିବା ଚାଷ ଜମିରୁ ଧାନ କଟାଯିବା ପରେ ଆଳୁ ଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଥାଏ। ଏଥର ଖରିଫ ଋତୁରେ ଲଗାଣ ବର୍ଷା ପାଇଁ ଏପର୍ଯ୍ୟନ୍ତ ଆଳୁ ଚାଷ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଇପାରିନାହିଁ। ଏବେ ଆଳୁ କିଲୋ ପ୍ରତି ଖୁଚୁରା ବଜାରରେ ୨୦ଟଙ୍କା ରହିଛି। ସାଧାରଣତଃ ଆଳୁ ଅମଳ ବେଳକୁ ଦର କମ ରହିଥାଏ। ଗତବର୍ଷ କ୍ୱିଣ୍ଟାଲ ପ୍ରତି ୩ହଜାର ଟଙ୍କାରୁ ୪ହଜାର ଟଙ୍କା ପର୍ଯ୍ୟନ୍ତ ଆଳୁ ବିହନ ବିକ୍ରି କରାଯାଉଥିଲା। ଯେଉଁଠି

## ଉନ୍ନତ କିସମର ବିହନ ଅଭାବ: ଅମଳ ବେଳେ ଅହେତୁକ ଦର ହ୍ରାସ

ବଜାରରେ ଖାଇବା ଆଳୁ ଦର କିଲୋ ପ୍ରତି ଏବେ ୧୫ରୁ ୧୭ଟଙ୍କା ମଧ୍ୟରେ ରହିଥିଲା। ତଥାପି ଗତବର୍ଷ ଜିଲ୍ଲାରେ ଆଳୁ ଚାଷ ୫୦୦ହେକ୍ଟର ଡେଇଁନଥିଲା। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲାକି ଚାଷୀ ମାନେ ସାଧାରଣତଃ ଖୋଲା ବଜାରରୁ ଅଧିକ ଆଳୁ ବିହନ କିଣିଥାନ୍ତି। ସରକାରୀ ସ୍ତରରେ ଆଳୁ ବିହନ ଯୋଗାଣ ସବୁ ବର୍ଷ ବିଳମ୍ବ ହେତୁ ଚାଷୀ ମାନେ ବଜାରରୁ ଚଢା ଦରରେ ଆଳୁ ମଞ୍ଜି କିଣିଥାନ୍ତି। ବଜାରରେ ଉନ୍ନତ କିସମର ବିହନ ମିଳୁନଥିବାରୁ ଉତ୍ପାଦନ ବହୁତ କମୁଥିବା ଅଭିଯୋଗ ହେଉଛି। ସେହିଭଳି ଆଳୁ ଅମଳ ପରେ ଶସ୍ତାରେ ନବିକି ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ଅଭାବ ମଧ୍ୟ ଚାଷରୁ ବିମୁଖ ହେବାର ଅନ୍ୟତମ କାରଣ ବୋଲି ବିବେଚନା କରାଯାଉଛି। ସାଲେପୁର ବହୁଗ୍ରାମର ବାପୁଜି ଶୀତଳଭଣ୍ଡାର,କଟକ ସଦରର ବୟାଳିଶମୌଜା,ନିଆଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲକ୍ଷେଶ୍ୱର,ବାଙ୍କୀ ଓ ଆଠଗଡରେ ବନ୍ଦ ହୋଇପଡିଛି।ଏଥର ଆଳୁ ଚାଷ ବୃଦ୍ଧି ପାଇଁ ହୋଇଥିବା ଯୋଜନା କେତେଦୂର ସଫଳ ହୋଇପାରୁଛି ତାହା ଆଗାମୀ ଦିନରେ ଜଣାପଡିବ। ଚାଷୀଙ୍କ କହିବାନୁଯାୟୀ ଗୋଟିଏ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ଅତିକମରେ ୧୫କ୍ୱିଣ୍ଟାଲ ଆଳୁ ବିହନର ଆବଶ୍ୟକତା ରହିଛି। ଆଳୁ ବିହନ କିଲୋ ପ୍ରତି ୨୦ରୁ ୩୦ଟଙ୍କା ଦରରେ କିଣି ଚାଷ କରୁଥିବା ବେଳେ ଅମଳ ବେଳକୁ ବ୍ୟବସାୟୀଙ୍କ ହାତକୁ ୫-୧୦ଟଙ୍କା ମୂଲ୍ୟରେ ବିକ୍ରି କରୁଥିବା ଦେଖିବାକୁ ମିଳିଆସୁଛି। ଏଥିପାଇଁ ଚାଷୀ ମାନେ ଏହି ଚାଷ ପ୍ରତି ସେତେଟା ଆଗ୍ରହ ପ୍ରକାଶ କରୁନାହାଁନ୍ତି।

# କଟକ ନଗର କଂଗ୍ରେସ ପକ୍ଷରୁ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ




**କଟକ,୧।୧୨(ସମିସ):** ଆଜି କଟକ ନଗର କଂଗ୍ରେସ ପକ୍ଷରୁ ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ପୁରୀଘାଟ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ଜାତୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ସମ୍ପର୍କିତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଆଇସିସି ଜାତୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ଜରିଆରେ ଦକ୍ଷ ଓ ପ୍ରତିଭାବାନ ଉପସ୍ଥାପକ, ମୁଖପାତ୍ର, ଗଣମାଧ୍ୟମ ସଂଯୋଜକ ଓ ଗବେଷଣାତ୍ମକ ସଂଯୋଜକ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଶ୍ରୀମତୀ ବେହେରା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଶରତ ଚନ୍ଦ୍ର ସେଠୀ, ବିକି ଚକ୍ରବର୍ତ୍ତୀ, ଆର୍ଯ୍ୟବୀର ଲେଙ୍କା, ପୂର୍ଣ୍ଣିମା ବେହେରା, ପ୍ରଭାତୀ ପଟ୍ଟନାୟକ, ଅନିତା ବେହେରା, ରାଜଶ୍ରୀ ରାୟ, ହରେନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବାରବାଟୀ ପରିସରରେ ବୋଧଗୟାର ବୋଧିଦ୍ରୁମ




**କଟକ,୧।୧୨(ସମିସ):** ଐତିହ୍ୟ ପଦଯାତ୍ରା ପକ୍ଷରୁ ଆବାହକ ଡ. ଦୀପକ ସାମନ୍ତରାୟଙ୍କ ନେତୃତ୍ୱରେ ବାରବାଟୀ ବଞ୍ଚାଅର ତିନୋଟି ମୁଖ୍ୟ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦିଆଯାଇଛି। ବାରବାଟୀ ଗଡଖାଇର ପୁନରୁଦ୍ଧାର, ଆଲୋକୀକରଣ ଓ ସଂଧ୍ୟାରେ ଶବ୍ଦ ଓ ଆଲୋକର ବ୍ୟବସ୍ଥା କରିବାପାଇଁ ସରକାରଙ୍କ ନିକଟରେ ଦାବି ରଖାଯାଇଛି। ପ୍ରାରମ୍ଭରେ ଦୁର୍ଗ ମଧ୍ୟରେ ୧୯୭୮ ମସିହାରେ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ, ସମାଜ ସଂପାଦକ ଡକ୍ଟର ରାଧାନାଥ ରଥ, ୟୁନିଭର୍ସର ସଂପାଦକ ଗିରିଜା ଭୂଷଣ ପଟ୍ଟନାୟକ ଓ କଟକର ତତ୍କାଳୀନ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଜାପାନର ପ୍ରଖ୍ୟାତ ଧର୍ମଗୁରୁ ଫୁଜି ମହାରାଜଙ୍କ ଦ୍ୱାରା ରୋପଣ କରାଯାଇଥିବା ବୋଧିଦ୍ରୁମର ତଳେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ବୋଧିଦ୍ରୁମ ଓ ଓଡିଶାରେ ବୌଦ୍ଧ ଧର୍ମର ଗୁରୁତ୍ୱ ସଂପର୍କରେ ଆଲୋଚନା କରାଯାଇଥିଲା। ଡ. ହେମନ୍ତ ପରିଡା, ହିତେଶ ସେଠ୍, ଜୟନ୍ତ ସିଂହ, ପ୍ରକାଶ ସିଂହ, କିଶୋର ବିଟ୍, ଆଦିତ୍ୟପ୍ରସାଦ ଘୋଷ, ତେଜେଶ ସାହୁ, ବିଶ୍ୱରଞ୍ଜନ ଦେହୁରୀ, ଶ୍ରୀକାନ୍ତ ସିଂହ, ଶ୍ରୀତମ ରାୟ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଖ୍ରୀଷ୍ଟକଲେଜ ଉଦ୍ଭିଦବିଜ୍ଞାନ ବିଭାଗର ଆଞ୍ଚଳିକ ପାଠଚକ୍ର




**କଟକ,୧।୧୨(ସମିସ):** ଖ୍ରୀଷ୍ଟ କଲେଜର ଉଦ୍ଭିଦବିଜ୍ଞାନ ବିଭାଗ ଓ ଓଡ଼ିଶା ବଟାନିକାଲ ସୋସାଇଟିର ମିଳିତ ସହଯୋଗରେ ଏକଦିବସୀୟ ଆଞ୍ଚଳିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷା ମଧୁମିତା ପାତ୍ର ପାଠଚକ୍ରକୁ ଉଦ୍‌ଘାଟନ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର ପ୍ରକୃତି ସହିତ ମଣିଷର ସଂପର୍କ ଓ ଉତରଦାୟିତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ଉଦ୍ଭିଦବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଶୋଭନ ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ପାଠଚକ୍ରର ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଓଡ଼ିଶା ବଟାନିକାଲ ସୋସାଇଟିର ସଭାପତି ଡଃ କୁଞ୍ଜବିହାରୀ ଶତପଥୀ, ସଂପାଦିକା ଡ. ସୁଜାତା ମହାନ୍ତି, ମୁଖ୍ୟବକ୍ତା ରମାଦେବୀ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ଆଲୋକ ପ୍ରସାଦ ଦାସ ପ୍ରମୁଖ ପର୍ବପର୍ବାଣୀ ପରବର୍ତ୍ତୀ ପରିବେଶ ପରିପ୍ରେକ୍ଷୀରେ ଜୈବ ମୂଲ୍ୟାୟନ ଓ ସେଥିପ୍ରତି ସାମାଜିକ ସଚେତନତା ସହିତ ବୈଜ୍ଞାନିକ ପଦ୍ଧତିରେ ପରିବେଶ ସନ୍ତୁଳନ ପାଇଁ ଜୈବ ବିବିଧତାର ଆବଶ୍ୟକତା ସନ୍ଦର୍ଭ ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ସ୍ନାତକୋତର ଛାତ୍ରୀ ଅନନ୍ୟା ବ୍ରହ୍ମା ଓ ସଗୁଫି ବେଗମ୍ ନିବନ୍ଧ ପାଠ କରିଥିଲେ। ଅଧ୍ୟାପିକା ଡଃ ବନ୍ଦିତା ଆଶ୍ଚର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପାଠଚକ୍ରରେ ପରିଚାଳନା ସମିତିର କର୍ମକର୍ତ୍ତା, ଉପାଧ୍ୟକ୍ଷା, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଗବେଷଣାରତ ବିଦ୍ୟାର୍ଥୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡଃ ସଞ୍ଜିତ୍ ବିଶ୍ୱାସ, ଡ. ଆନନ୍ଦିନୀ ରାଉତ, ଡ. ଭବଜିତ ପଟ୍ଟନାୟକ, ଅଧ୍ୟାପିକା ନିବେଦିତା ନାୟକ ପ୍ରମୁଖ ପାଠଚକ୍ରକୁ ପରିଚାଳନା କରିଥିଲେ।

# ଡ୍ରିମ୍‌ସରେ ବିଶ୍ୱ ଏଡ୍‌ସ ଦିବସ




**କଟକ,୧।୧୨(ସମିସ):** ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, 'ଡିନ୍' ଡ. ପ୍ରଥିମା ପ୍ରକାଶମ୍, ସହକାରୀ 'ଡିନ୍' ଏନ୍ ପ୍ରେମଲତା ଦେବୀ ଆଭାସୀ ମାଧ୍ୟମରେ ବିଶ୍ୱ ଏଡ୍‌ସ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ସୂଚନା ଦେବା ସହ ଏ ଦିଗରେ ଜନ ସଚେତନତା ସୃଷ୍ଟି କରିବାରେ ନର୍ସିଂ ଛାତ୍ରଛାତ୍ରୀଙ୍କ ପ୍ରମୁଖ ଭୂମିକା ରହିଥିବା ଉଲ୍ଲେଖ କରିଥିଲେ। ଏହି ଉପଲକ୍ଷେ 'ସ୍କୁଲ ଅଫ ନର୍ସିଂ' ପକ୍ଷରୁ ଭଟିମୁଣ୍ଡା ସରକାରୀ ଜନ ଆରୋଗ୍ୟ କେନ୍ଦ୍ର ପରିସରରୁ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଜନ ଆରୋଗ୍ୟ କେନ୍ଦ୍ରର ଡାକ୍ତର ଅମୀୟ କୁମାର ଦାସ ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏଡ୍‌ସ ନିୟନ୍ତ୍ରଣ ଓ ନିରାକରଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଏସ୍‌ସି ନର୍ସିଂ ଛାତ୍ରଛାତ୍ରୀ ନାଟକ ପ୍ରଦର୍ଶନ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସହକାରୀ ପ୍ରାଧ୍ୟାପିକା ରୋଜାଲିନ୍ ଦାଶଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ପ୍ରାଧ୍ୟାପିକା ମାଧୁରୀ ମେଶରମ, ଅଧ୍ୟାପିକା ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ ସାମଲ, ଅଧ୍ୟାପିକା ଅମ୍ରିତା ଦାସ, ଅଧ୍ୟାପିକା ପଲ୍ଲବୀ ସୂତାର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀ ଅରୁନ୍ଧତୀ ବିନ୍ଧାଣୀ ଓ ଶ୍ରାବଣୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଡ୍ରିମ୍‌ସ ମେଡିକାଲ କଲେଜ ଓ ହସ୍‌ପିଟାଲ

ଡ୍ରିମ୍‌ସ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ବିଶ୍ୱ ଏଡସ୍ ଦିବସ ପାଳନ ଅବସରରେ ଅପରାହ୍ନରେ ସଚେତନତା ପଦଯାତ୍ରା କ୍ୟାମ୍ପସ ପରିକ୍ରମା କରି 'ପଦ୍ମିନୀ କେୟାର' ପର୍ଯ୍ୟନ୍ତ ଆସିଥିଲା। 'ଡିନ' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କମ୍ୟୁନିଟି ମେଡିସିନ୍ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଡା. ନଳିନୀକାନ୍ତ ତ୍ରିପାଠୀ, ଡା. ବୁଲୁ ମହାନ୍ତି, ଡା. ଦେବାଶିଷ ସ୍ୱାଇଁ, ଡା. ରଶ୍ମୀରଞ୍ଜନ ବାରିକ, ଡା. ପ୍ରତିକ ରଞ୍ଜନ ନାୟକ ଡା. ସତ୍ୟରାମ ଶତପଥି ସମ୍ମାନିତ ଅତିଥିଭାବରେ ଯୋଗଦେଇଥିଲାବେଳେ ଏମବିବିଏସ୍ ଛାତ୍ରଛାତ୍ରୀ ଏଥିରେ ସାମିଲ ଥିଲେ।

# କଟକ କଲେଜରେ ଏଡ୍‌ସ ଦିବସ




**କଟକ,୧।୧୨(ସମିସ):** କଟକ କଲେଜ ରେଡକ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ପକ୍ଷରୁ ବିଶ୍ୱ ଏଡସ ଦିବସ କଲେଜ ଅଧ୍ୟକ୍ଷା ଡ. ଶୁଭଦର୍ଶିନୀ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସୁର ପ୍ରସାଦ ତ୍ରିପାଠୀ, +୨ ଅଫିସର ପ୍ରାଧ୍ୟାପିକା ଡ. ରୁନୁବାଳା ମହାରଣା, ରେଡ୍‌କ୍ରସ ଅଧିକାରୀ କୁମାର ପ୍ରଦୀପ୍ତ ମିଶ୍ର ଓ ଆର୍‌ଆର୍‌ସି ସଂଯୋଜିକା ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡାଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଚେତନତା ଧର୍ମୀ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ସହ ଏଡସର ଭୟାବହତା, କାରଣ ଓ ନିରାକରଣ ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଦେବେନ୍ଦ୍ର ଚନ୍ଦ୍ର ଓଝା ଓ ଅଧ୍ୟାପକ ମଣ୍ଟୁ ଜେନା ଉପସ୍ଥିତ ରହି ଏହି ରୋଗର ନିରାକରଣରେ ଯୁବ ସମାଜ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ରେଡ୍‌କ୍ରସ୍ ଟିମ୍ ଲିଡର୍ ନାଜମିନ୍ ସୁଲତାନା, ସୁଜଲ୍ ସ୍ୱାଇଁ ଓ ରଶ୍ମୀ ରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏସିଏଫ୍ ଚୟନ ତାଲିକାର ତୃତୀୟ ସ୍ଥାନରେ ରୋଶନୀ



**କଟକ,୧।୧୨(ସମିସ):** ଓପିଏସ୍‌ସି ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ କଞ୍ଜରଭେଟର ଅଫ୍ ଫରେଷ୍ଟ(ଏସିଏଫ୍) ଚୟନ ପରୀକ୍ଷାରେ କଟକ ସିଡିଏବାସୀ ରୋଶନୀ ମିଶ୍ର ରାଜ୍ୟସ୍ତରରେ ତୃତୀୟ ସ୍ଥାନ ଅଧିକାର କରି କଟକ ଜିଲ୍ଲାର ଗୌରବମଣ୍ଡିତ କରିଛନ୍ତି। ସୁଶ୍ରୀ ରୋଶ୍ନି ବର୍ତ୍ତମାନ କଟକ କଲେକ୍ଟରେଟ ଜଣେ ଟ୍ରେନି ରେଭିନ୍ୟୁ ଅଫିସର ଭାବରେ ନିଯୁକ୍ତ ହୋଇ ଭୁବନେଶ୍ୱର ଗୋଠପାଟଣାର ରେଭିନ୍ୟୁ ଅଫିସର ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ରେ ତାଲିମ ନେଉଥିବା ବେଳେ ପୁଣି ଏଭଳି ସଫଳତା ପ୍ରାପ୍ତ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସୁଶ୍ରୀ ରୋଶ୍ନି କଟକ ସିଡିଏବାସୀ ନମିତା ମିଶ୍ର ଏବଂ ରଞ୍ଜନ ମିଶ୍ରଙ୍କ ବଡ଼ ଝିଅ ତଥା ସ୍ୱର୍ଗତ ସନାତନ ମିଶ୍ରଙ୍କ ନାତୁଣୀ ଅଟନ୍ତି।

# ପ୍ରଭାତ ବିଶ୍ୱାଳଙ୍କ ମାତୃ ବିୟୋଗ



**କଟକ/ଚୌଦ୍ୱାର,୧।୧୨(ସମିସ):** ପୂର୍ବତନ ବିଧାୟକ ତଥା ସମାଜସେବୀ ଡଃ ପ୍ରଭାତରଞ୍ଜନ ବିଶ୍ୱାଳଙ୍କ ମାତା ତଥା ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ଜେଜେ ମା କ୍ଷୀରପ୍ରଭା ବିଶ୍ୱାଳଙ୍କର ୮୮ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଅନ୍ତିମ ଶଯ୍ୟା ନିକଟରେ ପୁତ୍ର ପ୍ରଭାତ, ପୁତ୍ରବଧୂ କଟକ ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ଲକ୍ଷ୍ମୀବିଳାସୀନି, ପୁତ୍ର ଆର୍ତ୍ତରଞ୍ଜନ, ହେମନ୍ତ ରଞ୍ଜନ, ନାତି ସୌଭିକ, ୩ କନ୍ୟା, ଜାମାତାଙ୍କ ସମେତ ଅନ୍ୟାନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହୋଇଯିବା ମାତ୍ରେ ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝୀ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହାବେ ଶିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ବିଧାୟକ ପ୍ରକାଶ ସେଠୀ, ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ମହମ୍ମଦ ମୋକିମ, ବିଜେଡିର ବରିଷ୍ଠ ନେତା ମଧୁସୂଦନ ସାହୁ, ସିଏମସିର ବହୁ କର୍ପୋରେଟର, ଚୌଦ୍ୱାର ମ୍ୟୁନିସପାଲଟିର ଅଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ସହ ବହୁ କାଉନସିଲର ଓ ବିଶିଷ୍ଟ ବ୍ୟକ୍ତି ତାଙ୍କ ମହାନଦୀ ବିହାରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ସୂଚନାଯୋଗ୍ୟ ଯେ, ୧୯୩୭ ମସିହା ଜୁଲାଇ ମାସ ୧୨ ତାରିଖରେ କ୍ଷୀରପ୍ରଭା ବରୀ ଅଞ୍ଚଳର ରତାଳଙ୍ଗରେ ଜନ୍ମଗ୍ରହଣ କରିଥିଲେ। ପଟାମୁଣ୍ଡାଇ ପେଣ୍ଡପାଳରେ ସ୍ୱର୍ଗତ ନୀଳମଣି ବିଶ୍ୱାଳଙ୍କୁ ବିବାହ କରିଥିଲେ। ସେ ଜଣେ ସୁଗୃହିଣୀ, ଧର୍ମପ୍ରାଣା, ପରୋପକାରୀ ଓ ସମାଜସେବିକା ଭାବେ ପରିଚିତ ଥିଲେ। ତାଙ୍କର ଆର୍ଶୀବାଦ ଯୋଗୁଁ ପୁତ୍ର ପ୍ରଭାତ ୩ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କାଳିଆବୋଦା ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।


# ପିକୋଳ ପଞ୍ଚାୟତରେ ମନ୍ କି ବାତ୍ କାର୍ଯ୍ୟକ୍ରମ

**ସାଲେପୁର,୧।୧୨(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୧୨୮ତମ ମନ୍‌କି ବାତ୍ କାର୍ଯ୍ୟକ୍ରମ ପିକୋଳ ପଞ୍ଚାୟତ ବଣହରା ଗ୍ରାମ ବୁଥ୍ ନଂ-୨୧୮ ମା' ସୁନେଇ ରୂପେଇ ମନ୍ଦିର ପ୍ରାଙ୍ଗଣରେ ବିଜେପି ସଂଗଠକ ହିମାଂଶୁ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ପାତ୍ର, ଭିକାରୀ ସିଂହ, ଜୟନ୍ତ ଭୂୟାଁ, ଗଣେଶ୍ୱର ମହାନ୍ତି, ହେମନ୍ତ ଦାସ, ଦିବାକର ପ୍ରଧାନ, ରେଣୁବାଳା ରାଉତ, ସନ୍ଧ୍ୟାରାଣୀ ଶତପଥି, ନିର୍ମଳା ବରାଳ, ମନୋଜ ବିଶ୍ୱାଳ, ରିତେଶ ଦାଶ, ଶଶିକାନ୍ତ ମହାନ୍ତି, ଦ୍ରୌପଦୀ ମହାରଣା, ଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଦେଢ଼ବର୍ଷ ଧରି ଗୋଶାଳା ରେଳ ଓଭର୍‌ବ୍ରିଜ ଅନ୍ଧାର


ବଢୁଛି ଦୁର୍ଘଟଣା

**କଟକ,୧।୧୨(ସମିସ):** କଟକ ସହରର ପୂର୍ବାଞ୍ଚଳରେ ନିର୍ମିତ ଗୁରୁତ୍ୱପୂର୍ଣ୍ଣ ଗୋଶାଳା ରେଳ ଓଭରବ୍ରିଜରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏହି ଓଭରବ୍ରିଜଟି ଦୀର୍ଘ ଦେଢ ବର୍ଷ ଧରି ଅନ୍ଧାରରେ ରହିଥିବାରୁ ଏହା ଉପରେ ରାତିରେ ଚଳାଚଳ କରୁଥିବା ପଥଚାରୀ ଓ ଯାନବାହନ ଗୁଡିକ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳୁଛି। ହେଲେ ଏହି ସେତୁର ଆଲୋକୀକରଣ କଥାକୁ ସତେ ଯେମିତି ସମ୍ପୃକ୍ତ ବିଭାଗ ଭୁଲିଯାଇଛି। ଏହି ସେତୁ ଉଦଘାଟନ ବେଳେ ଖୁବଶୀଘ୍ର ଆଲୋକୀକରଣ କରାଯିବ ବୋଲି କୁହାଯାଇଥିଲା। ଏହି ବ୍ରିଜ ଗତ ୨୦୨୪ ଡିସେମ୍ବର ୨୩ରେ ବିଭାଗୀୟ ମନ୍ତ୍ରୀ ଉଦଘାଟନ କରିଥିଲେ କିନ୍ତୁ ଏହାର ଯଥେଷ୍ଟ ପୂର୍ବରୁ ଲୋକଙ୍କ ଯାତାୟତ ପାଇଁ ବ୍ୟବହାର ହୋଇଆସୁଥିଲା। କଟକ ଓ ଜଗତସିଂହପୁର ଜିଲ୍ଲାର ଯୋଗାଯୋଗକୁ ଅଧିକ ସୁଦୃଢ଼ କରିବା ସହ ଉପୁଜୁଥିବା ଟ୍ରାଫିକ୍ ସମସ୍ୟାର ସମାଧାନ ଉଦ୍ଦେଶ୍ୟରେ ନୂଆ ରେଳ ଓଭର ବ୍ରିଜ ୬୦କୋଟି ୯୩ ଲକ୍ଷ ୬୫ ହଜାର ବ୍ୟୟରେ ନିର୍ମିତ ହୋଇଥିଲା। ଏହି ସେତୁ କଟକ ସହର ଓ ଜଗତସିଂହପୁର ଜିଲ୍ଲା ମଧ୍ୟରେ ଯାତାୟତ ସମୟକୁ କମ୍ କରିବା ସହ ଟ୍ରାଫିକ୍ ନିୟନ୍ତ୍ରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ନୂଆବଜାର ଛକରୁ ପ୍ରେସ୍ ଛକକୁ ସଂଯୋଗ କରୁଥିବା ୫୧୧ ମିଟର ଦୈର୍ଘ୍ୟବିଶିଷ୍ଟ ଏହି ସେତୁ ଦ୍ୱାରା ବିଭିନ୍ନ ଅଞ୍ଚଳରେ ଛାତ୍ରଛାତ୍ରୀ, କର୍ମଜୀବୀ, ରୋଗୀ, ବରିଷ୍ଠ ନାଗରିକଙ୍କ ଗମନାଗମନ ସୁଗମ କରିବା ସହ ବ୍ୟବସାୟିକ କାରବାରକୁ ସହଜ କରିଛି। ଏହି ସେତୁ ଦ୍ୱାରା ଦୈନିକ ପ୍ରାୟ ୫୦ହଜାର ଲୋକ ଉପକୃତ ହେଉଛନ୍ତି। ରେଳବାଇ ଓ ପୂର୍ତ୍ତ ବିଭାଗର ଅନୁଦାନରେ ଏହି ସେତୁ ନିର୍ମାଣ କରାଯାଇଥିବା ବେଳେ ଆଲୋକୀକରଣ ପାଇଁ ବିଭାଗ ପକ୍ଷରୁ ୬୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲେ ସୁଦ୍ଧା ଏହି କାର୍ଯ୍ୟ ସମ୍ପାଦନ କରାଯାଇପାରି ନ ଥିବା ଜଣାପଡିଛି। ଅପରପକ୍ଷରେ ଏହି ସେତୁଟି ଗୋଶାଳା ନିକଟରେ ନୂଆବଜାର ଫ୍ଲାଏ ଓଭର ବ୍ରିଜକୁ ସଂଯୋଗ କରୁଛି। ଉଭୟ ସେତୁର ଗଡାଣିଆ ସ୍ଥାନ ଏହି ସ୍ଥାନରେ ସଂଯୋଗ ହୋଇଛି। ଏହି ସ୍ଥାନରେ ଆଲୋକ ନ ଥିବାରୁ ରାତି ବେଳା ଅପରପାଶ୍ୱର୍ରୁ ଆସୁଥିବା ଯାନବାହନ ଗୁଡିକ ନୂତନ ବ୍ରିଜରୁ ତଳକୁ ଗଡୁଥିବା ଯାନବାହନ ସହ ମୁହାଁମୁହିଁ ହୋଇ ଦୁର୍ଘଟଣା ଘଟୁଛି।

# ଏନ୍ଆଇଟି ରାଉରକେଲା ଏଆଇ ହାକାଥନର ଆୟୋଜକ ମନୋନୀତ

**ରାଉରକେଲା, ୧।୧୨(ସମିସ) :** ରାଉରକେଲା ଏନ୍.ଆଇ.ଟି କୁ ସୁନ୍ଦରଗଡ଼, ବଲାଙ୍ଗିର, ସୁବର୍ଣ୍ଣପୁର, ବରଗଡ଼, ସମ୍ବଲପୁର, ବୌଦ୍ଧ, ଦେବଗଡ଼ ଓ ଝାରସୁଗୁଡ଼ା ଜିଲ୍ଲା ନେଇ ପଶ୍ଚିମ ଓଡ଼ିଶା ଅଞ୍ଚଳ ପାଇଁ ପଶ୍ଚିମ ଆଞ୍ଚଳିକ ଏଆଇ ହ୍ୟାକାଥନ୍ ୨୦୨୫ ଆୟୋଜନ କରିବା ପାଇଁ ନୋଡାଲ କେନ୍ଦ୍ର ଭାବେ ମନୋନୀତ କରାଯାଇଥିବା ସୂଚନା ମିଳିଛି। ଓଏସଏ (ଦ ଓଡ଼ିଆ ସୋସାଇଟି ଅଫ୍ ଦ ଆମେରିକାସ୍) ଓ ଓଡ଼ିଶା ଏଆଇର ପୃଷ୍ଠପୋଷକତାରେ ହେଉଥବା ଏହି କାର୍ଯ୍ୟକ୍ରମ ଆସନ୍ତା ୯ ଡିସେମ୍ବର ୨୦୨୫ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ, ରାଉରକେଲା କ୍ୟାମ୍ପସରେ ଅନୁଷ୍ଠିତ ହେବ, ଯାହା କି ଭୁବନେଶ୍?ରରେ ୧୮ ଡିସେମ୍ବର ୨୦୨୫ ଅନୁଷ୍ଠିତ ହେଉଥିବା ଓଡ଼ିଶା ଏଆଇ ସିମ୍ପୋଜିୟମ୍ର ଏକ ପ୍ରାକ୍-କାର୍ଯ୍ୟକ୍ରମ ଅଟେ। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାକୁ ବିଶ୍?ର ବୌଦ୍ଧିକ ଏଆଇ ରାଜଧାନୀ ଭାବେ ସ୍ଥାପନ କରିବାର ବୃହତ୍ ଉଦ୍ୟମର ଅଂଶ ହିସାବରେ ଓଡ଼ିଶା ଏଆଇ ନୀତି, ଓଡ଼ିଶା ଭିଜନ, ଭାରତ ଏଆଇ ମିଶନ ଓ ବିଶ୍?ବ୍ୟାପୀ ଏଆଇ ଧାରା ସହ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ପାଇଁ ଏହି ହାକାଥନ ଆୟୋଜନ କରାଯାଉଅଛି। ଏହାର ଉଦ୍ଦେଶ୍ୟ ହେଉଛି ଏଆଇ ସମ୍ପର୍କରେ ସଚେତନତା ସୃଷ୍ଟି କରିବା, ଆଞ୍ଚଳିକ ସମସ୍ୟାର ଏଆଇ-ଆଧାରିତ ସମାଧାନ ଖୋଜିବା ଓ ଉଦ୍ଭାବନମୂଳକ ଧାରଣାକୁ ପୁରସ୍କୃତ କରିବା। ଏହି ହ୍ୟାକାଥନ୍ରେ ଡିପ୍ଲୋମା, ସ୍ନାତକ, ସ୍ନାତକୋତ୍ତର, ପିଏଚ୍ଡି ଛାତ୍ରଛାତ୍ରୀ, ବ୍ୟକ୍ତିଗତ ଉଦ୍ଭାବକ ଓ ପଞ୍ଜିକୃତ/ଅପଞ୍ଜିକୃତ ଷ୍ଟାର୍ଟଅପ୍ମାନେ ୫ ଡିସେମ୍ବର ୨୦୨୫ ସୁଦ୍ଧା ଆବେଦନ କରିପାରିବେ। ୯ ଡିସେମ୍ବର ୨୦୨୫ ଏନ୍.ଆଇ.ଟି. ରାଉରକେଲା କ୍ୟାମ୍ପସରେ ଅନ୍ତିମ ପ୍ରୋଟୋଟାଇପ୍ ଡେମୋ ରହିଛି ଏବଂ ଶ୍ରେଷ୍ଠ ୩ ଟିମ୍ ସିଧାସଳଖ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆଞ୍ଚଳିକ ହାକାଥନ୍ ରେ ପ୍ରଥମ ପୁରସ୍କାର ୧୨ ହଜାର ଟଙ୍କା, ଦ୍ୱିତୀୟ ପୁରସ୍କାର ୮ ହଜାର ଟଙ୍କା ଓ ତୃତୀୟ ପୁରସ୍କାର ଭାବେ ୫ ହଜାର ଟଙ୍କା ରାଶି ଇନୋଭେସନ ଟେଷ୍ଟ୍ ବେଡ୍ ଦ୍ୱାରା ବିଜେତାମାନଙ୍କୁ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ହାକାଥନ ଆୟୋଜନ ପାଇଁ ଆଇଇଇଇ କମ୍ୟୁନିକେସନ ସୋସାଇଟି ଦ୍ୱାରା ବିଭିନ୍ନ ସହାୟତା ପ୍ରଦାନ କରାଯାଉଅଛି। ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନର ସହଯୋଗୀ ପ୍ରଫେସର ଡକ୍ଟର. ଶୁଚିସ୍ମିତା ଚିନାରା ପଶ୍ଚିମ ଓଡ଼ିଶାର ସମସ୍ତ ଶିକ୍ଷାନୁଷ୍ଠାନକୁ ଏହି ଗୌରବମୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ପ୍ରତିଭାବାନ ଯୁବ ଉଦ୍ଭାବକ ମାନଙ୍କୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ କରିବାକୁ ହାର୍ଦ୍ଦିକ ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ପଶ୍ଚିମ ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଛାତ୍ରଛାତ୍ରୀ, ଉଦ୍ୟୋଗୀ ଏବଂ ସମସ୍ତ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ସ ମିଡିଆ

# ଡକାୟତି ଯୋଜନା ପଣ୍ଡ : ୩ ଗିରଫ; ବିପୁଳ ମାରଣାସ୍ତ୍ର ଜବତ

**ରାଉରକେଲା, ୧।୧୨(ସମିସ)**

ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ବିଶ୍ରାଛକ ନିକଟ ଫଳ ମାର୍କେଟ ପଛ ପଟେ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଏକ ବଡଧରଣର ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୁଲିସ ଏହି ଯୋଜନାକୁ ପଣ୍ଡ କରି ଦେଇଥିବା ସହ ଏହି ଘଟଣାରେ ୩ ଜଣ ଡକାୟତଙ୍କୁ ଗିରଫ ସହ ସେମାନଙ୍କ ନିକଟରୁ ବିପୁଳ ମାରଣାସ୍ତ୍ର ଜବତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ବିଶ୍ରା ଛକ ନିକଟ ଫଳ ମାର୍କେଟ ପଛ ପଟେଗତ ଗତ କାଲି ବିଳମ୍ବିତ ରାତିରେ ନିକଟସ୍ଥ ଏକ ପେଟ୍ରୋଲରେ ବଡଧରଣର ଡକାୟତି କରିବା ପାଇଁ ଯୋଜନା କରୁଥିବା ସୂଚନା



ପାଇ ଏସପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଚଢଉ କରି ଘଟଣାସ୍ଥଳରୁ ୩ ଜଣ ଡକାୟତଙ୍କୁ ଗିରଫ କରିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ଗୋପବନ୍ଧୁପାଲିର ଚନ୍ଦନ ଯାଦବ ଓରଫ ଲେଙ୍ଗେଟୁ(୨୭), ବିଲାଲ ମନସୁରୀ(୨୯) ଏବଂ ମାଲଗୋଦାମ ବସ୍ତିର ଶମଶେର ଖାନ୍ ଓରଫ ଲାଲୁଆ (୨୪)। ସେମାନଙ୍କ ନିକଟରୁ ୨ଟି ଲୁହାଛଡ଼ ଓ ଏକ ଭୁଜାଲି ଜବତ କରାଯାଇଛି। ଚଢ଼ଉ ବେଳେ ଘଟଣା ସ୍ଥଳରୁ ୨ ଜଣ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସେମାନେ ନିକଟସ୍ଥ ପେଟ୍ରୋଲ ପମ୍ପ ସମେତ କିଛି ଘର ଓ ଦୋକାନରେ ଡକାୟତି କରିବା ପାଇଁ ଯୋଜନା କରୁଥିଲେ ବୋଲି ଗିରଫ ପରେ ସେମାନେ ପୁଲିସକୁ ସୂଚନା ଦେଇଛନ୍ତି।

# ଜିଲ୍ଲାରେ ୧୩୦ ନୂତନ ଭୋଟ କେନ୍ଦ୍ର ଗଠନ


**ରାଉରକେଲା, ୧।୧୨(ସମିସ):** ଭୋଟ ଦାତାଙ୍କ ସୁବିଧା, ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ଭୋଟ ଦାନ କେନ୍ଦ୍ରର ଦୂରତା ଆଦିକୁ ଧ୍ୟାନରେ ରଖି ଜିଲ୍ଲାରେ ନୂତନ ଭୋଟ ଦାନ କେନ୍ଦ୍ର ଗଠନ ନିମନ୍ତେ ପୂର୍ବରୁ ପ୍ରସ୍ତାବ ରହିଥିଲା। ସେହି ପ୍ରସ୍ତାବକୁ ଭାରତୀୟ ନିର୍ବାଚନ କମିଶନ ଅନୁମୋଦନ କରିଛନ୍ତି। ଫଳରେ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୂତନ ଭୋଟ କେନ୍ଦ୍ରଗୁଡ଼ିକ ସୃଷ୍ଟି ହୋଇଛି। ଏହି କ୍ରମରେ ତଳସରା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨୭୭ଟି ଭୋଟ ଗ୍ରହଣ କେନ୍ଦ୍ର ରହିଥିଲା। ସେଠାରେ ଏବେ ୨୬ଟି ନୂତନ ଭୋଟ କେନ୍ଦ୍ର ସୃଷ୍ଟି କରାଯାଇଛି।

ସେହିଭଳି ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨୯୬ ଗୋଟି ଭୋଟ କେନ୍ଦ୍ର ରହିଥିବା ବେଳେ ବର୍ତ୍ତମାନ ୧୮ଟି ନୂତନ କେନ୍ଦ୍ର ସୃଷ୍ଟି କରାଯାଇଛି। ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରେ ୩୦୧ଟି ଭୋଟ କେନ୍ଦ୍ର ରହିଥିଲା ଏବଂ ସେଠାରେ ଏବେ ୧୬ଟି ନୂତନ ଭୋଟ କେନ୍ଦ୍ର କରାଯାଇଛି। ରଘୁନାଥପାଲି ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୧୯୩ଟି ଭୋଟ କେନ୍ଦ୍ର ଥିବାବେଳେ ବର୍ତ୍ତମାନ ୬ଟି ନୂତନ କେନ୍ଦ୍ର ସୃଷ୍ଟି କରାଯାଇଛି। ରାଉରକେଲା ନିର୍ବାଚନ ମଣ୍ଡଳୀରେ ଆଗରୁ ୧୯୭ ଭୋଟ କେନ୍ଦ୍ର ଥିଲା ଏବଂ ଏବେ ୧୨ ଗୋଟି ନୂତନ କେନ୍ଦ୍ର ସୃଷ୍ଟି କରାଯାଇଛି। ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨୭୪ଟି ଭୋଟ କେନ୍ଦ୍ର ଥିଲା ଏବଂ ଏବେ ୩୬ଟି ବୃଦ୍ଧି ହୋଇଛି। ସେହିପରି ବଣାଇଁ ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୩୦୯ ଗୋଟି ଭୋଟ କେନ୍ଦ୍ର ଥିବା ବେଳେ ବର୍ତ୍ତମାନ ୧୬ଟି ନୂତନ ଭୋଟ କେନ୍ଦ୍ର ସୃଷ୍ଟି କରାଯାଇଛି। ଜିଲ୍ଲାରେ ପୂର୍ବରୁ ୧୮୪୭ ଟି ଭୋଟ କେନ୍ଦ୍ର ରହିଥିଲା। ବର୍ତ୍ତମାନ ୧୩୦ ଗୋଟି ନୂତନ କେନ୍ଦ୍ର ବୃଦ୍ଧି ହେବାପରେ ତାହା ୧୯୭୭ଟି ଭୋଟ କେନ୍ଦ୍ର ହୋଇଛି।

# ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଘର ଆନ୍ଦୋଳନ ଜାରି

**ରାଉରକେଲା, ୧।୧୨(ସମିସ):** ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଘ ପକ୍ଷରୁ ୮ ଦଫା ଦାବିରେ ଚାଲିଥିବା ଆନ୍ଦୋଳନ ଆଜି ୨୬ ଦିନରେ ପହଞ୍ଚିଥିଲା ବେଳେ ସରକାର ଦାବି ପୂରଣ କରୁନଥିବାରୁ ଛାତ୍ରଛାତ୍ରୀ ଆନ୍ଦୋଳନକୁ ଆହୁରି ଦୁର୍ବାର କରିଛନ୍ତି। ଛାତ୍ରଛାତ୍ରୀ ଗତକାଲିଠାରୁ ଦିବାରାତ୍ର ଆନ୍ଦୋଳନ ଆରମ୍ଭ କରିବା ସହ ଛାତ୍ରଛାତ୍ରୀ ଆଜି ନିଜ ନିଜର ହ୍ୱାଇଟ କୋର୍ଟ ବର୍ଜନ କରି ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି। ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଘ ପକ୍ଷରୁ ଚାଲିଥିବା ଆନ୍ଦୋଳନ ୨୬ ଦିନରେ ପହଞ୍ଚିଥିବା ବେଳେ କଲେଜରେ ତାଲା ପକାଇ ଆନ୍ଦୋଳନ ଆଜି ଅଷ୍ଟମ ଦିନରେ ପହଞ୍ଚିଛି। ନୂତନ ଆୟୁଷ ଡାକ୍ତର ପଦବୀ ସୃଷ୍ଟି କରିବା, ଉଚ୍ଚଶିକ୍ଷା ନିମନ୍ତେ ଆସନ ବୃଦ୍ଧି କରିବା, ଡାଇନାମିକ ଷ୍ଟାଇପେଣ୍ଡ ପ୍ରଦାନ କରିବା ପାଇଁ ଦାବି ହୋଇଛି। କଲେଜ ଗୁଡ଼ିକରେ ପରିଚାଳନା କମିଟି ପୁନଃ ଗଠନ କରିବା କେନ୍ଦ୍ର ଆୟୁଷ ମନ୍ତ୍ରାଳୟର ସମସ୍ତ ନିୟମାବଳୀ ପାଳନ କରିବା, ରଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନାରେ ଆୟୁଷକୁ ଅନ୍ତର୍ଭୁକ୍ତ କରିବା ସ୍ୱତନ୍ତ୍ର ଆୟୁଷ ବିଭାଗ ସ୍ଥାପନ କରିବା ପାଇଁ ଦାବି କରାଯାଇ ଆନ୍ଦୋଳନ କରାଯାଉଛି। ସୂଚନାଯୋଗ୍ୟ ଯେ ଗତ ୬ ତାରିଖ ଠାରୁ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ ଆନ୍ଦୋଳନ କରାଯିବା ସହ ଗତ ୨୪ ତାରିଖଠାରୁ ତାଲା ପକାଇ ଆନ୍ଦୋଳନ ଚଳାଇଛନ୍ତି।

# ଫୁଟବଲ୍ ଖେଳାଳି ବୀରେନ୍ଦ୍ର ସିଂଙ୍କ ପରଲୋକ



**ରାଉରକେଲା, ୧।୧୨(ସମିସ):** ଗତ ୨୭ ତାରିଖ ଜାମସେଦପୁର ଠାରେ ବିଶିଷ୍ଟ ଫୁଟବଲ୍ ତାରକା ବୀରେନ୍ଦ୍ର ସିଂଙ୍କର ୮୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ସିଂ ରାଉରକେଲା ଇସ୍ପାତ କାରଖାନାରେ ୧୯୬୮ ମସିହାରେ ଯୋଗଦେଇ ୨୦୦୨ ମସିହାରେ ଅବସର ଗ୍ରହଣ କରିଥିଲେ। ଏହି ଅବଧିରେ ସେ ସନ୍ତୋଷ ଟ୍ରଫି ଓଡ଼ିଶା ଦଳରେ ପ୍ରତିନିଧି କରିବା ସହିତ ରାଜ୍ୟରେ ବହୁବାର ଜିଲ୍ଲାସ୍ତରୀୟ ଓ ଆନ୍ତଃ ଜିଲ୍ଲା ଫୁଟବଲ୍ ଖେଳିବାର ସୁଯୋଗ ପାଇଥିଲେ। ତାଙ୍କ ସମୟରେ ଅନେକ ବାର ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ସର୍ବଭାରତୀୟ ସେଲ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛି। ତାଙ୍କ ବିୟୋଗରେ ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନର ଅଧ୍ୟକ୍ଷ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସାଧାରଣ ସମ୍ପାଦକ ଦେବଦତ୍ତ ଜେନା, ମୁଖ୍ୟ ସଂଯୋଜକ ସଞ୍ଜୀବ କୁମାର ନାୟକଙ୍କ ସମେତ ଭାରତୀ ମିଶ୍ର, ବୈଦ୍ୟନାଥ ମିଶ୍ର, ଡା ସୁଶାନ୍ତ କୁମାର ଦତ୍ତରାୟ, କ୍ରୀଡ଼ା ଗୁରୁ ପଞ୍ଚାନନ ଗନ୍ତାୟତ, ଜାତୀୟ ଫୁଟବଲ ରେଫରୀ ଭାସ୍କର ନନ୍ଦ, ଜାତୀୟ ଖେଳାଳି ଜୟନ୍ତ ମହାରଣା, ବାସୀଲ ତିର୍କୀ, ଶିଶିର କୁଜୁର, ସୁଶାନ୍ତ ମାହାନ୍ତି, ବିଭୂତି ଭୂଷଣ ମାହାନ୍ତି, ସଞ୍ଜୟ ଡାବୁଦା, ଆଶିଷ ସା, ବାବୁଲି ପାଲ, ମନୋଜ ସାମନ୍ତ, ପ୍ରଦୀପ ମାହାନ୍ତି, କେଶବ ପ୍ରଧାନ ପ୍ରମୁଖ ଶୋକ ପ୍ରକାଶ କରିଥିଲେ।

# ଅନ୍ଧାରରେ ବାଣେଶ୍ୱର ସେତୁ ▶ କୁହୁଡ଼ି ଯୋଗୁଁ ବଢୁଛି ସମସ୍ୟା



**ବଣାଇଁ, ୧।୧୨(ସମିସ):** ଆଦିବାସୀ ବହୁଳ ବଣାଇଁ ଉପଖଣ୍ଡର ବଣାଇଁ ରାଜାମୁଣ୍ଡା ଅଞ୍ଚଳର ଲାଇଫ୍ ଲାଇନ୍ ସାଜିଥିବା ଡୁମକେଲା ବାଣେଶ୍ୱର ସେତୁ ୪ ମାସ ହେଲା କାର୍ଯ୍ୟକ୍ଷମ ହେଲାଣି। ଦୈନିକ ଏହି ସେତୁ ଦେଇ ଶହ ଶହ ସଂଖ୍ୟାରେ ଗାଡ଼ି ମୋଟର ଚଳାଚଳ ହେଉଛି। ବିଶେଷକରି ରାଉରକେଲାରୁ ରାଜଧାନୀ ଭୁବନେଶ୍ୱରକୁ ଯିବା ପାଇଁ ଅଧିକାଂଶ ଲୋକେ ଏହି ସେତୁ ଉପରେ ନିର୍ଭର କରନ୍ତି। ହେଲେ କାର୍ଯ୍ୟକ୍ଷମ ହେବାର ୪ ମାସ ବିତିଯାଇଥିଲେ ମଧ୍ୟ ସେତୁ ଉପରେ କୌଣସି ଲାଇଟ୍ ବ୍ୟବସ୍ଥା କରାଯାଇନାହିଁ। ଫଳରେ ସେତୁଟି ଅନ୍ଧାରରେ ରହିଥିବାରୁ ଲୋକେ ରାତି ସମୟରେ ଯିବାଆସିବା କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଉଭୟ ବଣାଇଁ ଏବଂ ଲହୁଣୀପଡ଼ା ବ୍ଲକ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବାବେଳେ ବଣାଇଁର ପ୍ରସିଦ୍ଧ ଶୈବପୀଠ ବାବା ବାଣେଶ୍ୱର ମନ୍ଦିର ଓ ଖଣ୍ଡାଧାର ଜଳପ୍ରପାତ ଦେଖିବା ପାଇଁ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ବୁଲିବାକୁ ଆସୁଛନ୍ତି। ତେବେ ରାତି ସମୟରେ ବାଣେଶ୍ୱର ସେତୁ ଉପରେ ଅନ୍ଧକାର ଦେଖି ପର୍ଯ୍ୟଟକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷ ଭାବେ ଏବେ ଶୀତ ଋତୁ ହୋଇଥିବାରୁ ରାତିରୁ ସକାଳ ପର୍ଯ୍ୟନ୍ତ ଘନ କୁହୁଡ଼ି ସମଗ୍ର ଅଞ୍ଚଳରେ ଆଚ୍ଛାଦିତ ହେଉଛି। ୧୦ ମିଟର ଦୂରକୁ ଦେଖିବାକୁ ମଧ୍ୟ ସମ୍ଭବ ହେଉନାହିଁ। ଏପରିସ୍ଥଳେ ସେତୁ ଉପରେ ବାଇକ୍ ଚାଳକଙ୍କଠାରୁ ଆରମ୍ଭ କରି ଚାରି ଚକିଆ ଯାନ, ସାଇକଲ ଆରୋହୀଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଅନ୍ଧକାର ଯୋଗୁଁ କେତେବେଳେ ଯେ ଦୁର୍ଘଟଣା ନଘଟିବ କହି ହେବନାହିଁ। ତା' ସହିତ ପାଦଚଲା ଲୋକଙ୍କଠାରୁ ଚୋରି ଡକାୟତି ହେବାର ମଧ୍ୟ ଆଶଙ୍କା ରହିଛି। ତେବେ ବିଭାଗୀୟ ଅଧିକାରୀ ଏହାକୁ ଗୁରୁତ୍ୱ ଦେଇ ଅତିଶୀଘ୍ର ସେତୁ ଉପରେ ଲାଇଟ୍ ଲଗାଯିବାର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆର୍ଏସ୍ପିରେ ୩୩ କେଭି ବିଶିଷ୍ଟ ବାହ୍ୟ ଭିସିବି ରେଟ୍ରୋଫିଟିଂ ବ୍ୟବସ୍ଥା

**ରାଉରକେଲା, ୧।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍ଏସ୍ପି) ଟାଉନ୍ ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ) ବିଭାଗ ଦ୍ୱାରା ଏକ ୩୩ କେଭି ସବ୍ଷ୍ଟେସନରେ ଏକ ପ୍ରମୁଖ ରକ୍ଷଣାବେକ୍ଷଣ କାର୍ଯ୍ୟ ସଫଳତାର ସହ ସମ୍ପାଦିତ ହୋଇଥିଲା। ଯେଉଁଥିରେ ୩୩ କେ ଭି/୧୧ କେଭି, ୬ ଏମ୍ଭିଏ ପାୱାର ଟ୍ରାନ୍ସଫର୍ମର-୫ର ଏକ ତ୍ରୁଟିପୂର୍ଣ୍ଣ ୩୩ କେ ଭି ବାହ୍ୟ ଭାକ୍ୟୁମ୍ ସର୍କିଟ୍ ବ୍ରେକର (ଭିସିବି)କୁ ନିଜସ୍ୱ ସମ୍ବଳରେ ଭାଙ୍ଗିବା ସହିତ ପୁନଃସ୍ଥାପନ କରାଯାଇଥିଲା। ପୂର୍ବରୁ ଥିବା ସିମେନ୍ସ ମେକର ବ୍ରେକ୍ର ଦୀର୍ଘ ବାର ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସେବା ଯୋଗାଇ ଆସୁଥିଲା। ଯାହା ନଭେମ୍ବର ୧୦ ତାରିଖରେ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହେବା ଆଗରୁ ବାରମ୍ବାର କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରୁଥିଲା। ଏହି ପରିପ୍ରେକ୍ଷୀରେ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସହିତ ଉକ୍ତ ବ୍ୟବସ୍ଥାର ସ୍ଥିରତାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ନିଜସ୍ୱ ସମ୍ବଳ ଉପଯୋଗ କରି ରେଟ୍ରୋଫିଟିଂ ପଦକ୍ଷେପ ମାଧ୍ୟମରେ ତ୍ରୁଟିପୂର୍ଣ୍ଣ ଭିସିବିକୁ ସମାନ ରେଟିଂର ଏକ ଅତିରିକ୍ତ ୟୁନିଟ୍ ସହିତ ବଦଳାଯାଇଥିଲା। ଏହି କାର୍ଯ୍ୟଟି ଟାଉନ ଇଞ୍ଜିନିୟରିଂ (ଇଲେକ୍ଟ୍ରିକାଲ) ବିଭାଗର ଉତ୍ସର୍ଗୀକୃତ ଦଳ ଦ୍ୱାରା ୩୩ କେଭି ସବ୍ଷ୍ଟେସନର ସମ୍ପୂର୍ଣ୍ଣ



କାର୍ଯ୍ୟ ସମ୍ପାଦନ ପୂର୍ବକ ଏହାକୁ ଭାଙ୍ଗିବା ସହିତ ପୁନଃସ୍ଥାପନ, ତାର ଟାଣିବା, ପରୀକ୍ଷଣ ସମେତ ସିଷ୍ଟମରେ ବ୍ରେକରର ସୁଗମ କାର୍ଯ୍ୟ ସମ୍ପାଦନକୁ ସୁନିଶ୍ଚିତ କରଯାଇଥିଲା। ଏଥିରେ ଥିବା ପରୀକ୍ଷଣରେ ବିଦ୍ୟୁତ୍ ବଣ୍ଟନ ବିଭାଗ ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ସହାୟତା ପ୍ରଦାନ କରାଯାଇଥିଲା। ଟାଉନ ଇଞ୍ଜିନିୟରିଂ ଇଲେକ୍ଟ୍ରିକାଲ ବିଭାଗର ଏଜିଏମ୍ ସି. ଖେସ, ଆସିଷ୍ଟାଣ୍ଟ ମ୍ୟାନେଜର ଚିତ୍ରସେନ ଜେନା ଏବଂ ଅନ୍ୟ ସହାୟକ କର୍ମଚାରୀଙ୍କୁ ନେଇ ଗଠିତ ପ୍ରକଳ୍ପ ଦଳ ଏହି କାର୍ଯ୍ୟର ସଫଳ ସମ୍ପାଦନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ନୂତନ ଭାବେ ପୁନଃନିର୍ମିତ ଭିସିବିକୁ ଟାଉନ ଇଂଜିନିୟରିଂ ଉଦ୍ୟାନ କୃଷି ବିଭାଗର ସିଜିଏମ ବି. କେ. ଜୋଜୋ, ଟାଉନ ଇଞ୍ଜିନିୟରିଂ ଇଲେକ୍ଟ୍ରିକାଲର ଜିଏମ୍ ଏବଂ ବିଭାଗୀୟ ମୁଖ୍ୟ ଏମ. ଏ. ସିଦ୍ଦିକ, ଟାଉନ ଇଞ୍ଜିନିୟରିଂ ଇଲେକ୍ଟ୍ରିକାଲ ବିଭାଗର ଜିଏମ୍ ସଞ୍ଜୟ ପ୍ରଧାନ, ଜିଏମ୍ ଏସ୍. ସି. ନାଏକ ଏବଂ ୩୩ କେଭି ସବ୍ଷ୍ଟେସନର କର୍ମଚାରୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବରେ ଏହି ୩୩ କେଭି/୧୧ କେଭି ସିଷ୍ଟମରେ ସାମିଲ ହୋଇଥିଲା। ଏହି ପଦକ୍ଷେପ ଇସ୍ପାତ ସହରାଞ୍ଚଳକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ବଣ୍ଟନର ନିର୍ଭରଯୋଗ୍ୟତାକୁ ବୃଦ୍ଧି କରିବା ସହ କାରଖାନା ପାଇଁ ଆନୁମାନିକ ୨.୫୦ ଲକ୍ଷ ଟଙ୍କା ସଞ୍ଚୟ କରିଥିବା ଜଣାପଡ଼ିଛି।

# କଳାକାର ମଞ୍ଚ ପକ୍ଷରୁ ସସ୍ମିତା, ଲକ୍ଷ୍ମୀପ୍ରଭା ସମ୍ମାନିତ




**ରାଉରକେଲା, ୧।୧୨(ସମିସ):** ଭୁବନେଶ୍ୱରଠାରେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଦୁଇ ସୁନ୍ଦରଗଡ଼ ମାଟିର ଝିଅ ସୁଶ୍ରୀ ସସ୍ମିତା ସାହୁ ଏବଂ ଲକ୍ଷ୍ମୀପ୍ରଭା ପତିଙ୍କୁ ଜିଲ୍ଲା କ୍ରୀଡା ସଂସଦ ଷ୍ଟାଡିୟମଠାରେ ସୁନ୍ଦରଗଡ଼ କଳାକାର ମଞ୍ଚ ପକ୍ଷରୁ ସମ୍ମାନିତ କରାଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟିକା କୁସୁମ ଟେଟେ ଯୋଗଦେଇ ଉଭୟଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ବରିଷ୍ଠ କବି ତଥା ସଙ୍ଗୀତ ନିର୍ଦ୍ଦେଶକ ଦୁର୍ଗା ମାଧବ ପଣ୍ଡା, ବରିଷ୍ଠ କଳାକାର ଦେବେନ୍ ଅମାତ, ଯୁବ କଳାକାର ତଥା ନୃତ୍ୟ ନିର୍ଦ୍ଦେଶକ ରୋଶନ ସାହୁ, କଣ୍ଠ ଶିଳ୍ପୀ ମଧୁସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନ ମହାବିଦ୍ୟାଳୟରେ ବିଶ୍ୱ ଏଡ୍ସ ଦିବସ

**ରାଉରକେଲା, ୧।୧୨(ସମିସ):** ରାଉରକେଲା ଆଇନ ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ବିଭୁରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ 'ବିଶ୍ୱ ଏଡ୍ସ ଦିବସ' ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଯୋଗଦେଇ ନାକୋର ପୂର୍ବତନ ସଦସ୍ୟା ଜ୍ୟୋତି ଡୋଲୋରୋଶା ଟେଟେ ଛାତ୍ରଛାତ୍ରୀଙ୍କୁ ଏଡ୍ସ ରୋଗ ସମ୍ବନ୍ଧରେ ସଚେତନ କରାଇଥିଲେ। ସେ ଏହି ରୋଗର କାରଣ ଓ ନିରାକାରଣ ଉପରେ ଆଲୋକପାତ କରାଇଥିଲେ। ଏଥିରେ ମହାବିଦ୍ୟାଳୟ ଉପାଧ୍ୟକ୍ଷା, ପ୍ରାଧ୍ୟାପିକା, ପ୍ରାଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# କନିଷ୍ଠ ଖୋ ଖୋ ଚାମ୍ପିଅନସିପ୍‌ରେ କୁଆରମୁଣ୍ଡାର ୬ ଖେଳାଳି ମନୋନୀତ



**ରାଉରକେଲା, ୧।୧୨(ସମିସ):** ୧୩ ତମ କନିଷ୍ଠ ରାଜ୍ୟସ୍ତରୀୟ ବାଳକ ଓ ବାଳିକା ଖୋ ଖୋ ଚାମ୍ପିଅନସିପ୍‌ରେ କୁଆରମୁଣ୍ଡା ବ୍ଲକର ୪ ଜଣ ବାଳକ ଓ ୨ ଜଣ ବାଳିକା ଖେଳାଳି ଅଂଶ ଗ୍ରହଣ କରିଛନ୍ତି। ସେମାନେ ହେଲେ ବିକାଶ ବଡାଇକ, ଅନୁଶ ମୁଣ୍ଡାରୀ, ଆୟୁଷ ଖାଲଖ, ଓ ସମିର ଖାଲଖ, ମାଳତୀ ଏକା, ନିବେଦିତା ବାର୍ଲା ସୁନ୍ଦରଗଡ଼ ଦଳରେ ସ୍ଥାନ ପାଇଛନ୍ତି। ଉକ୍ତ ପ୍ରତିଯୋଗିତା ପୁରୀ ଜିଲ୍ଲା ତାଳବଣିଆ ଇଣ୍ଡୋର୍ ଷ୍ଟାଡିୟମରେ ନଭେମ୍ବର ୨୭ ରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିଛି। ସମସ୍ତ ଖେଳାଳିଙ୍କୁ ଖୋଖୋ ପ୍ରଶିକ୍ଷକ ଅନିଲ ସାହୁ ତାଲିମ୍ ଦେଉଥିଲେ କ୍ଷ“ବିକାସ, ଅନୁଶ୍ର, ସରକାରୀ ଉଜି ଉଚ୍ଚ ବିଦ୍ୟାଳୟ, ପଦମପୁର ପାଠ ପଢୁଛନ୍ତି ଓ ଆୟୁଷ ଶ୍ରମ ଶକ୍ତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବୀରମିତ୍ରପୁର ଯୁକ୍ତ ଦୁଇ କଳା ବିଭାଗ ପାଠ ପଢୁଛନ୍ତି। ସମୀର ଏଚପିସି କେନ୍ଦ୍ରରେ ପୁରୀରେ ଖେଳ ଅଭ୍ୟାସ ନେଉଛନ୍ତି। ଖେଳାଳିମାନଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରିତା ଲାକ୍ରା, ଖେଳ ଶିକ୍ଷକ କରିଶ୍ମା ତିର୍କୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ସିଂ। ବିଦ୍ୟାଳୟର ଛାତ୍ର ଛାତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

# ମାନସିକ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା

**ରାଉରକେଲା, ୧।୧୨(ସମିସ):** ରାଉରକେଲା ଆଇନ ମହାବିଦ୍ୟାଳୟରେ ଡକ୍ଟର ବିଭୁରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ଗୋପବନ୍ଧୁ ହୋମିଓପାଥିକ ହସ୍ପିଟାଲର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଅନୀଲ କୁମାର ମିଶ୍ର ଓ ଅଧ୍ୟାପିକା ଡକ୍ଟର ସୁନିତା ମହାରଣା ଯୋଗ ଦେଇଥିଲେ। ୱାଇଆର୍ସି ସ୍ଲୋଗାନ ଓ ଜାତୀୟ ସଙ୍ଗୀତ ଗାନ କରାଯାଇ ଏହି କର୍ମଶାଳାର ପ୍ରାରମ୍ଭ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପିକା, ପ୍ରାଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇ 'ହସ ହିଁ ମାନସିକ ଯନ୍ତ୍ରଣାରୁ ମୁକ୍ତିର ମାଧ୍ୟମ', ଯାହା ଜୀବନକୁ ଜୀଇଁବା ସରଳ ଓ ସହଜ କରି ଦିଏ ବୋଲି ମତପ୍ରକାଶ ପାଇଥିଲା। ଏଥି ସହିତ ଛାତ୍ରଛାତ୍ରୀ ଓ ଅତିଥିଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ଛାତ୍ରଛାତ୍ରୀଙ୍କ ମନରେ ଆଗ୍ରହ ସୃଷ୍ଟି କରିଥିଲା। ଏହି ସଚେତନତା ଶିବିରର ମଞ୍ଚ ପରିଚାଳନା ଛାତ୍ରୀ ସ୍ମୃତିମଞ୍ଜୁସା କରିଥିଲେ ଓ ଛାତ୍ର ଚିନ୍ମୟ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ଥାନାନ୍ତର ହେଲା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ର



**ରାଉରକେଲା, ୧।୧୨(ସମିସ)**

ରାଉରକେଲା ମହାନଗର ନିଗମ ପକ୍ଷରୁ ସୋମବାର ଏକ ଐତିହାସିକ ପଦକ୍ଷେପ ନିଆଯାଇଛି। ଏହି କ୍ରମରେ, ଦୀର୍ଘ ବର୍ଷ ଧରି ବିପିୟୁଟିଠାରେ ଥିବା ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରର ସ୍ଥାନାନ୍ତରଣ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଉରକେଲା ଗସ୍ତ ସମୟରେ ତରକେରାଠାରେ ନିର୍ମିତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରର ଉଦ୍‌ଘାଟନ କରିଥିବାବେଳେ ସୋମବାର ଏହାର ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି।


ତରକେରା ଠାରେ ନିର୍ମିତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କେନ୍ଦ୍ରରେ ଅତ୍ୟାଧୁନିକ ମେସିନ୍ ସାହାଯ୍ୟରେ ପ୍ରକ୍ରିୟାକରଣ କରାଯିବ। ଏଠାରେ ଦୁଇଟି ଅଣୁ ଖତ ପ୍ରକ୍ରିୟାକରଣ କେନ୍ଦ୍ର ରହିଥିବା ବେଳେ ଗୋଟିଏ ବସ୍ତୁ ପୁନଃଲାଭ କେନ୍ଦ୍ର ରହିଛି। ଅଣୁ ଖତ ପ୍ରକ୍ରିୟାକରଣ କେନ୍ଦ୍ରର ଦୈନିକ କ୍ଷମତା ୫ ମେଟ୍ରିକ୍ ଟନ୍ ରହିଥିବା ବେଳେ ବସ୍ତୁ ପୁନଃଲାଭ କେନ୍ଦ୍ରର ଦୈନିକ କ୍ଷମତା ୨୦ ଟନ୍ ରହିଛି। ଏଠାରେ ସୂଚନାଯୋଗ୍ୟ ଯେ, ବର୍ଷ ବର୍ଷ ଧରି ବିପିୟୁଟିଠାରେ ଅଳିଆ ଆବର୍ଜନା ପଡୁଥିଲା। ଯାହା ଫଳରେ ବିପିୟୁଟି, ଛେଣ୍ଡ ଅଞ୍ଚଳ ସମେତ ଏହାର ଆଖାପାଖ ଅଞ୍ଚଳର ଲୋକଙ୍କ ଚଳପ୍ରଚଳରେ ସମସ୍ୟା ସୃଷ୍ଟି ହେଉଥିଲା। ଯେଉଁଥିପାଇଁ ଏହାର ସ୍ଥାନାନ୍ତର ପାଇଁ ରାଉରକେଲା ମହାନଗର ନିଗମ ଯୋଜନା କରିଥିବାବେଳେ ତରକେରା ଏକ ସ୍ଥାନ ଯାହା ଜନବସତି ଠାରୁ ଦୂରରେ ତାହାକୁ ବଛା ଯାଇଥିଲା। ଆଉ ସେହି ସ୍ଥାନାନ୍ତରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଛି।

ଏଥିସହ ବହୁ ବର୍ଷ ଧରି ପଡ଼ି ରହିଥିବା ପୁରୁଣା ଅଳିଆ ଆବର୍ଜନା ତଥା ବର୍ଜ୍ୟବସ୍ତୁ ଗୁଡ଼ିକର ବାୟୋ ମାଇନିଂ ପ୍ରକ୍ରିୟା ଚାଲୁ ରହିଥିବାବେଳେ ତାହା ମଧ୍ୟ ଖୁବ୍‌ଶୀଘ୍ର ଶେଷ ହେବ ବୋଲି ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର୍ ସୂଚନା ଦେଇଛନ୍ତି।""ଏଥିସହ ରାଉରକେଲା ମହାନଗର ନିଗମ ଆୟୁକ୍ତ ଦୀନା ଦସ୍ତଗୀର୍ କହିଛନ୍ତି ଯେ, ବିପିୟୁଟି ନିକଟରେ ଆଉ ଅଳିଆ ଆବର୍ଜନା ନ ପକାଇବାକୁ ଆରଏମସି ତରଫରୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ବିପିୟୁଟି

**ତରକେରାଠାରେ ହେଲା ପୂର୍ଣ୍ଣ କାର୍ଯ୍ୟକ୍ଷମ**

ନିକଟରେ ଆଉ ଅଳିଆ ଆବର୍ଜନା କିମ୍ବା ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ନ ପକାଇବାକୁ ରାଉରକେଲାବାସୀଙ୍କୁ ଅନୁରୋଧ କରିଛନ୍ତି। ଏଥିରେ ଖିଲାପ କଲେ ଖିଲାପକାରୀଙ୍କ ଠାରୁ ଜରିମାନା ଆଦାୟ କରାଯିବା ସହ ତାଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସେ ଏହି କ୍ଷେତ୍ରରେ ସଭିଙ୍କ ସହଯୋଗ କାମନା କରିବା ସହ ଏକ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ରାଉରକେଲା ଗଠନରେ ସମସ୍ତେ ସାମିଲ୍ ହେବାକୁ ସେ ଆହ୍ୱାନ ଦେଇଛନ୍ତି।

ଦ୍ୱାଦଶାହ ଅବସରରେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୯ ସର୍ଗତ ହିନା ପଟ୍ଟନାୟକ
ଗ୍ରାମ- ଗନ୍ଧିପାଲି
ଆବିର୍ଭାବ : ୧୦.୦୫.୧୯୪୦, ତିରୋଧାନ : ୨୧.୧୧.୨୦୨୫
ଦ୍ୱାଦଶାହ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା
ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

# ମେଘୁଆ ପାଗ ଚିନ୍ତାରେ ଚାଷୀ, ନିରବ ନେତା

ପଦ୍ମପୁର, ୧।୧୨(ସମିସ)



ପଦ୍ମପୁର ଉପଖଣ୍ଡରେ ଗତ ୨୮ ତାରିଖରୁ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ସଂଗ୍ରହ ପ୍ରକ୍ରିୟାକୁ ସୋମବାର ୪ ଦିନ ବିତିଥିବା ବେଳେ ସୋମବାର ଭୋରରୁ ବର୍ଷା ହୋଇଛି। ଅନେକ ସ୍ଥାନରେ କ୍ଷେତ, ଖଳାରେ ପଡ଼ିଥିବା ଅମଳ ଧାନ ଭିଜିଯାଇଛି। ଏହା ଚାଷୀଙ୍କ ଚିନ୍ତା ବଢ଼ାଇଛି। ହେଲେ ପଦ୍ମପୁର ଉପଖଣ୍ଡର ୬ ବ୍ଲକରେ ଏପର୍ଯ୍ୟନ୍ତ ଧାନ କିଣାବିକା ସ୍ୱାଭାବିକ ହୋଇନାହିଁ। କିଛି ଚାଷୀଙ୍କ ଟୋକନ ଆସିଥିବା ବେଳେ ସେମାନେ ମଣ୍ଡିକୁ ଧାନ ଧରି ଆଣିଛନ୍ତି। ବିକ୍ରି ଆଶା ନେଇ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମଣ୍ଡିରେ ଭୋକ ଉପାସରେ ରହୁଛନ୍ତି। କିନ୍ତୁ ମଣ୍ଡିକୁ ଆଣିଥିବା ଧାନ ବିକ୍ରି ହେଉ ନାହିଁ ଏବଂ ଶେଷରେ ଚାଷୀଙ୍କୁ ନିରାଶରେ ଘରକୁ ଫେରିବାକୁ ପଡୁଛି। ଅନ୍ୟପଟେ ମିଲର୍ସମାନେ ସେମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାନ ସଂଗ୍ରହ ପ୍ରକ୍ରିୟାରେ ଚୁକ୍ତିନାମା କରିବେ ନାହିଁ ଏବଂ ଧାନ ଉଠାଇବେ ନାହିଁ ବୋଲି ନିଜ ଜିଦ୍‌ରେ ଅଟଳ ଅଛନ୍ତି। ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ ଅସହାୟ ହୋଇ ପଡ଼ିଥିବା ବେଳେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ନୀରବତା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଜିଲ୍ଲାବ୍ୟାପୀ ଚାଷୀ ମହଲରେ ଅସନ୍ତୋଷ ଲାଗି ରହିଛି। ଭବିଷ୍ୟତରେ ବଡ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବାର ସମ୍ଭାବନା ଜୁଟାଉଛି। ଏପର୍ଯ୍ୟନ୍ତ ଜିଲ୍ଲାର ୫ ହଜାରରୁ ଅଧିକ ଚାଷୀ ଧାନବିକ୍ରି ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟା ପୂର୍ବରୁ ସମସ୍ତ ଚାଷୀ ପଞ୍ଜୀକୃତ ହେବେ ବୋଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣାସ୍ଥଳୀରେ ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ ପ୍ରତିଶ୍ରୁତି ଦେଇଥିଲେ। ତାହା ଏବେ ପାଣିର ଗାର ସାବ୍ୟସ୍ତ ହୋଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୩୦୦ଟଙ୍କା ଏବଂ ଇନପୁଟ୍ ବୋନସ୍ ୮୦୦ ଟଙ୍କା ମିଶାଇ ୩୧୦୦ ଟଙ୍କା ପୂର୍ବରୁ ପ୍ରଦାନ କରିବାକୁ ସରକାର କହିଥିଲେ। କିନ୍ତୁ କେନ୍ଦ୍ର ସରକାର ଏଥର ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ୨୩୬୯ଟଙ୍କାକୁ ବୃଦ୍ଧି କରିଛନ୍ତି। ଏଣୁ ଚାଷୀ ଧାନ କ୍ୱିଣ୍ଟାଲ ପ୍ରତି ୩୧୬୯ଟଙ୍କା ପାଇବା କଥା। ମାତ୍ର ତାହା ଦେବା ପାଇଁ ଏବେ ସରକାର ଅରାଜି। ବୋନସ ସହିତ ଧାନଦର କ୍ୱିଣ୍ଟାଲ ପ୍ରତି ପୂର୍ବଭଳି ୩୧୦୦ ଟଙ୍କାରେ ସୀମିତ ରଖିବା ସାଧାରଣରେ ଆଲୋଚିତ ହେଉଛି। ଏଭଳି ସ୍ଥିତିରେ ସରକାର ନିଜ ଘୋଷିତ ବୋନସ ରାଶିକୁ ୮୦୦ରୁ ୭୩୧ ଟଙ୍କା ହ୍ରାସ କରିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସାଧାରଣତଃ ଅକ୍ଟୋବର ମାସ ଶେଷ ସୁଦ୍ଧା ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବସି ନଭେମ୍ବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ପଦ୍ମପୁର ଉପଖଣ୍ଡରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ମାତ୍ର ଇତିମଧ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାର ୪ ଦିନ ବିତିଥିଲେ ସୁଦ୍ଧା ମଣ୍ଡି ଗୁଡିକରେ ବସ୍ତାଟିଏ ମଧ୍ୟ ଧାନ ଉଠି ପାରି ନାହିଁ।

ସେପଟେ ମିଲର୍ସମାନେ ସେମାନଙ୍କ ଦାବି ହାସଲ ନେଇ ଜିଦ୍‌ରେ ଅଟଳ। ରବିବାର ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅଲ୍ ଓଡ଼ିଶା ମିଲର୍ସ ଆସୋସିଏଶନର ବୈଠକ ବସିଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ମିଲର୍ସମାନେ ମଣ୍ଡିରୁ ଧାନ ଉଠାଇବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଆସୋସିଏସନର ମୁଖ୍ୟ ଉପଦେଷ୍ଟା ସନ୍ତୋଷ ଅଗ୍ରୱାଲ କହିଛନ୍ତି, ମିଲର୍ସ ଆସୋସିଏସନ ଗତବର୍ଷରୁ ସରକାରଙ୍କ ପାଖରେ ଦାବି ରଖି ଆସିଛି। ଏଥର ମଧ୍ୟ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ସେହି ଦାବି ସରକାରଙ୍କଠାରେ ଉପସ୍ଥାପନ କରିସାରିଛି। ମାତ୍ର ସରକାର ତାକୁ ଗୁରୁତ୍ୱ ଦେଇ ନଥିବାରୁ ଦାବି ପୂରଣ ନହେବା ଯାଏଁ ଧାନ ଉଠାଇବୁ ନାହିଁ। ବିଭିନ୍ନ ରାଜ୍ୟରେ ସରକାର ଧାନ କିଣି ନିଜ ହେପାଜତରେ ରଖୁଛନ୍ତି ଏବଂ ମିଲର୍ସଙ୍କ ଆବଶ୍ୟକତା ଅନୁସାରେ କଷ୍ଟମ ମିଲିଂ ପାଇଁ ଦିଆଯାଉଛି। କିନ୍ତୁ ଆମ ଏଠାରେ ମିଲର୍ସଙ୍କ ଉପରେ ସବୁ ବୋଝ ଲଦି ଦିଆଯାଉଛି। ଅନ୍ୟପଟେ ମିଲର୍ସମାନେ ଧାନ ସଂରକ୍ଷଣ ପାଇଁ ବୀମା କରୁଛନ୍ତି ଏବଂ କ୍ୱିଣ୍ଟାଲ ପ୍ରତି ସାଢ଼େ ୩ ରୁ ୪ଟଙ୍କା ନିଜ ହାତରୁ ଖର୍ଚ୍ଚ କରୁଛନ୍ତି। ଏହାସତ୍ତ୍ୱେ ସରକାର ମିଲିଂ ଚାର୍ଜ ବୃଦ୍ଧି ସହିତ ଅନ୍ୟ ଦାବି ପୂରଣ କରୁ ନାହାନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାନ ସଂଗ୍ରହ ପ୍ରକ୍ରିୟାରେ ଚୁକ୍ତିନାମା କରିବାକୁ କୌଣସି ମିଲର୍ସ ସହମତି ପ୍ରକାଶ କରୁ ନାହାନ୍ତି।

## ସୁନା ଦୋକାନରୁ ଚୋରି ଘଟଣା

# ୮ ଦିନ ପରେ ବି ପୁଲିସ ହାତ ଖାଲି

**ଭେଡେନ, ୧।୧୨(ସମିସ):** ଭେଡେନ ଥାନା ନିକଟରୁ ମାତ୍ର ୨୦୦ ମିଟର ଦୂରରେ ଭେଡେନ ଅଞ୍ଚଳର ଶ୍ରୀକୃଷ୍ଣ ସୁନା ଦୋକାନରୁ ଚୋରି ଘଟଣାକୁ ଇତି ମଧ୍ୟରେ ୮ ଦିନ ବିତିଥିବା ବେଳେ ପୁଲିସ ଅଭିଯୁକ୍ତଙ୍କୁ ଧରିବାରେ ଅସଫଳ ହୋଇଛି। ଗତ ୨୩ ତାରିଖରେ ଦିନ ସନ୍ଧ୍ୟା ସମୟରେ ଦୋକାନ ମାଲିକ ସାହେବ ସାହୁ ଦୋକାନରେ ଥିବା ସମୟର ମଟର ସାଇକେଲରେ ଦୁଇଜଣ ଅଜଣା ବ୍ୟକ୍ତି ଆସିଥିଲେ। ଜଣେ ଦୋକାନ ବାହାରେ ଗାଡି ପାଖରେ ଥିବାବେଳେ ଅନ୍ୟ ଜଣେ ଦୋକାନକୁ ଆସି ସୁନାରେ ତିଆରି ବିନ୍ଦି ଦେଖାଇବାକୁ କହିଥିଲେ। ଦୋକାନ ମାଲିକ ବ୍ୟସ୍ତ ଥିବାର ସୁଯୋଗ ନେଇ ସେ ତାଙ୍କ ଡ୍ରଅର ଜରିରେ ଥିବା ୩୦ଗ୍ରାମ ସୁନା ଅଳଙ୍କାର ନେଇ ଦୁଇଜଣ ଦୁର୍ବୃତ୍ତ ମଟର ସାଇକେଲରେ ଫେରାର ହୋଇଯାଇଥିଲେ। ଏନେଇ ଦୋକାନ ମାଲିକ ଭେଡେନ ଥାନାରେ ଲିଖିତ ଅଭିଯୋଗ କରିବା ସହ ଦୋକାନରେ ଲାଗିଥିବା ସିସି ଟିଭିରେ କଏଦ ହୋଇଥିବା ଚୋରି କରୁଥିବା ଚୋରର ଫଟୋ ଦେଇଥିଲେ। ଏନେଇ ଭେଡେନ



ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଘଟଣା ତଦନ୍ତ କରିଥିଲା। ହେଲେ ଆଜକୁ ଆଠ ଦିନ ବିତିଯାଇଥିଲେ ମଧ୍ୟ ଚୋରକୁ ଧରିବାରେ ପୁଲିସ ଅସଫଳ ରହିଥିବାର ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଜେଜେ ବାପା ଜେଜେ ମାଆ ସମ୍ମିଳନୀ

**ପଦ୍ମପୁର, ୧।୧୨(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଜେଜେ ବାପା ଜେଜେ ମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ରନାଥ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିଶୁମାନଙ୍କୁ ଠିକ୍ ଭାବରେ ଗଢ଼ି ତୋଳିବାରେ ଜେଜେ ବାପା ଜେଜେ ମାଆଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ମାର୍ଗ ଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତ ଶିକ୍ଷକ ହରିହର ସାହୁ ଯୋଗଦେଇ ପ୍ରବଚନ କାର୍ଯ୍ୟକ୍ରମ କରିଥିଲେ। ଶିଶୁ ଭଉଣୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସଭାପତି ପୃଥ୍ୱିରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଞ୍ଜୀବ ସାହୁ ଓ ସସ୍ମିତା ଶତପଥୀ ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୨୫୦ ଜଣ ଜେଜେ ବାପା ଜେଜେ ମାଆ ଓ ମାତୃଭାରତୀର ସଦସ୍ୟାମାନେ ମଧ୍ୟ ଉପସ୍ଥିତ ଥିଲେ।

## ପୁସ୍ତକର ପଠନ ଦ୍ୱାରା ଜ୍ଞାନର ପରିସୀମା ବୃଦ୍ଧି ଘଟିଥାଏ

# ବରଗଡ଼ ପୁସ୍ତକ ମେଳା ଉଦ୍‌ଯାପିତ



**ବରଗଡ଼, ୧।୧୨(ସମିସ):** ବରଗଡ଼ ପୁସ୍ତକ ମେଳା ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ପ୍ରକାର ପୁସ୍ତକର ପଠନ ଦ୍ୱାରା ଜ୍ଞାନର ପରିସୀମା ବୃଦ୍ଧି ଘଟିଥାଏ ବୋଲି କହିଛନ୍ତି ବିଶିଷ୍ଟ ନାଟ୍ୟକାର, ଲେଖକ, ଶିକ୍ଷାବିତ ତଥା ସାରସ୍ୱତ ସାଧକ ଡ.ଉମେଶ ଚନ୍ଦ୍ର ଶତପଥୀ ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ହେଉଥିବା ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଛନ୍ତି। ସେ ଉଦାହରଣ ଦେଇ କହିଥିଲେ ଯେ ବିଶ୍ୱର ବଡ଼ ବଡ଼ ଚିନ୍ତା ନାୟକ ଡ. ବି ଆର ଆମ୍ବେଦକର ହୁଅନ୍ତୁ କି ଆବ୍ରାହମ୍ ଲିଙ୍କନ ହୁଅନ୍ତୁ ସେମାନଙ୍କ ମଧ୍ୟ ସବୁ ବ୍ୟସ୍ତତା ଭିତରେ ପୁସ୍ତକ ପଠନ ନିତ୍ୟ ନୈମିତ୍ୟ ଅଭ୍ୟାସ ଥିଲା। ଜାପାନର ଲୋକଙ୍କ ପୁସ୍ତକ ପଠନ ର ଉଦାହରଣ ଦେବା ସହ ଭାରତବର୍ଷର ଜେଏନୟୁ ରେ ମଧ୍ୟ ଲାଇବ୍ରେରୀ ୨୪ ଘଣ୍ଟା ଖୋଲା ରହିବା ପୁସ୍ତକ ପଠନ ଅଭ୍ୟାସର ଅନନ୍ୟ ଉଦାହରଣ ଅଟେ ବୋଲି ଡ. ଶତପଥୀ କହିଥିଲେ। ପାଠାଗାରର ସଭାପତି ଅରୁଣ କୁମାର ମହାନ୍ତିଙ୍କ ସଭାପତିତ୍ୱ ଓ ଉପସଭାପତି ମନୋରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଗାନ୍ଧୀଙ୍କ ନାମରେ ଗାନ୍ଧୀ ସ୍ମୃତି ପାଠାଗାର ହୋଇଥିବାରୁ ଖୁସି ବ୍ୟକ୍ତ କରିବା ସହ ସ୍ୱାଧୀନତା ସଂଗ୍ରାମରେ ମହାତ୍ମାଗାନ୍ଧୀଙ୍କ ସାଲିସ ବିହୀନ ସଂଘର୍ଷର ସ୍ମୃତି ଚାରଣ କରିଥିଲେ। ସଭା ପୂର୍ବରୁ ମୁଖ୍ୟ ଅତିଥି ଶ୍ରୀ ପୁରୋହିତ ଓ ମୁଖ୍ୟବକ୍ତା ଡ.ଶତପଥୀ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଆରମ୍ଭ କରିଥିଲେ। ଉଭୟ ଅତିଥିଙ୍କୁ ପାଠାଗାର ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରଗଡ଼ ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବ ଅବସରରେ ଗାନ୍ଧୀ ସ୍ମୃତି ପାଠାଗାର ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅଶୋକ ଯୋଷୀଙ୍କ ଦ୍ୱାରା ପ୍ରଯୋଜିତ ଦୟାଲାଲ ଯୋଷୀ ସ୍ମୃତି ସମ୍ମାନ ପାଇଥିଲେ ସାରସ୍ୱତ ସାଧକ ଅଧ୍ୟାପକ ମୋହନ ସାହୁ। ହରିଶ୍ଚନ୍ଦ୍ର ମେହେରର ଦ୍ୱାରା ପ୍ରାୟୋଜିତ ଗଙ୍ଗାଧର ସାହିତ୍ୟ ସ୍ମୃତି ସମ୍ମାନ ପାଇଥିଲେ ଲେଖକ, ସାହିତ୍ୟିକ ଡ.ଘନଶ୍ୟାମ ପାଣିଗ୍ରାହୀ, ସାଗରିକା ସାହୁ ଓ ସମୀର ସାହୁଙ୍କ ପ୍ରାୟୋଜିତ ଡୋଲାମଣି ସାହୁ ସ୍ମୃତି ସମ୍ମାନ ପାଇଥିଲେ ଜଟଲା ଗ୍ରାମର ଚାଷୀ ମୃତ୍ୟୁଞ୍ଜୟ ଭୋଇ।

ସେହିପରି କନକ ପ୍ରଧାନଙ୍କ ଦ୍ୱାରା ପ୍ରଯୋଜିତ ବୁଦ୍ଧଦେବ ପ୍ରଧାନ ସ୍ମୃତି ସମ୍ମାନ ପାଇଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ରୀନା ଦାଶଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବରୁ ଦ୍ୱିତୀୟ ସନ୍ଧ୍ୟାରେ ଡ.ରାମ ବଲ୍ଲଭ ମିଶ୍ରଙ୍କ ଦ୍ୱାରା ପ୍ରାୟୋଜିତ ବାଲୁଙ୍କେଶ୍ୱର ମିଶ୍ର ସ୍ମୃତି ସମ୍ମାନ ପାଇଥିଲେ ଆର୍ନ୍ତଜାତିକ କ୍ରିଡାବିଦ୍ ବରଗଡ଼ର ପ୍ରତୀକ ମହାରଣା। ଏହି ସମସ୍ତ ସମ୍ମାନ ନଗଦ ୫୦୦୦ ଟଙ୍କା, ସ୍ମାରକୀ, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୁସ୍ତକ ମେଳା ପାଠାଗାର ସଭାପତି ଶ୍ରୀ ମହାନ୍ତି, ଉପସଭାପତି ଶ୍ରୀ ସାହୁ, ସମ୍ପାଦକ ରବି ପଣ୍ଡା, ଯୁଗ୍ମସମ୍ପାଦକ ଅନୁପ ଦର୍ଜି, କୋଷାଧ୍ୟକ୍ଷ ହୃଷୀକେଶ ଦାଶ, ବରିଷ୍ଠ ସଦସ୍ୟ ପତିତପାବନ ସାହୁ, ସନ୍ତୋଷ ପଣ୍ଡା, ଜୟ ପ୍ରକାଶ ଶତପଥୀ, ଜୟଶ୍ରୀ ସାହୁ, ଡ.ସଂଘମିତ୍ରା ମିଶ୍ର, ବିକ୍ରମାଦିତ୍ୟ ପଣ୍ଡା, ଉମେଶ ଚନ୍ଦ୍ର ବିଶ୍ୱାଳ, ଅମିୟ ଭୂଷଣ ସାହୁ, ଗୌରୀ ଶଙ୍କର ପଣ୍ଡା, ଡ.ରବି ନାରାୟଣ ସାହୁ, ଡୋଳାମଣି ଶତପଥୀ, ଶୁଭମ ଭିତିରିଆ, ମିଳନ ପ୍ରଧାନ ପ୍ରମୁଖଙ୍କ ସକ୍ରିୟ ସହଯୋଗ କରିଥିଲେ।

# ଶିକ୍ଷକ ଆନ୍ଦୋଳନକୁ ପ୍ରାଥମିକ ଶିକ୍ଷକ ସଂଘର ସମର୍ଥନ

**ପଦ୍ମପୁର, ୧।୧୨(ସମିସ):** ପ୍ରାଥମିକ ଶିକ୍ଷକ ମହାସଂଘ ଓଡ଼ିଶା ପକ୍ଷରୁ ଦୁଇଗୋଟି ଦାବିକୁ ନେଇ ଆସନ୍ତା ଡିସେମ୍ବର ୫ ତାରିଖରେ ଦେଇଥିବା ଆନ୍ଦୋଳନ ଡାକରାକୁ ନୂତନ ପେନସନ ଭୁକ୍ତ ରାଜବୋଡ଼ାସମ୍ବର ବ୍ଲକ ପ୍ରଥମିକ ଶିକ୍ଷକ ସଂଘ ପକ୍ଷରୁ ଦୃଢ଼ ସମର୍ଥନ କରାଯାଇଛି। ଏନେଇ ସଂଘ ସଭାପତି ହେମନ୍ତ କୁମାର ଛୁରା, ସମ୍ପାଦକ ଅଶୋକ କୁମାର ସାହୁ ଘୋଷଣା କରିଛନ୍ତି। ପୂର୍ବତନ ସଂଘ ସଭାପତି ସରୋଜ ପ୍ରସାଦ ଷଡ଼ଙ୍ଗୀ, ରଘୁନାଥ ପୁରୀଙ୍କ ମାର୍ଗଦର୍ଶନରେ ରାଜବୋଡ଼ାସମ୍ବର ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଘ ପକ୍ଷରୁ ରଖାଯାଇଥିବା ଦାବି ଯାହାକି ପ୍ରଥମିକ ଶିକ୍ଷକମାନଙ୍କର ମୂଳ ପୋଷ୍ଟକୁ ଅପଗ୍ରେଡ କରାଯାଇ ମୂଳ ବେତନକୁ ୩୫୪୦୦ କରାଯିବା ଏବଂ ୨୦୦୧ ମସିହାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କର ଠିକା କାର୍ଯ୍ୟକୁ ମୂଳ ଚାକିରିରେ ଗଣନା କରି ୬ଟି ନେସନାଲ୍ ଇନକ୍ରିମେଣ୍ଟ ପ୍ରଦାନକୁ ଦୃଢ଼ ସମର୍ଥନ ଜଣାଇ ରାଜବୋଡ଼ାସମ୍ବର ବ୍ଲକର ଶିକ୍ଷକମାନେ ଆନ୍ଦୋଳନରେ ଯୋଗଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ଶିକ୍ଷକ ନେତ୍ରାନନ୍ଦ ସାହୁ, ମନୋଜ ସାହୁ, ସାନ୍ତନୁ ସରାପ୍, ଶିକ୍ଷୟିତ୍ରୀ ମମତା ମିଶ୍ର, ନିଳାଦ୍ରୀ ନାଏକ ପ୍ରମୁଖ ଅନ୍ଦୋଳନକୁ ଦୃଢ଼ ସମର୍ଥନ ଦେଇଥିଲେ।

# ଶ୍ରୀଅରବିନ୍ଦ ସ୍କୁଲର ବାର୍ଷିକ କ୍ରୀଡ଼ା

**ପଦ୍ମପୁର, ୧।୧୨(ସମିସ):** ପଦ୍ମପୁର ଅଦିତି ବିହାରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର



ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରୀତିରଞ୍ଜନ ପ୍ରଧାନ ମାତୃପତାକା ଉତ୍ତୋଳନ କରି କ୍ରୀଡ଼ୋତ୍ସବକୁ ଉଦ୍‌ଘାଟିତ କରିଥିଲେ। ଖେଳ ଶିକ୍ଷକ ଜଗନ୍ନାଥ ସାହୁ ଏବଂ ସୁବ୍ରତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ତଥା ପ୍ରଶାସକ ଭରତ ଚନ୍ଦ୍ର ସାହୁଙ୍କ ମାର୍ଗଦର୍ଶନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ପଦକ ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ପରିଚାଳନା ପରିଷଦର ଆଦିତ୍ୟ ରଥ, ରଘୁମଣି ପୁରୋହିତ, ଦିଲୀପ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧକ୍ଷା ଆହ୍ଲାଦିନୀ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟ ମା'ପୁଢ଼ି କ୍ରିକେଟ୍ କପ୍ କ୍ରିକେଟ୍

# ସରେଇକେଲା ଚାମ୍ପିଅନ



**ପଦ୍ମପୁର, ୧।୧୨(ସମିସ):** ପଦ୍ମପୁର ଉପଖଣ୍ଡ ସରେଇକେଲା ଗ୍ରାମର ଜୟ ମା' ପୁଢ଼ି କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ପଞ୍ଚାୟତ ପଡ଼ିଆରେ ପଞ୍ଚମ ଜୟ ମା' ପୁଢ଼ି କ୍ରିକେଟ ଟୁର୍ନାମେଣ୍ଟ-୨୦୨୫ ଅନୁଷ୍ଠିତ ହୋଇ ଉଦଯାପିତ ହୋଇଯାଇଛି। ସରେଇକେଲା ଜୟ ମା'ପୁଢ଼ି କ୍ରିକେଟ କ୍ଲବ୍ ଓ ନେତାଜୀ ସ୍ପୋର୍ଟିଂ ଖଲିଆପାଲି ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ୧୩ ରନରେ ନେତାଜୀ ସ୍ପୋର୍ଟିଂକୁ ହରାଇ ଜୟ ମା' ପୁଢ଼ି କ୍ରିକେଟ କ୍ଲବ୍ ଚମ୍ପିଅନ ହୋଇଥିଲା। ମ୍ୟାଚ୍‌ରେ ଜୟ ମା'ପୁଢ଼ି କ୍ରିକେଟ କ୍ଲବ୍‌ରୁ ମ୍ୟାନ ଅଫ ଦି ମ୍ୟାଚ୍ ଗୌରବ ସାହୁ, ନେତାଜୀ ସ୍ପୋର୍ଟିଂରୁ ମ୍ୟାନ ଅଫ ଦି ସିରିଜ ବଣ୍ଟି ବରିହା ବିବେଚିତ ହୋଇଥିଲେ। ଫାଇନାଲ ଦିନ ବିନୋଦ ବିହାରୀ ସାହୁ, ବାବୁଲାଲ ପ୍ରଧାନ, ସତ୍ୟ ସାହୁ, କୁଳମଣି ବାରିକ, ଅରୁଣ ପ୍ରଧାନ, ମାନସ ପଟେଲ, ଅଶୋକ ପ୍ରଧାନ ଅତିଥି ଭାବେ ଯୋଗଦାନ କରି ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସରେଇକେଲା ଗ୍ରାମବାସୀ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀଙ୍କ ତାଲିମ ଶିବିର ଉଦ୍‌ଯାପିତ

**ପଦ୍ମପୁର, ୧।୧୨(ସମିସ):** ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଯୁବ ରେଡ୍ କ୍ରସ୍ ସ୍ୱେଚ୍ଛାସେବୀଙ୍କ ଅଧ୍ୟୟନ ତଥା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଦିବସର ଶୁଭାରମ୍ଭ ଯୋଗାଭ୍ୟାସ ଓ ପରିସର ସଫେଇ କାର୍ଯ୍ୟକ୍ରମରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଛଅଟି ବ୍ଲକରୁ ଯୋଗଦାନ କରିଥିବା ୧୨୬ଜଣ ସ୍ୱେଚ୍ଛାସେବକ-ସେବିକା, ୪୦ଜଣ ସଂଯୋଜକ, ମହାବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ, ପ୍ରାଧ୍ୟାପିକା ଏବଂ ଅଧ୍ୟାପକ, ଅଧ୍ୟାପିକାଙ୍କ ମିଳିତ ସହାୟତାରେ ଯୁବ ରେଡ୍ କ୍ରସ୍‌ର ସଚେତନତା ବାର୍ତ୍ତା ନେଇ ପଦ୍ମପୁର ସହର ମଧ୍ୟରେ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦ୍ମପୁର ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଅଧିକାରୀ ବିଶ୍ୱମ୍ବର ବିଶ୍ୱାଳ ଓ ସହକର୍ମୀ ଶିବିରର ଅନ୍ତିମ ଦିବସରେ ଯୋଗଦାନ କରି ଅଗ୍ନିର ପ୍ରକାରଭେଦ, ସଂଯୋଗର କାରଣ ଓ ତା'ର ନିରାକରଣ ସମ୍ପର୍କରେ ଦୃଷ୍ଟାନ୍ତ ସହିତ ସ୍ୱେଚ୍ଛାସେବୀମାନଙ୍କୁ ବୁଝାଇ ଥିଲେ। ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସଭାରେ ପଦ୍ମପୁର ଉପଜିଲ୍ଲାପାଳ ତଥା ଉପଖଣ୍ଡ ଦଣ୍ଡାଧିକାରୀ କୁମାରୀ ସ୍ନେହା ଆରୁଗୁଲା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ପଞ୍ଚାୟତ ମହାବିଦ୍ୟାଳୟ ବରଗଡ଼ର ପ୍ରାକ୍ତନ ଅଧ୍ୟକ୍ଷ ଶ୍ରୀମାନ୍ ପତିତପାବନ ସାହୁ, ଗାଇସିଲାଟ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀ ଓ ସହକାରୀ ପ୍ରଫେସର୍ ଶ୍ରୀମାନ ମାନଭଞ୍ଜନ ପାଣିଗ୍ରାହୀ ଯୋଗଦାନ କରି ଯୁବ ରେଡ୍‌କ୍ରସ୍ ପ୍ରତିଷ୍ଠାତାଙ୍କ ଜୀବନୀ, ଉଦ୍ଦେଶ୍ୟ ଓ ସେବା ବିଷୟରେ ଜ୍ଞାନ ଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଯୋଜକ ପ୍ରମୋଦ ପାଣିଗ୍ରାହୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ, ଜିଲ୍ଲା ସଂଯୋଜକ ପରମାନନ୍ଦ ରଥ ଶିବିର ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସଂଯୋଜକ ଦୟାନିଧି ବରଗର୍ତ୍ତା। ଶିବିରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ସ୍ୱେଚ୍ଛାସେବୀ, ଅଂଶଗ୍ରହଣ କରିଥିବା ସ୍ୱେଚ୍ଛାସେବୀ ଓ ସମସ୍ତ ସଂଯୋଜକଙ୍କୁ ଅତିଥିମାନେ ସ୍ମାରକୀ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶେଷରେ ସଂଯୋଜିକା ଡ. ମମତାମୟୀ ଗୁରୁ ଧନ୍ୟବାଦ ଦେଇଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କନ୍ୟା ଶିବିର

**ପଦ୍ମପୁର, ୧।୧୨(ସମିସ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ସଭାପତି ପୃଥ୍ୱିରାଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା ଯୋଗଦେଇ ଶିଶୁ ଭଉଣୀମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଦୃଷ୍ଟିରୁ ନିଜର ଉନ୍ନତି ସଂଗେ ସଂଗେ ସମାଜର ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଅଞ୍ଚଳ ମହାବିଦ୍ୟାଳୟର ଜୀବ ବିଜ୍ଞାନ ପ୍ରଧାପିକା ତାପିନୀ ପଣ୍ଡା ଯୋଗଦେଇ ବର୍ତ୍ତମାନ ଯୁଗରେ ଝିଅମାନଙ୍କର ବେଶଭୂଷା, ଖାଦ୍ୟପେୟ, ଚାଲିଚଳନ ଓ ଆତ୍ମସୁରକ୍ଷା ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଆଇସିସି କମିଟି ସଭାପତି ପଙ୍କଜିନୀ ପ୍ରଧାନ ଯୋଗଦେଇ ମାଆ ବାପାଙ୍କ ସ୍ୱପ୍ନକୁ ବିଫଳ କରିବାରେ ଫେସବୁକ୍, ୱାର୍ଟସ୍‌ଅପ୍, ଇନ୍‌ଷ୍ଟାଗ୍ରାମ୍‌ର କୁପ୍ରଭାବ ଉପରେ ମାର୍ଗ ଦର୍ଶନ କରିଥିଲେ। ସୁଷମା ବିଶ୍ୱାଳ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କଲ୍ୟାଣୀ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ କହିଥିଲେ। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଭଉଣୀମାନେ ଶିବିରରେ ଯୋଗ ଦେଇଥିଲେ।

# ମାଧୋ ସିଂଙ୍କ ଫାଶୀ ଦିବସ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

**ପଦ୍ମପୁର, ୧।୧୨(ସମିସ):** ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଘେଁସ ମାଟିର ସଂଗ୍ରାମୀ ସହିଦ ବୀର ମାଧୋ ସିଂ ଏବଂ ତାଙ୍କର ଚାରି ପୁତ୍ର ହଟ୍ଟେ ସିଂ, କୁଞ୍ଜଲ ସିଂ, ଅଏରୀ ସିଂ, ବୈରୀ ସିଂ ଇଂରେଜଙ୍କ ସହିତ ଲଢ଼େଇରେ ସହିଦ ହୋଇ ଯାଇଛନ୍ତି। ଏଥିପାଇଁ



ପ୍ରତେକ ବର୍ଷ ଡିସେମ୍ବର ୩୧ ତାରିଖରେ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲା ପକ୍ଷରୁ ସହିଦ ବୀର ମାଧୋ ସିଂଙ୍କ ଫାଶୀ ଦିବସ ସ୍ମୃତି ଉଦ୍ଦେଶ୍ୟରେ ବୀରତା ଦିବସ ଭାବରେ ମାଧୋ ସିଂଙ୍କ ଜନ୍ମମାଟି ଘେଁସ ଗ୍ରାମରେ ପାଳନ ହୋଇ ଆସୁଛି। ଚଳିତ ବର୍ଷର ଡିସେମ୍ବର ୩୧ ତାରିଖ ଦିନ ବହୁତ ଆଡ଼ମ୍ବରରେ ବୀରତା ଦିବସ ପାଳନ କରାଯିବ। ଏଥିପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟ ଓ ଗଣଶିକ୍ଷା ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦାନ କରିବାକୁ ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲ୍ଲାର ସଂଘର ପ୍ରତିଷ୍ଠାତା ଶ୍ରୀମାନ ଗୋବର୍ଦ୍ଧନ ଭୋଏଙ୍କ ନେତୃତ୍ୱରେ ଜିଲ୍ଲା ସଭାପତି ଗୋବିନ୍ଦ ବରିହା, ଜିଲ୍ଲା ସମ୍ପାଦକ ଶ୍ରୀ ତ୍ରିଲୋଚନ ଭୁଏ, ସଞ୍ଜୟ ଜରଜରିଆ ଏବଂ ଭଟଲି ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଇରାଶିଷ ଆଚାର୍ଯ୍ୟ ଉପସ୍ଥିତ ରହି ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇଛି।

## ସହାୟତା ପାଇଁ ନିବେଦନ

# କର୍କଟ ରୋଗରେ ପୀଡ଼ିତ ଦାଶରଥୀ



**ବରଗଡ଼, ୧।୧୨(ସମିସ):** ବରଗଡ଼ ଜିଲ୍ଲା ବରପାଲି ବ୍ଲକ କୁମ୍ଭାରୀ ଗ୍ରାମର ଦାଶରଥୀ ସେଠ। ଏକ ଗରିବ ପରିବାରରେ ଜନ୍ମ ହୋଇ ମହାତ୍ମାଗାନ୍ଧୀଙ୍କ ଜୀବନୀରେ ପ୍ରଭାବିତ ହୋଇ ପିଲା ଦିନରୁ ମହାରା ଗାନ୍ଧୀଙ୍କ ଅବିକଳ ପ୍ରତିମୂର୍ତ୍ତି ଭାବେ ନିଜକୁ ସଜାଡି ଘଣ୍ଟା ଘଣ୍ଟା କାଳ ଛିଡା ହୋଇ ରହିବା କଳାରେ ପାରଙ୍ଗମ ହୋଇ ପାରିଥିଲେ। ତେଣୁ ଅନେକ ସରକାରୀ ଓ ରାଜନୈତିକ କାର୍ଯ୍ୟକ୍ରମ ତଥା ପ୍ରତ୍ୟେକ ବିବାହ, ବ୍ରତ, ଜନ୍ମଦିନ, ଏହିଭଳି ଅନେକ ଉତ୍ସବରେ ଷ୍ଟେଚୁ

## ମହାତ୍ମାଗାନ୍ଧୀଙ୍କ ଷ୍ଟାଚ୍ୟୁ ହୋଇ ସାଉଁଟିଥିଲେ ସ୍ୱତନ୍ତ୍ର ପରିଚୟ

ହୋଇ ଯାହା କିଛି ରୋଜଗାର କରୁଥିଲେ ସେଥିରେ ପରିବାର ପ୍ରତିପୋଷଣ କରି ଆସୁଥିଲେ ଦାଶରଥି। ହେଲେ ଦଇବ ସହିଲା ନାହିଁ, ପୁତ୍ର ସନ୍ତାନ ପାଇ ଆନନ୍ଦ ହେବା ପରିବର୍ତ୍ତେ ଦୁଃଖରେ ଭାଙ୍ଗି ପଡ଼ିଥିଲେ ଉଭୟ ସ୍ୱାମୀ ସ୍ତ୍ରୀ, କାରଣ ପୁଅ ଅନ୍ଧ ହୋଇ ଜନ୍ମ ହୋଇଥିଲା, ଯେଉଁ ପୁଅ ବଡ଼ ହୋଇ ବୃଦ୍ଧ ସମୟରେ ମା' ବାପାଙ୍କ ସାହାରା ହୋଇଥାନ୍ତା ସେହି ପୁଅର ସାହାରା ହୋଇଯାଇଥିଲେ ଦାସରଥୀ ଓ ତାଙ୍କ ସ୍ତ୍ରୀ। ହେଲେ ଏତିକିରେ ଦାସରଥୀଙ୍କ ଦୁଃଖ ସରିନ ଥିଲା, ଗତ ୫ ମାସ ହେବ କର୍କଟ ରୋଗରେ ଆକ୍ରାନ୍ତ ହୋଇପଡ଼ିଲେ ଦାସରଥୀ। ତାଙ୍କ ଚିକିତ୍ସା ପାଇଁ ଘରେ ଯାହା ଥିଲା ସବୁକିଛି ବିକ୍ରି କରି ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି ଦାସରଥୀ। ଦାସରଥୀ ସପ୍ତାହକୁ ଦୁଇଥର କୁମ୍ଭାରୀ ଗ୍ରାମରୁ ବୁର୍ଲା ଧାଉଁଛନ୍ତି ଚିକିତ୍ସା ପାଇଁ। ଅର୍ଥ ଅଭାବ ଏବେ ଦାସରଥୀଙ୍କ ଚିକିତ୍ସାରେ ବାଧକ ସାଜିଥିବା ବେଳେ ଘରେ ଖାଇବାକୁ ଦାନା ଗଣ୍ଡେ ନାହିଁ। କେବଳ କଳାକାର ଭତ୍ତା ଦୁଇ ହଜାର ଟଙ୍କାରେ ନାଁ ଦାସରଥୀଙ୍କ ଘରର ଚୁଲି ଜଳିବ ନାଁ ତାଙ୍କ ଚିକିତ୍ସା ହୋଇପାରିବ। ଯାହାକୁ ନେଇ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି ପରିବାର। ଚିକିତ୍ସା ସହାୟତା ପାଇଁ ଦୁଇମାସ ହେଲାଣି ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି ଦାଶରଥି ଏବଂ ଚିକିତ୍ସା ପାଇଁ ଅପେକ୍ଷାରେ ରହିଛନ୍ତି। ଏତେ ଦିନ ବିତିଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ, ତେଣୁ ସମଗ୍ର ଓଡ଼ିଶାବାସୀଙ୍କୁ ଆକୁଳ ନିବେଦନ କରି ଦୁଃଖ ଜଣାଇ ତାଙ୍କ ଆକାଉଣ୍ଟ ନମ୍ବରରେ ସହୃଦୟ ବ୍ୟକ୍ତିଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି ଦାସରଥି। ଭଗବାନ ଦାସରଥୀଙ୍କୁ ଶୀଘ୍ର ଆରୋଗ୍ୟ ପାଇଁ କାମନା କରିଛନ୍ତି ବିଶିଷ୍ଟ କଳାକାର ତଥା ସାମ୍ବାଦିକ ପ୍ରଭୁ ଚରଣ ମହାନ୍ତି। ଏଥିସହ ତାଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି।

# ବୁଡ୍ଡୁ ଦାଶଙ୍କ ପରଲୋକ

ବରପାଲି/ମହଦା, ୧।୧୨(ସମିସ): ବରପାଲି ବ୍ଲକ ମହଦାର ବୁଡ୍ଡୁ ଦାଶଙ୍କ ପରଲୋକ ହୋଇଯାଇଛି। ତାଙ୍କର ଅନ୍ତିମ ସମୟରେ ବଡ ପୁଅ ପୂର୍ଣ୍ଣଚନ୍ଦ୍ର ଦାଶ, ସାନ ପୁଅ ପ୍ରମୋଦ ଦାଶଙ୍କ ସମେତ ସମସ୍ତ ପରିବାର ଜନଙ୍କ ସହ ପୁତ୍ରବଧୂ, ଝିଅ, ନାତିନାତୁଣିମାନେ ଉପସ୍ଥିତ ଥିଲେ।



ସେ ଜଣେ ମେଳାପି, ଶାନ୍ତ ସ୍ୱଭାବର, ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କର ପରଲୋକ ଖବର ପ୍ରସାରିତ ହେବା ପରେ ଅଞ୍ଚଳର ବିଭିନ୍ନ ଶ୍ରେଣୀର ବହୁ ଲୋକଙ୍କ ଭିଡ଼ ବୃଦ୍ଧି ପାଇଥିଲା। ତାଙ୍କର ଶେଷକୃତ୍ୟ ସ୍ଥାନୀୟ ରାଞ୍ଜ ନଦୀ କୂଳରେ ଅନୁଷ୍ଠିତ ହୋଇଥିଲା। ମୁଖାଗ୍ନି ଜ୍ୟେଷ୍ଠପୁତ୍ର ପୂର୍ଣ୍ଣଚନ୍ଦ୍ର ଦାଶ ଦେଇଥିଲେ।

## ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ୩ବର୍ଷ କାରାଦଣ୍ଡ ଓ ଜରିମାନା

**ଯାଜପୁର, ୧।୧୨(ସମିସ):** ବରୀ-ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଝଁପଡ଼ା ଗ୍ରାମର ୧୩ ବର୍ଷୀୟ ନାବାଳିକାକୁ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ପ୍ରକାଶ ଯେନା ଓରଫ୍ ଡୋରାକୁ ଯାଜପୁର ଫାଷ୍ଟଟ୍ରାକ୍ ଦୌରାଜଜ୍ ୩ ବର୍ଷ କାରାଦଣ୍ଡ ଓ ଜରିମାନା ଆଦେଶ କରିଛନ୍ତି।ଜରିମାନା ଅନାଦେୟ ଆଉ ୬ ମାସ ଜେଲ୍ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଥାଉକି ଝଁପଡ଼ା ଗ୍ରାମର ପୀଡ଼ିତା ନାବାଳିକା ତା'ର ବଡ଼ବାପା ଘର ସାହୁପଡ଼ାରେ ରହି ୮ମ ଶ୍ରେଣୀରେ ପାଠ ପଢୁଥିଲେ।ଗତ ୨୦୨୪ ଜୁନ୍ ୨୩ ତାରିଖରେ ଝିଅଟି ଦୋକାନକୁ ସଉଦା ଆଣିବାକୁ ଯାଇଥିଲା ବେଳେ ଦୋକାନୀ ପ୍ରକାଶ ଯେନା (ଡୋରା) କେହି ନଥିବାର ସୁଯୋଗ ନେଇ ଝିଅଟିକୁ ଦୁଷ୍କର୍ମ କରଥିଲା। ଏ କଥା କାହାକୁ ଜଣାଇଲେ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲା। ବହୁ ସମୟଧରି ଝିଅ ଘରକୁ ନ ଫେରିବାରୁ ତା'ର ବଡ଼ବାପା ପରିବାର ଲୋକେ ଦୋକାନକୁ ଯାଇ ତାଙ୍କ ଘର ଲୋକଙ୍କୁ ପଚାରିବାରୁ ଝିଅ ଆସିନାହିଁ ବୋଲି କହିଥିଲେ ଓ ଗାଳି ଗୁଲଜ ଧମକ ଚମକ ଦେଇଥିଲେ। ତେବେ ଦୋକାନ ଆଗରେ ଝିଅର ଚପଲ ଦେଖି ଝିଅର ବଡ଼ବୋଉ ମାନସୀ ଯେନା ଏବଂ ଅନ୍ୟମାନେ ଅଭିଯୁକ୍ତର ଘରେ ଧାନବସ୍ତା ସନ୍ଧିରୁ ଅଚେତ ଅବସ୍ଥାରେ ଝିଅକୁ ଉଦ୍ଧାର କରିଥିଲେ। ଚେତା ଆସିବା ପରେ ଝିଅର ବୟାନ ଅନୁସାରେ ମାନସୀ ଯେନା ବରୀ-ରାମଚନ୍ଦ୍ରପୁର ଥାନାରେ ଏତଲା ଦେଇଥିଲେ। ଥାନା କେସ୍ ନଂ. ୩୯୬/୨୪ ଅନୁଯାୟୀ ଅଭିଯୁକ୍ତ ପ୍ରକାଶ ଯେନାଙ୍କୁ (ଡୋରା) ବରୀ ପୁଲିସ୍ ଗିରଫ୍ କରି କୋର୍ଟଚାଲାଣ କରିଥିଲେ। ଏଭଳି ଏକ ସମ୍ବେଦନଶୀଳ ମାମଲାର ବିଚାର କରି ସାକ୍ଷ୍ୟ ପ୍ରମାଣ ଅଧାରରେ ଯାଜପୁର ଫାଷ୍ଟଟ୍ରାକ୍ କୋର୍ଟ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ଶରତ କୁମାର ଦେହୁରୀ ଅଭିଯୁକ୍ତ ପ୍ରକାଶ ଜେନା (ଡୋରା)ଙ୍କୁ ୩ ବର୍ଷ କାରାଦଣ୍ଡ ଓ ୩ ହଜାର ଟଙ୍କାର ଜରିମାନା ଆଦେଶ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଜରିମାନା ଅନାଦେୟ ଆଉ ୬ ମାସର ଜେଲଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ପୀଡ଼ିତାଙ୍କ ପକ୍ଷରୁ ସରକାରୀ ଆଇନଜୀବୀ ପାର୍ଥସାରଥୀ ରାୟ ମାମଲା ପରିଚାଳନା କରୁଥିଲେ।

# ଚୋରି ଘଟଣାରେ ୭ ଅଭିଯୁକ୍ତ ଅଟକ

**ଧର୍ମଶାଳା, ୧।୧୨(ସମିସ):** ଧର୍ମଶାଳା ଅଞ୍ଚଳରୁ ବାରମ୍ବାର ଚୋରି ଘଟଣାରେ ପୁଲିସ ତତ୍ପର ହୋଇଉଠିଛନ୍ତି। ଗତ ତିନିଦିନ ତଳେ ମନ୍ଦିର ଚୋରି ଘଟଣାରେ ୪ ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଏବେ ପୁଲିସ ଘର ଚୋରିରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଠାବ କରିବାରେ ଲାଗିପଡ଼ିଛନ୍ତି। ଅଜି ସନ୍ଧ୍ୟା ପର୍ଯ୍ୟନ୍ତ ପୁଲିସ ୭ ଜଣ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଏହି ସଂଖ୍ୟା ଅଧିକ ହେବାର ଆଶଙ୍କା ରହିଛି। ସୂଚନା ମୁତାବକ ଧର୍ମଶାଳା ଥାନା ଜାରକା, ଶାନ୍ତିବଜାର, କୁମାରୀ, ଜାମୁବଣିଆଁ, ଗାନ୍ଧିଛକ ଆଦି ଅଞ୍ଚଳରୁ ଚୋରି ଘଟଣାରେ ପୁଲିସ ଆଜି ସୁଦ୍ଧା ୭ ଜଣ ଚୋରଙ୍କୁ ଧରି ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ତେବେ ଏହି ଚୋରିରେ ଅନ୍ୟ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ରହିଥିବାରୁ ସେମାନଙ୍କୁ ଧରିବା ପାଇଁ ଧର୍ମଶାଳା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରିରହିଛି। ତେବେ ଧରାପଡ଼ିଥିବା ଚୋରମାନଙ୍କ ମଧ୍ୟରୁ କିଛି ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ କେତେକ ବାହାର ଜିଲ୍ଲାର ବୋଲି ଜଣାପଡ଼ିଛି। ତଦନ୍ତ ଓ ଗିରଫଦାରିରେ ବାଧା ଉପୁଯିବା ଆଶଙ୍କାରେ ପୁଲିସ କୌଣସି ତଥ୍ୟ ଦେବାକୁ ମନା କରିଦେଇଛି। ସମସ୍ତ ଅଭିଯୁକ୍ତ ଧରାପଡ଼ିବା ପରେ ପୁଲିସ ମଙ୍ଗଳବାର କିମ୍ବା ବୁଧବାର ସାମ୍ବାଦିକ ସମ୍ମିଳନୀ ଡକାଇ ଘଟଣାର ପର୍ଦ୍ଦାଫାସ କରିବ ବୋଲି ଜଣାଯାଇଛି। ତେବେ ଥାନାରେ ଅଟକ ରହିଥିବା ଚୋରମାନଙ୍କୁ ସ୍ଥାନୀୟ ଅଞ୍ଚଳର କେଉଁମାନେ ବିଭିନ୍ନ ଘର ସମ୍ପର୍କରେ ତଥ୍ୟ ଯୋଗାଉଥିଲେ ଏବଂ ସେମାନଙ୍କ ଠାରୁ ଚୋରି ହୋଇଥିବା କେଉଁ କେଉଁ ସାମଗ୍ରୀ ଜବତ ହୋଇଛି ତାହାକୁ ପୁଲିସ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିବ ବୋଲି ସୂଚନା ଦିଆଯାଇଛି।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



**ଯାଜପୁର, ୧।୧୨(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୨୨୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୬ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୭୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୭୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ଯାଜପୁର ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ହେମନ୍ତ କୁମାର ମହନ୍ତ, ଭାରପ୍ରାପ୍ତ ତହସିଲଦାର ଅଜୟ କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଯାଜପୁରରେ ଅଣାୟତ୍ତ ହେଉଛି ଏଡ୍ସ

# ଗଲାଣି ୧୧୭ଙ୍କ ଜୀବନ; ୮୦ ନୂଆ ଚିହ୍ନଟ

**ଯାଜପୁର, ୧।୧୨(ସମିସ)**




ଏଡ୍ସ ରୋଗକୁ ନେଇ ସମଗ୍ର ବିଶ୍ୱ ଚିନ୍ତାରେ ଥିବା ବେଳେ ଏହି ଏଡ୍ସ ରୋଗୀଙ୍କ ସଂଖ୍ୟା ଯାଜପୁର ଜିଲ୍ଲାରେ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏହି ରୋଗ ପାଇଁ କୌଣସି ଚିକିତ୍ସା ବାହାରିନଥିବା ବେଳେ କେବଳ ଏହାକୁ ସଚେତନ ମାଧ୍ୟମରେ ନିୟନ୍ତ୍ରଣ କରାଯାଇପାରିବ। କିନ୍ତୁ ବିଭିନ୍ନ ମାଧ୍ୟମରେ ସଚେତନତା ସତ୍ତ୍ୱେ କାହିଁକି ଯାଜପୁର ଜିଲ୍ଲାରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହୋଇପାରୁନି ତାକୁ ନେଇ ଚିନ୍ତା ଦେଖାଦେଇଛି। ବିଗତ ବର୍ଷମାନଙ୍କ ଅପେକ୍ଷା ଚଳିତ ବର୍ଷ କେବଳ ୮୦ ଜଣ ଏଡ୍ସ ରୋଗୀ ଚିହ୍ନଟ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୭ ଜଣ ଏଡ୍ସ ରୋଗୀଙ୍କର ମୃତ୍ୟୁ ହୋଇସାରିଲେଣି।

ସୂଚନା ମୁତାବକ ଜିଲ୍ଲାରେ ୨୦୦୩ ମସିହାରୁ ଏଡ୍ସ ରୋଗ ପରୀକ୍ଷଣ ଆରମ୍ଭ ହୋଇଥିଲା। ୨୧ ବର୍ଷ ମଧ୍ୟରେ ମୋଟ ୫ ଲକ୍ଷ ୨୨ ହଜାର ୮୨୪ ଜଣଙ୍କୁ କାଉନସେଲିଂ କରାଯାଇ ଥିବା ବେଳେ ୫ ଲକ୍ଷ ୬୦୨ ଜଣଙ୍କ ରୋଗ ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୫୨୬ ଜଣ ପୁରୁଷ ଏବଂ ୩୫୩ ଜଣ ମହିଳାଙ୍କ ଶରୀରରେ ଏଡ୍ସ ଭୁତାଣୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ଗତ ୨୧ ବର୍ଷ ମଧ୍ୟରେ ୮୦ ଜଣ ପୁରୁଷ ଓ ୩୭ ଜଣ ମହିଳାଙ୍କୁ ମିଶାଇ ମୋଟ ୧୧୭ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ବିଶ୍ୱ ଏଡ୍ସ ଦିବସ ଅବସରରେ ସୂଚନା ମିଳିଛି। ସେହିପରି ବର୍ତ୍ତମାନ ସୁଦ୍ଧା ୫୬୭ ଜଣ ପୁରୁଷ ଏବଂ ୩୫୩ ଜଣ ମହିଳାଙ୍କ ଦେହରେ ଏଡ୍ସ ଭୁତାଣୁ ଚିହ୍ନଟ ହୋଇଛି। ଗତ ୨୦୧୭ ମସିହାରେ ଏହ ଜିଲ୍ଲାରେ ୪୪ ଜଣ, ୨୦୧୮ରେ ୩୯ ଜଣ, ୨୦୧୯ରେ ୩୫ ଜଣ, ୨୦୨୦ରେ ୧୬ ଜଣ, ୨୦୨୧ରେ ୨୪ ଜଣ, ୨୦୨୨ରେ ୩୨ ଜଣ, ୨୦୨୩ରେ ୨୬ ଜଣ, ୨୦୨୪ରେ ୫୦ ଜଣ ଏଡ୍ସ ରୋଗୀ ଚିହ୍ନଟ ହୋଇଥିଲେ। କିନ୍ତୁ ଚଳିତ ବର୍ଷ ଏହି ସଂଖ୍ୟା ୮୦ରେ ପହଞ୍ଚିବା ପରେ ଏହା ଚିନ୍ତାର କାରଣ ପାଲଟିଛି।

ଯାଜପୁର ଜିଲ୍ଲା ଏକ ଶିଳ୍ପ ପ୍ରଧାନ ଜିଲ୍ଲା ହୋଇଥିବା ବେଳେ ଏଠାରେ ବିଭିନ୍ନ ପ୍ରକାରର ଖଣି ଖାଦାନ ରହିଛି। ଏହି ଜିଲ୍ଲାରୁ ବହୁ ସଂଖ୍ୟାରେ ଶ୍ରମିକ ମଧ୍ୟ ରାଜ୍ୟ ବାହାରକୁ କାମ ପାଇଁ ଯାଉଥିବା ବେଳେ ଜିଲ୍ଲାରେ ଖଣି ଖାଦାନରେ କାମ କରିବାକୁ ବହୁ ସଂଖ୍ୟାରେ ଶ୍ରମିକ ରାଜ୍ୟ ବାହରରୁ ଏଠାକୁ ଆସିଥାନ୍ତି। ଏହାସହ ଟ୍ରକ୍ ବ୍ୟବସାୟରେ ଥିବା ଡ୍ରାଇଭରମାନଙ୍କୁ ମଧ୍ୟ ଏ କ୍ଷେତ୍ରରେ ଅଧିକ ସଚେତନ କରିବାର ଆବଶ୍ୟକତା ରହିଛି। ଏହି ଦୃଷ୍ଟିରୁ ବିଚାର କଲେ ଯାଜପୁର ଜିଲ୍ଲା ଏଡ୍ସ ରୋଗୀ ତାଲିକାରେ 'ସି' ସ୍ଥାନରେ ଥିବାରୁ ଏଠାରେ ଅନ୍ୟ ଜିଲ୍ଲା ପରି ଏଡ୍ସ ନିୟନ୍ତ୍ରଣ ଓ ଆୟତ ୟୁନିଟ୍ ଗଠନର ଆବଶ୍ୟକତା ରହିଛି ବୋଲି ଜଗନ୍ନାଥ ରୁରାଲ ଡେଭଲପମେଣ୍ଟ ଅର୍ଗାନାଇଜେସନ ସମେତ ବିଭିନ୍ନ ମହଲରୁ ବିଶ୍ୱ ଏଡ୍ସ ଦିବସ ଅବସରରେ ଦାବି ହୋଇଛି।

ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତିର ମିଳିତ ସହଯୋଗରେ ବିଶ୍ୱ ଏଡ୍ସ ଦିବସ ୨୦୨୫ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପାଳିତ ହୋଇଯାଇଛି। ଏକ ବିଶାଳ ସଚେତନତା ରାଲି ସଚେତନତାର ବାର୍ତ୍ତା ଦେଇ ସହର ପରିକ୍ରମା କରିଥିଲା। ଉକ୍ତ ରାଲିକୁ ଏଡିଏମ୍ଓ ଡାକ୍ତର ମନୋଜ ସେନାପତି ଏବଂ ଜିଲ୍ଲା ଏଡ୍ସ ନିୟନ୍ତ୍ରଣ ଅଧିକାରୀ ଡାକ୍ତର ଗୋପାଳ ଚନ୍ଦ୍ର ମଲିକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ଜିଲ୍ଲା ଟ୍ରେନିଂ ୟୁନିଟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଏଡସ ନିୟନ୍ତ୍ରଣ ଅଧିକାରୀଙ୍କ ସହ ବିଜୟ କୁମାର ନାୟକ, ଡିପିସି ସୁରେନ୍ଦ୍ର କୁମାର ମିଶ୍ର, ମାନସ ରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ରହି ଏଡ୍ସର କାରଣ ଓ ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ବିରଜା ସ୍କୁଲ ଅଫ ନର୍ସିଂର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୁପରଭାଇଜର ଅଶୋକ କୁମାର ନାୟକ, ଜିଲ୍ଲା ଏଡ୍ସ ସେଲର କର୍ମଚାରୀ ମଧୁସୂଦନ ସାଥୁଆ, ଦେବେନ୍ଦ୍ର ନାଇ ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ ଏବଂ ଏନ୍ଏସ୍ଡବ୍ଲ୍ୟୁର କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ।

## ସାଂସଦ ଖେଲୋଇଣ୍ଡିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଧର୍ମଶାଳା, ୧।୧୨(ସମିସ):** ଧର୍ମଶାଳା ଷ୍ଟାଡିୟମରେ ଖେଲୋଇଣ୍ଡିଆ ମାଧ୍ୟମରେ ଚାଲିଥିବା ଭିନ୍ନକ୍ଷମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ତୃତୀୟ ଦିବସରେ ପ୍ରଥମ ମ୍ୟାଚରେ ମହାରାଷ୍ଟ୍ରକୁ ପରସ୍ତ କରି ଗୁଜୁରାଟ ବିଜୟୀ ହୋଇଛି। ମହାରାଷ୍ଟ୍ର, ଓଡ଼ିଶା, ଛତିଶଗଡ଼, ଗୋଆ, ହିମାଚଳ ପ୍ରଦେଶ, ରାଜସ୍ଥାନ ଆଦି ୬ ଗୋଟି ରାଜ୍ୟର କ୍ରୀଡ଼ାବିତମାନେ ଏହି ପ୍ରତିଯୋଗିତରେ ଅଂଶଗ୍ରହଣ କରିଛନ୍ତି। ଏହି ଖେଳାଳିମାନଙ୍କ ମଧ୍ୟରୁ ଜାତୀୟ ସ୍ତରୀୟ ଖେଳାଳି ଚୟନ କରାଯାଇ ଆନ୍ତର୍ଜାତୀୟ ସ୍ତରରେ ଏହି ଖେଳାଳିମାନେ ଭାଗ ନେଇପରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ଗୁଜୁରାଟ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ୱିକେଟ ହରାଇ ୯୯ ରନ ସଂଗ୍ରହ କରିଥିଲେ। ଜବାବରେ ମହାରାଷ୍ଟ୍ର ଦଳ ବ୍ୟାଟିଂ କରି ୧୪ ଓଭରରେ ୮୭ ରନ କରି ସମସ୍ତେ ଆଉଟ ହୋଇଯାଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ଫ୍ଲଡ୍ଲାଇଟରେ ଗୋଆ ଓ ହିମାଚଳ ପ୍ରଦେଶ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏହି ସମସ୍ତ ଖେଳକୁ ସୁରଥ ପାତ୍ର ଓ ଗୌରୀ ଶଙ୍କର ଜେନା ପରିଚାଳନା କରିଥିବା ବେଳେ ସ୍କୋରରେ ଶିବସୁନ୍ଦର ଦାସ ସହାୟତା କରିଥିଲେ। ସର୍ବାଧିକ ପଏଣ୍ଟ ହାସଲ କରିଥିବା ୨ ଟିମ୍ ୩ ତାରିଖ ଫାଇନାଲ ମ୍ୟାଚରେ ଭେଟିବେ।

# ନାବାଳିକା ବଳାତ୍କାରୀକୁ ୨୦ ବର୍ଷ କାରାଦଣ୍ଡ

**ଯାଜପୁର, ୧।୧୨(ସମିସ):** ନାବାଳିକାକୁ ବଳାତ୍କାର କରିବା ମାମଲା ସୋମବାର ଦିନ ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲାଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଅଭିଜିତ ପଲାଇ ୧୯ ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଅଭିଯୁକ୍ତ ଚନ୍ଦନ ମାଝୀକୁ ୨୦ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ଏଥି ସହିତ ୧ଲକ୍ଷ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାକୁ ୧ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ନେଇ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ପାଣିକୋଇଲି ଥାନା ବଡ଼ ବିରୁଆଁ ଅଞ୍ଚଳର ରବୀନ୍ଦ୍ର ମାଝୀଙ୍କ ପୁଅ ଚନ୍ଦନ ମାଝୀ(୨୨) ଉପରୋକ୍ତ ଥାନା ଅଞ୍ଚଳର ଜଣେ ୧୭ ବର୍ଷୀୟା ନାବାଳିକାକୁ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର କରିଥିଲା। ପରିବାର ଲୋକଙ୍କ ଆଗରେ ପ୍ରକାଶ ନ କରିବାକୁ ଧମକ ଦେଇଥିଲା। ଏ ନେଇ ନାବାଳିକା ପରିବାର ଲୋକଙ୍କୁ କହିବାରୁ ପରିବାର ଲୋକେ ଘଟଣା ସମ୍ପର୍କରେ ଅଭିଯୁକ୍ତ ଚନ୍ଦନ ଓ ତାର ପିତାକୁ ସମସ୍ତ ଘଟଣା ଜଣାଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଚନ୍ଦନ ନାବାଳିକାକୁ ଡାକି ପୁନର୍ବାର ବଳାତ୍କାର କରିଥିଲା। ଏହି ବଳାତ୍କାର ସମୟରେ ଗାଁର କିଛି ବ୍ୟକ୍ତି ଦେଖି ପରିବାର ଲୋକଙ୍କୁ କହିବାରୁ ୨୦୨୨ ମସିହା ଅପ୍ରେଲ ୨୫ ତାରିଖ ଦିନ ଗ୍ରାମବାସୀ ଉପସ୍ଥିତ ହୋଇ ଅଭିଯୁକ୍ତ ଚନ୍ଦନକୁ ଡାକି ଘଟଣା ସମ୍ପର୍କରେ ପଚାରିବା ସହ ନାବାଳିକାକୁ ବିବାହ କରିବା ପାଇଁ କହିଥିଲେ। ଝିଅର ବୟସ ହେଲେ ବିବାହ କରାଯିବ ବୋଲି ଚନ୍ଦନର ବାପା ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା ସେ ନ କରି ପୁଅର ବିବାହଘର ଅନ୍ୟତ୍ର କରାଇବା ପାଇଁ ଯୋଜନା କରୁଥିବାବେଳେ ପୀଡ଼ିତା ନାବାଳିକାର ମା' ସେହିଦିନ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ପାଣିକୋଇଲି ଥାନା କେଶ ନଂ.୯୧/୨୨ରେ ଏକ ବଳାତ୍କାର ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଚନ୍ଦନକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରିଥିଲେ।

# ବାଇକ୍ ଆରୋହୀ ଗୁରୁତର

**ସୁକିନ୍ଦା, ୧।୧୨(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ଆମ୍ପଲବା ପଞ୍ଚାୟତ ଅଧୀନ ବରପାଳ ଗ୍ରାମପାଖ ରାସ୍ତାରେ ଏକ ବାଇକ୍ ଦୁର୍ଘଟଣା ଘଟି ବାଇକ୍ ଆରୋହି ଗୁରୁତର ଆହତ ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଜାମୁପଶି ଗ୍ରାମ ପ୍ରଫୁଲ୍ଲ ମୁଣ୍ଡା(୪୫) ରବିବାର ରାତିରେ ବରପାଳ ଗ୍ରାମରୁ ଫେରୁଥିବା ସମୟରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରଫୁଲ୍ଲ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ବଳାତ୍କାରୀକୁ ୨୦ ବର୍ଷ ଜେଲ୍

**ଯାଜପୁର, ୧।୧୨(ସମିସ):** ଯାଜପୁର ମଙ୍ଗଳପୁର ଥାନା ଅଞ୍ଚଳର ବହୁ ଚର୍ଚ୍ଚିତ ଜନୈକା ୧୫ ବର୍ଷୀୟା ନାବାଳିକାକୁ ବଳାତ୍କାର କରିବା ଅଭିଯୋଗରେ ଅଭିଯୁକ୍ତକୁ ସ୍ୱତନ୍ତ୍ର ପୋକ୍ସୋ ଜଜ୍ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଜରିମାନା ଅନାଦେୟ ଅଧିକ ୨ ବର୍ଷ କାରାଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ୨୦୨୫ ମସିହା ଜାନୁଆରୀ ୩୧ ତାରିଖ ଦିନ ସନ୍ଧ୍ୟା ୭ଟା ବେଳେ ୧୫ ବର୍ଷୀୟା ନାବାଳିକା ଘରକୁ ଫେରୁଥିବା ବେଳେ ମଙ୍ଗଳପୁର ଥାନା ବଡ଼କୁଆଁଳ ଗ୍ରାମର ସୁରେନ୍ଦ୍ର ମଲ୍ଲିକଙ୍କ ପୁଅ ରାଜେଶ ମଲ୍ଲିକ(୧୯) ନାବାଳିକାକୁ ଗୁହାଳ ଭିତରକୁ ଜୋର ଜବରଦସ୍ତ ଟେକି ନେଇ ବଳାତ୍କାର କରିଥିଲା। ଏହି ସମୟରେ ଗୁହାଳକୁ ଜଣେ ପଶି ଆସିବାରୁ ରାଜେଶ ଧକ୍କା ମାରି ସେ ସ୍ଥାନରୁ ପଳାଇ ଯାଇଥିଲା। ନାବାଳିକା ଘଟଣା ସମ୍ପର୍କରେ ନିଜ ମା'କୁ କହିଥିଲା। ଏ ନେଇ ପୀଡ଼ିତାର ମା' ୨୦୨୫ ମସିହା ଫେବୃଆରୀ ୮ ତାରିଖରେ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ମଙ୍ଗଳପୁର ଥାନାରେ ପୁଲିସ କେଶ ନଂ.୩୩/୨୫ରେ ମାମଲା ରୁଜୁ କରାଯାଇଥିଲା। ମଙ୍ଗଳପୁର ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ସୋମବାର ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ୭ ଜଣ ସାକ୍ଷୀ ଓ ପୁଲିସର ଦସ୍ତାବିଜ୍‌କୁ ଆଧାର କରି ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଶରତ କୁମାର ଦେହୁରୀ ଅଭିଯୁକ୍ତ ରାଜେଶ ମଲ୍ଲିକକୁ ୨୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ହଜାର ଜରିମାନା ଅନାଦେୟ ୨ ବର୍ଷ ଅଧିକ କାରାଦଣ୍ଡ ଭୋଗିବ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ନେଇ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ରାୟ ପରିଚାଳନା କରୁଥିଲେ।




## ଘାଇର ସ୍ଥାୟୀ ସମାଧାନ ଦାବି

# ସିମିଳିଆ ବିକାଶ ମଞ୍ଚର ରାସ୍ତାରୋକ



**ଯାଜପୁର, ୧।୧୨(ସମିସ):** ଘାଇର ସ୍ଥାୟୀ ସମାଧାନ ନିମନ୍ତେ ସିମିଳିଆ ବିକାଶ ମଞ୍ଚ ପକ୍ଷରୁ ସିମିଳିଆ-ବୁଢ଼ାଘାଟ ରାସ୍ତା ରୋକ କରିବା ସହିତ ବିକ୍ଷୋଭ କରାଯାଇଥିଲା। ଗତ ୨୦୧୮ ମସିହା ବନ୍ୟା ସମୟରେ ଏକ ଘାଇ ଏହି ରାସ୍ତା ଉପରେ ସୃଷ୍ଟି ହୋଇଥିଲା ଯାହା ଓଲେଇପଡ଼ାବାସୀ ଅଲେଖ ଜେନା ଓଗେର ଜମି ମାଲିକାନା ଅଛନ୍ତି। କିନ୍ତୁ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଲୋକେ ଯାତାୟାତ କରି ଆସୁଛନ୍ତି, ରାସ୍ତାର ନୂତନ କାର୍ଯ୍ୟ ହେବା ସମୟରେ ସେହି ବ୍ୟକ୍ତି ରାସ୍ତା ନିର୍ମାଣ ବିରୋଧ କରିବାରୁ ସେହି ସମୟରେ ଠିକଦାର ଦାଦାଗିରି କରିଥିବାରୁ ଜମି ମାଲିକମାନେ କେଶ କରିଅଛନ୍ତି। ସେହି ଜମିର ମାଲିକମାନେ ଚଳାଇ ରାସ୍ତା ହେଲେ କୌଣସି ଆପତି ନାହିଁ ବୋଲି ଜିଲ୍ଲାପାଳ ମହୋଦୟଙ୍କୁ ଲିଖିତ ପତ୍ର ଦେଇଛନ୍ତି। କିନ୍ତୁ ଅଦ୍ୟବଧି କୌଣସି ସମାଧାନ ହୋଇନାହିଁ। ୨୦୨୩ରେ ଏ ଘାଇ ପାଣିରେ ଭାସିଯାଇ ଓଲେଇ ପଡ଼ା ଗ୍ରାମର ଅକ୍ଷୟ ନାୟକ ଜଣେ ବ୍ୟକ୍ତି ପ୍ରାଣ ହରାଇ ଥିଲେ ଅଞ୍ଚଳବାସୀଙ୍କ ନିବେଦନ ଆବଶ୍ୟକୀୟ ରାସ୍ତାର ମାପଚୁପ କରି ଜମି ମାଲିକ ସହିତ ସମାଧାନ କରି ରାସ୍ତା ନିର୍ମାଣ କରାଯାଉ। ଦ୍ୱିତୀୟରେ ବୁଢ଼ାଘାଟ ନିକଟରେ ରାସ୍ତାରେ ଅବୈଧ ଭାବେ ଘର ନିର୍ମାଣ କରାଯାଇଛି। ତତ୍ ସହିତ ଆଗରେ ସେହି ଘରର ଦୋକାନୀ ଏବଂ ଗ୍ରାହକମାନେ ଗାଡ଼ି ରଖୁବାରୁ ରାସ୍ତାରେ ଯାତାୟାତରେ ବୋହୁ ଅସୁବିଧା ହେଉଅଛି ଏହାର ତଦନ୍ତ କରାଯାଇ ଜବରଦଖଲ ଉଚ୍ଛେଦ କରାଯାଉ ବୋଲି ଦାବି ରହିଛି।

● ସ୍ଥାୟୀ ତହସିଲଦାର ନିଯୁକ୍ତି ଦାବି

## ତହସିଲ କାର୍ଯ୍ୟାଳୟ ଆଗରେ କଂଗ୍ରେସର ଧାରଣା



କାଶୀପୁର, ୧।୧୨(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାୟୀ ତହସିଲଦାର ନିଯୁକ୍ତି ନେଇ କାଶୀପୁର ବ୍ଲକ କଂଗ୍ରେସ ଦଳ ପକ୍ଷରୁ କାଶୀପୁର ତହସିଲ କାର୍ଯ୍ୟାଳୟ ଘେରାଉ କରାଯିବା ସହ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାଦିଆଯାଇଛି। ଏକ ମାସ ତଳେ କାଶୀପୁର ତହସିଲଦାର ଏବଂ ଅତିରିକ୍ତ ତହସିଲଦାରଙ୍କ ବଦଳି ପରେ ବର୍ତ୍ତମାନ ସୁଦ୍ଧା ସ୍ଥାୟୀ ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାରଙ୍କ ନିଯୁକ୍ତି ହୋଇନଥିବାରୁ ସ୍ଥାନିୟ ଜନସାଧାରଣଙ୍କ ଠାରୁ ଆରମ୍ଭ କରି ଛାତ୍ରଛାତ୍ରୀ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଫଳରେ ତହସିଲ କାର୍ଯ୍ୟାଳୟର କୌଣସି କାର୍ଯ୍ୟ ହୋଇପାରୁନାହିଁ। ବାରମ୍ବାର ଦାବିପରେ ମଧ ସରକାର କିମ୍ବା ପ୍ରଶାସନ କୌଣସି ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାର ନିଯୁକ୍ତି ପ୍ରଦାନ କରିନଥିବାରୁ ଆଜି କଂଗ୍ରେସ ଦଳ ପକ୍ଷରୁ ସ୍ଥାୟୀ ତହସିଲଦାର ନିଯୁକ୍ତି ନହେବା ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ଏହି ଧାରଣାକୁ କାଶୀପୁର ବାର ଆସୋସିଏସନ ମଧ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଛନ୍ତି।

## ଭୃଗୁ ବକ୍ସିପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ରାୟଗଡ଼ା,୧।୧୨(ସମିସ): ରାୟଗଡ଼ା ସହର ସ୍ଥିତ ସ୍ଥାନୀୟ ନ୍ୟୁ ଟାଉନ୍ ପୂଜା କମିଟି କମ୍ୟୁନିଟି ହଲରେ ସୋମବାର ଦିନ ଉକ୍ରଳ ସମ୍ମିଳନୀ ରାୟଗଡ଼ା ଜିଲ୍ଲା ଶାଖା ତରଫରୁ ଏକ ସ୍ୱତନ୍ତ୍ର ସଭାରେ ବିଜେଡିର ବରିଷ୍ଠ ନେତା ତଥା ସମ୍ମିଳନୀର ବରିଷ୍ଠ ସଭ୍ୟ ଭୃଗୁ ବକ୍ସିପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଉତ୍ସବର ଅଧକ୍ଷତା ଉକ୍ରଳ ସମ୍ମିଳନୀ ରାୟଗଡ଼ାଜିଲ୍ଲା ସଭାପତି ବ୍ରଜ ସୁନ୍ଦର ନାୟକ କରିଥିଲେ। ସମ୍ପାଦକ ବିନାୟକ କର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ବକ୍ସିପାତ୍ର ଉକ୍ରଳ ସମ୍ମିଳନୀ ଗଠନ କରିବାର କାରଣ ଏବଂ ଆସନ୍ତା ଦିନ ମାନଙ୍କରେ ଏହି ଅନୁଷ୍ଠାନ କେଉଁ କେଉଁ ଦିଗରେ କାର୍ଯ୍ୟକ୍ରମ କରିବ ତାହା ଉପରେ ଆଲୋକପାତ କରିଥିଲେ। ଏଥିରେ ସହରର ବରିଷ୍ଠ ଓକିଲ , ଶିକ୍ଷାବିତ୍, ସମାଜସେବୀ, ବ୍ୟବସାୟୀ, ଶିକ୍ଷକ ଓ ସାମ୍ବାଦିକ ମାନେ ଯୋଗ ଦେଇଥିଲେ। ଶେଷରେ ସଭ୍ୟ ଶିବ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ରାୟଗଡା,୧।୧୨(ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସଦ୍‌ଭାବନା ସଭାଗୃହ ଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ୱାତି ଏସ. କୁମାର ,ଖଣ୍ଡିୟ ବନ ଅଧିକାରୀ ସଚିନ ଆନ୍ନା ସାହେବ ଓହଲେ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ,ଉପ ଜିଲ୍ଲାପାଳ ରମେଶ କୁମାର ଜେନା,ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜିନୀ ଦେବୀ, ପ୍ରକଳ୍ପ ପ୍ରଶାସକ ଆଇଟିଡ଼ିଏ ଚନ୍ଦ୍ରକାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୭୩ ଟି ଅଭିଯୋଗ ଜିଲ୍ଲାପାଳଙ୍କ ପାଖକୁ ଆସିଥିଲା । ସେଥି ମଧ୍ୟରୁ ୪୦ଟି ବ୍ୟକ୍ତିଗତ ଓ ୨୩ ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା। ସେହିପରି ଅନ୍ୟ ଦଶଟି ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ମଧ୍ୟରୁ ୨ ଜଣକୁ ୨୦ ହଜାର ଟଙ୍କା ଜିଲ୍ଲା ରେଡକ୍ରସ ଫଣ୍ଡରୁ ଏବଂ ୮ ଜଣକୁ ମୁଖ୍ୟମନ୍ତ୍ରୀ ସହାୟତା କୋଷରୁ ୧ଲକ୍ଷ ୨୦ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଜିଲ୍ଲା ମଙ୍ଗଳ ଅଧିକାରୀ ଆସିମା ରାଓ,ବିଡ଼ିଓ, ରାୟଗଡା ସୁଜିତ ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଶ୍ରୀମତୀ ମିନତି ଦେଓ, ପୌର ନିର୍ବାହୀ ଅଧିକାରୀ କୁମାର କୁଲଦୀପ, ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତ, ଜିଲ୍ଲା ଶିକ୍ଷା ଅଧିକାରୀ ରାମ ନାହାକ,ଜିଲ୍ଲା ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ,ଗ୍ରାମ୍ୟ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ।

କୋଷାଗୁମୁଡ଼ା ବ୍ଲକରେ ପ୍ରେସର କୁକର ଫାଟି ଛାତ୍ର ଗୁରୁତର

# ବିଧାନସଭାରେ ଗଭୀର ଉଦ୍‌ବେଗ ପ୍ରକାଶ କଲା ବିଜେଡି

- ▶ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି
- ▶ ଅନ୍ୱେଷା ଯୋଜନା ବନ୍ଦ ଉଦ୍ୟମକୁ ନେଇ କ୍ଷୋଭ
- ▶ ବିଜେପି ବିଧାୟକ କହିଲେ, ପିଲାଙ୍କୁ ନେଇ ରାଜନୀତି କରନ୍ତୁନି

ଭୁବନେଶ୍ୱର,୧।୧୨(ସମିସ):

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କେ.ସେମଳା ଗାଁର ଏକ ସ୍କୁଲ ହଷ୍ଟେଲରେ ପ୍ରେସର କୁକର ଫାଟି ଜଣେ ଛାତ୍ର ଗୁରୁତର ହେବା ଘଟଣାକୁ ନେଇ ସୋମବାର ବିଧାନସଭାରେ ଗଭୀର ଉଦବେଗ ପ୍ରକାଶ ପାଇଛି। ଛାତ୍ରଟି ଆହତ ହେବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନାକୁ ନିଆନଯିବା ଏବଂ ଏପରି ଅଭାବନୀୟ ସ୍ଥିତି କିପରି ଘଟିଲା ତାହାକୁ ନେଇ ବିଜେଡିର ବିଧାୟକମାନେ କ୍ଷୋଭ ପ୍ରକାଶ କରିଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକମାନେ ଦାବି ରଖିଥିଲେ। ଅପରପକ୍ଷେ ବିଜେଡିର ଅଭିଯୋଗ ଉପରେ ପାଲଟା ଅଭିଯୋଗ ଆଣିଥିଲେ ନବରଙ୍ଗପୁର ବିଜେପି ବିଧାୟକ ଗୌରୀ ଶଙ୍କର ମାଝୀ। ଏପରି ଦୁରଖଦପୂର୍ଣ୍ଣ ଘଟଣାରେ ଆମ ପିଲାମାନଙ୍କୁ ନେଇ ବିରୋଧୀ ରାଜନୀତି କରୁଛନ୍ତି ବୋଲି ସେ ଯୁକ୍ତି ବାଢ଼ିଥିଲେ। ଆଜି ଶୂନ୍ୟକାଳରେ ପ୍ରଥମେ ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ ବିଜେଡି ବିଧାୟକ ରମେଶ ଚନ୍ଦ୍ର ବେହେରା। ସେ କହିଥିଲେ ଯେ ଉକ୍ତ ଛାତ୍ରାବାସରେ ରୋଷେୟାଠାରୁ ଆରମ୍ଭ କରି ୱାର୍ଡେନ, ପ୍ରଧାନ ଶିକ୍ଷକ ପର୍ଯ୍ୟନ୍ତ ସମସ୍ତେ ଥିଲେ। ମାତ୍ର ଏତେ ସବୁ ପରେ ପିଲାଟି କେମିତି ରୋଷେଇ ହେଉଥିବା ସ୍ଥାନକୁ ଗଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। କେଉଁ ପରିସ୍ଥିତିରେ ଏପରି ଘଟଣା ଘଟିଲା, ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ ହେବାର ଆବଶ୍ୟକତା ରହିଛି। ବିଧାୟକ ପ୍ରଦୀପ ଦିଶାରୀ କହିଥିଲେ ଯେ ବିଭିନ୍ନ ସୂତ୍ରରୁ ଶୁଣିବାକୁ ମିଳୁଛି ଯେ ଉକ୍ତ ହଷ୍ଟେଲରେ କର୍ମଚାରୀଙ୍କ ଦରମା ବନ୍ଦ ଅଛି। ଅନ୍ୱେଷା ଯୋଜନା ବନ୍ଦ କରିବାକୁ ସରକାର ଉଦ୍ୟମ କରୁଥିବା ବେଳେ ଏପରି ସ୍ପର୍ଶକାତର ଘଟଣା ଘଟିବା ଦୁର୍ଭାଗ୍ୟଜନକ। ବିଧାୟକ ଧ୍ରୁବଚରଣ ସାହୁ କହିଥିଲେ ଯେ ଏତେ ଛୋଟ ପିଲା ପ୍ରେସର କୁକର ପାଖକୁ କେମିତି ଗଲା ଏବଂ ସେଠି ଅନ୍ୟମାନେ କଣ କରୁଥିଲେ ତାହାର ତଦନ୍ତ ହେବାର ଆବଶ୍ୟକତା ରହିଛି। ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ ହୋଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଦାବି କରିଥିଲେ। ବିଧାୟକ ଗୌତମବୁଦ୍ଧ ଦାସ କ୍ଷୋଭ ପ୍ରକାଶ କରି କହିଥିଲେ ଯେ ରାଜ୍ୟରେ ଆଦିବାସୀ ମୁଖ୍ୟମନ୍ତ୍ରୀ ଏବଂ ଶିକ୍ଷା ମନ୍ତ୍ରୀ ଥିବା କାରଣରୁ ଆଦିବାସୀ ପିଲାଙ୍କୁ ଉନ୍ନତନ ସୁରକ୍ଷା ଏବଂ ଶିକ୍ଷା ମିଳିବ ବୋଲି ସମସ୍ତେ ଆଶା ରଖିଥିଲେ। ମାତ୍ର ସରକାର ଅନ୍ୱେଷା ଯୋଜନାକୁ ବନ୍ଦ କରିବାକୁ ଉଦ୍ୟମ କରୁଥିବା ବେଳେ ଏହି ଦୁର୍ଘଟଣା ଏହାର ପରିଣତି ନୁହେଁ ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଆଦିବାସୀ ପିଲାଙ୍କ ପ୍ରତି ସରକାରଙ୍କର ଏତେ ବୈମାତୃକ ମନୋଭାବ କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ।

ଏପଟେ ସମାନ ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗରେ ମତ ରଖିଥିଲେ ବିଜେପି ବିଧାୟକ ଗୌରୀଶଙ୍କର ମାଝୀ। ବିଜେଡି ନେତା ପ୍ରଦୀପ ମାଝୀଙ୍କ ନାମ ନନେଇ ସେ କହିଥିଲେ ଯେ କେଉଁ ପରିସ୍ଥିତିରେ ଏବଂ କାହା ଅନୁମତିରେ ଜଣେ ନେତା ହଷ୍ଟେଲ ପରିସରକୁ ପ୍ରବେଶ କଲେ। ଉକ୍ତ ନେତା ଜଣକ ଜଣେ ହଷ୍ଟେଲ ଅଧିକାରୀଙ୍କୁ ଫାୟାରିଂ କରିବାକୁ ମଧ୍ୟ ଧମକ ଦେଇଛନ୍ତି। ଆମ ପିଲାଙ୍କୁ ନେଇ ରାଜନୀତି କରନ୍ତୁ ବୋଲି ସେ କହିଥିଲେ।(ଦୀପକ)

● ରିଲ୍‌ସରେ ହିନ୍ଦୁ ଦେବତାଙ୍କୁ ଅଶ୍ଳୀଳ ଇଙ୍ଗିତ

## ବଜରଙ୍ଗ ଦଳ ପକ୍ଷରୁ ରାୟଗଡା ଥାନାରେ ଏତଲା



ରାୟଗଡା, ୧।୧୨(ସମିସ): ହିନ୍ଦୁଙ୍କ ଆରାଧ୍ୟ ଦେବତା ମହାଦେବଙ୍କୁ ଅଶ୍ଳୀଳ ଇଙ୍ଗିତ କରି ସୋସିଆଲ ମିଡିଆରେ ଭାଇରାଲ କରୁଥିବା ଅଭିଯୋଗରେ ଆଜି ବଜରଙ୍ଗ ଦଳ ପକ୍ଷରୁ ରାୟଗଡା ଥାନାରେ ଏକ ଲିଖିତ ଏତଲା ପ୍ରଦାନ କରାଯାଇଛି। ଏତଲାରେ ସଲମନ ନାମକ ଜଣେ ଯୁବକ ତାହାର ସାଙ୍ଗ ସାଥୀଙ୍କ ସହ ମିଶି ମହାଦେବଙ୍କୁ ଅଶ୍ଳୀଳ ଇଙ୍ଗିତ କରି ରିଲ ବନାଇ ତାହାକୁ ସାମାଜିକ ଗଣମାଧ୍ୟମରେ ଭାଇରଲ କରିଥିବା ନେଇ ଉଲ୍ଲେଖ କରାଯାଇଛି। ଯାହାକି ହିନ୍ଦୁ ଧର୍ମକୁ ଅପମାନ ଦେବା ସହ ଲୋକଙ୍କ ଭାବନାରେ ଆଘାତ ପହଞ୍ଚାଇଥିବା ଦର୍ଶାଯାଇଥିବା ଏତଲାରେ ଦର୍ଶାଯାଇଛି । ତୁରନ୍ତ ଉକ୍ତ ଯୁବକଙ୍କୁ ଗିରଫ କରିବା ପାଇଁ ବଜରଙ୍ଗ ଦଳ ପକ୍ଷରୁ ଦାବି କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଗତ କିଛି ଦିନ ତଳେ ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତ ଅନ୍ତର୍ଗତ ଜବାଗୁଡ଼ା ଗ୍ରାମର ସଲମନ ନାମକ ଜଣେ ଯୁବକ ତାଙ୍କ ସାଥୀମାନଙ୍କ ସହ ରାୟଗଡା ସହର ଗାୟତ୍ରୀନଗର ନିକଟ ପ୍ରେମ ପାହାଡ଼ରେ ଥିବା ମହାକାଳେସ୍ୱରଙ୍କ ପ୍ରତିମୂର୍ତ୍ତିକୁ ଅଶ୍ଳୀଳ ଇଙ୍ଗିତ କରି ଭିଡ଼ିଓ ବନାଇବା ସହ ତାହାକୁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରଲ କରିଥିବା ନେଇ ବଜରଙ୍ଗ ଦଳ ଅଭିଯୋଗ କରିଛି। ଯାହାକି ହିନ୍ଦୁ ଧର୍ମାବିଲମ୍ବୀ ଶକ୍ତ ଆଘାତ ପହଞ୍ଚାଇ ରାୟଗଡ଼ା ଭଳି ଶାନ୍ତ ପ୍ରିୟ ଜିଲ୍ଲାକୁ ଅଶାନ୍ତ ଓ ଦଙ୍ଗା ସୃଷ୍ଟି କରିବା ଭଳି ପରିସ୍ଥିତି ଉପୁଜାଇବା ଉଦ୍ଦେଶ୍ୟରେ ଜାଣିଶୁଣି ଏହିଭଳି କାଣ୍ଡ ଭିଆଇଥିବା ଦଳ ଅଭିଯୋଗ କରିଛି। ତୁରନ୍ତ ଉକ୍ତ ଘଟଣାରେ ସାମିଲ ଥିବା ସମସ୍ତଙ୍କୁ ଗିରଫ କରିବା ପାଇଁ ରାୟଗଡା ଥାନାରେ ଏତଲା ଦେଇ ଦାବି କରିଛି ବଜରଙ୍ଗ ଦଳ। ଯଦି ଏଥିରେ ଅବହେଳା ହୁଏ, ତେବେ ବଜରଙ୍ଗ ଦଳ ଜୋରଦାର ଆନ୍ଦୋଳନ କରିବା ନେଇ ଗଣମାଧ୍ୟମକୁ ଚେତାବନୀ ଦେଇଛି। ରାୟଗଡ଼ା ବଜରଙ୍ଗ ଦଳ ସହ ସଂଯୋଜକ ଶସ୍ୟ ଜ୍ୟୋତି ବେହେରା, ବିଶ୍ୱହିନ୍ଦୁ ପରିଷଦର ଉପସଭାପତି ଆନନ୍ଦ ରାଓ, ସମ୍ପାଦକ କୁନା ରମେଶ, ସହ ସମ୍ପାଦକ ଗୋପୀ ବ୍ରହ୍ମା, ନଗର ବଜରଙ୍ଗ ଦଳ ସଂଯୋଜକ ଶଙ୍କର ବେହେରା, ବ୍ଲକ ସଂଯୋଜକ ଅଜୟ ଆସରାନୀ, ସହ ସଂଯୋଜକ ବିଜୟ ଚୂଳେଟ, ବିଭାଗ ସଂଯୋଜକ ଇ ଶକ୍ତିଧରନ, କାର୍ଯ୍ୟକର୍ତ୍ତା ମାନସ ଦାଶ ଓ ବିଶ୍ୱହିନ୍ଦୁ ପରିଷଦ ବିଧି ପ୍ରମୁଖ ଆଇନଜୀବୀ ଅରୁଣ ଲେଙ୍କା ପ୍ରମୁଖ ଆଜି ଥାନାରେ ଉପସ୍ଥିତ ରହି ଏତଲା ଦେଇଥିଲେ।

## ପ୍ରାଥମିକ ଶିକ୍ଷକ ମହାସଂଘର ଦାବିପତ୍ର



କୁଡୁମୁଲଗୁମ୍ମା,୧।୧୨(ସମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ସୋମବାର ଅପରାହ୍ନ ୫ ଘଟିକା ସମୟରେ ମାଲକାନଗିରି ଜିଲ୍ଲା ଅନ୍ତର୍ଗତ କୁଡୁମୁଲଗୁମ୍ମା ବ୍ଲକ୍ ଅଧିନରେ ଥିବା ଶତାଧିକ ଏନ୍‌ପିଏସ ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରାଥମିକ ଶିକ୍ଷକ ମହାସଂଘ, କୁଡୁମୁଲୁଗୁମ୍ମା ଶାଖା ତରଫରୁ ଦୁଇ ଦଫା ଦାବି ନେଇ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ବ୍ଲକ ଶିକ୍ଷା ଅଧିକାରୀ କୁଡୁମୁଲୁଗୁମ୍ମାଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦୁଇଟି ମୁଖ୍ୟତଃ ଦାବି ଯଥା, ପ୍ରାଥମିକ ଶିକ୍ଷକ ମାନଙ୍କର ମୂଳ ପଦବୀକୁ ଅପ୍ ଗ୍ରେଡ କରି ଲେବୁଲ -୯ ଅନୁଯାଇ ମୂଳ ବେତନ ୩୫୪୦୦ ଟଙ୍କା ପ୍ରଦାନ ଓ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହା ଠାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକ ମାନଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରୀରେ ଗଣନା କରିବା ସହ ନେସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା, ଯଦି ଶିକ୍ଷକ ମାନଙ୍କର ଦାବି ୪/୧୨/୨୦୨୫ ମଧ୍ୟରେ ସରକାର ପୂରଣ ନକରନ୍ତି, ତେବେ ଆସନ୍ତା ୫/୧୧/୨୦୨୫ରେ ଭୁବନେଶ୍ୱର ରାଜରାସ୍ତାରେ ଶାନ୍ତିପୂର୍ଣ୍ଣ ଭାବରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିବ। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ୍ ଶିକ୍ଷକ ସଂଘର ସଭାପତି ରମେଶ ଚନ୍ଦ୍ର ନେଲୁରୁ, ଆବାହକ ଯତିନ୍ଦ୍ର ସ୍ୱାଇଁ, ସମ୍ପାଦକ ବ୍ରଜନାରାୟଣ ଦାସ, ଉପ ସଭାପତି ସୁଧାକର ନାୟକ, ଉପଦେଷ୍ଟା ଉମାଶଙ୍କର ଦାଶ, ଯୁଗ୍ମ ସମ୍ପାଦକ ସୁଶାନ୍ତ ପାତ୍ର, କୋଷାଧକ୍ଷ ଅମର ମଲ୍ଲିକ ଆଦି ଶତାଧିକ ଶିକ୍ଷକ ଉପସ୍ଥିତ ଥିଲେ। ଦାବିପତ୍ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୃପାସିନ୍ଧୁ ଆମ୍ବାଗୁଡ଼ିଆ ଓ ଏବିଓ ତଥା ବିଆର୍‌ସିସି ହେମନ୍ତ କୁମାର ନାୟକ ଗ୍ରହଣ କରିଥିଲେ।

## ଯୁବ ରେଡକ୍ରସ୍‌ର ସଚେତନତା ପଦଯାତ୍ରା

ରାୟଗଡ଼ା,୧।୧୨(ସମିସ): ବିଶ୍ୱ ଏଡ୍‌ସ ଦିବସ ଅବସରରେ ରାୟଗଡା ସ୍ୱୟଂଶାସିତ ମହାବଦ୍ୟାଳୟ ଯୁବ ରେଡକ୍ରସ୍ ପକ୍ଷରୁ ସଚେତନତା ପଦଯାତ୍ରା ଓ ସଭା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମଟି ସକାଳୁ ମହାବିଦ୍ୟାଳୟ ପ୍ରାଙ୍ଗଣରୁ ଆରମ୍ଭ ହୋଇ ସହରର ବିଭିନ୍ନ ସ୍ଥାନକୁ ପରିକ୍ରମା କରି ଫେରିଥିଲା। ଛାତ୍ରଛାତ୍ରୀ ଏଚ୍‌ଆଇଭି/ଏଡ଼ସ୍ ବିଷୟରେ ସଚେତନତାମୂଳକ ସ୍ଲୋଗାନ୍ ଉଚ୍ଚାରଣ କରିଥିଲେ। ଶେଷରେ ମହାବିଦ୍ୟାଳୟର ଖୋଲାମଞ୍ଚରେ ଆୟୋଜିତ ସଚେତନତା ସଭାରେ ମହାବିଦ୍ୟାଳୟର ଅଧକ୍ଷା ଡ. ସରସ୍ୱତୀ ରାୟ ଉଦ୍‌ବୋଧନରେ ଏଡ୍‌ସ ବିଷୟରେ ସଠିକ୍ ଜ୍ଞାନ, ଭ୍ରମ ଦୂରୀକରଣ ଓ ଯୁବ ପିଢୀଙ୍କ ଭୂମିକାକୁ ଉଲ୍ଲେଖ କରିଥିଲେ। ମହାବିଦ୍ୟାଳୟର ରେଡକ୍ରସ୍ ପରାମର୍ଶଦାତା ପ୍ରିୟଦର୍ଶିନୀ ବଳ ମଧ ଏଚ୍‌ଆଇଭି ପରୀକ୍ଷା, ପ୍ରତିରୋଧ ଉପାୟ ଓ ତତ୍‌ସମ୍ପର୍କିତ ସହାୟତା ସେବା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଧାପକ ଶଙ୍କର ପେଦୁରୁ ଓ ଅନ୍ୟାନ୍ୟ ଅଧାପକ ଅଧାପିକାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ପଦଯାତ୍ରା ଏବଂ ସଭାରେ ଉପସ୍ଥିତ ହୋଇ ସଚେତନତା ବାର୍ତ୍ତା ପ୍ରଚାର କଲେ।

## ମାଲ୍ୟବନ୍ତ ମହୋତ୍ସବ ପାଇଁ କଳସ ଯାତ୍ରା



ଚିତ୍ରକୋଣ୍ଡା, ୧।୧୨(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଠାରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ - ୨୦୨୫ ନିମନ୍ତେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାଲ୍ୟବନ୍ତ ମୋହତ୍ସବ ପାଳନକୁ ନେଇ ସ୍ଥାନୀୟ ଜନସାଧାଣଙ୍କ ମନରେ ବହୁତ ଉତ୍କଣ୍ଠା ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଥିଲା। ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଆଜି ମାଲକାନଗିରି ସଦରମହକୁମା ସ୍ଥିତ ଭୈରବୀ ମନ୍ଦିର ଠାରୁ ଶୁଭାରମ୍ଭ କରାଯାଇଛି। ସମସ୍ତ ବ୍ଲକ୍‌ସ୍ତରୀୟ ମହୋତ୍ସବ ସରିବା ପରେ ଆସନ୍ତା ୧୪, ୧୫, ୧୬, ୧୭, ୧୮ ପାଞ୍ଚଦିନ ଧରି ଜିଲ୍ଲାସ୍ତରୀୟ ମହୋତ୍ସବ ପାଳନ କରାଯିବ। ଚିତ୍ରକୋଣ୍ଡା ବ୍ଲକ୍ ମହକୁମା ଠାରେ ଡିସେମ୍ବର ୨ ଓ ୩ ଦୁଇ ଦିନ ଧରି ମହୋତ୍ସବ ପାଳନ ହେବ। ଏହି ବର୍ଷ ଚିତ୍ରକୋଣ୍ଡା ଠାରେ ଦୁଇ ଦିନ ଧରି ମହୋତ୍ସବ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଚିତ୍ରକୋଣ୍ଡା ଦୁର୍ଗା ମନ୍ଦିର ସ୍ଥିତ ନଦୀ ଘାଟରେ ପାଣି ଉଠାଇ ପୂଜା ଅର୍ଚ୍ଚନା ପରେ ମନ୍ଦିର ଠାରୁ ଏକ କଳସ ସଭା ଯାତ୍ରା ବାହାରି ଚିତ୍ରକୋଣ୍ଡା ଦୈନିକ ବଜାର ଦେଇ ଚିତ୍ରକୋଣ୍ଡା ସହର ପରିକ୍ରମା କରିବା ପରେ ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟଳୟ ଠାରେ କଳସ ଯାତ୍ରା ସମାପ୍ତ ହୋଇଥିଲା। ଏହି କଳସ ଯାତ୍ରାରେ ମାଲକାନଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ, ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ଚିତ୍ରକୋଣ୍ଡା ବିଡିଓ ପ୍ରୀତା କୁମାର, ତହସିଲଦାର ନଟବର ଗରଡ଼ା , ଚିତ୍ରକୋଣ୍ଡା ଜୋନ-୧ ଜିଲ୍ଲା ପରିଷଦ ସଭ୍ୟା ବିନତି ଖିଲ, ଚିତ୍ରକୋଣ୍ଡା ସରପଞ୍ଚ ହୋରୀମୋହନ ଖିଲ, ଚିତ୍ରକୋଣ୍ଡା ସମିତି ସଭ୍ୟ ରାଜ କୋମଳ ପୁରୋହିତ, ଚିତ୍ରକୋଣ୍ଡା ବ୍ଲକର ସମସ୍ତ ସମିତିସଭ୍ୟ, ସରପଞ୍ଚ, ଶହ ଶହ ସଂଖ୍ୟାରେ ସାଧାରଣ ଜନତା, ସୟଙ୍ଗ ସହାୟକ ଗୋଷ୍ଠୀର ମହିଳାମାନେ, ସମସ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀ ସାମିଲ ହୋଇଥିଲେ। ସନ୍ଧ୍ୟାରେ ଚିତ୍ରକୋଣ୍ଡା ଅଞ୍ଚଳର କବି ମାନଙ୍କୁ ନେଇ କବିତା ଆସର ଅନୁଷ୍ଠିତ ହୋଇଥିଲା।

## ଅମ୍ବାଦଳା ଅଞ୍ଚଳରେ ପୁଣି ହାତୀ ଉପଦ୍ରବ

ଆମ୍ବାଦଳା,୧।୧୨(ସମିସ): ରାୟଗଡ଼ା ଜିଲ୍ଲା ବନଖଣ୍ଡ ଅନ୍ତର୍ଗତ ମୁନିଗୁଡା ରେଞ୍ଜରେ ଥମୁନି ହାତୀ ଉପଦ୍ରବ। ହାତୀ ଘଉଡ଼ାଇ ନାକେଦମ ହେଉଛି ବନ ବିଭାଗ। ଆଜି ମୁନିଗୁଡା ରେଞ୍ଜ ଅମ୍ବାଦଳା ଫରେଷ୍ଟ ସେକ୍ସନରେ ପୁଣି ଦେଖାଦେଇଛି ହାତୀଙ୍କ ଉପଦ୍ରବ। ଅମ୍ବାଦଳା ସେକ୍ସନରେ ୪ ଟିକିଆ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ଖାଦ୍ୟ ଅନ୍ୱେଷଣରେ ୧୦ରୁ ୧୫ ଦିନ ହେବ ନିକଟ ଜଙ୍ଗଲରେ ୪ ଟିକିଏ ହାତୀପଲ ଚଳପ୍ରଚଳ କରୁଛନ୍ତି। ଦୁଇ ଚାରିଦିନ ହେଲା ଇଚ୍ଛାପୁର ପଞ୍ଚାୟତ କାର୍କାମାର୍କା ଓ ତେରୀମେରି ଜଙ୍ଗଲରେ ଏହି ୪ ଟିକିଆ ହାତୀ ପଲ ବୁଲୁଥିବା ବେଳେ ବିଳମ୍ବିତ ରାତିରେ ବିଲରେ ପଶି ସ୍ଥାନୀୟ ଚାଷୀଙ୍କ ଧାନ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରି ଦେଇଛନ୍ତି। ବନ ବିଭାଗ ହାତୀ ପଲକୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଥିବା ବେଳେ ବର୍ଷକର ଖାଦ୍ୟ ହରାଇ ଚାଷୀ ଏବେ ଚିନ୍ତାରେ। ସେପଟେ ଏଲିଫ୍ୟାଣ୍ଟ ସ୍କ୍ୱାର୍ଡ ଓ ବନ ବିଭାଗ କର୍ମଚାରୀ ହାତୀକୁ ଟ୍ରାକ୍ କରିବା ସହ ହାତୀ ଚଳପ୍ରଚଳ କରୁଥିବା ଗାଁ ଲୋକଙ୍କୁ ବ୍ୟାପକ ସଚେତନତା କରୁଥିବା ଦେଖିବାକୁ ମିଳିଛି। ଏହି ଗୋଠରେ ଗୋଟିଏ ଦନ୍ତା, ଦୁଇଟି ମାଇ ହାତୀ ଓ ଗୋଟିଏ ଛୁଆ ହାତୀ ରହିଛନ୍ତି। ତେବେ ହାତୀଙ୍କ ଦ୍ୱାରା ଯାହା କ୍ଷତି ହୋଇଛି ତାହାର ଆକଳନ କରାଯାଇ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି ଅମ୍ବାଦଳା ବନପାଳ ମାଝୀ ମହାପାତ୍ର।

ପାଖେଇ ଆସିଲାଣି ଦଶମ ବୋର୍ଡ ପରୀକ୍ଷା

# ପରୀକ୍ଷା କେନ୍ଦ୍ରକୁ ନେଇ ଆଶଙ୍କାରେ ପରୀକ୍ଷାର୍ଥୀ

ଅମ୍ବାଦଳା,୧।୧୨(ସମିସ):

ଆଉ ଦୁଇ ମାସ ପରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା। ଏବେ ପରୀକ୍ଷା ସେଣ୍ଟର କେଉଁଠି ହେବ, ଏହାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଛନକା ପଶିଲାଣି। ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ମଙ୍ଗଳ ବିଭାଗୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମାଟ୍ରିକ ପରୀକ୍ଷାର୍ଥୀ ମାନେ ଦୀର୍ଘ ବର୍ଷ ଧରି ବୋଡର୍ ପରୀକ୍ଷା ଦେବା ପାଇଁ ୫ କିଲୋମିଟର ପରିବର୍ତ୍ତେ ୨୫କିମି ଦୂର ବାଟ ମୁନିଗୁଡାକୁ ଯାଉଛନ୍ତି। ଫଳରେ ତାଙ୍କର ଯିବା ଆସିବାକୁ ୫୦କିମି ଯାତ୍ରା ହୋଇଯାଉଛି । ଏ ନେଇ ପ୍ରତିବର୍ଷ ଛାତ୍ରଛାତ୍ରୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିଲା। ବାରମ୍ବାର ଉକ୍ତ ବିଷୟକୁ ନେଇ ଜିଲ୍ଲା ପ୍ରଶାସନ ପାଖରେ ଲିଖିତ ଅଭିଯୋଗ କରାଯିବା ସହ ଛାତ୍ରଛାତ୍ରୀଙ୍କ ଅସୁବିଧା ବିଷୟରେ ଦୃଷ୍ଟି ଆକର୍ଷଣ କରାଯାଉନଥିଲା। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ରଞ୍ଜନ ସ୍ୱାଇଁ ବିଦ୍ୟାଳୟ ସମ୍ମୁଖରେ ଗତ ଦିନରେ ଆମରଣ ଅନଶନରେ ବସିଥିଲେ। ଦୀର୍ଘ ୬୦ ଘଣ୍ଟା ଆମରଣ ଅନଶନରେ ବସିବା ପରେ ଚଳିତ ବର୍ଷ ଦଶମ ଶ୍ରେଣୀର ସମସ୍ତ ପରୀକ୍ଷାର୍ଥୀ ମାନଙ୍କୁ ବସ୍ ଯୋଗେ ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ସହ ଆସନ୍ତା ବର୍ଷ ଅମ୍ବାଦଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରୁ ୫ କିଲୋମିଟର ବ୍ୟବଧାନ ଭିତରେ ମାଟ୍ରିକ୍ ବୋଡର୍ ପରୀକ୍ଷା କେନ୍ଦ୍ର କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲା ଜିଲ୍ଲା ପ୍ରଶାସନ। ହେଲେ ଇତିମଧ୍ୟରେ ଏକ ବର୍ଷ ବିତି ଯାଇଥବା ବେଳେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପାଖେଇ ଆସିଲାଣି। ହେଲେ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସେଣ୍ଟରକୁ ନେଇ ଛାତ୍ର ଛାତ୍ରୀ ମାନେ ସମ୍ପ୍ରତି ୫୦ କିଲୋମିଟର ଯିବା ଆସିବା ଚିନ୍ତାରେ ଛନକା ପଶିଯାଇଥିବା ଅଭିଭାବକ ମାନେ ଜଣାଇଛନ୍ତି। ତେବେ ଜିଲ୍ଲାପାଳଙ୍କ ଅମ୍ବାଦଳା ଗସ୍ତ ସମୟରେ ଉକ୍ତ ବିଷୟକୁ ନେଇ ଅମ୍ବାଦଳା ଅଞ୍ଚଳର ବୁଦ୍ଧିଜୀବୀ ମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବେଳ ଥାଉ ଥାଉ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି କଂଗ୍ରେସ ସାଂସଦ ପ୍ରତିନିଧି ରଜନୀକାନ୍ତ ପୋଡାଲ।

## ଉଠାଦୋକାନୀଙ୍କ ପାଇଁ ଭେଣ୍ଡିଂ ଜୋନ୍ ପ୍ରକ୍ରିୟା ଆରମ୍ଭ

କୋରୁକୋଣ୍ଡା/ବାଲିମେଳା,୧।୧୨(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ଏନ୍‌ଏସିର ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରାଙ୍କ ନେତୃତ୍ୱରେ ଏନ୍‌ଏସିର ବରିଷ୍ଠ କର୍ମଚାରୀ ସାଧୁ ଚରଣ ମହାନ୍ତି, ଧନେଶ୍ୱର ପାଟନିଆ ଏବଂ ଅନ୍ୟ କର୍ମଚାରୀଙ୍କ ସମେତ ସ୍ଥାନୀୟ ପୋଲିସ ପ୍ରଶାସନ ମିଳିତ ଭାବେ ବାଲିମେଳା ସହରର ଦୈନିକ ବଜାର, କାଳୀଛକ, ଡ୍ରଗ ଲାଇନ୍ ସମେତ ବିଭିନ୍ନ ଅଞ୍ଚଳର ମୁଖ୍ୟ ରାସ୍ତା ପାଶ୍ୱର୍ରେ ଦୀର୍ଘ ବର୍ଷ ଧରି ବ୍ୟବସାୟ ଜାରି ରଖିଥିବା ଉଠା ବ୍ୟବସାୟୀ ମାନଙ୍କୁ ରାସ୍ତା କଡ଼ରୁ ଉଠାଇ ସେମାନଙ୍କର ସ୍ଥାୟୀ ବ୍ୟବସାୟ କରିବା ନିମନ୍ତେ ଏନଏସି ପକ୍ଷରୁ ଦୈନିକ ବଜାର ଭିତରେ ଏବଂ କାଳୀଛକ ଠାରେ ଥିବା ଭେଣ୍ଡିଙ୍ଗ ଜୋନ ଗୁଡିକୁ ଯୋଗାଇ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଦେଖିବାକୁ ମିଳିଛି। ରାସ୍ତା ପାଶ୍ୱର୍ରେ ବସିଥିବା ଉଠା ବ୍ୟବସୟୀ ମାନଙ୍କୁ ବୁଝାଇ ସେମାନଙ୍କୁ ଭେଣ୍ଡିଙ୍ଗ ଜୋନରେ ନିଜ ନିଜର ଜାଗା ନେଇ ସେଠାରେ ବସି ବ୍ୟବସାୟ କରିବା ପାଇଁ କୁହାଯାଇଛି। ଏ ନେଇ ଏନଏସି ପକ୍ଷରୁ ମାଇକ ଜରିଆରେ ପ୍ରଚାର ପ୍ରସାର କରି ଆସନ୍ତା ରବିବାର ସୁଧା ଭେଣ୍ଡିଙ୍ଗ ଜୋନରେ ବସି ବ୍ୟବସାୟ କରିବା ପାଇଁ ସମସ୍ତ ଉଠା ବ୍ୟବସାୟୀ ମାନଙ୍କୁ ଅବଗତ ମଧ କରାଯିବ। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଥିବା ଭେଣ୍ଡିଙ୍ଗ ଜୋନରେ ସ୍ଥାନ ଗୁଡିକୁ ନମ୍ବରିଂ କରାଯିବା ସହିତ ଉଠା ବ୍ୟବସାୟୀ ମାନଙ୍କୁ ଉକ୍ତ ଜାଗା ପ୍ରଦାନ କରାଯିବ। ତେବେ ଏନଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଏହି ନିୟମକୁ ଯଦି କେହି ଅମାନ୍ୟ କରେ, ତେବେ ଉକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ଦୋରା କହିଛନ୍ତି । ସୂଚନା ଥାଉକି, ବାଲିମେଳା ଏନଏସି ପକ୍ଷରୁ ଦୈନିକ ବଜାର ଭିତରେ ଓ କାଳୀଛକରେ ବହୁ ଭେଣ୍ଡିଙ୍ଗ ଜୋନ ଉପଲବ୍ଧ ଥାଇ ମଧ ବାଲିମେଳା ସହର ସମେତ ଆଖ ପାଖ ବିଭିନ୍ନ ଅଞ୍ଚକର ଶତାଧିକ ବ୍ୟବସାୟୀ ଓ ଚାଷୀ ଉକ୍ତ ଭେଣ୍ଡିଙ୍ଗ ଜୋନରେ ବସି ବ୍ୟବସାୟ କରିବା ବଦଳରେ ସହରର ବିଭିନ୍ନ ଅଞ୍ଚଳରେ ଥିବା ମୂଖ୍ୟ ରାସ୍ତା କଡରେ ବସି ବ୍ୟବସାୟ କରୁଛନ୍ତି। ବଜାରକୁ ବିଭିନ୍ନ ସାମଗ୍ରୀ କିଣା ବିକା କରିବା ପାଇଁ ଆସୁଥିବା ବ୍ୟବସାୟୀ ଓ ସ୍ଥାନୀୟ ଲୋକଙ୍କ ଗାଡି ମୋଟର, ଯାନ ବହନ ଗୁଡିକୁ ରଖିବା ପାଇଁ ଦୈନିକ ବଜାର ନିକଟରେ ଥିବା ଦୁର୍ଗା ପଡିଆକୁ ବିଭାଗ ପକ୍ଷରୁ ପାର୍କିଂ ସ୍ଥାନ ଭାବେ ଚିହ୍ନଟ କରାଯାଇଛି ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ଦୋରା କହିଛନ୍ତି।

## ଆକ୍ରମଣ ଓ ଲୁଟ୍ ମାମଲାରେ ଅଭିଯୁକ୍ତ ଗିରଫ



ବଡ଼ବିଲ, ୧।୧୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନାଞ୍ଚଳ ଦେଇ ଯାଇଥିବା ୫୨୦ ନଂ ଜାତୀୟ ରାଜପଥରେ ଜଣେ ଚାଳକଙ୍କୁ ଆକ୍ରମଣ କରି ଟଙ୍କା, ପର୍ସ ଓ ମୋବାଇଲ୍ ଲୁଟ୍ ନେଇ ଏକ ମାମଲାରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଭଦ୍ରାସାହିରୁ ରୋଇଡା ଛକ ମଧ୍ୟରେ ଦୁର୍ବୃତ୍ତମାନେ ହାଇୱା ଗାଡ଼ିକୁ ଅଟକାଇ ଚାଳକ ମଧ୍ୟପ୍ରଦେଶ ରାଜ୍ୟର ସତ୍ୟନାରାୟଣ ବିଶ୍ୱକର୍ମା (୨୬)ଙ୍କୁ ଭୁଜାଲି ଦ୍ୱାରା ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଚାଳକ ଜଣକ ଏନେଇ ଝାଡଗାଁସ୍ଥିତ ମାଲିକ ଘର ନିକଟକୁ ଯାଇ ନିଜ କିଛି ସହଯୋଗୀଙ୍କ ସହ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସିତ ହୋଇଥିବା ବେଳେ ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ ବର୍ଷ ଜେଲ୍

କେନ୍ଦୁଝର,୧।୧୨(ସମିସ): କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ବିଜୟ କୁମାର ମିଶ୍ର ଏକ ନାବାଳିକା ଦୁଷ୍କର୍ମ ମାମାଲାର ବିଚାର କରି ହରିଚନ୍ଦନପୁର ଥାନା ଅନ୍ତର୍ଗତ ଶିରିଷପାଳ ଗ୍ରାମର ଅଭିଯୁକ୍ତ ଟୁନା ହାସଁଦା ଓରଫ କ୍ୟୁଟୁ(୩୫)କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା; ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ୨୦୨୪ ନଭେମ୍ବର ୧୪ରେ ୪ ବର୍ଷିୟା ଶିଶୁକନ୍ୟାକୁ ଟୁନା ହାଁସଦା ବିସ୍କୁଟ ଦେଇ ଜଣଙ୍କର ଘରକୁ ଡାକି ନେଇ ସେଠାରେ ଦୁଷ୍କର୍ମ କରିଥିଲା। ପରେ ଯନ୍ତ୍ରଣାରେ ଛଟପଟ ଶିଶୁକନ୍ୟା ମା'ଙ୍କୁ ସବୁ କଥା କହିଥିଲା। ଏନେଇ ପୀଡ଼ିତାଙ୍କ ବାପା ହରିଚନ୍ଦନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ୨୨୬/୨୪ରେ ଦଫା ୬୫ (୨)ବିଏନ୍ ଏସ୍ ୬ ପୋକ୍ସୋ ଧାରାରେ ଏକ ଦୁଷ୍କର୍ମ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିଲା। ସୋମବାର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ୧୯ ଜଣ ସାକ୍ଷୀଙ୍କ ବୟାନ ସହ ପୁଲିସର ତଦନ୍ତକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇବା ସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ସୁପାରିସ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥଜେନା ମାମଲା ପରିଚାଳନା କରୁଥିଲେ।

### ଠିକା କାମକୁ ନେଇ ଫୁଟିଲା ଗୁଳି

# ୨ ବନ୍ଧୁକ ଜବତ, ୬ ଗିରଫ

ବଡ଼ବିଲ, ୧।୧୨ (ସମିସ):

କେନ୍ଦୁଝର ଜିଲ୍ଲା ବଲାଣି ଥାନାଞ୍ଚଳରେ ଏକ ଠିକା କାମକୁ କେନ୍ଦ୍ରକରି ଗୁଳି ଫୁଟିଛି। ଉକ୍ତ ଗୁଳିକାଣ୍ଡରେ କେହି ମୃତାହତ ହୋଇ ନଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୁଲିସ ଗୋଟିଏ ୩୧୫ ଏମଏମ ରାଇଫଲ ଓ ଗୋଟିଏ ପିସ୍ତଲ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ୬ ଜଣଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ବିଳାସପୁର ଅଞ୍ଚଳର ଜଣେ ଠିକାଦାର ବଲାଣି 'ସେଲ୍' ଖଣିରେ ଏକ କାମ ନେଇଥିଲେ। ଉକ୍ତ କାମକୁ ସେ ରାଉରକେଲାର ଜଣେ ସହଯୋଗୀ ଠିକାଦାରଙ୍କୁ ଦେଇଥିଲେ। କାମ ସରିବାରେ ବିଳମ୍ବ ହେବାରୁ 'ସେଲ୍' କର୍ତ୍ତୃପକ୍ଷ ସଂପୃକ୍ତ ଠିକାଦାରଙ୍କୁ ତାଗିଦ କରିବା ସହ ତୁରନ୍ତ କାମ ଶେଷ କରିବାକୁ ଚାପ ପକାଇଥିଲେ। ତେବେ ଗତକାଲି ରାତି ୮ଟାବେଳେ ବିଳାସପୁରର ସମ୍ପୃକ୍ତ ଠିକାଦାର ଓ ତାଙ୍କର ଦୁଇ ସୁରକ୍ଷା କର୍ମୀ (ପିଏଓ) ବଲାଣି ଆସି ରାଉରକେଲାର ସମ୍ପୃକ୍ତ ଠିକାଦାରଙ୍କୁ ଆଲୋଚନା ପାଇଁ ଡାକିଥିଲେ। ରାଉରକେଲାର ଠିକାଦାର ଜଣକ ନିଜର କିଛି ସମର୍ଥକଙ୍କୁ ନେଇ ପହଞ୍ଚିଥିଲେ। ଆଲୋଚନା ସମୟରେ ଉତ୍ତେଜନା ପ୍ରକାଶ ପାଇବାରୁ ବିଳାସପୁର ଠିକାଦାରଙ୍କ ଜଣେ ପିଏଓ ନିଜ ବନ୍ଧୁକରୁ ଗୋଟିଏ ଫାଙ୍କା ଗୁଳି ଚାଳନା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଠିକସଂସ୍ଥାର ୬ ଜଣଙ୍କୁ ହେପାଜତକୁ ନେଇ ତଦନ୍ତ କରୁଥିବା ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ସୂଚନା ଦେଇଛନ୍ତି।

## ଜରଦାରେ ଭାସ୍କର ଜେନାଙ୍କ ସ୍ମୃତିସଭା



ଆନନ୍ଦପୁର, ୧।୧୨ (ସମିସ): ରାମଚନ୍ଦ୍ରପୁର ପଞ୍ଚାୟତ ଜରଦା ଗ୍ରାମର ସଙ୍କୀର୍ତ୍ତନମଣ୍ଡଳୀ ବରିଷ୍ଠ ସଦସ୍ୟ ତଥା ଗ୍ରାମର ମୁରବୀ ଭାସ୍କର ଜେନାଙ୍କ ଏକାଦଶାହରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଚ୍ୟୁତାନନ୍ଦ ଜେନାଙ୍କ ସଂଯୋଜନାରେ ଆୟୋଜିତ ଶୋକସଭାରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ସରପଞ୍ଚ ପ୍ରଦୀପ ସାହୁ, ଘସିପୁରା ବ୍ଲକ ପୂର୍ବତନ ଅଧକ୍ଷ ଦେବାଶିଷ ପାତ୍ର, ସମିତିସଭ୍ୟ ମନ୍ମଥ ସାହୁ, ପୁଅ ଅଚ୍ୟୁତ, ଅମୂଲ୍ୟ, ଅରୁଣ, ଅତନୁ, ଅଞ୍ଜନ, ପୁତୁରା, ଝିଆରୀ ସଂଯୁକ୍ତା, ସାବିତ୍ରୀ, ବିଷ୍ଣୁ, ମେନକା, ଅଶୋକ, ରଘୁ, ମନୋଜ, କୂଳ ଗୀତା, ଉର୍ବଶୀ, ନାତିନାତୁଣୀ ଦେବସ୍ମିତା ଦୀନେଶ, ରାକେଶ, ବିବେକାନନ୍ଦ, ଦିବ୍ୟଜ୍ୟୋତି, ମୁସ୍କାନ ଅଂଶୁମାନ, ଶ୍ରୀୟା, ଆଦ୍ୟାଶା, ଲକି, ଆୟୁଷ୍ମାନ, ଆଦିତ୍ୟ, ଅମ୍ଲାନ ପ୍ରିୟା, ଅର୍ପିତ ପ୍ରମୁଖ ଯୋଗ ଦେଇଥିଲେ।

## କେନ୍ଦୁଝରରେ ଯୁଗ୍ମ ଅଭିଯୋଗ ଶୁଣାଣି



କେନ୍ଦୁଝର, ୧।୧୨(ସମିସ): କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୬୯ଟି ଅଭିଯୋଗ ମଧ୍ୟରୁ ୨୭ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୪୨ଟି ଅଭିଯୋଗ ବ୍ୟକ୍ତିଗତ ଥିଲା। ୨୯ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୩ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ଜିଲ୍ଲା ପରିଷଦ କେନ୍ଦୁଝରର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିନୋଦ ବିହାରୀ ମିଶ୍ର, ଡେପୁଟି କଲେକ୍ଟର ଅଭିଲାଷ ପୁରୋହିତ ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଆସନ୍ତା ୮ ତାରିଖ ସୋମବାର ଆନନ୍ଦପୁର ପଞ୍ଚାୟତ ସମିତି, ୧୫ ତାରିଖ ସୋମବାର ଝୁମ୍ପୁରା ପଞ୍ଚାୟତସମିତି କାର୍ଯ୍ୟାଳୟ, ୨୨ ତାରିଖ ସୋମବାର ବାଂଶପାଳ ପଞ୍ଚାୟତସମିତି କାର୍ଯ୍ୟାଳୟ ଏବଂ ୨୯ ତାରିଖ ସୋମବାର ଘଟଗାଁ ପଞ୍ଚାୟତସମିତି କାର୍ଯ୍ୟାଳୟରେ ଚଳିତ ମାସର ପରବର୍ତ୍ତୀ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

## ଚମ୍ପୁଆ ଶିଶୁ ମନ୍ଦିରରେ ବାଲ୍ ଓ କନ୍ୟା ଶିବିର



ଚମ୍ପୁଆ,୧।୧୨(ସମିସ): ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ୬ଷ୍ଠରୁ ୧୦ମ ଶ୍ରେଣୀର ଛାତ୍ରୀଙ୍କୁ ନେଇ ବାଲ୍ ଓ କନ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲା ବେଳେ ବିଦ୍ୟାଳୟ ସଂଯୋଜକ ଧରଣୀଧର ଦାସ ଶିକ୍ଷାରେ ଉତ୍କର୍ଷତା ପ୍ରତିପାଦନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ବାଲ୍ ଓ କନ୍ୟା ଶିବିରର ଆଭିମୁଖ୍ୟ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟ ସରୋଜ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଏନଏମ ମାନସୀ ଦାସ ବାଳିକାଙ୍କ ସ୍ୱାସ୍ଥ୍ୟ ସଚେତନତା ବିଷୟରେ ଅବଗତ କରିଥିଲେ। ଆଇନଜୀବୀ ସଞ୍ଜୟ କୁମାର ଗିରି ଛାତ୍ରଛାତ୍ରୀଙ୍କୁ ଆଇନ ସଚେତନତା ବିଷୟରେ ଅବଗତ କରିଥିଲେ। ଆଚାର୍ଯ୍ୟ ଉମେଶଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ସେବକ ସେବିକା ସହଯୋଗ କରିଥିଲେ।

## ପମ୍ପ ହାଉସ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ



ଆନନ୍ଦପୁର, ୧।୧୨(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌର ପରିଷଦର ୧୬ ନମ୍ବର ୱାର୍ଡର ଭୂତଳ ପମ୍ପ ହାଉସର ଅସ୍ଥାୟୀ କର୍ମଚାରୀଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି କାଉନସିଲର ଲିନାରାଣୀ ସାହୁ। ଶୈଳଙ୍କ ଗ୍ରାମର ରଞ୍ଜନ କୁମାର ରାଉତରାୟ ଦୀର୍ଘ ଦିନ ଧରି ପମ୍ପ ହାଉସକୁ ନିଜ ଆଡ୍ଡା ଘର କରି ରହିବା ସହ ସେଠାରେ ମୋଟର ବେବହାର କରୁଥିବା ମଧ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି କାଉନସିଲର। ଏନେଇ ସମ୍ପୃକ୍ତ କର୍ମଚାରୀଙ୍କୁ କାଉନସିଲରଙ୍କ ସ୍ୱାମୀ ପଚାରିବାରୁ ବିଭିନ୍ନ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ତେବେ ଭୂତଳ ଜଳ ସମ୍ପଦ ବିଭାଗ ପକ୍ଷରୁ ପମ୍ପ ହାଉସ କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗ ଦେଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଉପଜିଲ୍ଲାପାଳଙ୍କ ନିକଟରେ କାଉସିଲର ଅଭିଯୋଗ କରିଛନ୍ତି। ଉପଜିଲ୍ଲାପାଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ସୂଚନା ରହିଛି।

## ମୌଳିକ ସମସ୍ୟା ସମାଧାନ ନେଇ ବିଧାନସଭାରେ ବିଧାୟକଙ୍କ ପ୍ରଶ୍ନ



ତେଲକୋଇ, ୧।୧୨(ସମିସ): ତେଲକୋଇ ବ୍ଲକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ବିଧାନସଭାର ଶୂନ୍ୟକାଳରେ ପ୍ରଶ୍ନ ଉଠାଇଛନ୍ତି ବିଧାୟକ ଡ଼ାକ୍ତର ଫକୀର ମୋହନ ନାଏକ। ଶିକ୍ଷା କ୍ଷେତ୍ରରେ ବିଦ୍ୟାଳୟଗୁଡ଼ିକର ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ସେହିପରି ନିର୍ବାଚନମଣ୍ଡଳୀରେ ଛାତ୍ରଛାତ୍ରୀଙ୍କ ଡ୍ରପଆଉଟ୍ ହେଉଥିବା ସହ ୩୧ ଜଣ ଶିକ୍ଷକଶିକ୍ଷୟିତ୍ରୀ ଡେପୁଟେସନରେ ଅନ୍ୟ ଜିଲ୍ଲାକୁ ଯାଇଛନ୍ତି। ତାଙ୍କୁ ପୁରା ବଦଳି କରାଯାଉ କିମ୍ବା ବଦଳି ବନ୍ଦ ପାଇ ବିଧାୟକ ପ୍ରଶ୍ନ କରିଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଶୋଚନୀୟ ହୋଇ ରହିଛି। ଯାହାଫଳରେ ସ୍ୱତନ୍ତ୍ର ବିଧାନସଭା ସ୍ୱାସ୍ଥ୍ୟ ବିଭାଗୀୟ ସ୍ଥାୟୀ କମିଟି ମଧ୍ୟ ପରିଦର୍ଶନ କରି କ୍ଷୋଭ ପ୍ରକାଶ କରିଥିଲେ। ନୂତନ କୋଠା ନିର୍ମାଣ ପାଇଁ ତୁରନ୍ତ ଆବଶ୍ୟକତା ରହିଥିବା କହିଥିଲେ। ସେହିପରି ବିଦ୍ୟୁତ ସମସ୍ୟା ଯୋଗୁଁ ପିଲାଙ୍କ ପାଠପଢା ବାଧାପ୍ରାପ୍ତ ହେଉଛି। ନେଟୱର୍କ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏନେଇ ବିଭିନ୍ନ ବିଭାଗୀୟ ମନ୍ତ୍ରୀଗଣଙ୍କୁ ବିଧାନସଭାରେ ବାଚସ୍ପତିଙ୍କ ସମ୍ମୁଖରେ ପ୍ରଶ୍ନ କରି ତେଲକୋଇ ନିର୍ବାଚନମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ସମାଧାନ ଦିଗରେ ଦାବି ଜଣାଇଛନ୍ତି।

## ଟୁକୁଣା ମହାବିଦ୍ୟାଳୟରେ ଗୀତା ଆବୃତ୍ତି ପ୍ରତିଯୋଗିତା





ଆନନ୍ଦପୁର, ୧।୧୨ (ସମିସ): ଟୁକୁଣା ବଳଭଦ୍ର ନାରାୟଣ ସରକାରୀ ସଂସ୍କୃତ ମହାବଦ୍ୟାଳୟରେ ପ୍ରଜ୍ଞାନ ମିଶନ ତରଫରୁ ଏକ ବ୍ଲକସ୍ତରୀୟ ପଞ୍ଚମ ଅଧ୍ୟାୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ଡକ୍ଟର ଗୋପୀନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଚାରକ ରୂପେ ଆନନ୍ଦପୁର ଆଦର୍ଶ ବିଦ୍ୟାଳୟର ଆଚାର୍ଯ୍ୟ ଡକ୍ଟର ବିପ୍ରବର ଦଳାଇ, ରାଜୀବ ଲୋଚନ ବେହେରା, କଂଶ କେନ୍ଦୁଆସ୍ଥିତ ମଧୁବନ ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ନାମିତରାଣୀ ରଥ ଓ ପଞ୍ଚୁପଲ୍ଲୀ ଉନ୍ନୀତ ମଧ୍ୟଇଂରଜୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୁଭସ୍ମିତ ମିଶ୍ର ଯୋଗ ଦେଇଥିଲେ। ଏଥିରେ ଆନନ୍ଦପୁର ଓ ଘଷିପୁରା ବ୍ଲକର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଗ୍ରୁପ-ଏ ସମ୍ପୂର୍ଣ୍ଣା ମିଶ୍ର, ପ୍ରତ୍ୟୁଷ ମିଶ୍ର, ଗ୍ରୁପ-ବିର ଅର୍ପିତା ଦାଶ, ପ୍ରତ୍ୟୁଷା ମିଶ୍ର ଓ ଆକାଂକ୍ଷା ଉପାଧ୍ୟାୟ, ଗ୍ରୁପ-ସିର ଦିବ୍ୟରଞ୍ଜନ ମିଶ୍ର, ସୁଦୀପ୍ତ ମିଶ୍ର, ଦମୟନ୍ତୀ ମିଶ୍ର ଓ ଗ୍ରୁପ-ଡିର ମନ୍ମଥ ମିଶ୍ର, ସ୍ୱପ୍ନା ଦାସ, ଅଙ୍କିତା ଉପାଧ୍ୟାୟ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି।

## ମାସକରେ ଚାଲିଗଲେ ଦୁଇ ସନ୍ତାନ; ସହାୟତା ଦାବି



ଆନନ୍ଦପୁର, ୧।୧୨ (ସମିସ): ମାସକ ମଧ୍ୟରେ ଦୁଇଟି ସନ୍ତାନଙ୍କୁ ହରାଇ ଭାଙ୍ଗି ପଡ଼ିଥିବା ପରିବାର ଶୁଦ୍ଧିକ୍ରିୟା ପାଇଁ ପ୍ରଶାସନର ସହଯୋଗ ଲୋଡ଼ିଛନ୍ତି। ଘସିପୁରା ବ୍ଲକର ପଣ୍ଡୁଆ ଗ୍ରାମର ବୃଦ୍ଧ ଦମ୍ପତି ଗୋବିନ୍ଦ ଜେନା (୭୦) ଏବଂ ସୁବାଶିନୀ ଜେନା (୫୫) ନିକଟରେ ଏକ ଦୁଇଟି ପୁତ୍ରଙ୍କୁ ହରାଇ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଅର୍ଥ ଅଭାବରୁ ସେମାନେ ପ୍ରଶାସନ ନିକଟରେ ଆର୍ଥିକ ସାହାଯ୍ୟ ଏବଂ ସାନପୁଅର ଶୁଦ୍ଧିକ୍ରିୟା ସମ୍ପନ୍ନ କରିବା ପାଇଁ ନିବେଦନ କରିଛନ୍ତି। ଗତ ପାଞ୍ଚ ବର୍ଷ ଧରି କର୍କଟ ରୋଗ ସହିତ ଲଢିକରି ଗୋବିନ୍ଦଙ୍କ ବଡପୁଅ ସଞ୍ଜୟ ଜେନା (୪୦) ଅଳ୍ପ କିଛି ଦିନ ତଳେ ମୃତ୍ୟୁ ବରଣ କରିଛନ୍ତି। ସଞ୍ଜୟ ନିଜର ପତ୍ନୀ ଲତା ଜେନା (୩୦) ଏବଂ ତିନି ଝିଅଙ୍କୁ ଛାଡିଯାଇଛନ୍ତି। ପରିବାରର ଏକମାତ୍ର ଅନ୍ୟ ଆଶା ଥିଲା ସାନପୁଅ ଶରତ ଜେନା (୩୦), ଯିଏକି ସମ୍ପୂର୍ଣ୍ଣ ପରିବାରର ଭରଣପୋଷଣ ଭାର ବହନ କରୁଥିଲେ; କିନ୍ତୁ ଦୁର୍ଭାଗ୍ୟ ଜନକ ଭାବେ କିଛି ଦିନ ତଳେ ଶରତଙ୍କର ମୃତ୍ୟୁ ହୋଇଛି। ଏହି ମାମଲାରେ ଗୋବିନ୍ଦ ଜେନା କହିଛନ୍ତି, 'ମୋର ଦୁଇଟି ସନ୍ତାନଙ୍କୁ ହରାଇଲି। ମୋ ବଡ଼ପୁଅ ରୋଗରେ ଚାଲିଗଲା, ଆଉ ସାନପୁଅ ହୃଦଘାତରେରେ। ଆମେ ନିରାଶ୍ରୟ ବୁଢାବୁଢୀ ହୋଇଗଲୁ, ଆଉ କିଏ ଅଛି ଆମ ପାଖରେ? ମୋ ବଡ଼ପୁଅର ପରିବାର, ତିନି ଝିଅ ଏବଂ ବୋହୂ ଲତା କେମିତି ଚଳିବେ? ପ୍ରଶାସନ ଯଦି ସାହାଯ୍ୟ କରନ୍ତେ, ସାନ ପୁଅ ଶୁଦ୍ଧିକ୍ରିୟା ହୁଅନ୍ତା ଏବଂ ଲତାଙ୍କୁ ଭତ୍ତା ଟଙ୍କା ମିଳିବା ସହ ଆବାସ ଯୋଜନା ଟେ କରେଇଦେଲେ ତାଙ୍କ ପରିବାର ରହିବା ସହ ସେ ତାଙ୍କ ଝିଅମାନଙ୍କୁ ପାଠ ପଢାଇପାରନ୍ତେ। ପ୍ରଶାସନ ଏବଂ ସମାଜ ସେବା ସଂସ୍ଥାଗୁଡିକ ଆଗେଇ ଆସି ଏହି ଭାଙ୍ଗିପଡିଥିବା ପରିବାରକୁ ସାହାଯ୍ୟ କରିବା ଉଚିତ୍'। ଶୋକାକୁଳ ଏହି ପରିବାରଙ୍କ ପାଇଁ ଆମର ଛୋଟ ଛୋଟ ଉଦ୍ୟମ ମଧ୍ୟ ଏକ ବଡ଼ ସହାୟତା ହୋଇପାରେ।



# ଭତ୍ତା ଅପେକ୍ଷାରେ ୧୫ ହଜାର ଆବେଦନକାରୀ

ଭଦ୍ରକ, ୧।୧୨ (ସମିସ)

ଭଦ୍ରକ ଜିଲ୍ଲାରେ ୧ ଲକ୍ଷ ୯୩ ହଜାର ୪୩୦ ଜଣ ବିଭିନ୍ନ ପ୍ରକାର ଭତ୍ତାଧାରୀ ଭତ୍ତା ପାଉଛନ୍ତି। ଏହି ଭତ୍ତାଧାରୀଙ୍କ ମଧ୍ୟରେ କେବଳ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ୧ ଲକ୍ଷ ୩୩ ହଜାର ୪୬୪ ଜଣ ଭତ୍ତା ପାଉଥିବା ଜଣାପଡ଼ିଛି। ଅବଶିଷ୍ଟ ୫୯୯୬୬ ଜଣ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ପେନସନ ଯୋଜନା, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ପେନସନ ଯୋଜନା ଓ ଇନ୍ଦିରା ଗାନ୍ଧୀ ଜାତୀୟ ଦିବ୍ୟାଙ୍ଗ ପେନସନ ଯୋଜନାର ଭତ୍ତାଧାରୀ ଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଜିଲ୍ଲାରେ ଇନ୍ଦିରା ଗାନ୍ଧୀ ଜାତୀୟ ପେନସନ ଯୋଜନାରେ ୪୫ ହଜାର ୯୯୧ ଜଣ ବାର୍ଦ୍ଧକ୍ୟ ଭତ୍ତାଧାରୀ ଭତ୍ତା ପାଉଥିବାବେଳେ ଏହି ପେନସନ ଯୋଜନାରେ ୧୨ ହଜାର ୧୪୫ ଜଣ ବିଧବା ଭତ୍ତା ପାଉଛନ୍ତି। ସେହିଭଳି ଜାତୀୟ ପେନସନ ଯୋଜନାରେ ଜିଲ୍ଲାର ୧୮୩୦ ଜଣ ଦିବ୍ୟାଙ୍ଗ ଭତ୍ତା ନେଉଥିବା ଜଣାଯାଇଛି। ଜିଲ୍ଲାର ବାସୁଦେବପୁର ବ୍ଲକ ଓ ପୌରାଞ୍ଚଳରେ ସର୍ବାଧିକ ୩୬ ହଜାର ୧୫୩ ଜଣ ଉଭୟ ଯୋଜନାରେ ଭତ୍ତା ପାଉଥିବାବେଳେ ଏହା ପଛକୁ ଭଦ୍ରକ ବ୍ଲକ ଓ ଭଦ୍ରକ ପୌରାଞ୍ଚଳ ରହିଛି। ଭଦ୍ରକ ବ୍ଲକ ଓ ପୌରାଞ୍ଚଳରେ ଉଭୟ ପେନସନ ଯୋଜନାରେ ୩୬ ହଜାର ୧୫୩ ଜଣ ବିଭିନ୍ନ ବର୍ଗର ଭତ୍ତାଧାରୀ ଭତ୍ତା ନେଉଛନ୍ତି। ସବୁଠାରୁ କମ୍ ରହିଛି ଜିଲ୍ଲାର ଚାନ୍ଦବାଲି ବ୍ଲକ ଓ ବିଞ୍ଛିତ ଅଞ୍ଚଳ। ଏହି ଅଞ୍ଚଳରୁ ୩୨ ହଜାର ୧୬୭ ଜଣ ଭତ୍ତାଧାରୀ ଭତ୍ତା ନେଉଥିବା ଜଣାଯାଇଛି। ଅନ୍ୟପକ୍ଷରେ ଜିଲ୍ଲାରେ ନୂତନ ଭତ୍ତା (ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ) ପାଇଁ ୧୫ ହଜାରରୁ ଅଧିକ ଆବେଦନକାରୀ ଚାହିଁ ବସିଛନ୍ତି। ଅନଲାଇନରେ ଏମାନେ ବର୍ଷେରୁ ଅଧିକ ସମୟ ହେବ ଆବେଦନ କରିଥିଲେ ବି ଜିଲ୍ଲାକୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ଟାର୍ଗେଟ ଆସି ନ ଥିବାରୁ ସେମାନଙ୍କୁ ଭତ୍ତା ଦିଆଯାଇ ନ ଥିବା ନୂତନ ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଖଗେଶ୍ୱର ସେଠୀ ସୂଚନା ଦେଇଛନ୍ତି। ଖୁବଶୀଘ୍ର ଜିଲ୍ଲାକୁ ଭତ୍ତା ଟାର୍ଗେଟ ଆସିବ ବୋଲି ସେ ସୂଚନା ଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୨୦୧୦ରୁ ଜାତୀୟ ଭତ୍ତା ଟାର୍ଗେଟ ଆସିନାହିଁ। ତେଣୁ ୧୫ ହଜାର ଭତ୍ତା ଆବେଦନକାରୀଙ୍କୁ କେବଳ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାର ଟାର୍ଗେଟ ଆସିଲେ ଦିଆଯିବ ବୋଲି ଜଣାଯାଇଛି।

**ଜିଲ୍ଲାରେ ୧ ଲକ୍ଷ ୯୩ ହଜାର ୪୩୦ ଜଣ ଭତ୍ତାଧାରୀ**
**ମଧୁବାବୁ ପେନସନ୍ ଯୋଜନାରେ ୧ ଲକ୍ଷ ୩୩ ହଜାର ୪୬୪**
**ସର୍ବାଧିକ ବାସୁଦେବପୁରରେ ୩୬ ହଜାର ୧୫୩ ଭତ୍ତାଧାରୀ**

# ପ୍ରାଥମିକ ଶିକ୍ଷକ ମହାସଂଘର ଦାବିପତ୍ର ପ୍ରଦାନ




ବାସୁଦେବପୁର, ୧।୧୨(ସମିସ): ପ୍ରାଥମିକ ଶିକ୍ଷକ ମହାସଂଘ ଆହ୍ୱାନକ୍ରମେ ବାସୁଦେବପୁର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୨ ଦଫା ଦାବିପତ୍ର ବିଇଓ ଜରିଆରେ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରାଯାଇଛି। ଆସନ୍ତା ଦୁଇଦିନ ସୁଦ୍ଧା ଦାବି ପୂରଣ ନ ହେଲେ ବିଧାନସଭା ଘେରଉ କରିବାକୁ ଧମକ ଦେଇଛନ୍ତି। ଦିନକୁ ଦିନ ଡବଲ ଇଞ୍ଜିନ ସରକାରଙ୍କ ଉପରେ ପ୍ରାଥମିକ ଶିକ୍ଷକଙ୍କ ଚାପ ବୃଦ୍ଧି ପାଉଛି। ରାଜ୍ୟର ୧ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ୨ଟି ଦାବି କରିଆସୁଛନ୍ତି। ସେଥିମଧ୍ୟରୁ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମୂଳ ପଦବୀକୁ ଅପଗ୍ରେଡ କରି ଲେଭୁଲ-୯ ଅନୁଯାୟୀ ମୂଳ ବେତନର ୩୦ହଜାର ୪ଶହ ପ୍ରଦାନ କରିବା ଓ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ଦାବି ହେଉଛି। ଶିକ୍ଷକ ନେତା ସୁବ୍ରତ ଧଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବ୍ଲକ ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ଏବିଇଓ ଉର୍ମିଳା କରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦୈତାରୀ ବେହେରା, ରମାକାନ୍ତ ମଲିକ, ଗୟାଧର ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ମିଳିତ ଜନଶୁଣାଣି ଶିବିର



ଭଦ୍ରକ, ୧।୧୨(ସମିସ): ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ସରୋଜ ଦତ୍ତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଆଡିସନାଲ ଏସ୍‌ପି ସମ୍ବିତ ମାଝୀ, ଡେପୁଟି କଲେକ୍ଟର ଜ୍ଞାନରଞ୍ଜନ ଦାସ, ଡାକ୍ତର ସଙ୍ଗୀତା ବଳ ଓ ଅନ୍ୟ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଶିବିରରେ ୧୭୬ ଆବେଦନ ପତ୍ର ଦାଖଲ ହୋଇଥିଲା। ସେଥିରୁ ୧୪୧ଟି ବ୍ୟକ୍ତିଗତ ଥିଲାବେଳେ, ୩୫ଟି ସାମୂହିକ ଥିଲା। ୩୦ଟିର ସମାଧାନ ତତକ୍ଷଣାତ୍ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୮ ଜଣଙ୍କୁ ଓ ରେଡକ୍ରସ ରୁ ୧୦ ଜଣଙ୍କୁ ମୋଟ ୧, ୩୭, ୫୦୦/- ଟଙ୍କା ପ୍ରଦାନ କରାଯାଇଥିଲା।

# ଭଦ୍ରକ ଶିକ୍ଷକ ମହାସଂଘର ଦାବିପତ୍ର ପ୍ରଦାନ




ଭଦ୍ରକ, ୧।୧୨(ସମିସ): ପ୍ରାଥମିକ ଶିକ୍ଷକ ମହାସଂଘ ଡକରାରେ ଆଜି ଭଦ୍ରକ ଜିଲ୍ଲା ପ୍ରାଥମିକ ଶିକ୍ଷକ ୨ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏ ଦାବି ପୂରଣ କରା ନ ଗଲେ ଆସନ୍ତା ୫ ତାରିଖ ଭୁବନେଶ୍ୱର ଲୋୟର ପିଏମଜରେ ଶିକ୍ଷକ ଆନ୍ଦୋଳନରେ ଭଦ୍ରକ ଜିଲ୍ଲାରୁ ହଜାର ହଜାର ଶିକ୍ଷକ ସାମିଲ ହେବେ ବୋଲି ଶିକ୍ଷକ ନେତା ଅରବିନ୍ଦ ଦୀକ୍ଷିତ, ପ୍ରଣୟ ମହାପାତ୍ର, ତବରେଜ ଖାନ, ଅଜିତ ମହାରଣା, ଉତ୍ତମ ଦାସ, ନିଳାଦ୍ରୀ ତ୍ରିପାଠୀ, ଚନ୍ଦ୍ରକାନ୍ତ ଶୁକ୍ଳ, ଚନ୍ଦ୍ରଭାନୁ ନାୟକ, ସୁକାନ୍ତ ନାୟକ ପ୍ରମୁଖ ଦୃଢ ଦାବି କରିଛନ୍ତି।

# ବିଶ୍ୱ ଏଡ୍‌ସ ଦିବସ ପାଳିତ



ଭଦ୍ରକ, ୧।୧୨(ସମିସ): ଓଡ଼ିଶା ଏଡ୍‌ସ ନିୟନ୍ତ୍ରଣ ସମିତି, ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ, ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ମିଶନ୍ ପବ୍ଲିକ୍ ସ୍କୁଲ୍ ଓ ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ବିଶ୍ୱ ଏଡ୍‌ସ ଦିବସ ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗ ଦେବା ସହ ପତାକା ଦେଖାଇ ଏଡ୍‌ସ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଆଡସନାଲ ଏସ୍‌ପି(ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧିରଞ୍ଜନ ନାୟକଙ୍କ ସମେତ ସ୍ୱାସ୍ଥ୍ୟ କର୍ମୀ ଓ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀ ଏଡ୍‌ସ ସଚେତନତା ପ୍ଲାକାର୍ଡ ଧରି ନଗର ପରିକ୍ରମା କରିଥିଲେ। ଆଚରଣ, ଚିନ୍ତାଧାରା ଓ ବ୍ୟବହାରରେ ପରିବର୍ତ୍ତନ ଆଣିପାରିଲେ ଏଡ୍‌ସ ଭଳି ମାରାତ୍ମକ ରୋଗକୁ ନିୟନ୍ତ୍ରଣ କରିହେବ ବୋଲି ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ।

## ସାଳନ୍ଦୀ ଜୁନିୟର କଲେଜ



ଭଦ୍ରକ: ଭଦ୍ରକ ଉତ୍ତରବାହିନୀସ୍ଥ ସାଳନ୍ଦୀ ଜୁନିୟର କଲେଜରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ ସଂସ୍ଥାର ନୋଡାଲ ଅଫିସର୍ ବରିଷ୍ଠ ଅଧ୍ୟାପକ ସୁଭାଶିଷ ଭଟ୍ଟାଚାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟାପକ ବିଶ୍ୱଜିତ ରାଉତ, ମଧୁମିତା ସ୍ୱାଇଁ, ଅଳକା ସାହୁ, ଲକ୍ଷ୍ମୀପ୍ରିୟା ଦାସ, ମମତା ଜେନା, ଦେବେନ୍ଦ୍ର ସାହୁ, ଲକ୍ଷ୍ମଣ କିଷାନ୍, ରବୀନ୍ଦ୍ର ପାଢ଼ୀ ସହଯୋଗ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ବିଜୟ ଦାସ ଯୋଗ ଦେଇଥିଲେ। ଫେଲୋସିପ୍‌ର ଦୁଇ ଜଣିଆ ଅଭିଜ୍ଞ ପ୍ରବକ୍ତା ସାବିତ୍ରୀ ବିଶ୍ୱାଳ ଓ ସସ୍ମିତା ବାରିକ୍ ଏଡସର ଭୟାବହତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ସୁଷମା ସାହୁ, ସଂଯୁକ୍ତା ପାଢ଼ୀ, ବବିତାରାଣୀ ମହାନ୍ତି, ଅମର ପରିଡ଼ା ଓ ପ୍ରଭାତ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ଉତ୍ସବ**

# 'ଶୀତଳଭଣ୍ଡାରରେ ଓଡ଼ିଆ ଭାଷାର ସୁରକ୍ଷା'



ଭଦ୍ରକ, ୧।୧୨(ସମିସ): ସରକାର ପରେ ସରକାର ପରିବର୍ତ୍ତନ ହେଉଛି, ତେବେ ଆଜି ବି ଓଡ଼ିଆ ଭାଷାର ସୁରକ୍ଷା ଶୀତଳଭଣ୍ଡାରରେ ବୋଲି ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦର ୪୨ତମ ବାର୍ଷିକ ଉତ୍ସବ ଓ ମହତାବ ଜୟନ୍ତୀ ଅବସରରେ ଔପନ୍ୟାସିକ ଚିତ୍ତରଞ୍ଜନ ଚିରଞ୍ଜିତ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦର ସଭାପତି ବିମ୍ବାଧର ବେହେରାଙ୍କ ସଭାପତିତ୍ୱ ଓ କାର୍ଯ୍ୟକାରୀ ସଭାପତି ଭାଗୀରଥି ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ କବି ସାଧୁଚରଣ ମହାପାତ୍ର ସଭା ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଦେବେନ୍ଦ୍ର ନାଥ ଅଗସ୍ତି ଓ ସମ୍ମାନିତ ଅତିଥି ଭାବେ କବି ନାରାୟଣ ପ୍ରଧାନ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ସାହୁ ଯୋଗ ଦେଇଥିଲେ। ରାଣୀତାଲ ଉଚ୍ଚବିଦ୍ୟାଳୟ ଛାତ୍ରୀ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିବାବେଳେ କେଦାରନାଥ ମହାପାତ୍ର ବେଦ ପାଠ କରିଥିଲେ। ବିଏସ ସାମାଜିକ ସଂଗଠନର ପିଲାମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ସମ୍ପାଦକ ତପନ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସହସମ୍ପାଦକ ରମେଶ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏ ଅବସରରେ ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦର ମୁଖପତ୍ର 'ରାଣୀପ୍ରଭା'ର ୧୧ତମ ସଂସ୍କରଣ ଓ ପୂର୍ବତନ ପୁଲିସ ଅଫିସର ଗଗନବିହାରୀ କରଙ୍କ 'ବିବାହ ସଂସ୍କୃତି'ର ଲୋକାର୍ପଣ କରାଯାଇଥିଲା। ପରିଷଦ ପକ୍ଷରୁ ଚିତ୍ତରଞ୍ଜନ ଚିରଞ୍ଜିତଙ୍କୁ ଓଡ଼ିଆ ଭାଷା ସାହିତ୍ୟ ଗୌରବ ସମ୍ମାନ, କବି ଭରତ ଦାଶଙ୍କୁ କାବ୍ୟ ଭାରତୀ ଲକ୍ଷ୍ମୀଧର ମିଶ୍ର ସମ୍ମାନ, ଆଲୋକ ଖେମକାଙ୍କୁ ସମାଜସେବୀ ଶଙ୍କର୍ଷଣ ଦାଶ ସମ୍ମାନ, ଶିଶୁ ସାହିତ୍ୟିକ ବାଇଧର ନାୟକଙ୍କୁ ସାଳନ୍ଦୀ ସମ୍ମାନ, ଶିକ୍ଷାବିତ ସୁଶାନ୍ତ ମିଶ୍ରଙ୍କୁ ଦାମୋଦର ଚୌଧୁରୀ କୃତି ଶିକ୍ଷକ ସମ୍ମାନ, ବ୍ୟଙ୍ଗକବି ଉମାକାନ୍ତ ପାଣିଗ୍ରାହୀଙ୍କୁ ନୀଳମଣି ନାୟକ ସ୍ମୃତି ସମ୍ମାନ, ଡଃ ଦେବସ୍ମିତା ପଣ୍ଡାଙ୍କୁ କରୋନା ଯୋଦ୍ଧା ଡ. ନରହରି ବେହେରା ସମ୍ମାନ, ଦଶମ ଶ୍ରେଣୀ ବ୍ଲକ ଟପର ଦେବୀରାଣୀ ସାହୁଙ୍କୁ ରାଧାଶ୍ୟାମ ମହାନ୍ତି କୃତୀ ସମ୍ମାନ ଓ ରାଣୀତାଲର ଦଶମ ଶ୍ରେଣୀ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଶୁଭଲକ୍ଷ୍ମୀ ସାହୁଙ୍କୁ ପୂର୍ଣ୍ଣଚନ୍ଦ୍ର ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। ଦ୍ୱିତୀୟାର୍ଦ୍ଧରେ ସୁଶାନ୍ତ ମିଶ୍ର, ସାବିତ୍ରୀ କବି, ମନୋରମା ରାୟ, ମହେଶ୍ୱର ନାୟକଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦ରୁ ଅଧିକ କବି, କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

# ସ୍କୁଲ ଜମି ଅବରୋଧ ମୁକ୍ତ ଦାବି

ରିକପୁର, ୧।୧୨(ସମିସ): ସମସ୍ତ ସରକାରୀ ଓ ସର୍ବସାଧାରଣ ଜମିକୁ ଜବରଦଖଲ ମୁକ୍ତ କରାଯିବ ବୋଲି ସରକାର କହୁଥିବାବେଳେ ବାସ୍ତବ କ୍ଷେତ୍ରରେ ସ୍ଥିତି କିନ୍ତୁ ଅଲଗା ରହିଛି। ସ୍ୱାର୍ଥାନ୍ୱେଷୀ ସରକାରୀ ଜମିକୁ ବର୍ଷ ବର୍ଷ ଧରି ନିଜ ଅକ୍ତିଆରରେ ରଖିବା ଯୋଗୁଁ ଏହା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଏହାକୁ ସ୍ଥାନୀୟ ପ୍ରଶାସନ ଜବରଦଖଲ ମୁକ୍ତ କରିବାରେ ବିଫଳ ହେଉଛି। ଭଣ୍ଡାରିପୋଖରୀ ବ୍ଲକ ନେରଡା ସରକାରୀ ଉପ୍ରା ବିଦ୍ୟାଳୟ ପରିସର ଓ ଏହାର ସଂଲଗ୍ନ ସରକାରୀ ସ୍ଥାନକୁ କିଛି ଅସାଧୁ ବ୍ୟକ୍ତି ଜବରଦଖଲ କରିଛନ୍ତି। ସ୍କୁଲ ମୁଖ୍ୟ ଫାଟକ ରାସ୍ତାକୁ ଅବରୋଧ କରାଯାଇଥିବାବେଳେ ସେଠାରେ କିଛି ଲୋକ ଗାଡ଼ି ରଖିଛନ୍ତି। ଖେଳ ପଡ଼ିଆକୁ ମଧ୍ୟ ଅବରୋଧ କରାଯାଇଛି। ସ୍କୁଲ ପାଚେରି ନିର୍ମାଣରେ ଏହି ସ୍ୱାର୍ଥପର ବ୍ୟକ୍ତି ବାଧକ ସାଜିଛନ୍ତି। ବିଦ୍ୟାଳୟ ଗୃହକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ସ୍ଥାନକୁ ଜବରଦଖଲ କରାଯାଇଥିବା ଜଣାପଡ଼ିଛି। ଏସବୁ ସ୍ଥାନ ଜବରଦଖଲ ମୁକ୍ତ ପାଇଁ ନେରଡା, ବନସ୍ତା ଓ କପିଳ ଗ୍ରାମବାସୀ ଗତ ଅଗଷ୍ଟ ମାସରେ ପ୍ରଶାସନକୁ ଜଣାଇଥିଲେ। ପ୍ରଶାସନ ଏଯାଏଁ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ତେଣୁ ଅଭିଭାବକ ଓ ଗ୍ରାମର ସଚେତନ ନାଗରିକ ଦ୍ୱିତୀୟ ଥର ଦାବି କରିଛନ୍ତି।

# ସର୍ବଭାରତୀୟ ପ୍ରତିବାଦ ସଭା




ଭଣ୍ଡାରିପୋଖରୀ/ବାରିକପୁର, ୧।୧୨ (ସମିସ): କିଶାନ କ୍ଷେତ ମଜଦୁର ସଂଗଠନ (ଏଆଇକେକେଏମଏସ) ଭଣ୍ଡାରିପୋଖରୀ ଶାଖା ପକ୍ଷରୁ ସର୍ବଭାରତୀୟ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଦସ୍ୟ ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ଥାନା ଛକ ଯାଏଁ ଶୋଭାଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦୁଝରର ଜିଲ୍ଲା ପାଟଣା ଜିନ୍ଦଲ ବିରୋଧୀ ମଞ୍ଚ ସମ୍ପାଦକ ବେଣୁଧର ସର୍ଦ୍ଦାର ଓ ଅନ୍ୟ ୫ ଜଣଙ୍କୁ ଗିରଫ ପ୍ରତିବାଦରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରାମଚନ୍ଦ୍ର ଶଙ୍ଖୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପର୍ଶୁରାମ ଲେଙ୍କା, ଦିଗମ୍ବର ସ୍ୱାଇଁ, ଅନାମ ସାମଲ, ସୁରମା ସାମଲ, ମଧୁସୂଦନ ଓଝା, ନୀଳମଣି ସେଠୀ, ସୁଜିମଣୀ ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ପୁଲିସ ଜୁଲମ ବିରୋଧରେ ବିକ୍ଷୋଦଗାର କରିଥିଲେ। କେନ୍ଦୁଝରରେ ପେସ୍କୋ ଜିନ୍ଦଲ ଚୁକ୍ତି ରଦ୍ଦ କରିବା, ଚାଷଜମି ଅଧିଗ୍ରହଣ ବନ୍ଦ କରିବା, ମଞ୍ଚ ସମ୍ପାଦକ ଓ ଅନ୍ୟମାନଙ୍କୁ ନିସର୍ତ୍ତ କାରାମୁକ୍ତି ପାଇଁ ସଦସ୍ୟମାନେ ଦାବି କରିଥିଲେ।

# ଭେଙ୍କଟେଶ୍ୱର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଭଦ୍ରକ, ୧।୧୨(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲିସ୍ଥ ଭେଙ୍କଟେଶ୍ୱର ବିଦ୍ୟାଳୟର ୧୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମେନ ସୁଧୀର ମହାନ୍ତି କ୍ରୀଡ଼ା ପତକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ଶିଶୁ ଶ୍ରେଣୀ ପିଲାଙ୍କ ପାଇଁ ବୋତଲ ଦୌଡ଼, ବାଟିଗୋଟା, ବାଲତିକୁ ବଲ ପକା, ବେଙ୍ଗଡ଼ିଆଁ, କନିଷ୍ଠ ଓ ବରିଷ୍ଠ ବର୍ଗ ପାଇଁ ଉଚ୍ଚଡିଆଁ, ଲମ୍ବଡିଆଁ, ଅଖା ଦୌଡ଼, ସଟପୁଟ, ସ୍କିପିଂ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଚାନ୍ଦବାଲି ଏନଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ ଓ ମୁଖ୍ୟବକ୍ତା ଭାବେ ଚାନ୍ଦବାଲି ବିଡିଓ ସଞ୍ଜୀବ ମହାପାତ୍ର ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଡାଇରେକ୍ଟର ବ୍ରଜକିଶୋର ପଣ୍ଡା, ଲଳିତ ମୋହନ ମହାନ୍ତି, ଅଧ୍ୟକ୍ଷ ସେକ୍ ମହମ୍ମଦ ଏର୍ଶାଦ, ସୁପ୍ରୀତି ନାୟକ ସମସ୍ତ କାର୍ଯ୍ୟକୁ ସୁପରିଚାଳନା କରିଥିବାବେଳେ କ୍ରୀଡାବିତ୍ ଯଦୁବୀର ପ୍ରତାପ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତାପ ବେହେରା ଓ ତାଙ୍କ ସାଥୀଙ୍କ ସହ ଶିକ୍ଷକ ସେକ୍ କାର୍ଦି, ଇତିଶ୍ରୀ ଦାଶ, ବୀରକିଶୋର, ଉମାକାନ୍ତ ମିଶ୍ର, ରାଜେନ୍ଦ୍ର ପାତ୍ର, ଉର୍ମିଳା ଦଳାଇ, ମିଳନ ମହାନ୍ତି, ଅୟସକାନ୍ତ ମହାନ୍ତି, ସନ୍ଧ୍ୟାରାଣୀ ସାହୁ, ମିନତୀ ମାମ, ସୁଚିସ୍ମିତା ପାତ୍ର, ଅର୍ଚ୍ଚନା ସାହୁ କ୍ରୀଡା ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଉପାସନା ସେନ ଧାରା ବିବରଣୀ ପ୍ରଦାନ କରିବା ସହିତ ସ୍କୁଲର ସମସ୍ତ ଶିକ୍ଷାକର୍ମୀ ଏବଂ ଅଣଶିକ୍ଷକର୍ମୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କ୍ରୀଡ଼ା ପତାକାକୁ ସମ୍ମାନ ଜଣାଇ ଅବତରଣ କରାଯାଇଥିଲା।


# ୧୩ରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ଭଦ୍ରକ, ୧।୧୨(ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ଆସନ୍ତା ୧୩ ତାରିଖରେ ନଳାଙ୍ଗସ୍ଥ ଜିଲ୍ଲା ନ୍ୟାୟାଳୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜିତ ହେବା ନେଇ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତର ସଫଳତା ନିମନ୍ତେ ଶ୍ରୀ ରଥ ବ୍ୟାଙ୍କ ଅଧିକାରୀ, ବୀମା ଅଧିକାରୀ, ଓକିଲଙ୍କ ସହ ପ୍ରସ୍ତୁତି ବୈଠକ (ଆଭାସୀ) ମାଧ୍ୟମରେ କରିଛନ୍ତି। ସ୍ୱେଚ୍ଛାସେବୀଙ୍କ ସହାୟତାରେ ଏହି ଲୋକ ଅଦାଲତର ସଫଳତା ନିମନ୍ତେ ପ୍ରଚାର ପତ୍ରିକା ବଣ୍ଟନ କରାଯାଇଥିଲା। ବିଚାରପତିମାନେ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ରହି ପଞ୍ଜିକୃତ ହୋଇଥିବା ଦେୱାନି, ଫୌଜଦାରୀ, ପାରିବାରିକ, ମୋଟର ଯାନ ଦୁର୍ଘଟଣା, ବ୍ୟାଙ୍କ ଋଣଜନିତ ମାମଲାର ଫଇସଲା କରିବେ। ଫଳରେ ଦରିଦ୍ର, ଅବହେଳିତ ଓ ଅସହାୟ ଲୋକ ଏହି ଅଦାଲତରେ ବିନା ମୂଲ୍ୟରେ ନ୍ୟାୟ ପାଇପାରିବେ।

**ଭଦ୍ରକର ପ୍ରତ୍ନତତ୍ତ୍ୱ ଉପରେ ପ୍ରକାଶିତ ପ୍ରଥମ ପୁସ୍ତକ ଲୋକାର୍ପିତ**

# 'ପ୍ରତ୍ନତତ୍ତ୍ୱ ଇତିହାସର ଏକ ଅବିଚ୍ଛେଦ୍ୟ ଅଂଶ'

ଭଦ୍ରକ, ୧।୧୨(ସମିସ)



ପ୍ରତ୍ନତାତ୍ତ୍ୱିକ ବିଭବରେ ପରିପୂର୍ଣ୍ଣ ଭଦ୍ରକର ଐତିହ୍ୟ ଓ ସଂସ୍କୃତି ଅନନ୍ୟ ବିରଜା ମଣ୍ଡଳର ଏକ ଅବିଚ୍ଛେଦ୍ୟ ଅଂଶ ରୂପେ ବହୁ ପ୍ରାଚୀନ କାଳରୁ ଏହାର କଳା ଓ ସଂସ୍କୃତି ବିଶେଷ ଗୁରୁତ୍ୱ ବହନ କରେ। ଆବାହମାନ କାଳରୁ ସମୟ ସ୍ରୋତରେ ପୁଣ୍ୟଭୂମି ଭଦ୍ରକରେ ହିନ୍ଦୁ ଧର୍ମ, ଜୈନ ଧର୍ମ, ବୌଦ୍ଧ ଧର୍ମ, ଶିଖ ଧର୍ମ, ଇସଲାମ ଧର୍ମ ଓ ଖ୍ରୀଷ୍ଟିଆନ ଧର୍ମ ଆଦି ବିଭିନ୍ନ ଧର୍ମର ଉତ୍‌ଥାନ ଓ ଉତରଣ ହୋଇଛି ବୋଲି ବିଶିଷ୍ଟ ଗବେଷକ ଡ.ପ୍ରଭାତ କୁମାର ମହାନ୍ତିଙ୍କ 'ଆର୍କୋଇଲୋଜି ଅଫ୍ ଭଦ୍ରକ : ସାଇଟ୍ ଆଣ୍ଡ ମୋନୁମେଣ୍ଟସ୍ (ଆନ ଆନାଲଟିକାଲ ଷ୍ଟଡ଼ି)' ଲୋକାର୍ପଣ ଉତ୍ସବରେ ଯୋଗଦେଇ ବିଶିଷ୍ଟ ଗବେଷକ ମତ ପ୍ରକାଶ କରିଛନ୍ତି। ଭଦ୍ରକ ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି ଉତ୍ସବରେ ଡ. ରାଇମୋହନ ମହାପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଉଦ୍‌ଘାଟନ କରି ଭଦ୍ରକର ପ୍ରତ୍ନତତ୍ତ୍ୱ ଉପରେ ପ୍ରକାଶିତ ପ୍ରଥମ ଗବେଷଣାମୂଳକ ନିବନ୍ଧ ଭାବେ ଆଗାମୀ ଦିନରେ ଇତିହାସର ପ୍ରଚାରପ୍ରସାର ଦିଗରେ ଏହା ସହାୟକ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଡ. ଭାଗବତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଡ. ଅଜୟ ନାୟକ ଓ ପବିତ୍ର ପାଣିଗ୍ରାହୀ ଯୋଗ ଦେଇଥିଲେ। ଅଧ୍ୟାପକ ଉଦୟ ଦାସ ପୁସ୍ତକ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏ ଅବସରରେ ଭଦ୍ରକର ପ୍ରତ୍ନତାତ୍ତ୍ୱିକ ବିଭବରେ ଯଥୋଚିତ ଗବେଷଣା, ପର୍ଯ୍ୟବେକ୍ଷଣ ଓ ସଂରକ୍ଷଣ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଡ. ଭାଗବତ ତ୍ରିପାଠୀ, ଡ. ଅଜୟ କୁମାର ନାୟକ ଓ ବିଶ୍ୱମ୍ବର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂଜ୍ୟପୂଜା ସଂସଦ ସହସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ପ୍ରାକ୍ ସୂଚନା ଓ ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଓ କବି ବିଜୟ ବହଳୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଏଭି ଏସ୍‌ଡିପି ସ୍କୁଲ୍ ଛାତ୍ରଙ୍କ ଫେଙ୍କର ପ୍ଲାଣ୍ଟ ପରିଦର୍ଶନ

ଭଦ୍ରକ, ୧।୧୨(ସମିସ): ବେଦାନ୍ତ ଗ୍ରୁପର ସହାୟକ କମ୍ପାନୀ ଭଦ୍ରକ ରାନ୍ଦିଆସ୍ଥ ଫେଙ୍କର (ଫେରୋ ଆଲଏଏଜ କର୍ପୋରେସନ୍ ଲିମିଟେଡ୍)କୁ ଡିଏଭି ଏସଡିପି ସ୍କୁଲର ୩୦ ଜଣ ଛାତ୍ର ଓ ୩ ଜଣ ଶିକ୍ଷକ ପରିଦର୍ଶନରେ ଯାଇଥିଲେ। ଯୁବ ଶିକ୍ଷାର୍ଥୀଙ୍କୁ ବନ୍ତ ପ୍ରକୃତ ବିଶ୍ୱ ଉତ୍ପାଦନ ପ୍ରକ୍ରିୟା ଓ ଆଧୁନିକ ଶିଳ୍ପ ନିରାପତ୍ତା ଅଭ୍ୟାସ ବିଷୟରେ ଅବଗତ କରାଯାଇଥିଲା। ଏହି ପରିଦର୍ଶନ ଏକ ବିସ୍ତୃତ ନିରାପତ୍ତା ଅନୁକରଣ ସହିତ ଆରମ୍ଭ ହୋଇଥିଲା। ପ୍ରତ୍ୟେକ ଛାତ୍ର କାର୍ଯ୍ୟକ୍ଷମ ଅଞ୍ଚଳରେ ପାଦ ଦେବା ପୂର୍ବରୁ ଉଦ୍ଭିଦର ସୁରକ୍ଷା ନିୟମ ବୁଝାଇଥିଲେ। ପରେ ଛାତ୍ରଛାତ୍ରୀମାନେ ଚାର୍ଜକ୍ରୋମ ପ୍ଲାଟଂ(ସିସିପି) ଓ ଫେଙ୍କର୍ ପାୱାର ପ୍ଲାଣ୍ଟ ମାଧ୍ୟମରେ ଜ୍ଞାନ ଆହରଣ କରିଥିଲେ। ଏହି ପରିଦର୍ଶନ ନେଇ ସ୍କୁଲ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ଦାଶ କହିଛନ୍ତି, ପ୍ରକୃତ ଶିଳ୍ପ ପରିବେଶର ସଂସ୍ପର୍ଶରେ ଆସିବା ଯୁବ ମନ ଗଠନ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

## ବ୍ୟବସାୟୀଙ୍କୁ ୨ ଲକ୍ଷ ଟଙ୍କା ଠକେଇ

ସାଲେପୁର,୧।୧୨(ସମିସ): ଏକ ବଡ଼ଧରଣର ଠକାମୀ ହୋଇଥିବା ସାଲେପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। କଟକ-ସାଲେପୁର ରାସ୍ତା ପାର୍ଶ୍ୱସ୍ଥ ସପନପୁର ଗ୍ରାମ ନିକଟରେ ଏକ ଖେଳଣା ଦୋକାନୀଙ୍କୁ ଅଭିନବ ଉପାୟରେ ଠକାଯାଇଛି। ଏହି ଖେଳଣା ଦୋକାନୀଙ୍କ ନିକଟକୁ ୧୫ଦିନ ତଳେ ୨ ଜଣ ଅଚିହ୍ନା ଯୁବକ ପହଞ୍ଚି ୨ ଲକ୍ଷ ନଗଦ ଟଙ୍କା ଦେଲେ ୫ଲକ୍ଷ ଟଙ୍କାର ଖେଳଣା ସାମଗ୍ରୀ କମ୍ପାନୀ ପକ୍ଷରୁ ଯୋଗାଇ ଦିଆଯିବ ଏବଂ ଅବଶିଷ୍ଟ ଅର୍ଥକୁ କିସ୍ତି ହିସାବରେ ପରିଶୋଧ କରିବେ ବୋଲି ପ୍ରଲୋଭିତ କରିଥିଲେ। କିଛି ଦିନ ତଳେ ପୁନର୍ବାର ସଂପୃକ୍ତ ଦୋକାନୀ ଜଣଙ୍କର ବିଶ୍ୱାସଭାଜନ ହେବା ସହ ଆଜି ଦିନରେ କମ୍ପାନୀ ପକ୍ଷରୁ ମାଲ୍ ଡେଲିଭରି ହେବ ବୋଲି ସାକ୍ଷାତ ପୂର୍ବକ କହିଥିଲେ। ନିର୍ଦ୍ଧାରିତ ସମୟରେ ସଂପୃକ୍ତ ଯୁବକଦ୍ୱୟ ଉକ୍ତ ଦୋକାନରେ ଆସି ପହଞ୍ଚି ବିଭିନ୍ନ ପ୍ରକାର ଆଲୋଚନା କରି ବ୍ୟବସାୟୀଙ୍କୁ ଅନ୍ୟମନସ୍କ କରାଇ ହ୍ୟାଣ୍ଡ ବ୍ୟାଗ୍‌ରେ ରଖିଥିବା ୨ଲକ୍ଷ ଟଙ୍କାକୁ ହାତେଇବା ସହ ଅବିକଳ ସେହିଭଳି ଏକ ହ୍ୟାଣ୍ଡବ୍ୟାଗ୍ ଉକ୍ତ ସ୍ଥାନରେ ରଖି ପଳାଇଥିଲେ। ବ୍ୟବସାୟୀ ଜଣକ ସେମାନଙ୍କୁ ମୋବାଇଲ୍‌ରେ ଯୋଗାଯୋଗ କରିବାରୁ ସୁଇଚ୍ ଅଫ୍ ରହିଥିଲା। ପରେ ସେ ନିଜ ହ୍ୟାଣ୍ଡ ବ୍ୟାଗ୍ ଦେଖିଲାବେଳକୁ ବ୍ୟାଗ୍‌ରେ ଟଙ୍କା ନାହିଁ। ଏ ସଂପର୍କରେ ଅଭିଯୋଗ ପରେ ସାଲେପୁର ପୁଲିସ ସିସିଟିଭିକୁ ଆଧାର କରି ତଦନ୍ତ ଆରମ୍ଭ କରିଛି।

## ପେଟ୍ରୋଲ ପମ୍ପରୁ ହାଇୱା ଚୋରି

ତ୍ରିଶୂଳିଆ,୧।୧୨(ସମିସ): ବାରଙ୍ଗ ଥାନା ନରଣପୁରସ୍ଥିତ ଏକ ପେଟ୍ରୋଲ ପମ୍ପରୁ ଗୋଟିଏ ହାଇୱା ଗାଡ଼ି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବେଲଗଛିଆ ଗ୍ରାମର ମାନସ ରଞ୍ଜନ ସାହୁଙ୍କ ଓଡି ୦୫ଏଚ ୩୧୬୬ ହାଇୱା ଗାଡ଼ିଟି ବାରଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପେଟ୍ରୋଲ ପମ୍ପରେ ଚାଳକ ରଖିଥାନ୍ତି। ରବିବାର ସଂଧ୍ୟାରେ ଚାଳକ ଗାଡ଼ି ରଖିଥିବା ବେଳେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ସୋମବାର ସକାଳୁ ଜଣାପଡ଼ିଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରେ ସାଇକଲ ଆରୋହୀ ମୃତ

ବଡ଼ମ୍ବା,୧।୧୨(ସମିସ): ବଡ଼ମ୍ବା ଥାନା ଅଧୀନ କୃଷ୍ଣଚନ୍ଦ୍ରପୁରଠାରେ ମଟରସାଇକଲ ଧକ୍କାରେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ଆଜି ସନ୍ଧ୍ୟା ସମୟରେ ଖଇରପଙ୍ଗା ଗ୍ରାମର ବୁଟା ବେହେରାଙ୍କ ପୁଅ ଅରୁଣ (୨୭) ସଉଦା କିଣିବା ପାଇଁ କୃଷ୍ଣଚନ୍ଦ୍ରପୁର ଦୋକାନକୁ ଆସୁଥିବାବେଳେ କଟକ ନରସିଂହପୁର ମୁଖ୍ୟରାସ୍ତାରେ ବିପରୀତ ଦିଗରେ ଏକ ମୋଟର ସାଇକଲ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ଅରୁଣଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବଡ଼ମ୍ବା ଥାନାକୁ ଜଣାଇ ଦିଆଯାଇଥିବା ବେଳେ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ଅଧିକ ତଦନ୍ତ ଚାଲୁ ରହିଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି।

## ବସ୍‌ରୁ ଖସିପଡ଼ି ଜଣେ ମୃତ

ତିଗିରିଆ,୧।୧୨(ସମିସ): ତିଗିରିଆ ଥାନା ଅଧୀନ ଜେମାଦେଇପୁର ପଙ୍କାଳ ହରିଜନ ସାହିର ଜଣେ ଯୁବକ ସୋମବାର ଚଳନ୍ତା ବସରୁ ଖସିପଡି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଏଥିନେଇ ତିଗିରିଆ ପୁଲିସ ମୃତକଙ୍କ ଶବ ଜବତ ସହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରାଯାଇଛି। ମୃତକ ହେଲେ ପଙ୍କାଳ ହରିଜନ ସାହିର ସୁରେଶ ନାୟକ (୩୧)। ବିଦ୍ଧାଣିମା ବାଇପାସ ଛକ ନିକଟରେ ଏକ ଘରୋଇ ଯାତ୍ରୀବାହୀ ବସରେ ନିଜ ଘରକୁ ଯିବାକୁ ଚଢୁଥିବା ସମୟରେ ଅସାବଧାନତାବଶତଃ ଗୋଡ଼ ଖସିଯାଇଥିଲା। ଫଳରେ ଗାଡ଼ିର ଚକ ତାଙ୍କ ଉପରେ ଚଢ଼ିଯାଇଥିଲା।

## ଅଚ୍ୟୁତାନନ୍ଦ ପୀଠର ବରିଷ୍ଠ ସେବକଙ୍କ ପରଲୋକ

ନେମାଳ,୧।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠର ବରିଷ୍ଠ ସେବକ, ମାଳିକା ପ୍ରଚାରକ ରତ୍ନାକର ପୂଝାରୀଙ୍କ ଆଜି ସକାଳ ୮ଟା ସମୟରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ପୂଝାରୀଙ୍କ ପରଲୋକ ଖବର ପ୍ରଚାର ହେବ ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କଟକ ସଦର



ପ୍ରାକ୍ତନ ବିଧାୟକ ଚନ୍ଦ୍ରସାରଥୀ ବେହେରା, ନେମାଳ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ନାରାୟଣ ଦ୍ୱିବେଦୀ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ସମିତିସଭ୍ୟ ବିଶେନ୍ଦୁ ମହାରଣା, ଆଇନଜୀବୀ ଗଗନ ବିହାରୀ ସିଂ, ଅଚ୍ୟୁତାନନ୍ଦ ସେବକ ସଂଘ ସଭାପତି କ୍ଷମାନିଧି ପୂଝାରୀ, ବରିଷ୍ଠ ସେବକ ଧରଣୀଧର ପୂଝାରୀ, ଶାନ୍ତନୁ ପୂଝାରୀ, ପଦ୍ମଲାଭ ପୂଝାରୀ, କରୁଣାକର ପୂଝାରୀ, ହରେକୃଷ୍ଣ ପୂଝାରୀ, ରବୀନ୍ଦ୍ର ପୃଷ୍ଟି, ଶରତଚନ୍ଦ୍ର ମଲିକ, ରମେଶ ବେହେରା, ସାମ୍ବାଦିକ ଗୋବିନ୍ଦ ଦାସ, ହିମାଂଶୁ ଦାସ, ବଳଦେବାନନ୍ଦ ଦାସ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଚିତ୍ରୋତ୍ପଳା ନଦୀ ଶଯ୍ୟା ସମାଧି ପଡ଼ିଆରେ ସମ୍ପୂର୍ଣ୍ଣ ବୈଷ୍ଣବ ପରମ୍ପରାରେ ସମାଧିସ୍ଥ କରାଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ଯଶୋବନ୍ତ, ଶଶିକାନ୍ତ, ପ୍ରଶାନ୍ତ ଓ ଉମାକାନ୍ତଙ୍କ ସମେତ ପରିବାର ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

# ଧାରଣାରେ ବସିଲେ ଜନପ୍ରତିନିଧି

ନିଆଳି,୧।୧୨(ସମିସ):




୭ ଦଫା ଦାବି

ଅପମାନିତ, ଅଣଦେଖା ହେବା ସହ ଉନ୍ନୟନମୂଳକ କାର୍ଯ୍ୟରେ ଅସହଯୋଗ ପ୍ରତିବାଦରେ ନିଆଳି ପଞ୍ଚାୟତସମିତିର ନିର୍ବାଚିତ ଜନପ୍ରତିନିଧି ସୋମବାର ସକାଳ ୧୦ଟା ୩୦ ମିନିଟ୍‌ରେ ୭ ଦଫା ଦାବିନେଇ ବ୍ଲକ କାର୍ଯ୍ୟାଳୟରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଧାରଣାରେ ବସିଛନ୍ତି। ଜିପିଡିପିରେ ଥିବା ପ୍ରକଳ୍ପଗୁଡିକୁ କାର୍ଯ୍ୟ କରିବାରେ ଅସହଯୋଗ କରିବା, କନିଷ୍ଠଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ କାର୍ଯ୍ୟର ଏଷ୍ଟିମେଟ ପ୍ରଦାନ ନ କରିବା, ବିପିଡିପିରେ ଅନୁମୋଦିତ ହୋଇଥିବା ପ୍ରକଳ୍ପଗୁଡିକ ସମିତିର ସଭ୍ୟସଭ୍ୟାଙ୍କ ତଦାରଖରେ କରାଯିବାକୁ ସମିତି ବୈଠକରେ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ବିଭାଗୀୟ ଯନ୍ତ୍ରୀମାନେ ଏଷ୍ଟିମେଣ୍ଟ ନ ଦେବା, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଜବ୍‌କାର୍ଡଧାରୀଙ୍କୁ କାର୍ଯ୍ୟ ଯୋଗାଇ ଦେବା ପାଇଁ ସରକାରଙ୍କ ବିଧି ବ୍ୟବସ୍ଥା ଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଏପିଓଙ୍କ ମନୋମୁଖୀ କାର୍ଯ୍ୟ, ନିର୍ବାଚିତ ପ୍ରତିନିଧିମାନଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ, ସର୍ବପରି ପ୍ରକଳ୍ପଗୁଡିକର କାର୍ଯ୍ୟକାରିତାରେ ଅସହଯୋଗ, ପଞ୍ଚାୟତସମିତିର ମୁଖ୍ୟ ଅଧକ୍ଷ ହୋଇଥିଲେ ମଧ୍ୟ ପଞ୍ଚାୟତ ସମିତି ତରଫରୁ ଆହୁତ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ପରାମର୍ଶ ନ କରିବା, ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ପ୍ରଦାନ ନ କରିବା, ସ୍ୱଚ୍ଛଭାରତ ମିଶନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକ ସମ୍ମୁଖରେ ସରପଞ୍ଚ ଓ ସମିତିସଭ୍ୟଙ୍କୁ ଅବଗତ ନ କରିବା ସହ ସ୍ଥଳ ବିଶେଷରେ ପକ୍ଷପାତିତା କରିବା, ରାଜ୍ୟ ସରକାରୀ କର୍ମଚାରୀ କନିଷ୍ଠଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଗୋଟିଏ ସ୍ଥାନରେ ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ କାର୍ଯ୍ୟ ନ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ମଧ୍ୟ ଏଠାରେ ୭ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଯନ୍ତ୍ରୀମାନେ ରହି କାର୍ଯ୍ୟ କରିବା ସହ ଉନ୍ନୟନମୂଳକ କାର୍ଯ୍ୟରେ ମୋଟା ଅଙ୍କର ପିସି ନେଇ ଉପରିସ୍ଥ ଅଧିକାରୀଙ୍କୁ ଦେଇ ନିର୍ବାଚିତ ଜନପ୍ରତିନିଧିଙ୍କ ପ୍ରତି ହେୟ ମନୋଭାବ ପ୍ରଦର୍ଶନ ପ୍ରତିବାଦରେ ଏହି ଧାରଣା ଦିଆଯାଇଛି। ଧାରଣାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଉମେଶଚନ୍ଦ୍ର ବେହେରା, ଉପାଧ୍ୟକ୍ଷ ସ୍ୱର୍ଣ୍ଣପ୍ରଭା ରାଉତ, ସରପଞ୍ଚ ତ୍ରିନାଥ ମହାନ୍ତି, ବିଜରାମ ପଣ୍ଡା, ସୁରେଶ ପଟ୍ଟନାୟକ, ନିରଞ୍ଜନ ବେହେରା, ପ୍ରଶାନ୍ତ ସାହୁ, ସବିତା ନନ୍ଦ, ନମିତା ବାରିକ, ବବିତାରାଣୀ ବେହେରା, ଗୀତାଞ୍ଜଳି ନାୟକ, ଅଶ୍ୱିନୀ ମହାନ୍ତି, ସମିତିସଭ୍ୟ ଅବିନାଶ ପ୍ରଧାନ, କଲ୍ୟାଣୀ ବଡୁ, ଏଲିଜାବେଥ୍ ସାହୁ, ପ୍ରଦୀପ ପରିଡା, ସମ୍ପଦ ମହାନ୍ତି, ମମତା ଚମ୍ପିଆ, ମୀତାରାଣୀ ବାରିକ, ଗାୟତ୍ରୀ ବେହେରା, କଲ୍ୟାଣୀ ଭୋଇ ସାମିଲ୍ ହୋଇଛନ୍ତି। ପ୍ରଥମ ଦିନରେ ବିଡିଓ ଧର୍ମରଞ୍ଜନ ପଣ୍ଡା ଧାରଣାସ୍ଥଳକୁ ଯାଇ ଆଲୋଚନା କରିଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିଲା। ଫଳରେ ଧାରଣା ଜାରି ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଚାଲୁ ରହିବ ବୋଲି ନିର୍ବାଚିତ ଜନପ୍ରତିନିଧି ସୂଚନା ଦେଇଛନ୍ତି।

### ଚାରିମାଣିଆ-କରମୁଆଁ ଭାୟା କେରଙ୍ଗା ରାସ୍ତା

## ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

ସାଲେପୁର,୧।୧୨(ସମିସ): ରାସ୍ତା ନିର୍ମାଣର କିଛି ଘଣ୍ଟା ନ ବିତୁଣୁ ରାସ୍ତାରୁ ଫଡ଼ା ଫଡ଼ା ପିଚୁ ଉଠିଯାଉଥିବାରୁ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ଏହାକୁ ପ୍ରତିବାଦ କରିବା ସହ ନିମ୍ନମାନର ରାସ୍ତା କାମ କରୁଥିବା ଠିକାଦାରଙ୍କ ବିଲ୍ ବନ୍ଦ କରିବାକୁ ଦାବି କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାରିମାଣିଆ ବଜାରଠାରୁ କରମୁଆଁ ଭାୟା କେରଙ୍ଗା ମାଣିତ୍ରୀ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଠିକାଦାର ଜଣକ ଏହି ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରୁଥିବାରୁ ରାସ୍ତା ନିର୍ମାଣର କିଛି ଘଣ୍ଟା ନ ପୂରୁଣୁ ରାସ୍ତାରୁ ଫଡ଼ାଫଡ଼ା ପିଚୁ ଉଠିଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତାର ଝରମୁହଁ-କରମୁଆଁ ରାସ୍ତାର ଆଖଣ୍ଡଳମଣି ମନ୍ଦିର ନିକଟରେ ଥିବା ରାସ୍ତାରୁ ପିଚୁ ଉଠିଯାଉଥିବାରୁ ସ୍ଥାନୀୟ ଗ୍ରାମବାସୀ ପ୍ରତିବାଦ କରିବା ସହ ନିମ୍ନମାନର ରାସ୍ତା ନିର୍ମାଣ କରୁଥିବା ଠିକାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି।



## ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଅବସର ସମ୍ବର୍ଦ୍ଧନା

ତିଗିରିଆ,୧।୧୨(ସମିସ): ତିଗିରିଆ ବ୍ଲକ ନୂଆପାଟଣା ପଞ୍ଚାୟତ ଚୈତନ୍ୟ ସାହୁ ବିଜ୍ଞାନ ଓ କଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଜଗବନ୍ଧୁ



ଦାସଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ଡ. ଦେବେନ୍ଦ୍ର ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସର ଗ୍ରହଣ କରୁଥିବା ଅଧ୍ୟକ୍ଷ ଶ୍ରୀ ଦାସଙ୍କ ଶଶୁର ତଥା ଆଠଗଡ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶରତ ଭଞ୍ଜ, ଶାଶୂ ସମାଜସେବୀ ଉଷାରାଣୀ ଭଞ୍ଜ, ଧର୍ମପତ୍ନୀ ତୃପ୍ତିଶ୍ରୀ ଦାସ, ସାଲେପୁର ବହୁଗ୍ରାମ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅବସରପ୍ରାପ୍ତ ଅଧ୍ୟାପକ ନାରାୟଣ ସାହୁ, ୪୨ମୌଜା ସୁଦର୍ଶନ ସ୍ନାତକ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିଜୟ ପଟ୍ଟନାୟକ, ଭୁବନେଶ୍ୱର ପଟିଆ ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଡ. ଦିବାକର ତ୍ରିପାଠୀ, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ପ୍ରଦୀପ ପଟ୍ଟନାୟକ, ବହୁଗ୍ରାମ ଡାକଘର ପୋଷ୍ଟାଲ ଆସିଷ୍ଟାଣ୍ଟ ନିମାଇଁ ଚରଣ ମହାରଣା, ଚୈତନ୍ୟ ସାହୁ ବିଜ୍ଞାନ ଓ କଳା ସ୍ନାତକ ମହାବିଦ୍ୟାଳୟର ଏଜୁକେସନ ଅଧ୍ୟାପକ ବିନାୟକ ପଣ୍ଡା, ଇତିହାସ ଅଧ୍ୟାପିକା ସିପ୍ରା ମହାପାତ୍ର, ଇଂରାଜୀ ଅଧ୍ୟାପକ ଦେବରାଜ ପଣ୍ଡା, ଏଜୁକେସନ ଡେମୋନଷ୍ଟ୍ରେଟର ସରୋଜ କିଶୋର ପାଣିଗ୍ରାହୀ ଯୋଗଦେଇଥିଲେ। ମହାବିଦ୍ୟାଳୟର କ୍ରୀଡା ଶିକ୍ଷକ ଶୁଭେନ୍ଦୁ କୁମାର ସାହୁ ସଂଯୋଜନା କରିଥିଲେ।

## ବଡ଼ମ୍ବା ବିଧାୟକଙ୍କୁ ନାଗରିକ ମଞ୍ଚର ଦାବିପତ୍ର



ବଡ଼ମ୍ବା,୧।୧୨(ସମିସ): ବଡ଼ମ୍ବା ବ୍ଲକ ନାଗରିକ ମଞ୍ଚ ତରଫରୁ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରାଙ୍କୁ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଏକ ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ନାଗରିକ ମଞ୍ଚର ସଭାପତି ଦାମୋଦର ରଣାଙ୍କ ନେତୃତ୍ୱରେ ଏହି ଦାବିପତ୍ର ଦିଆଯାଇଛି। ମୁଖ୍ୟତଃ, ପୂର୍ବରୁ ‘ଶକ୍ତି ସୁଗାର କମ୍ପାନୀ’ ଦ୍ୱାରା ଆଖୁ ଚାଷ ପାଇଁ ୪୦ ହେକ୍ଟର ଜମିରେ କରାଯାଇଥିବା ନଷ୍ଟ ହୋଇଯାଇଥିବା ଜଳସେଚନ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ଦାବି କରାଯାଇଛି। ଏହାସହ ୩୬ କୋଟି ଟଙ୍କା ବ୍ୟୟରେ ଉନ୍ନତିକରଣ ହୋଇଥିବା ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଏବଂ ମେଡିସିନ୍ ବିଶେଷଜ୍ଞ ଡାକ୍ତରଙ୍କ ସମେତ ଅନ୍ୟାନ୍ୟ ଡାକ୍ତର ନିଯୁକ୍ତି ଦିଆଯାଉ ବୋଲି ମଧ୍ୟ ଦାବି କରାଯାଇଛି। ବର୍ତ୍ତମାନ ଏହି କେନ୍ଦ୍ରରେ ମାତ୍ର ୨ ଜଣ ଡାକ୍ତର ଅଛନ୍ତି। ଅନ୍ୟ ଦୁଇଟି ମୁଖ୍ୟ ଦାବି ମଧ୍ୟରେ ସୁନାପାଳଠାରେ ନିର୍ମାଣାଧୀନ ଥିବା ଆଇଟିଆଇ କାର୍ଯ୍ୟ ପାଇଁ ବଳକା ୬ କୋଟି ଟଙ୍କା ମଞ୍ଜୁର କରାଯାଇ ଅର୍ଦ୍ଧନିର୍ମିତ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ନିବେଦନ କରାଯାଇଛି। ଶେଷରେ, ରାଜସ୍ୱ ସମ୍ବନ୍ଧୀୟ ମାମଲା ପାଇଁ ବଡ଼ମ୍ବା ଓ ନରସିଂହପୁରର ଜନସାଧାରଣଙ୍କୁ ୧୦୦ କିମି ଦୂରକୁ ଯିବାକୁ ପଡୁଥିବାରୁ ଏହି ଦୁଇ ବ୍ଲକରେ ଉପଜିଲ୍ଲାପାଳଙ୍କ କ୍ୟାମ୍ପ କୋର୍ଟ ଆୟୋଜନ କରିବାକୁ ଦାବି କରାଯାଇଛି। ନାଗରିକ ମଞ୍ଚ ପକ୍ଷରୁ ଏହି ଦାବିଗୁଡ଼ିକ ଉପରେ ତୁରନ୍ତ ପଦକ୍ଷେପ ନେବାକୁ ବିଧାୟକ ଶ୍ରୀ ଦଳବେହେରାଙ୍କୁ ଅନୁରୋଧ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମଞ୍ଚର ସମ୍ପାଦକ ମନୋଜ ପଟ୍ଟନାୟକ ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ଅଲ୍ ଇଣ୍ଡିଆ ଶଙ୍ଖାମେରୀ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ବଡ଼ମ୍ବା,୧।୧୨(ସମିସ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ହାଇସ୍କୁଲ ପଡ଼ିଆରେ ବାପୁଜୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ପଞ୍ଚମ ଅଲ୍ ଇଣ୍ଡିଆ ଶଙ୍ଖାମେରୀ ପ୍ରିମିୟର ଲିଗ୍ (ପଚାଶ ବଲ୍ ଲିଗ୍) ସୋମବାର ଉଦଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଦୁଇଟି ଲିଗ୍ ମଧ୍ୟରୁ ପ୍ରଥମ ଲିଗ୍ ମ୍ୟାଚ୍ ଭଦ୍ରକ ବନାମ ନୟାଗଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଭଦ୍ରକ ବିଜୟଲାଭ କରିଥିବା ବେଳେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଷ୍ଟାର ଇଲେଭେନ ପୁରୀ ବନାମ କେନ୍ଦ୍ରାପଡା ମଧ୍ୟରେ ଆୟୋଜିତ ମ୍ୟାଚରେ ପୁରୀ ବିଜୟଲାଭ କରିଛି। ଆଜିର ମ୍ୟାଚରେ ମୁଖ୍ୟଅତିଥି ଭାବେ ବଡ଼ମ୍ବା ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଖେଳକୁ ଅମ୍ପାୟର ସତ୍ୟନାରାୟଣ ସାବତ ଏବଂ ଜ୍ଞାନ ରଞ୍ଜନ ସ୍ୱାଇଁ ପରିଚାଳନା କରିବା ବେଳେ ରାକେଶ ଏବଂ ବୁଦ୍ଧଦେବ ଧାରା ବିବରଣୀ ପ୍ରଦାନ କରିଥିଲେ।

## ବକେୟା ପ୍ରାପ୍ୟ ଦାବିରେ ଲିବ୍ରା କାର୍ପେଟ ଶ୍ରମିକଙ୍କ ଆନ୍ଦୋଳନ

ଚୌଦ୍ୱାର,୧।୧୨(ସମିସ): ବନ୍ଦ ପଡ଼ିଥିବା ଚୌଦ୍ୱାରସ୍ଥିତ ଲିବ୍ରା କାର୍ପେଟ କାରଖାନାର ଶ୍ରମିକଙ୍କ ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ ଓ କାରଖାନା ପୁନର୍ଗଠନ ଦାବିରେ ଲିବ୍ରା ଶ୍ରମିକ ସଂଗଠନ ତରଫରୁ ଲିବ୍ରା ଗେଟ ସମ୍ମୁଖରେ ସୋମବାରଠାରୁ ଗଣଧାରଣା ଆରମ୍ଭ ହୋଇଛି। ଚାମ୍ପାଦାନୀ ଗ୍ରୁପ ଅଫ୍ କମ୍ପାନୀ ଦ୍ୱାରା ଚୌଦ୍ୱାରଠାରେ ପରିଚାଳିତ ଲିବ୍ରା କାର୍ପେଟ ଓ ଲିବ୍ରା ଏକସପୋଟରର୍ସ ଲିମିଟେଡ ନାମକ ଏକ ଛୋଟ କାରଖାନା ପରିଚାଳନାଗତ ତ୍ରୁଟି ହେତୁ ୨୦୧୫ରୁ ସଂପୂର୍ଣ୍ଣ ବନ୍ଦ





ହୋଇଯାଇଛି। କମ୍ପାନୀରେ କାର୍ଯ୍ୟରତ ବହୁ ଶ୍ରମିକଙ୍କ ବକେୟା ପ୍ରାପ୍ୟ କାରଖାନା ବନ୍ଦଠାରୁ ଏଯାବତ୍ ମିଳିନାହିଁ। କମ୍ପାନୀର କୌଣସି ଅଧିକାରୀ କମ୍ପାନୀକୁ ନ ଆସିବା ଏବଂ ବନ୍ଦ କାରଖାନାର ରକ୍ଷଣାବେକ୍ଷଣ ଦାୟିତ୍ୱ ଏକ ସିକ୍ୟୁରିଟି ସଂସ୍ଥାକୁ ଦେଇ ଫେରାର ହୋଇଯାଇଥିବା ଶ୍ରମିକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏଭଳି ପରିସ୍ଥିତିରେ ଗତ ୨୫ ତାରିଖରେ କାରଖାନାରୁ ପୁରୁଣା ମେସିନ ଉଠାଯାଉଥିବା ଏବଂ ଏହାକୁ ବାହାରକୁ ଚାଲାଣ ହେବାକୁ ଥିବା ଖବରପାଇ କିଛି ଶ୍ରମିକ ଗାଡ଼ିଗୁଡ଼ିକ ଅଟକାଇବା ସହିତ ଯନ୍ତ୍ରାଂଶଗୁଡ଼ିକୁ ବାହାରକୁ ଯିବାକୁ ଦେଇ ନ ଥିଲେ। ଫଳରେ ସିକ୍ୟୁରିଟି କର୍ମଚାରୀ ଗାଡିଗୁଡିକୁ କାରଖାନାରେ ଅଟକ ରଖି ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶ୍ରମିକଙ୍କ ନ୍ୟାଯ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବା ସହିତ ଆଗାମୀ ଦିନରେ ଅହୋରାତ୍ର ଆନ୍ଦୋଳନ କରାଯିବ ବୋଲି ହରିଶଙ୍କର ନାୟକ, ଚିତ୍ତରଞ୍ଜନ ବାରିକ, ପୂର୍ଣ୍ଣଚନ୍ଦ୍ର ସାହୁ, ତ୍ରିଲୋଚନ ସାହୁ, ଅନିରୁଦ୍ଧ ସାହୁ, ମୁରଲୀଧର ବେହେରା ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ୨ ଛାତ୍ରୀଙ୍କ ସଫଳତା

ତିଗିରିଆ,୧।୧୨(ସମିସ): ପ୍ରଜ୍ଞାନ ମିଶନ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ "ଗୀତା ସୁଗୀତା କର୍ତ୍ତବ୍ୟା’ କାର୍ଯ୍ୟକ୍ରମରେ ଅନୁଷ୍ଠିତ ଗୀତା ଆବୃତ୍ତି ପ୍ରତିଯୋଗିତାରେ ତିଗିରିଆ ବ୍ଲକ ଖଣ୍ଡହତା ଶ୍ରୀ ଜଗନ୍ନାଥ ନୋଡାଲ ବିଦ୍ୟାପୀଠର ଦଶମ ଶ୍ରେଣୀର ଛାତ୍ରୀ ହରପ୍ରିୟା ପ୍ରଧାନ ପ୍ରଥମ ସ୍ଥାନ ଓ ନୂଆପାଟଣା ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର



ଛାତ୍ରୀ ନନ୍ଦିନୀ ଦାସ ତୃତୀୟ ସ୍ଥାନ ଅଧିକାର କରି ଆସନ୍ତା ୨୬ରୁ ପୁରୀର ବାଲିଘାଇଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ରବିବାର କଟକ ସେଣ୍ଟ ଜାଭିୟର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଜିଲ୍ଲାର ମୋଟ ୧୪ଟି ବ୍ଲକର ୧୧୬ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ଉଭୟ ଛାତ୍ରୀଙ୍କ ସଫଳତା ପାଇଁ ତିଗିରିଆ ବ୍ଲକ ଶିକ୍ଷାଧିକାରୀ ଅମର ମହାରଣା ଅଭିନନ୍ଦନ ଜଣାଇବା ସହ ଆୟୋଜକ ପିଏମଶ୍ରୀ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁଶାନ୍ତ ସାହୁ ଓ ଜେମାଦେଇପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ବେହେରାଙ୍କୁ ଧନ୍ୟବାଦ ଜଣାଇଛନ୍ତି।



### ସ୍ଥାୟୀ ସାପ୍ତାହିକ ହାଟ ନିର୍ମାଣ ପାଇଁ ଶିଳାନ୍ୟାସକୁ ୫ ମାସ ବିତିଲା

# ଖୋଲା ଆକାଶ ତଳେ ବସୁଛନ୍ତି ବ୍ୟବସାୟୀ

ନେମାଳ,୧।୧୨(ସମିସ):

ରାଜ୍ୟ ସରକାର କୃଷିର ବିକାଶକୁ ଅଗ୍ରାଧିକାର ଦେବା ସହିତ ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ପାଇବା ଉପରେ ଅଧିକ ଗୁରୁତ୍ୱ ଦେଉଥିବା କହୁଥିବା ବେଳେ ମହାନଦୀ-ଚିତ୍ରୋତ୍ପଳା ଓ ଲୁଣା -ଚିତ୍ରୋତ୍ପଳା ଦ୍ୱିପାଞ୍ଚଳରେ ତାହା ପ୍ରହସନରେ ପରିଣତ ହୋଇଛି। ଯାହାର ନଗ୍ନ ନମୁନା ଦେଖିବାକୁ ମିଳିଛି ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଶତାୟୁ ଶ୍ରୀ ଅଚ୍ୟୁତ ସାପ୍ତାହିକ ହାଟର ବିକଳ ଚିତ୍ରରୁ। ଖବର ନେବାରୁ ଜଣାପଡିଛି ଦ୍ୱିପାଞ୍ଚଳର ୭୦ଭାଗ ପରିବାର ମୁଖ୍ୟତଃ ଚାଷ ଉପରେ ନିର୍ଭର କରି ନିଜ ନିଜର ପରିବାର ପ୍ରତିପୋଷଣ କରିବା ସହିତ ନିଜର ଜୀବିକା ନିର୍ବାହ କରିଆସୁଛନ୍ତି। ହେଲେ ହାଟଟି ପ୍ରଥମରୁ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠ ନିକଟରେ ପରିଚାଳତ ହେଉଥିବା ବେଳେ ପୀଠର ବିକାଶ ପାଇଁ ହାଟ କର୍ମକର୍ତ୍ତା, ବ୍ୟବସାୟୀ, ଚାଷୀ ଏକତ୍ର ହୋଇ ନଦୀ ବାନ୍ଧ ପାଶ୍ୱକୁ ହାଟକୁ ସ୍ଥାନାନ୍ତରିତ କରି ଦୀର୍ଘ ୮ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଖରା ବର୍ଷା ଶୀତ କାକରରେ ଜରିପାଲ ତଳେ ବ୍ୟବସାୟ କରି ଆସୁଥଲେ ମଧ୍ୟ ସରକାର ଚାଷୀ, ବ୍ୟବସାୟୀ, ଖାଉଟିଙ୍କ ପାଇଁ କୌଣସି ସୁବ୍ୟବସ୍ଥା ଗ୍ରହଣ କଲେ ନାହିଁ। ଫଳରେ ସାଧାରଣରେ ଏନେଇ ତୀବ୍ର ଅସନ୍ତୋଷ ଦେଖାଦେବାରୁ କଟକ ସଦର ବିଧାୟକ ପ୍ରକାଶ ସେଠୀ ଗତ ଜୁନ ମାସ ୨ ତାରିଖରେ ସ୍ଥାୟୀ ହାଟ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ଶୁଭ ଶିଳାନ୍ୟାସ କରିଥିଲେ ମଧ୍ୟ ଅଦ୍ୟାବଧି ଦୀର୍ଘ ୫ ମାସ ବିତିଥିଲେ ମଧ୍ୟ ସାମାନ୍ୟ ଟିକେ କାର୍ଯ୍ୟର ଅଗ୍ରଗତି ଦେଖିବାକୁ ମିଳୁ ନ ଥିବା ଦେଖିବାକୁ ମିଳିଛି। ଫଳରେ ସପ୍ତାହର ବୁଧବାର ଓ ରବିବାର ଶସ୍ତା ଓ ତଟକା ପରିବା ପାଇଁ ସୁନାମ ଅର୍ଜନ କରିଥିବା ଏହି ହାଟ ଉପରେ ନିର୍ଭର କରୁଥିବା ଆଖପାଖ ୨୦ଟି ପଞ୍ଚାୟତର ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ତୁରନ୍ତ ରାଜ୍ୟ ସରକାର, ସ୍ଥାନୀୟ ବିଧାୟକ ଓ ଜିଲ୍ଲାପାଳ ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଶ୍ୱ ଏଡ୍‌ସ ଦିବସ ପାଳିତ

ନବରଙ୍ଗପୁର,୧।୧୨(ସମିସ): ନବରଙ୍ଗପୁର ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଏବଂ ରେଡ୍ ରିବନ୍ କ୍ଲବ ତରଫରୁ ନବରଙ୍ଗପୁର ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି।





ପ୍ରଥମ ପର୍ଯ୍ୟାୟରେ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଓ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଡ୍‌ସ ଦିବସରେ ଯୁବ ରେଡକ୍ରସର ଜିଲ୍ଲା ଆବାହକ ତଥା ନବରଙ୍ଗପୁର ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ଅଧ୍ୟାପକ ଦିଲୀପ କୁମାର ହୋତା ଏବଂ କଲେଜ ସଂଯୋଜକ ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା ଛାତ୍ର ଛାତ୍ରୀଙ୍କୁ ଏଡ୍‌ସ ବିଷୟରେ ସଚେତନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଉଦ୍‌ଘାଟନ କରି ମୁଖ୍ୟ ଅତିଥି ଯୁବ ରେଡକ୍ରସର ଜିଲ୍ଲା ଅଧିକାରୀ ତଥା ଅଧ୍ୟକ୍ଷ ଡି. ଗୋବିନ୍ଦା ରାଓ ସାମ୍ପ୍ରତିକ ସମୟରେ ଭାରତରେ ଏଡ୍‌ସର ସ୍ଥିତି ଓ ପ୍ରଭାବ ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ଡାକ୍ତରଖାନାରୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ଅଧିକାରୀ ସମ୍ମାନିତ ଅତିଥି ତଥା ସମ୍ବଳ ପ୍ରଶିକ୍ଷକ ଚନ୍ଦ୍ର ଶେଖର ପଟ୍ଟନାୟକ ଏବଂ ସର୍ବେଶ୍ୱର ବାରିକ ଏଡ୍‌ସ ରୋଗର କାରଣ ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ପ୍ରାଧ୍ୟାପିକା ସଙ୍ଗୀତା ତ୍ରିପାଠୀ ଛାତ୍ରଛାତ୍ରୀ ଏକ ପ୍ରମୁଖ ଦାୟିତ୍ୱ ଭାବରେ ଏଡ଼ସ ବିଷୟରେ ଅନ୍ୟ ମାନଙ୍କୁ ସଚେତନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା, ମାନବ ଶୃଙ୍ଖଳ, ଦସ୍ତଖତ ଅଭିଯାନ, କର୍ମଶାଳା ସବୁକୁ ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପିକା ନିର୍ମଳା ହିକକା ଏବଂ ଅଧ୍ୟାପିକା ରଜନୀ ମିଞ୍ଜ, କର୍ମଚାରୀ ରାଜନ୍ ତ୍ରିପାଠୀ ଓ ବନମାଳୀ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଜିଲ୍ଲା ଆବାହକ ତଥା ମହାବିଦ୍ୟାଳୟର ଅଧ୍ୟାପକ ଦିଲୀପ କୁମାର ହୋତା ଏଡ୍‌ସ ଦିବସ ପାଳନର ଆବଶ୍ୟକତା ବିଷୟରେ ବକ୍ତବ୍ୟ ରଖିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଛାତ୍ର ସଂସଦ ସହ ଉପଦେଷ୍ଟା ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା।

# ମଣ୍ଡି ଖୋଲୁନି, ଦଲାଲଙ୍କ ହାତକୁ ଯିବ ଧାନ!

ଉମରକୋଟ,୧।୧୨(ସମିସ): ନବରଙ୍ଗପୁର ଜିଲ୍ଲାରେ ଖରିଫ ଧାନ ଅମଳ କଲେଣି ଚାଷୀ। ହେଲେ ଏପର୍ଯ୍ୟନ୍ତ ଖୋଲିନାହିଁ ଧାନ ମଣ୍ଡି। ଧାର କରଜ କରି ଚାଷ କରିଥିବା ଚାଷୀଙ୍କ ପାଇଁ ବିଳମ୍ବିତ ମଣ୍ଡି, ଚିନ୍ତାର ବିଷୟ ପାଲଟିଛି। ଚାଷୀ ନିଜ ଖଳାରେ ଅମଳ ଧାନକୁ ସାଇତି ରଖିଛନ୍ତି। ମଣ୍ଡିରେ ବିକିବେ ବୋଲି, ଏଣେ ଚାଷୀଙ୍କ ପଛରେ ପଡିଲେଣି ବେପାରୀ। ମଣ୍ଡି ନ ଖୋଲିବାରୁ ଚାଷୀ ବି ନିଜ କଷ୍ଟ ଉପାର୍ଜିତ ଧାନକୁ ବେପାରୀ ହାତକୁ ଟେକି ଦେବାକୁ ଚିନ୍ତା କଲେଣି। ଚଳିତ ବର୍ଷ ଖରିଫ୍ ଧାନ ଚାଷକୁ ନେଇ ଅନେକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ଉମରକୋଟର ଚାଷୀ। କେତେବେଳେ ଅତ୍ୟଧିକ ବର୍ଷା ତ ପୁଣି କେତେବେଳେ ସାର ସଙ୍କଟ। ଏସବୁ ପରେ ରୋଗପୋକ ନାକେଦମ୍ କରିଥିଲା। ସବୁ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜର ଫସଲ ବଞ୍ଚାଇଛନ୍ତି। ଅମଳ କରି ଖଳାକୁ ଆଣିଛନ୍ତି। ଉମରକୋଟ ବ୍ଲକରେ ପ୍ରାୟ ୭୦ ଭାଗରୁ ଅଧିକ ଧାନ କଟା ସରିଲାଣି। ଆଉ ଦୁଇ ସପ୍ତାହ ସୁଦ୍ଧା ପ୍ରାୟ ସବୁ ଅମଳ ହୋଇଯିବ। ହେଲେ ଏଯାଏଁ ଜିଲ୍ଲାରେ ଖୋଲିନି ମଣ୍ଡି। ସେପଟେ ଆସନ୍ତା ମାସ ଡିସେମ୍ବର ୧୭ରେ ମଣ୍ଡି ଖୋଲିବ ବୋଲି ସ୍ଥିର କରିଛି କମିଟି। ଶୀତକାକର, ଅଦିନିଆ ବର୍ଷା ଏବଂ ଚୋରି ଭୟରେ ଖଳାରେ ଧାନକୁ ଛାଡି କେଉଁଆଡ଼େ ଯାଇପାରୁନାହାନ୍ତି ଚାଷୀ। ସବୁ ସମୟରେ ଖଳାରେ ଜଗି ରହୁଛନ୍ତି। ସେପଟେ ଘରକୁ ଆସିଲେଣି ଚାଷ ପାଇଁ ହାତ ଉଧାରି ଦେଇଥିବା ସାହୁକାର ଓ ଔଷଧ ଦୋକାନୀ। ଆଉ ଏଭଳି ପରିସ୍ଥିତିର ସୁଯୋଗ ନେବାକୁ ଅନେଇ ବସିଛନ୍ତି ବ୍ୟବସାୟୀ। ଗାଁ ଗାଁ ବୁଲି ଧାନ କିଣିବାରେ ଲାଗିପଡିଛନ୍ତି। ମଣ୍ଡି ଖୋଲି ନଥିବାରୁ ଧାନ ବେପାରୀ ଓ ଦଲାଲମାନେ ଚାଷୀଙ୍କ ଭାଗ୍ୟ ବିଧାତା ସାଜିଛନ୍ତି। ସେମାନେ ହିଁ ଧାନ ଦର ସ୍ଥିର କରୁଛନ୍ତି। କ୍ୱିଣ୍ଟାଲ ପ୍ରତି ୧୮ ଶହରୁ ୨ ହଜାର ଟଙ୍କାରେ କିଣି ନେଉଥିବା ଜଣାପଡ଼ିଛି। ଫଳରେ ସରକାରଙ୍କ ୮ ଶହ ଟଙ୍କା ବୋନସ୍ ଚାଷୀଙ୍କ ପାଇଁ ମରୁଭୂମିର ମରିଚିକା ସଦୃଶ ହୋଇଛି। ସେପଟେ ଆଗାମୀ ଡିସେମ୍ବର ୧୭ ତାରିଖରୁ ଉମରକୋଟ ବ୍ଲକରୁ ଧାନ କିଣା ଆରମ୍ଭ କରାଯିବ। ଯେଉଁମାନେ ଅମଳ କରିଛନ୍ତି, ସେମାନେ ସାଇତି ରଖନ୍ତୁ। ମଣ୍ଡି ଖୋଲିଲେ ବିକ୍ରି କରିବେ ବୋଲି କହିଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ।



# ଯୁବକଙ୍କ ମହାନତା; ୨୨ କିଲୋମିଟର ଆସି ଫେରାଇଲେ ମୋବାଇଲ



ସେମିଳିଗୁଡ଼ା,୧।୧୨(ସମିସ): ରାସ୍ତାରୁ ପାଇଥିବା ମୋବାଇଲ୍ ଫୋନ୍ ଫେରାଇବା ପାଇଁ ୨୨ କିମି ଆସି ଜଣେ ଯୁବକ ଚର୍ଚ୍ଚାରେ ରହିଛନ୍ତି । ସୂଚନା ଅନୁଯାୟୀ 'ହାଲ୍'ରେ କାର୍ଯ୍ୟ କରୁଥିବ ସମାଜସେବୀ ସୁନାବେଡ଼ା ବାସିନ୍ଦା ଆନନ୍ଦମୌଳି ପଟ୍ଟନାୟକ ରବିବାର କୌଣସି କାମରେ ସେମିଳିଗୁଡ଼ା ଆସୁଥିବା ବେଳେ ରାସ୍ତାରେ ତାଙ୍କ ମୋବାଇଲ ଖସି ପଡିଥିଲା। ସେହି ସମୟରେ ଦଶମନ୍ତପୁର ବ୍ଲକ୍ ବାଉଁଶଗୁଡ଼ାର ଯୁବକ ସାଗର ବାଘ ସେମିଳିଗୁଡ଼ା ଦେଇ କୋରାପୁଟ ଯାଉଥିବା ଥିବା ସମୟରେ ମୋବାଇଲକୁ ପାଇଥିଲେ। ତେବେ ଲକ୍ ପଡ଼ିଥିବାରୁ କାହାକୁ ଯୋଗାଯୋଗ କରି ନପାରି କୋରାପୁଟ ଚାଲି ଯାଇଥିଲେ। ମୋବାଇଲ ଖସି ପଡିଥିବା କଥା ଆନନ୍ଦମୌଳି ପ୍ରାୟ ଦୁଇ ଘଣ୍ଟା ପରେ ଜାଣିବାକୁ ପାଇଥିଲେ। ବ୍ୟତିବ୍ୟସ୍ତ ହୋଇ ସେଇ ନମ୍ବରକୁ କଲ କରିବା ପରେ ମୋବାଇଲ ସେ ପାଇଥିବା ଓ ତାଙ୍କ ପାଖରେ ସୁରକ୍ଷିତ ଥିବା ସାଗର କହି ଆନନ୍ଦଙ୍କ ଠିକଣା ପଚାରିଥିଲେ। ଆନନ୍ଦ ସୁନାବେଡ଼ାର ବୋଲି କହିବା ପରେ ସାଗର ମୋବାଇଲ ଫେରାଇବା ପାଇଁ କୋରାପୁଟରୁ ସୁନାବେଡ଼ା ଆସି ମୋବାଇଲ ହସ୍ତାନ୍ତର କରିଥିଲେ। ସାଗରଙ୍କ ଏହି କାର୍ଯ୍ୟକୁ ସବୁ ମହଲରୁ ପ୍ରଶଂସା କରାଯାଇଛି।

# ମା' କାଳୀ କ୍ରିକେଟ ଟୁର୍ନାମେଣ୍ଟ, ଉମରକୋଟ ଚାମ୍ପିଅନ୍




ନନ୍ଦାହାଣ୍ଡି,୧।୧୨(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜା ପଞ୍ଚାୟତ ସରୁଗୁଡା ଠାରେ ନଭେମ୍ବର ୨୩ ତାରିଖରୁ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ନନ୍ଦାହାଣ୍ଡି ବ୍ଲକ ଜୋନ -୨ ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ୍‌ରେ ଇନ୍ଦ୍ରାବତୀ ଓ କାଞ୍ଚନା -୧୧ ଉମରକୋଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କଞ୍ଚନା -୧୧ ଉମରକୋଟ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ଚାରି ଉଇକେଟ୍ ହରାଇ ୧୭୭ କରିଥିଲେ। ଦ୍ୱିତୀୟ ଇନିଂସ୍‌ରେ ଇନ୍ଦ୍ରାବତୀ ଦଳକୁ ୧୪ ଓଭରରେ ୧୩୩ ରନ୍‌ରେ ଅଲ୍‌ଆଉଟ୍ କରି ଚାମ୍ପିଆନ୍ ହୋଇଥିଲା ଉମରକୋଟ ଦଳ। ଏହି ଉଦ୍‌ଯାପନୀ ଉତ୍ସବରେ ନବରଙ୍ଗପୁର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି ଯୋଗ ଦେଇଥଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ପୂର୍ବତନ ସାଂସଦ ପ୍ରତିନିଧି ତଥା ବରିଷ୍ଠ ବିଜେଡି ନେତା ସୁନୀଲ ସାହୁ, ବିଜେପି ମଣ୍ଡଳ ସଭାପତି ଲକ୍ଷ୍ମଣ ମାଝୀ, ବରିଷ୍ଠ ବିଜେପି ନେତା କୃଷ୍ଣ ନାୟକ, ଦେବୀ ପ୍ରସାଦ ମହାପାତ୍ର, ଡ୍ରିମ୍ ଇଣ୍ଡିଆ ନିର୍ଦ୍ଦେଶକ ପଙ୍କଜ କୁମାର ସିପା ଯୋଗଦେଇଥିଲେ। ପୂର୍ବତନ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଚାମ୍ପିଅନ ଦଳକୁ ଚାମ୍ପିଅନ୍ ଷ୍ଟ୍ରପି ଦେଇ ପୁରସ୍କୃତ କରଥିଲେ। ବେଳେ ରନର୍ସ ଅପ୍ ଦଳକୁ ଡ୍ରିମ ଇଣ୍ଡିଆ ନିର୍ଦ୍ଦେଶକ ପଙ୍କଜ କୁମାର ସିପା ଅନର୍ସ ଅପ୍ ଟ୍ରଫି ପୁରସ୍କୃତ କରିଥିଲେ ଛଟୁର୍ନାମେଣ୍ଟ ରେ ରତନ ନାୟକ ଓ ହରେକୃଷ୍ଣ ବିଷୋୟୀ ଏମ୍ପାଇର୍ ଏବଂ ଲିଙ୍ଗରାଜ ଖୁରା ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ । ଇଶ୍ୱର ଗୌଡ଼,ବିରଞ୍ଚି ବିନ୍ଧାଣି,ଶଶାଙ୍କ କୁମାର ବିଷୋୟୀ,ନିରଞ୍ଜନ ଗୌଡ଼,ପିଙ୍କୁ ପ୍ରସାଦ ସେଠିଆ,ରାଜୁ ମାଳି,କବିର ବିଷୋୟୀ,ଦେବାରଜ ନାୟକ,ହଳଦର ସେଠିଆ,ସମୀର ନାୟକ,ମୃତୁମ ବିଷୋୟୀ ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନ କରିଥିଲେ।

# ନିର୍ବାଣ ପକ୍ଷରୁ କବିତା କର୍ମଶାଳା



ବୋରିଗୁମ୍ମା,୧।୧୨(ଇମିସ): ଜୟପୁର ସହର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ "ନିର୍ବାଣ' ଓ ବୋରିଗୁମ୍ମାସ୍ଥିତ ଭୈରବ ସ୍ନାତକ ମହାବିଦ୍ୟାଳୟର ମିଳିତ ସହଯୋଗରେ ଏକ କବିତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନିର୍ବାଣର ସମ୍ପାଦକ ସାହିତ୍ୟିକ ଚନ୍ଦ୍ରକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୌମେନ୍ଦ୍ର କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଭୈରବ ସ୍ନାତକ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟ ସାଧକ ରବି ଶତପଥୀ, ଅନୁବାଦ ସାହିତ୍ୟିକ ବିଜୟ କୁମାର ପ୍ରଧାନ, ନାଟ୍ୟକାର ସୁରେଶ ରାଉତ, ଯୁଗ୍ମ ସମ୍ପାଦ ସୁବାସ ନାୟକ, ଅଧ୍ୟାପକ ତଥା ସୁସାହିତ୍ୟିକ ଡ. ସୁଧାଂଶୁଶେଖର ପଟ୍ଟନାୟକ, କବି ରଘୁନାଥ ବିଶ୍ୱାଳ, ଯୁବକବୟିତ୍ରୀ ବିଜୟଲକ୍ଷ୍ମୀ ପାଣିଗ୍ରାହୀ, କବି ଅଶୋକ କୁମାର ପଲେଇ ପ୍ରମୁଖ ଅତିଥି ମଞ୍ଚାସୀନ ଥିଲେ। କର୍ମଶାଳାରେ ଅଂଶ ଗ୍ରହଣ କରିଥିବା ୪୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ କବିତାର ସୁକ୍ଷ୍ମକଳା ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରକାର କବିତା ଲିଖନ ପାଇଁ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ସହ ଭାବକୁ କିପରି କବିତା ମାଧ୍ୟମରେ ପରିପ୍ରକାଶ କରିପାରିବେ ସମ୍ପର୍କରେ ବିଶେଷ ଅଧିବେଶନରେ ପ୍ରତିଷ୍ଠିତ ସାହିତ୍ୟିକମାନେ ବୁଝାଇଥିଲେ। ଏହା ସହ କବି ରବି ଶତପଥି କବିତା ଲେଖିବା ଶୈଳୀ ଉପରେ ଆଲୋଚନା କରିଥିଲେ। ଏଥିରେ ସଦାଶିବ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରଥମେ ସ୍ୱର୍ଗତ ସାହିତ୍ୟିକ ମନମୋହନ ଆଚାର୍ଯ୍ୟଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଅଧ୍ୟକ୍ଷ ଡ.ସ୍ୱାଇଁ କାର୍ଯ୍ୟକ୍ରମରେ ଉଦ୍ଦେଶ୍ୟ ଜ୍ଞାପନ କରିବାର ସହ ଅତିଥିଙ୍କୁ ପରିଚୟନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଭୈରବ ମହାବିଦ୍ୟାଳୟ ପକ୍ଷରୁ ସମସ୍ତ ଅତିଥିଙ୍କ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। କବି ରଘୁନାଥ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। କର୍ମଶାଳ ପରେ ଆୟୋଜିତ କବିତା ଲିଖନ ପ୍ରତିଯୋଗିତାରେ ୩୧ଜଣ ଛାତ୍ରାଛାତ୍ରୀ ଯୋଗଦେଇଥିଲେ। ସେଥିମଧ୍ୟରୁ ମମତା ମିଶ୍ର ପ୍ରଥମ, ପ୍ରିୟଙ୍କା ମହାନ୍ତି ଦ୍ୱିତୀୟ, କହ୍ନେଇ ସିଂହଲାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବୈଜୟନ୍ତୀ ହନ୍ତାଳଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନିର୍ବାଣର ଭାଗ୍ୟଲତା ପାଣିଗ୍ରାହୀ, ଅବିନାଶ ସାନ୍ତ୍ରାପାତ୍ର, ପ୍ରମୋଦ ରାଉଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ମହାବିଦ୍ୟାଳୟ ଲକ୍ଷ୍ମୀଦାସୀ ନାୟକ, ଜି ଉମାମେହଶ୍ୱରୀ, ଗଣେଷ ପଲେଇ, ଅଭିଶେଷ ରାଉତ, ପ୍ରତୀକ ଶର୍ମା, ଲକ୍ଷ୍ମୀ ରାଣୀ ପଣ୍ଡା କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

# କୋରାପୁଟର ଯୁବଶକ୍ତି ଉପରେ ଆଲୋଚନାଚକ୍ର



ସେମିଳିଗୁଡ଼ା,୧।୧୨(ସମିସ):

କୋରାପୁଟ ଜିଲ୍ଲାର ଯୁବଶକ୍ତିଙ୍କ ଉନ୍ନତି ଓ ପ୍ରଗତିର ଦିଗ ନିର୍ଦ୍ଧାରଣ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଆଜି ସେମିଳିଗୁଡା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। "କୋରାପୁଟର ଯୁବଶକ୍ତି: ପ୍ରଗତିର ଦିଗ' ଶୀର୍ଷକ ସେମିନାରରେ ଦକ୍ଷିଣ ଓଡିଶା ବିକାଶ ପରିଷଦ ସଭାପତି ଏବଂ ଉତ୍କଳ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ଭୃଗୁ ବକ୍ସିପାତ୍ର ମୁଖ୍ୟବକ୍ତା ଭାବରେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍ସୀ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଶ୍ରୀ ବକ୍ସିପାତ୍ର ତାଙ୍କ ବକ୍ତବ୍ୟରେ କୋରାପୁଟ ଏକ ସମ୍ବଳର ଗନ୍ତାଘର, ଯେପରି ବକ୍ସାଇଟ ଇତ୍ୟାଦି ଖଣିଜ ପଦାର୍ଥ ଓ ମାଣ୍ଡିଆ, ସୁଆଁ, କାଙ୍ଗୁ, ଅଦା, ହଳଦୀ, କାଜୁ ଓ କୋରାପୁଟର ଏହି ସମ୍ବଳରର ବ୍ୟବହାର କରି ଉଦ୍ୟୋଗୀ ହେବାପାଇଁ ଉଦବୋଧନ ଦେବା କ୍ରମରେ ସେ ଜଗନ୍ନାଥ ହନ୍ତାଳ ଓ ଖଗୁ ହନ୍ତାଳ ପରି ଉଦ୍ୟୋଗୀଙ୍କ ଉଦାହରଣ ଦେଇଥିଲେ। ନିଜ ଅଞ୍ଚଳର ସୁରକ୍ଷା ପାଇଁ ନିଜେ ଆଗେଇ ଆସିବା ଓ ନିଜ ଅଞ୍ଚଳର ଦାବିକୁ ଉପସ୍ଥାପନ କରିବା ପାଇଁ ଦୃଢ ସ୍ୱର ଉତ୍ତୋଳନ କରିଯିବା ଦରକାର ବୋଲି ଯୁବ ଶକ୍ତିକୁ ଆହ୍?ାନ ଦେଇଥିଲେ।ଏହି ସେମିନାରରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ମାନଙ୍କ ମଧ୍ୟରେ ଡ. ସୁଭ୍ରାଂଶୁ ସୁନ୍ଦର ଦାସ, ଡ. ଗୀତା ପଟ୍ଟନାୟକ, ଶ୍ରୀ ନିରଞ୍ଜନ ପୋଢ, ଶ୍ରୀମତୀ ରୋନାଲୀ ନାୟକ, ଶ୍ରୀ ସଙ୍ଗୀତ ପଣ୍ଡା, ଶ୍ରୀମତୀ ଅମିଷା ପାଢୀ, କମଳିନୀ ବିଶୋଇ, ଡ଼ ରମେଶ ମଲ୍ଲିକ, ଲକ୍ଷ୍ମୀପ୍ରିୟା ଖରା, ବିଜୟଲକ୍ଷ୍ମୀ ଦଳାଇ ଓ ରୋହିଣୀ ସିରିକା ଆଦି ସକ୍ରିୟ ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ଇଂରାଜୀ ଅଧ୍ୟାପକ ଶିବାଶିଷ ପଟ୍ଟନାୟକ। ଏହି କାର୍ଯ୍ୟକ୍ରମ ଆମ ଗୌରବ ଆମ କଲେଜ ଅଧୀନରେ ଅନୁଷ୍ଠିତ ହୋଇଯାଇଛି। ଶେଷରେ ଅର୍ଥନୀତିର ଅଧ୍ୟାପିକା ରୋନାଲୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଁ ମଶାଣିରେ ନଳକୂପ ଖନନ



ବୈପାରୀଗଡ଼ା, ୧।୧୨(ସମିସ): ବୈପାରୀଗୁଡା ବ୍ଲକ ସଦର ମହକୁମା ସ୍ଥିତ ଗାଁ ମଶାଣିରେ ଆଜି ନଳକୁପ ଖନନ କରାଯାଇଛି। ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟମଣି ନାୟକଙ୍କ ନେତୃତ୍ୱରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭଗ କନିଷ୍ଠ ଯନ୍ତ୍ରୀ ଏବଂ ଗ୍ରାମବାସଙ୍କ ଉପସ୍ଥିତିରେ ନଳକୂପ ଖନନ ହୋଇଛି। ବହୁବାର ଗାଁ ଲୋକଙ୍କ ଅଭିଯୋଗ ପରେ ଆଜି ଗାଁ ମଶାଣିରେ ନଳକୂପ ଖନନ ହୋଇଛି। ସୂଚନା ଥାଉକି, ଗାଁ ମଶାଣି ସ୍ଥାନାନ୍ତରିତ ପରେ ନୂତନ ମଶାଣିରେ ପାଣି ପାଇଁ ହନ୍ତସନ୍ତ ହେଉଥିଲେ ଗ୍ରାମବାସୀ। ଶବଦାହ ପରେ ଗାଧୁଆ ପାଇଁ ଅସୁବିଧା ସମ୍ମୁଖୀନ ହେଉଥିବା ବେଳେ ବହୁବାର ସରପଞ୍ଚ ଠାରୁ ଆରମ୍ଭ କରି ବିଡିଓ ଓ ବିଧାୟକ ଭଳି ସମସ୍ତଙ୍କୁ ଗୁହାରୀ କରାଯାଇଥିଲା। ଶେଷରେ ଶୁଣିଲା ପ୍ରଶାସନ। ଆଜି ମଶାଣିରେ ହେଲା ନଳକୂପ ଖନନ ।

# ଆଜିଠୁ ସେମିଳିଗୁଡ଼ା ବ୍ଲକ୍‌ସ୍ତରୀୟ 'ପରବ'



ସେମିଲଗୁଡ଼ା,୧।୧୨ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ୍‌ସ୍ତରୀୟ ପରବ ୨ ତାରିଖ ମଙ୍ଗଳବାରରୁ ଆରମ୍ଭ ହେବାକୁ ଯାଉଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଜ୍ଞିନକୁମାର ପ୍ରଧାନଙ୍କ ନେତୃତ୍ୱରେ ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି କ୍ରୀଡା ,ସାଂସ୍କୃତିକ ପ୍ରତିଯୋଗିତା ସହ ବିଭିନ୍ନ କାର୍ଯକ୍ରମ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। ଲୁଙ୍ଗୁରି ପଡିଆରେ ଫୁଟବଲ ଓ ଭଲିବଲ ପ୍ରତିଯୋଗିତା ଆୟୋଜନ କରାଯାଉଛି। ସେମିଳିଗୁଡ଼ା ମିନି ଷ୍ଟାଡିୟମରେ। "ପରବ' ପାଳିତ ନେଇ ପ୍ରସ୍ତୁତି ଆରମ୍ଭ ହାଇ ଯାଉଛି। ତଳସାହି ନିକଟରୁ ନିସନିମୁଣ୍ଡା ଠାରେ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରା ମିନିଷ୍ଟାଡିୟମରେ ପହଞ୍ଚିବ। କାର୍ଯକ୍ରମରେ କୋରାପୁଟ ସାଂସଦ ସପ୍ତଗିରି ଉଲାକା, ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ବିଧାୟକ ରାମ ଚାନ୍ଦ୍ର କାଡାମ,ପୂର୍ବତନ ସାଂସଦ ଓ ବିଧାୟକଙ୍କୁ ଅତିଥି ଭାବେ ଉପସ୍ଥିତ ରହିବେ ବୋଲି ବ୍ଲକ ଅଧକ୍ଷା ଲିଲି ଅଣ୍ଟାବେରିଆ ସୂଚନା ଦେଇଥିଲେ। ମିନିଷ୍ଟାଡିୟମକୁ ସୁନ୍ଦର ଭାବେ ସଜ୍ଜା ସଜା କରିଲେ।ବୁଧବାର ସନ୍ଧ୍ୟା ରେ ଉଦ୍‌ଯାପନ ଉତ୍ସବରେ ବିଜେତାଙ୍କୁ ପୁରସ୍କୃତ କରାଯିବ ବୋଲି ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର



ନବରଙ୍ଗପୁର,୧।୧୨(ସମିସ): ନବରଙ୍ଗପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲା ସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ କୁମାର ସେନ, ବନ ଖଣ୍ଡିୟ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା, ଉପ ଜିଲ୍ଲାପାଳ,ନବରଙ୍ଗପୁର ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୩୨ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୭ଟି ବ୍ୟକ୍ତିଗତ ସମସ୍ୟା ଓ ୫ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ରହିଥିଲା। ଆଜିର ଆୟୋଜିତ ଏହି ଶିବିରରେ ୫ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା କହିଛନ୍ତି।

## ବିଜ୍ଞପ୍ତି ପ୍ରକାଶକୁ ବର୍ଷେ ବିତିଲା

# ତଥାପି ହୋଇପାରୁନି ଯୋଗାଣ ସହାୟକ ନିଯୁକ୍ତି

କୁନ୍ଦୁରା, ୧।୧୨(ସମିସ): କୁନ୍ଦୁରା ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଯୋଗାଣ ସହାୟକ ପଦବୀ ପୂରଣ କରିବାରେ ଅସମର୍ଥ ହୋଇଛି ଯୋଗାଣ ବିଭାଗ। ତତ୍କାଳୀନ ସରକାରଙ୍କ ଅଧୀନରେ କାର୍ଯ୍ୟରତ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଗ୍ରାମପଞ୍ଚାୟତସ୍ତରରେ ସୁଚାରୁ ରୂପେ ଖାଉଟି ସାମଗ୍ରୀ ବଣ୍ଟନ ନିମନ୍ତେ ପଞ୍ଚାୟତ ସ୍ତରରେ ଯୋଗାଣ ସହାୟକ ପଦବୀ ପୂରଣ କରିବା ନିମନ୍ତେ କୁନ୍ଦୁରା ବ୍ଲକ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ କିଛି ସ୍ଥାନରେ ଏହି ପଦବୀ ପୂରଣ କରାଯାଇଥିବା ବେଳେ ବ୍ଲକର ବାଣ୍ଡୁଆଗୁଡା, ଫୁପୁଗାଁ, ଫୁଲଭଟ୍ଟା, ରାଣୀଗୁଡା, ଗୁଣ୍ଡାଳ ଏବଂ ପଖନାଗୁଡାରେ ପଦବୀ ଖାଲି ପଡିଛି । କିଛି ସ୍ଥାନରେ ଯୋଗାଣ ନିରୀକ୍ଷକ ମାନେ ନିଜର ଫାଇଦା ଉଠାଇବା ଆଶାରେ ନିଜର ପରିଚିତ ବ୍ୟକ୍ତି ବିଶେଷଙ୍କୁ ଅବସ୍ଥାପିତ କରିଥିବା ଅଭିଯୋଗ ହୋଇଛି। ସୂଚନା ଥାଉକି, ଗତ ୨୦୨୨ରେ ବାଣ୍ଡୁଆଗୁଡା ପଞ୍ଚାୟତ ଗୋଦାମ ଗୃହରୁ ୪୯୮ କ୍ୱିଣ୍ଟାଲ ଚାଉଳ ଚୋରି ହେବା ପରେ ତତ୍କାଳୀନ ଥାନାଧିକାରୀ ଥାନା କେସ ନମ୍ବର ୯୦/୨୨ ଅନୁଯାଇ ଏକ ମାମଲା ରୁଜୁ କରିଥିଲେ। କାର୍ଯ୍ୟରତ ଯୋଗାଣ ସହାୟକଙ୍କୁ ବହିଷ୍କାର କରାଯାଇଛି। ପ୍ରାୟ ୧୦ ମାସ ପୂର୍ବରୁ ଏହି ପଞ୍ଚାୟତରେ ଯୋଗାଣ ସହାୟକ ନିଯୁକ୍ତି ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସରକାରୀ ନିୟମକୁ ଫୁ କରି ଯୋଗାଣ ବିଭାଗ ଏବଂ ବ୍ଲକ ପ୍ରଶାସନ ଏହି ନିଯୁକ୍ତି ପ୍ରକ୍ରିୟାକୁ ଚାପି ରଖିଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ଅନ୍ୟ ୫ ଗ୍ରାମପଞ୍ଚାୟତ ଫୁପୁଗାଁ, ଫୁଲଭଟ୍ଟା, ରାଣୀଗୁଡା, ଗୁଣ୍ଡାଳ ଏବଂ ପଖନାଗୁଡାରେ ମଧ୍ୟ ସମାନ ଚିତ୍ର। କିଛି ହାତଗୁଞ୍ଜା ପାଇଁ ୨୦୧୭ ମସିହା ଠାରୁ ଆଜି ପର୍ଯ୍ୟନ୍ତ ନିଯୁକ୍ତି ଦିଆଯାଉନଥିବା ସାଧାରଣରେ ଚର୍ଚ୍ଚା ଚାଲିଛି। ଏହି ନିଯୁକ୍ତି ପ୍ରକ୍ରିୟାକୁ ନେଇ ଯୋଗାଣ ନିରୀକ୍ଷକ ମୁରଲୀଧର ହେସାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହି ସପ୍ତାହ ଭିତରେ ପ୍ରକ୍ରିୟା ଆରମ୍ଭ କରାଯିବ। ଏହାକୁ ନେଇ ଜୟପୁର ଉପଜିଲ୍ଲାପାଳ ଏ ଶସ୍ୟା ରେଡ୍ଡୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ କୁନ୍ଦୁରା ବ୍ଲକ ପ୍ରଶାସନ ଏଯାବତ୍ ତାଙ୍କ ନିକଟକୁ କିଛି ପଠାଇ ନାହାନ୍ତି, ପଠାଇଲେ ବିଚାର କରାଯିବ ବୋଲି କହିଛନ୍ତି।

# ଏରୋନଟିକ୍ସ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ

ସୁନାବେଡ଼ା,୧।୧୨(ସମିସ):



ହାଲ୍ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ଓ ରେଡ୍ ରିବନ କ୍ଲବ ତରଫରୁ ବିଶ୍ୱ ଏଡ୍ସ ଦିବସ ପାଳନ ହୋଇଯାଇଛି। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଅନସୂୟା ନନ୍ଦ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ. ସଞ୍ଜୟ ପୁରୋହିତ ଓ ମୁଖ୍ୟ ବକ୍ତା ଭାବରେ ଦୁଧାରୀ ଡାକ୍ତରଖାନାର ଚିକିତ୍ସାଧିକାରୀ ଡାକ୍ତର ଦେବୀପ୍ରସାଦ ଭଦ୍ର ଯୋଗ ଦେଇଥିଲେ। ୱାଇଆରସିର କାଉନସିଲର ଡ. ଶାନ୍ତନୁ ନାୟକ ସଭା ପରିଚାଳନା କରିଥିଲାବେଳେ ଅଧ୍ୟାପକ ଦିଲୀପ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱ ଏଡ୍ସ ଦିବସ ଉପଲକ୍ଷେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସଚେତନତା ମୂଳକ ପ୍ରତିଯୋଗିତାର ପ୍ରମାଣ ପତ୍ର ପ୍ରଦାନରେ ଅଧ୍ୟାପକ ମଦନ ହରିଜନ ସହଯୋଗ କରିଥିଲେ। ଏହି ସଭାରେ ବରିଷ୍ଠ ପ୍ରାଧ୍ୟାପକ ଗୌରୀଶଙ୍କର ରଥ, ହିରଣ୍ମୟୀ ତ୍ରିପାଠୀ, ସଞ୍ଜୟ ଲେଙ୍କା, ବିଶ୍ୱଜିତା ପାଢ଼ୀ, ଦିଲ୍ଲୀପ ସାହୁ, ସସ୍ମିତା ମହାପାତ୍ର, ପ୍ରଜ୍ଞା ଦେବହୁତି ଦାସ, ଚିନ୍ମୟୀ ସାହୁ, ସ୍ମୃତି ରଞ୍ଜନ ରାଉତ, ରୁଚିକା ମାଣିଆ ଆଦି ଉପସ୍ଥିତ ରହିବା ସଙ୍ଗେ ୱାଇଆରସି, ରେଡ ରିବନ କ୍ଲବର ସ୍ୱେଚ୍ଛାସେବୀ ସଙ୍ଗେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ମୌଳିକ ସୁବିଧାରୁ ବଞ୍ଚିତ ପାଲବଣି

# ଝରଣା ଓ ଚୁଆ ପାଣି ଶୋଷ ମେଣ୍ଟାଏ



ଶରତ/ଠାକୁରମୁଣ୍ଡା, ୧।୧୨(ସମିସ): ଆକାଶର ଆଉଟା କିରଣ ପଡ଼ିଲେ ତରତର ହୁଏ ପାଲବଣି। ଅନ୍ଧକାରର ବଳୟ ଭିତରୁ ବାହାରି ଏଠାକାର ଲୋକ ତଉଲନ୍ତି ଜୀବନକୁ। ଜୀବନ ଏଠି ଅତ୍ୟନ୍ତ ଦୁଃଖମୟ। ଖରାଦିନେ ଖଇରିଆ ଦିଶେ ସାତକୋଶିଆ ଓ ଗୋଡଭଙ୍ଗା ପାର୍ବତ୍ୟ ଅଞ୍ଚଳରେ ଅବସ୍ଥିତ ଏହି ପାଲବଣୀ ଗ୍ରାମ। ଏହି ଗ୍ରାମର ଲୋକେ ମୌଳିକ ସୁବିଧାରୁ ବଞ୍ଚିତ। ଏଠାକାର ଲୋକେ ଅନ୍ଧାରରେ ଜୀବନ ଯିଉଥିବାବେଳେ ନାହିଁ ପାନୀୟଜଳ ବ୍ୟବସ୍ଥା। ଝରଣା ଓ ଚୁଆ ପାଣି ଶୋଷ ମେଣ୍ଟାଏ।

ପାଲବଣି ଗ୍ରାମରେ ୩୫ଟି ଜନଜାତି ପରିବାର ବସବାସ କରନ୍ତି। ଦାରିଦ୍ର୍ୟତା ଏମାନଙ୍କ ଜୀବନକୁ ଦୁର୍ବିପାକ କରିଥିବାବେଳେ ଜଳକଷ୍ଟ ସେମାନଙ୍କ ପାଇଁ ଆହୁରି ଭାରି ହୋଇପଡ଼ିଛି। ଗ୍ରାମରେ ନଳକୂପ ନ ଥିବାରୁ ଏମାନେ ପାହାଡ଼ରୁ ଝରି ଯାଉଥିବା ନାଳ ପାଣି ଓ ଚୁଆ ପାଣିକୁ ଉଭୟ ପାନୀୟ ଓ ରୋଷେଇ ବ୍ୟବହାର କରୁଛନ୍ତି। ଏହି ସ୍ଥାନର ବାସିନ୍ଦାଙ୍କ ବ୍ୟବହାର ଉପଯୋଗୀ ନିମନ୍ତେ ଏକଦା ଠାକୁରମୁଣ୍ଡା ବ୍ଲକ ପ୍ରଶାସନ ଦ୍ୱାରା ଏଠାରେ ଏକ ନଳକୂପ ଖୋଳାଯାଇଥିଲା। ସଠିକ ଭାବେ ପାଣି ନିର୍ଗତ ହେବା ସ୍ଥାନରେ ନଳକୂପ ନ ସ୍ଥାପନ ହୋଇପାରି ନ ଥିବାରୁ ପାଣି ବାହାରୁ ନ ଥିବା ସେମାନେ ପ୍ରକାଶ କରିଛନ୍ତି। ବିଶୁଦ୍ଧ ପାନୀୟଜଳ ପାଇବା ବୋଧହୁଏ ଏମାନଙ୍କ ଭାଗ୍ୟରେ ନାହିଁ। ଗ୍ରାମକୁ ଗମନାଗମନ ନିମନ୍ତେ ରାସ୍ତା ନ ଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଗାଡ଼ି ଆସିପାରେନାହିଁ। ତେଣୁ ଚିକିତ୍ସା ନିମନ୍ତେ ଗର୍ଭବତୀ ମହିଳା ଓ ରୋଗୀ ଡାକ୍ତରଖାନା ଯିବାକୁ ହେଲେ ଭାର ହିଁ ଏମାନଙ୍କ ନିମନ୍ତେ ଏକମାତ୍ର ଭରସା। ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ସୌଭାଗ୍ୟ ଯୋଜନାରେ କୌଣସି ଗୋଟିଏ ହେଲେ ମଧ୍ୟ ପରିବାରକୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଇନାହିଁ। ଗ୍ରାମରେ ମୋବାଇଲ ନେଟୱାର୍କ ସାତସପନ ହୋଇରହିଛି। ତତ୍‌ସହିତ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ବଳରେ ଏଠିକାର କୌଣସି ଜଣେ ବାସିନ୍ଦାଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇନାହିଁ।

ଏହି ଗ୍ରାମରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଆଜି ପର୍ଯ୍ୟନ୍ତ କୌଣସି ଗୋଟିଏ ହେଲେ ଯୋଜନା କାର୍ଯ୍ୟକାରୀ କରାଯାଇନାହିଁ। ଗ୍ରାମରେ ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଥିବାବେଳେ କେନ୍ଦ୍ରର ନାହିଁ ନିଜସ୍ୱ ଗୃହ। ତେଣୁ ଅଙ୍ଗନବାଡ଼ି କର୍ମୀଙ୍କ ଘରେ କେନ୍ଦ୍ର ଚାଲୁଛି। ଗ୍ରାମରେ ବିଦ୍ୟାଳୟ ନ ଥିବାରୁ ଅଙ୍ଗନବାଡ଼ି ପରେ ପିଲାଙ୍କ ପାଠପଢ଼ାରେ ପୂର୍ଣ୍ଣଚ୍ଛେଦ ପଡ଼େ। ପାଲବଣି ଗାଁରେ ମୌଳିକ ସମସ୍ୟାର ସମାଧାନ ଦିଗରେ ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି।

## ବେତନଟୀ କଲେଜରେ ଆତ୍ମନିର୍ଭର ଭାରତ ଅଭିଯାନ କାର୍ଯ୍ୟକ୍ରମ



ବେତନଟୀ, ୧।୧୨(ସମିସ): ବେତନଟୀ ମହାବିଦ୍ୟାଳୟ ସ୍ମାର୍ଟ୍ କ୍ଲାସ୍‌ରୁମ୍‌ରେ ଆତ୍ମନିର୍ଭର ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତ ସଭାପତିତ୍ୱ କରି ଏହି କାର୍ଯ୍ୟକ୍ରମର ମୂଳ ତତ୍ତ୍ୱକୁ ବ୍ୟାଖ୍ୟା କରିବା ସହ ବିଦେଶୀ ଦ୍ରବ୍ୟ ଉପରେ ନିର୍ଭରଶୀଳତା ହ୍ରାସ କରି ସ୍ଥାନୀୟ ଉତ୍ପାଦର ଚାହିଦା କିଭଳି ବୃଦ୍ଧି ପାଇବ, ସେ ସମ୍ପର୍କରେ ମତ ପ୍ରଦାନ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ପ୍ରଚଳିତ କୁଟୀର ଶିଳ୍ପର ପୁନରୁଦ୍ଧାର ନିମିତ୍ତ ଏଭଳି କାର୍ଯ୍ୟକ୍ରମ ଏକ ପ୍ରମୁଖ ମାଧ୍ୟମ ବୋଲି ସଂସ୍କୃତ ବିଭାଗ ପ୍ରାଧ୍ୟାପକ ପ୍ରାଣକୃଷ୍ଣ ପାଣିଗ୍ରାହୀ ମତ ଦେଇଥିଲେ। ଅଧ୍ୟାପିକା ମନୀଷାରାଣୀ ଅଗ୍ରୱାଲ ଓ ଅଧ୍ୟାପକ ରାଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଲିମଣି ସିଂ, ସନ୍ଦୀପ ଡୁଙ୍ଗଡୁଙ୍ଗ, ଉଦୟ ନାଥ ମୁର୍ମୁ, ଅଭିଜିତ ମହାନ୍ତି, ଗାଏଚାନ୍ଦ ସୋରେନ, ଲଳିତ ସାହୁ, ଭାନୁପ୍ରିୟା ମାଝୀ ପ୍ରମୁଖ ସହାୟତା କରିଥିଲେ।

## ବେଆଇନ ଲଘୁ ଖଣିଜ ଚାଲାଣ, ୪ ହାଇୱା ଜବତ



ମହୁଲଡିହା, ୧।୧୨(ସମିସ): ଠାକୁରମୁଣ୍ଡା ବ୍ଲକ ଆନନ୍ଦପୁର-କରଞ୍ଜିଆ ୫୩ନଂ ରାଜ୍ୟ ରାଜପଥରେ ଆନନ୍ଦପୁର ଆଡୁ ଚୋରାରେ ଲଘୁ ଖଣିଜ ବୋଝେଇ କରି ଆଗପଛ ଆସୁଥିବା ୪ଟି ହାଇୱାକୁ ମାଇନିଂ ବିଭାଗ ଓ ମହୁଲଡିହା ଥାନା ପୁଲିସ ମିଳିତ ଭାବେ ଚଢ଼ଉ କରି ଜବତ କରିଛନ୍ତି। ଏହି ରାସ୍ତାରେ ବାଲିମାଫିଆ ସକ୍ରିୟ ଥିବାରୁ ମାଇନିଂ ବିଭାଗ ଓ କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ନବକୃଷ୍ଣ ନାଏକଙ୍କ ନିର୍ଦ୍ଦେଶକ୍ରମେ ମହୁଲଡିହା ଥାନା ଆଇଆଇସି ଅରୁଣ ଟୁଡୁ ରାତି ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ବିଶେଷ ସୂତ୍ରରୁ ଖବର ପାଇ ଏଏସଆଇ ବିଜୟକୃଷ୍ଣ ସାନ୍ତରାଙ୍କ ସହ ପୁଲିସ କର୍ମଚାରୀ ହାଇସ୍କୁଲ ଛକରେ ଓ ମାଇନିଙ୍ଗ ବିଭାଗ ପକ୍ଷରୁ ଚିଆବେଡା ଛକରେ ଛକି ରହିଥିଲେ। ଚୋରା ବାଲିଗାଡ଼ି ଗଳି ରାସ୍ତାରେ ଗୟଳମୁଣ୍ଡା ଦେଇ ଚିଆଁବେଡା ଛକ ଓ ହାଇସ୍କୁଲ ଛକରେ ବାହାରି ମୁଖ୍ୟ ରାସ୍ତାରେ ଯାଉଥିବାବେଳେ ମାଡ଼ି ବସିଥିଲେ।

## ଓଡ଼ିଶା ଇନୋଭେସନ୍ ଓ ଷ୍ଟାର୍ଟଅପ୍ ବିଜେତାଙ୍କୁ ସମ୍ବର୍ଦ୍ଧନା




ବାରିପଦା, ୧।୧୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଇନୋଭେସନ୍ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା ବିଜେତାଙ୍କ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଔଦ୍ୟୋଗିକତା ତଥା ଷ୍ଟାର୍ଟଅପ ସ୍ଥାପନରେ ସହଯୋଗ କରିବା ଲକ୍ଷ୍ୟ ନେଇ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାର ବିଜେତାଙ୍କ ସମ୍ବର୍ଦ୍ଧନା ସମାରୋହରେ କୁଳପତି ପ୍ରଫେସର ପ୍ରମୋଦ ଶତପଥୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ବିଜେତା ଡ. ଦମୟନ୍ତୀ ବେଶ୍ରା ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ବିଶ୍ୱବିଦ୍ୟାଳୟର ଅର୍ପିତା ସାହୁ, ସୁଧାଂଶୁ ସେଠୀ, ଦ୍ୱିତୀୟ ଯଶିପୁର ମହାବିଦ୍ୟାଳୟର ଜଗନ୍ନାଥ ଟୁଡୁ, ତୃତୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଂଶୁମାନ ମହାନ୍ତ, ଚତୁର୍ଥ ବେତନଟୀ ମହାବିଦ୍ୟାଳୟର ଜ୍ୟୋତିସ୍ମିତା ସାଇରଞ୍ଜନୀ ଓ ପଞ୍ଚମ ସ୍ଥାନରେ ବିଶ୍ୱବିଦ୍ୟାଳୟର ଶୁଭଜିତ ସାହୁ ରହିଥିଲେ। ପ୍ରତି ଟିମ୍‌କୁ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଦିଆଯାଇଥିଲା। ଯାହାକି ସେମାନଙ୍କୁ ୪୦, ୦୦୦, ୪୦, ୦୦୦, ୨୦, ୦୦୦ ଏପରି ୩ଟି କିସ୍ତିରେ ପ୍ରଦାନ କରାଯିବ। ସେଭଳି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସ୍ତର ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ଭାବେ ୨୫, ୦୦୦ ଟଙ୍କା ବିଶ୍ୱବିଦ୍ୟାଳୟର ଅର୍ପିତା ସାହୁ ଓ ସୁଧାଂଶୁ ସେଠୀଙ୍କୁ, ଦ୍ୱିତୀୟ ପୁରସ୍କାର ଭାବେ ୨୦, ୦୦୦ ଟଙ୍କା ବିଶ୍ୱବିଦ୍ୟାଳୟର ଶୁଭେନ୍ଦୁ ମିଶ୍ର, ଅନୁଭବ ମହାପାତ୍ର, ନିର୍ମଳ କୁମାର ବେହେରାଙ୍କୁ ଓ ତୃତୀୟ ପୁରସ୍କାର ଭାବେ ୧୦, ୦୦୦ ଟଙ୍କା ବିଶ୍ୱବିଦ୍ୟାଳୟର ଶୁଭଜିତ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଫେସର ଏମ୍ ହିମବିନ୍ଦୁ ଓ ସହକାରୀ ପ୍ରଫେସର ଡ. ପ୍ରିୟରଞ୍ଜନ ଦେବତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ଲକ ସେବା ନିବୃତ୍ତ ଶିକ୍ଷକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ



ରାସଗୋବିନ୍ଦପୁର, ୧।୧୨(ସମିସ): ରାସଗୋବିନ୍ଦପୁର ବ୍ଲକ ସେବା ନିବୃତ୍ତ ଶିକ୍ଷକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ କାନପୁର ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷକ କୌସ୍ତୁଭ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ସନାତନ ନାୟକ, ରାଜ୍ୟସ୍ତରୀୟ ଶିକ୍ଷକ ସଂଗଠକ ବେଣୁଧର ସାହୁ ଯୋଗଦାନ କରି ଉଦବୋଧନ ଦେଇଥିଲେ। ମନୋରମା ପାତ୍ର, ଅନୀତା ଆଚାର୍ଯ୍ୟ, ପ୍ରଣତି ଉପାଧ୍ୟାୟ ଭକ୍ତି ସଙ୍ଗୀତ ଗାନ କରିଥିଲେ। ମନ୍ମଥ ସାହୁ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବାବେଳେ ସୁଶାନ୍ତ ପରିଡ଼ା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ସେବା ନିବୃତ୍ତ ଶିକ୍ଷକଙ୍କ ସମସ୍ୟା ଓ ସାମାଜିକ କର୍ତ୍ତବ୍ୟ ସମ୍ପର୍କରେ ଗଣେଶ୍ୱର ସାହୁ, ଶଶୀଧର ରାଉଳ, ସୁଶାନ୍ତ ପରିଡ଼ା, ଅନୀତା ଆଚାର୍ଯ୍ୟ, ଶ୍ରୀକାନ୍ତ ପାତ୍ର, ରମେଶ ପରିଡ଼ା, ମନୋରଞ୍ଜନ ପାତ୍ର, ନିରଞ୍ଜନ ଦାସ, କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ ସଂଗଠନର ମୁଖ୍ୟ କର୍ମକର୍ତ୍ତା କ୍ଷେତ୍ରମୋହନ ପ୍ରଧାନ ପ୍ରମୁଖ ଆଲୋଚନା କରିଥିଲେ। ପରେ ସାଧାରଣ ସମ୍ପାଦକ ଭାବେ ଗଣେଶ୍ୱର ସାହୁ, ସହସମ୍ପାଦକ ମନୋରଞ୍ଜନ ପାତ୍ର, ପରିଚାଳନା ସମ୍ପାଦକ ରମେଶ ପରିଡ଼ା ଓ ପ୍ରଣତି ଉପାଧ୍ୟାୟ, ସଂଗଠନ ସମ୍ପାଦକ ମନ୍ମଥ ସାହୁ ଓ ମନୋରମା ପାତ୍ର, ସଭାପତି ସୁଶାନ୍ତ ପରିଡ଼ା, କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ପାତ୍ର, ଉପସଭାପତି ଶଶୀଧର ରାଉଳ, ଅନିତା ଆଚାର୍ଯ୍ୟ, ସୃଷ୍ଟିଧର ଦାସ, କୌସ୍ତୁଭ ଦାସ, ବିନତିମଣି ଦାସ, କୋଷାଧ୍ୟକ୍ଷ ନିରଞ୍ଜନ ଦାସ, ଉପଦେଷ୍ଟା ଭାବେ ସନାତନ ନାୟକ, ବେଣୁଧର ସାହୁ, ସତୀଶ ମହାପାତ୍ର, ପ୍ରମଥ ଘୋଷ ମହାପାତ୍ର ଓ ଶରତ ପଣ୍ଡିତ, ସଂଯୋଜକ କ୍ଷେତ୍ରମୋହନ ପ୍ରଧାନ, ସୁଶାନ୍ତ ଦାସ, ଆଇନଗତ ଉପଦେଷ୍ଟା ତପନ ଘୋଷ (ଆଡଭୋକେଟ୍), ଅଶୋକ ମହାନ୍ତି (ସାମ୍ବାଦିକ), ପ୍ରଶାନ୍ତ ଲେଙ୍କା (ସେବା ନିବୃତ୍ତ ଶିକ୍ଷକ)ଙ୍କୁ ମନୋନୀତ କରାଯାଇଥିଲା। ମୁଖ୍ୟଅତିଥି ସନାତନ ନାୟକ ଶପଥ ପାଠ କରାଇଥିବାବେଳେ ନିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା

# ବିଦୁସ୍ମିତା ପ୍ରଥମ, ଚନ୍ଦନ ଦ୍ୱିତୀୟ ଓ ଆୟୁଷ ତୃତୀୟ




ବାରିପଦା, ୧।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ବାରିପଦାସ୍ଥ ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ ଉପଲକ୍ଷେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସମସ୍ତ ବ୍ଲକରୁ ଚୟନ ହୋଇ ଆସିଥିବା ୭୯ ଜଣ ପ୍ରତିଯୋଗୀ ଭାଗନେଇଥିଲେ। କୁଇଜ ପ୍ରତିଯୋଗିତାରେ ଓଏଭି, ଭାଲୁବସାର ବିଦୁସ୍ମିତା ସାହୁ ପ୍ରଥମ, ଠାକୁରମୁଣ୍ଡା ସରକାରୀ ଉଚ୍ଚବିଦ୍ୟାଳୟର ଚନ୍ଦନ ମହାନ୍ତ ଦ୍ୱିତୀୟ, ରଘୁନାଥ ଉଚ୍ଚବିଦ୍ୟାଳୟର ଆୟୁଷ ମହାନ୍ତ ତୃତୀୟ ହୋଇଛନ୍ତି। ଏହି ପ୍ରତିଯୋଗିତାକୁ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ଶିକ୍ଷକ ନୟନ ଗିରି, ଶିକ୍ଷୟିତ୍ରୀ ସୁଲୋଚନା ମଙ୍ଗରାଜ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସେଠୀ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଏମପିକେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସଞ୍ଜୟ କଳିଆ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଯଥାକ୍ରମେ ୨୦୦୦, ୧୫୦୦, ୧୦୦୦ ପୁରସ୍କାର ରାଶି ପ୍ରଦାନ କରିଥିଲେ। ପ୍ରଥମ ସ୍ଥାନ ଲାଭ କରିଥିବା ବିଦୁସ୍ମିତା ସାହୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବେ। ଶିକ୍ଷକ ମନୋଜ ପରିଡ଼ା, ବିଶ୍ୱେଶ୍ୱର ଦ୍ୱିବେଦୀ, ଅବସରପ୍ରାପ୍ତ ଶିକ୍ଷକ ଡ. ଶଶୀଧର ବିଶ୍ୱାଳ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୩ ବ୍ଲକର ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ଆକଳନ ଶିବିର



ବାରିପଦା, ୧।୧୨(ସମିସ): ସମଗ୍ର ଶିକ୍ଷା ମୟୂରଭଞ୍ଜ ପକ୍ଷରୁ ଜିଲ୍ଲା ଅନ୍ତର୍ନିବେଶି ଶିକ୍ଷା ସାଧନ କେନ୍ଦ୍ରରେ ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ପାଇଁ ସହାୟକ ଉପକରଣ ଓ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଆକଳନ ଶିବିର ଅନୁଷ୍ଠିତ ହୋଇଯାଇଛି। ୨୯ ତାରିଖରେ ବାରିପଦା ବ୍ଲକର ୮୫ ଜଣ ଓ ୩୦ ତାରିଖରେ ଶାମାଖୁଣ୍ଟାର ୫୨ ଓ ମୋରଡା ବ୍ଲକର ୩୩ ଜଣ ଦିବ୍ୟାଙ୍ଗ ଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଉକ୍ତ ୩ଟି ବ୍ଲକରୁ ୧୪୫ ଜଣ ଦିବ୍ୟାଙ୍ଗ ଶିକ୍ଷାର୍ଥୀ ୨୦୬ଟି ବିଭିନ୍ନ ପ୍ରକାର ଉପକରଣ ଓ ୯୪ ଜଣ ବିଭିନ୍ନ ପ୍ରକାର କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଆକଳନ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଉପକରଣ ଶିକ୍ଷାର୍ଥୀଙ୍କୁ ପ୍ରଦାନ କରିବା ପରେ ସେମାନେ ସହଜରେ ନିୟମିତ ବିଦ୍ୟାଳୟକୁ ଯାତାୟାତ କରିବା ସହିତ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ କରିବାରେ ସହାୟକ ହେବ। ସେମାନଙ୍କର ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ଏହା ଏକ ପଥପ୍ରଦର୍ଶକ ଭାବେ କାର୍ଯ୍ୟ କରିବ। କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ପକ୍ଷରୁ ସୁଶ୍ରୀ ଇସିତା ବିଶ୍ୱାସ ଓ ତପନ ପ୍ରଧାନ (ବିଶେଷଜ୍ଞ), ରିଷି ଗୁପ୍ତା ଓ ଦୀପକ ଜେନା ଉପସ୍ଥିତ ରହି ପିଲାଙ୍କୁ ଆକଳନ କରି ଆବଶ୍ୟକ ଉପକରଣ ସ୍ଥିର କରିଥିଲେ। ଶିବିର ଜିଲ୍ଲା ଅନ୍ତର୍ନିବେଶି ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ରେଖାରାଣୀ ଦାସ, ଦିଲ୍ଲୀପ ଦାସ, ଶାମାଖୁଣ୍ଟାର ସରୋଜ ଦାସ ଓ ସୋନାଲିକା ନାୟକ, ମୋରଡାର ଦୁର୍ଯ୍ୟୋଧନ ରାଉତ ଓ ନବନୀତା ସାହୁ, ଅନ୍ତର୍ନିବେଶି ଶିକ୍ଷା ସାଧନକର୍ମୀ ରୋହିତ ବିଶ୍ୱାଳ, କିଶୋର ସାହୁ ଓ ବୀରେନ୍ଦ୍ର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ଜାତୀୟ ସେବା ଯୋଜନା ଦ୍ୱାରା କ୍ୟାମ୍ପସ ସଫେଇ କାର୍ଯ୍ୟକ୍ରମ




ବାରିପଦା, ୧।୧୨(ସମିସ): ମହାରାଜପୁରସ୍ଥ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ୟୁନିଟ ପକ୍ଷରୁ ଦିନିକିଆ କ୍ୟାମ୍ପସ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଦୀପ ନାୟକ ଯୋଗଦେଇ ପରିବେଶ ଓ ସ୍ୱଚ୍ଛତା ପାଇଁ ଜାତୀୟ ସେବା ଯୋଜନା ୟୁନିଟ୍‌ର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ଜାତୀୟ ସେବା ଯୋଜନା ଅନ୍ତର୍ଗତ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ନାୟକଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସେବା ଯୋଜନା ସ୍ୱେଚ୍ଛାସେବୀ ମହାବିଦ୍ୟାଳୟ କ୍ୟାମ୍ପସରେ ସଫେଇ କାର୍ଯ୍ୟ କରିଥିଲେ। ହରିହର ମୁର୍ମୁ, ବୈଦ୍ୟନାଥ ଜେନା, ତନୁଶ୍ରୀ ସିଂ, ପ୍ରକାଶ ମହାନ୍ତ, ତନୁଜା ସିଂ, ସୁମିତ୍ରା ହାଇବୁରୁ, ଫୁଲମଣି ମାରାଣ୍ଡି, ପାର୍ବତୀ ଟୁଡୁ, ରଶ୍ମିରେଖା ମହାନ୍ତ, ହିସି ହେମ୍ବ୍ରମ, ସୋନାଲି ମାରାଣ୍ଡି, ବନ୍ଦିତା ଦାସ, ଜସ୍ମିନ ସାହି ଓ ସୋନାଲି ରାଣୀ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ପ୍ରତିଯୋଗିତା

କୁଆମରା, ୧।୧୨(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ପ୍ରତିଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଛାତ୍ରଛାତ୍ରୀ ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ଝୋଟି, ବକ୍ତୃତା, ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରମେଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସମସ୍ତ ଗୁରୁମା, ଗୁରୁଜୀ ପରିଚାଳନା କରିଥିଲେ। କୁଆମରା ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅତସୀ ପଣ୍ଡା, ମଧୁଇଂରାଜୀ ବିଦ୍ୟାଳୟର ଶିକ୍ଷକ ସୁକାନ୍ତ ଦାସ, ବିଦ୍ୟାଳୟର ସମ୍ପାଦକ ମନମୋହନ ମହାପାତ୍ର, ସାମ୍ବାଦିକ ଚିତ୍ତରଞ୍ଜନ ଦଳେଇ, ପୂର୍ବତନ ସମ୍ପାଦକ କୂଳମଣି ବେହେରା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ମୂଲ୍ୟାୟନ କରିଥିଲେ।

## ପୋଖରୀରେ ବୁଡ଼ି ମହିଳା ମୃତ

ଠାକୁରମୁଣ୍ଡା, ୧।୧୨(ସମିସ): ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା ଅନ୍ତର୍ଗତ କେଶଡ଼ିହା ପଞ୍ଚାୟତ ପୋଖରୀବାଡି ଗ୍ରାମରେ ରବିବାର ଦିନ ଗ୍ରାମ ପୋଖରୀରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ପୋଖରୀବାଡି ଗ୍ରାମର ବିରଞ୍ଚି ପୁର୍ତ୍ତିଙ୍କ ସ୍ତ୍ରୀ ନନ୍ଦିନୀ ପୁର୍ତ୍ତି (୫୦) ବୋଲି ଜଣାପଡ଼ିଛି। ନନ୍ଦିନୀ ଭୋର ସମୟରେ ଗ୍ରାମ ପୋଖରୀରେ କଇଁଫୁଲ ତୋଳୁଥିବାବେଳେ ବୁଡ଼ିଯାଇଥିଲେ। ସକାଳ ପ୍ରାୟ ୮ଟା ବେଳେ ତାଙ୍କ ମୃତଦେହ ଭାସୁଥିବା ପୋଖରୀକୁ ଆସିଥିବା ଲୋକେ ଦେଖିଥିଲେ। ପରେ ଖବର ପାଇ ମହୁଲଡ଼ିହା ଥାନା ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଅସହାୟ ବୃଦ୍ଧାବୃଦ୍ଧାଙ୍କୁ କମ୍ବଳ ବଣ୍ଟନ


ବଡ଼ସାହି/ମାଣତ୍ରୀ, ୧।୧୨(ସମିସ): ମାନଗୋବିନ୍ଦପୁର ପଞ୍ଚାୟତର ବିଜିପୁରସ୍ଥ ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ରରେ ପ୍ରେରଣା ଫାଉଣ୍ଡେସନର ସମ୍ପାଦକ ଶୁଭେନ୍ଦୁ ନାରାୟଣ ଗିରିଙ୍କ ସହଯୋଗରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅସହାୟ, ବୃଦ୍ଧବୃଦ୍ଧା, ନିରାଶ୍ରୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଜିଲ୍ଲା ପରିଷଦ ସଦସ୍ୟ ଜଗନ୍ନାଥ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ୮୦ ଜଣଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଯେଉଁମାନେ ଅସୁସ୍ଥତା କାରଣରୁ ଆସିପାରିନାହାନ୍ତି ସେମାନଙ୍କୁ ରବିବାର ସୁଦ୍ଧା ତାଙ୍କ ଘରକୁ ଯାଇ ବଣ୍ଟନ କରିବାକୁ ସଭାପତି ଓ ସମ୍ପାଦକ ଜଣାଇଛନ୍ତି। ଡାକ୍ତର କିଶୋର ମହାପାତ୍ର ଆସନ୍ତା ୧୫ ଦିନ ମଧ୍ୟରେ ଏକ ଚକ୍ଷୁ ପରୀକ୍ଷା ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହେବ ବୋଲି କହିଛନ୍ତି। ଏ ଅଞ୍ଚଳରେ କାର୍ଯ୍ୟରତ ବହୁ ସାମାଜିକ ଗଣମାଧ୍ୟମ କର୍ମକର୍ତ୍ତା ଏଥିରେ ଉପସ୍ଥିତ ଥିଲେ।

## ସଂସ୍କୃତ ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା

ବାରିପଦା, ୧।୧୨(ସମିସ): ସ୍ଥାନୀୟ ସରକାରୀ ସଂସ୍କୃତ ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଓ ରେଡ୍ ରିବନ କ୍ଲବ୍ ପକ୍ଷରୁ ଏଡସ୍ ରୋଗର କାରଣ ଓ ନିରାକରଣ ସମ୍ପର୍କିତ ସଚେତନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ୍ ସଂସ୍ଥାର କାର୍ଯକାରୀ ଅଧିକାରୀ ଡ. ଧର୍ମବୀର ମୋହନ ସିଂଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯକ୍ରମରେ ବରିଷ୍ଠ ଇଂରାଜୀ ଅଧ୍ୟାପକ ଡ. ଚୌଧୁରୀ ଆଦିତ୍ୟ ଦାସ ଓ ଇତିହାସ ବିଭାଗର ସହକାରୀ ପ୍ରଫେସର ଡ. ଫଗୁ ଟୁଡୁ ଅତିଥି ଭାବେ ଯୋଗଦେଇ ଏଡ୍‌ସ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ. ଦେବାଶିଷ ପାଣିଗ୍ରାହୀ, ଅଧ୍ୟାପିକା ଡ ପ୍ରିୟଙ୍କା ମହାନ୍ତ, କନିଷ୍ଠ ସହାୟିକା ହରପ୍ରିୟା ସେଠୀ ଓ ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ସଂଗ୍ରାମ କେଶରୀ ମଲ୍ଲିକ ସମ୍ମାନିତ

ଶୁକ୍ଳି, ୧।୧୨(ସମିସ): ଆର୍ଟ ଅଫ ବ୍ଲିଶ ଓଡ଼ିଶା ପକ୍ଷରୁ ଶୁକ୍ଳି ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ସଂଗ୍ରାମ କେଶରୀ ମଲ୍ଲିକଙ୍କୁ ସମ୍ମାନିତ କରାଯାଇଛି। ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ କ୍ୟାମ୍ପସରେ ଅନୁଷ୍ଠିତ ଦୁଇଦିନିଆ କାର୍ଯ୍ୟକ୍ରମର ଶେଷ ଦିନରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରୁଷିଆର ଏଲିନା ସ୍କୋରହୋଡ୍ ତାଙ୍କୁ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆର୍ଟ ଅଫ ବ୍ଲିଶ ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନ ମହାପାତ୍ର, ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ ମହାପାତ୍ର, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



## ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ମହିଳାଙ୍କ ହାଇଡ୍ରାମା

# ଆଇଆଇସିଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣି ଆତ୍ମହତ୍ୟା ଉଦ୍ୟମ

**ପାରଳାଖେମୁଣ୍ଡି,୧।୧୨(ସମିସ):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଜି ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିବେଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ନ୍ୟାୟ ନପାଇ ଆତ୍ମହତ୍ୟା ଭଳି ଉଦ୍ୟମ କରିଥିଲେ ମହିଳା ଜଣକ। ଗୁରାଣ୍ଡି ଥାନା ଅଧିକାରୀ ନ୍ୟାୟ ଦେବା ବଦଳେ ଅଶ୍ଳୀଳ ଇଙ୍ଗିତ ସହ ଶାରିରୀକ ସମ୍ପର୍କ ରଖିବାକୁ ବାଧ କରୁଥିବା ଅଭିଯୋଗ ଆଣିଥିଲେ। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ମହାଦେଇପୁର ଗ୍ରାମର ମନାସ ଜେନା (୪୦) ନାମକ ଜଣେ ମହିଳା ଗୁରାଣ୍ଡି ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ରଙ୍କ ନାମରେ ଦୁର୍ବ୍ୟବହାର ଓ ଅପଶବ୍ଦ ପ୍ରୟୋଗ ଭଳି ଅଭିଯୋଗ ଆଣିଛନ୍ତି।



ପ୍ରକାଶ ଯେ, ୨୦୨୨ ଓ ୨୦୨୪ରେ ପୃଥକ ଭାବେ ଗ୍ରାମର ପ୍ରଶାନ୍ତ ଧଳ, ହାରା ଧଳ ଓ ଦଗଦୀଶ ଧଳ ସମସ୍ୟା ଜଣାଇ ତାଙ୍କଠାରୁ ଦୁଇଟି କିସ୍ତିରେ ୩ଲକ୍ଷ ୭୭ ହଜାର ଟଙ୍କା ଧାର ନେଇଥିଲେ। ସମସ୍ତ ଲେଖାପଢ଼ା କରି ସେମାନେ ଟଙ୍କା ନେଇଥିଲେ। ସେତେବେଳେ ଧଳ ପରିବାର ଲୋକେ ଓ ଗ୍ରାମର ଅନ୍ୟ କିଛି ଭଦ୍ରବ୍ୟକ୍ତି ସାକ୍ଷ୍ୟ ଭାବେ ଦସ୍ତଖତ ମଧ୍ୟ କରିଥିଲେ। ହେଲେ ଗତବର୍ଷ ପ୍ରଶାନ୍ତ ଧଳଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିଲା। କିଛିମାସ ପରେ ପରିବାର ତାଙ୍କଠାରୁ ନେଇଥିବା ଟଙ୍କା ଫେରସ୍ତ କରିବାକୁ ମହିଳା ଜଣକ କହିଥିଲେ। ସେମାନେ ମଧ୍ୟ ଟଙ୍କା ଫେରସ୍ତ କରିଦେବେ ବୋଲି ପ୍ରତିଶ୍ରୁତି ଦେବା ସହ ଥରେ ୧୦ହଜାର ଟଙ୍କା ଫେରାଇଥିଲେ। ଏହାପରେ ସେମାନେ ଆଉ ଧରାଛୁଆଁ ଦେଇନଥିଲେ। ମନାସ ବାରମ୍ବାର ଟଙ୍କା ମାଗିବାରୁ ତାଙ୍କୁ ଗାଳିଗୁଲଜ ସହ ମାରପିଟ କରିଥିଲେ।

ଏନେଇ ଗୁରାଣ୍ଡି ଥାନାର ଦ୍ୱାରସ୍ଥ ସେ ଦ୍ୱାରସ୍ଥ ହୋଇଥିଲେ ଏବଂ ତତ୍କାଳୀନ ଥାନା ଅଧିକାରୀ ପଦକ୍ଷେପ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଥାନା ଅଧିକାରୀମାନଙ୍କ ବଦଳି ପରେ ଓମ୍ ନାରାୟଣ ପାତ୍ର ଗୁରାଣ୍ଡି ଥାନାର ଅଧିକାରୀ ଭାବେ ଦାୟିତ୍ୱ ନେଇଥିଲେ। ମନାସ ଥାନାକୁ ଯାଇ ତଦନ୍ତର ଅଗ୍ରଗତି ସମ୍ପର୍କରେ ପଚାରିଥିଲେ। ଏପରି ଦୁଇ ଚାରିଥର ଗଲାପରେ ଥାନା ଅଧିକାରୀ ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହ ବାରମ୍ବାର ନାନାଦି କଥା କହି ଆସୁଥିଲେ। ଏହା ପରେ ବିଭିନ୍ନ ଅଶ୍ଳିଳ ଇଙ୍ଗତ କରିବାକୁ ସେ ଯଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହୋଇଥିବା ମନାସ କହିଛନ୍ତି। ନ୍ୟାୟ ନ ମିଳିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହିଁ ଆତ୍ମହତ୍ୟା କରିବେ ବୋଲି କହି ଝରକାରେ ନିଜ ଶାଢ଼ିର ପଣତକାନି ଗୁଡ଼ାଇ ଦେଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଜନଅଭିଯୋଗ ଶୁଣାଣିରେ ଉପସ୍ଥିତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲ କାନ୍ତ ମହାନ୍ତି ମହିଳାଙ୍କୁ ବୁଝାସୁଝା କରିଥିଲେ। ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଘଟଣାକୁ ନେଇ ପାରଳାଖେମୁଣ୍ଡି ଏସଡିପିଓ ମାଧବାନନ୍ଦ ନାୟକଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କହିଛନ୍ତି। ଘଟଣାର ତଦନ୍ତ କରି ଜିଲ୍ଲାପାଳ ନ୍ୟାୟ ପ୍ରଦାନ କରିବାକୁ ମହିଳା ଜଣକ ଅନୁରୋଧ କରିଛନ୍ତି।

## ବିଶ୍ୱ ଏଡ୍‌ସ ଦିବସ ପାଳିତ



**ଫୁଲବାଣୀ,୧।୧୨(ସମିସ):** ଫୁଲବାଣୀ ସଦର ମହକୁମା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଏକ ସଚେତନତା ସଭା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭା ଗୃହରେ ହୋଇଥିଲା। ଏଥିରେ ଜିଲ୍ଲାର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅକ୍ଷୟ କୁମାର ସାହୁ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଏଡ଼ସ କାର୍ଯ୍ୟକ୍ରମର ନୋଡାଲ ଅଫିସର ତଥା ଜିଲ୍ଲା ଟିବି ଓ ମେଲେରିଆ କାର୍ଯ୍ୟକ୍ରମର ଅତିରିକ୍ତ ଜିଲ୍ଲା ଚିକିତ୍ସାଅଧିକାରୀ ଡା. ସୁରେନ୍ଦ୍ର ନାଥ ସିଂ, ଜିଲ୍ଲା ଅତିରିକ୍ତ ପରିବାର କଲ୍ୟାଣ ଅଧିକାରୀ ଡା. ପ୍ରସନ୍ନ କୁମାର ତ୍ରିପାଠୀ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ରୋଗ ବିଶେଷଜ୍ଞ ଡା.ସଞ୍ଜୟ କୁମାର ଖମାରି ଯୋଗ ଦେଇଥିଲେ। ଉପସ୍ଥିତ ଅତିଥିମାନେ ଏଡ଼ସ ସଂକ୍ରମିତ ବ୍ୟକ୍ତିମାନଙ୍କୁ ପାତରଅନ୍ତର ନକରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ଉପରେ ଗୁରୁତ୍ୱାରୋପ କରିଥିଲେ। ୨୦୦୨ ମସିହାରୁ ଏପର୍ଯ୍ୟନ୍ତ ଜିଲ୍ଲାରେ ୩୩୩ ଜଣ ଏଚଆଇଭିରେ ସଂକ୍ରମିତ ହୋଇଥିବା କୁହାଯାଇଥିଲା। ପରେ ଏକ ସଚେତନତା ଶୋଭାଯାତ୍ରାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଏଡ଼ସ ସୁପରଭାଇଜର ଦେବାଶିଷ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଇସିଟିସି-୨ର ପରାମର୍ଶଦାତା ଗୋବିନ୍ଦ ଚନ୍ଦ୍ର ଜେନା ଏବଂ ବାଲିଗୁଡା ଆଇସିଟି ସିର ପରାମର୍ଶଦାତ୍ରୀ ଗୀତାଞ୍ଜଳି ପଣ୍ଡାଙ୍କୁ ଜିଲ୍ଲାରେ ଏଡ଼ସ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା।

## ଏଟିଏମ୍‌ରୁ ଏସି ଚୋରି ବେଳେ ଯବାନ ଗିରଫ

**ଫିରିଙ୍ଗିଆ,୧।୧୨(ସମିସ):** ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ବଜାରରେ ଥିବା ଷ୍ଟେଟବ୍ୟାଙ୍କ ଏଟିଏମରୁ ଏସି ଚୋରି କରି ନେଉଥିବା ବେଳେ ଏସି ଜବତ କରିବା ସହ ଚୋରକୁ ଗିରଫ କରିଛି ପୁଲିସ। ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ଜଣେ ଯୁବକ ଗୋଚ୍ଛାପଡା ବଜାର ଅଞ୍ଚଳରେଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ ଭିତରେ ପଶି ଲାଗିଥିବା ଏସି ତାଡ଼ି ନେଉଥିବା କିଛି ଲୋକେ ଦେଖି ଗୋଚ୍ଛାପଡା ଥାନାକୁ ଜଣାଇଥିଲେ। ପୁଲିସ ପହଞ୍ଚି ଏସି ଜବତ କରିବା ସହ ଯୁବକକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ବ୍ୟାଙ୍କ ଶାଖା ପରିଚାଳକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଛି। ଯୁବକଙ୍କ ନାମ ଚନ୍ଦ୍ରଶେଖର ନାୟକ ଏବଂ ସେ ସୀମା ସୁରକ୍ଷା ବଳର ଯବାନ ବୋଲି ଜଣାପଡିଛି। ତାଙ୍କ ଘର ସଦର ଥାନା ଅନ୍ତର୍ଗତ ବିଶିପଡା ଗାଁରେ।

## ବିଧାନସଭାରେ ବାଇପାସ୍ ରୋଡ୍ କଥା ଉଠାଇଲେ ବିଧାୟକ

**ପାରଳାଖେମୁଣ୍ଡି,୧।୧୨(ସମିସ):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ବାଇପାସ ରୋଡ୍ ନିମନ୍ତେ ବିଧାନସଭାରେ ନିୟମିତ ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ପ୍ରସଙ୍ଗ ଉଠାଇ ଆସିଛନ୍ତି। ଆଜି ମଧ୍ୟ ବିଧାୟକ ଶ୍ରୀ ପାଣିଗ୍ରାହୀ ଶୀତକାଳୀନ ଅଧିବେଶନରେ ବାଇପାସ୍ ରାସ୍ତା ନିର୍ମାଣ ପ୍ରସଙ୍ଗରେ ସ୍ୱର ଉଠାଇଥିଲେ। ପାରଳାଖେମୁଣ୍ଡିବାସୀଙ୍କ ବହୁ ବର୍ଷର ଦାବିକୁ ସରକାର ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଏହାର ଉତ୍ତରରେ ସରକାରଙ୍କ ତରଫରୁ କୁହାଯାଇଛି ଯେ ବର୍ତ୍ତମାନ ଜମିଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହୋଇ ଆସନ୍ତା ୬ ମାସ ମଧ୍ୟରେ ଶେଷ ହେବ ଏବଂ ପରବର୍ତ୍ତୀ ୬ ମାସ ମଧ୍ୟରେ ବାଇପାସ୍ ରାସ୍ତା ନିର୍ମାଣ ଶେଷ ହେବ।

## ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ରାଶି ପ୍ରଦାନ

**ବ୍ରାହ୍ମଣୀଗାଁ,୧।୧୨(ସିମିସ):** ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁର ଷ୍ଟେଟ ବ୍ୟାଙ୍କ ଶାଖାରେ ଗଜପତି ଜିଲ୍ଲା କଟାମା ପଞ୍ଚାୟତ ଅଧୀନ ବାଲିଗଣ୍ଡା ଗ୍ରାମନିବାସୀ ବବିତା ପାଟମାଝୀ ଗତ ମେ୨୫ ତାରିଖରେ ୪୩୬ ଟଙ୍କା ଜମା କରି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମାରେ ନାମ ପଞ୍ଜୀକରଣ କରିଥିଲେ। ସେହି ମାସ ୩୦ ତାରିଖରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ୱାମୀ ସଞ୍ଜୟ ଗମିଣାଙ୍ଗ ନୋମିନି ଥିଲେ। ଆଜି ବ୍ରାହ୍ମଣୀଗାଁ ଷ୍ଟେଟ୍ ବ୍ୟାଙ୍କଶାଖା ପକ୍ଷରୁ ସଞ୍ଜୟ ଗମିଣାଙ୍ଗଙ୍କୁ ୨ଲକ୍ଷ ଟଙ୍କାର ଚେକ ଶାଖା ପରିଚାଳକ ଅନନ୍ତ ରାଉତ ପ୍ରଦାନ କରିଛନ୍ତି। ଏହି ବୀମା ରାଶି ପାଇ ସଞ୍ଜୟ ଗମିଣାଙ୍ଗ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ୭୦ ୟୁନିଟ ରକ୍ତ ସଂଗୃହୀତ



**ଜି.ଉଦୟଗିରି,୧।୧୨(ସମିସ):** ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ଡିସେମ୍ବର ୧ ଦିନ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀ ନିତ୍ୟ ସୁନ୍ଦର ଦାସ ତଥା ସଂଜୀବନୀ ପାଥଲୋଜି ତରଫରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ଟାଉନ୍ ହଲ ନିକଟରେ ଅନୁଷ୍ଠିତ ହୋଇଥିଲା। ଫୁଲବାଣୀ ରକ୍ତଭଣ୍ଡାର କାର୍ଯ୍ୟାଳୟରୁ ସ୍ୱତନ୍ତ୍ର ରକ୍ତ ସଂଗ୍ରହ ଭ୍ୟାନ ସହ ଡାକ୍ତରୀ ଦଳ ଡା. ଜୟଦୀପ ଘୋଷଙ୍କ ତତ୍ତ୍ୱାବଧାନରେ ଏଲଟି ଶ୍ରୀକାନ୍ତ ସାହୁ, ନର୍ସିଂ ଅଫିସର ଅର୍ଚ୍ଚନା ପ୍ରଧାନ ଓ ଅନ୍ୟମାନେ ରକ୍ତ ସଂଗ୍ରହ କରିଥିଲେ। ୭୦ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗଶୁଣାଣି



**ପାରଳାଖେମଣ୍ଡି,୧।୧୨(ସମିସ):** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନାଗା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁନିଲ କାନ୍ତ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଯୋଗଦାନ କରି ପାରଳାଖେମୁଣ୍ଡି ପୌରପରିଷଦ ସମେତ କରାଣ୍ଡି, କତଳକଇଠା, ବାଘଶାଳା, ରାଣୀପେଣ୍ଠ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ୯୪ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୮୨ ଓ ଗ୍ରାମଭିତ୍ତିକ ସମସ୍ୟା ୧୨ ରହିଥିଲା। ୬ ଅଭିଯୋଗର ତୁରନ୍ତ ସମାଧାନ କରଯାଇଥିଲା। ଜଣକୁ ମୁଖ୍ୟ ମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୫ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ହୋନାଗା ନିର୍ଦ୍ଦେଶ ଦେଇଛନ୍ତି। ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ମହମ୍ମଦ ମୁବରକ୍ ଅଲ୍ଲୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ମିରାକଲ୍ ଷ୍ଟାର୍ ନାଇଟ ଆୟୋଜିତ



**ପାରଳାଖେମୁଣ୍ଡି,୧।୧୨(ସମିସ):** ପାରଳାଖେମୁଣ୍ଡିର ଆଧୁନିକ ନୃତ୍ୟାନୁଷ୍ଠାନ ମିରାକଲ ଡ୍ୟାନ୍ସ ଷ୍ଟୁଡିଓ ପକ୍ଷରୁ ସ୍ଥାନୀୟ ଗୁଣ୍ଡିଚା ପଡିଆରେ ମିରାକଲ ନାଇଟ ସପ୍ତମ ସଂସ୍କରଣ ଆଧୁନିକ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ସଲେମାନ ରାଇକା, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀ, ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ତଥା ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ରଘୁନାଥ ପାତ୍ର, ପୂର୍ବତନ ନଗରପାଳ ନୃସିଂହ ଚରଣ ପଟ୍ଟନାୟକ, ସଂଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ଯୁବ ମଞ୍ଚ ଅଭିନେତା ଆଦର୍ଶ ଦାସ ଓ ଆୟୋଜକ ଅନୁଷ୍ଠାନ ନିର୍ଦ୍ଦେଶକ ଶୁଭେନ୍ଦୁ ମୋହନ ସେନାପତି ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଆ ସିନେମା ଜଗତର ଅଭିନେତା ରାକେଶ ଦେଓ ଓ ସିନେ ପ୍ରଯୋଜକ ପାର୍ଥସାରଥି ଜେନା ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ନୃତ୍ୟ ପ୍ରତିଯୋଗିତାର କନିଷ୍ଠ ବିଭାଗ, ଯୁବ ବିଭାଗ, ବରିଷ୍ଠ ବିଭାଗରେ ଏକକ ଓ ଦଳଗତ ଭାବେ ବିଭିନ୍ନ ଜିଲ୍ଲାର ପ୍ରାୟ ୧୩୮ ଜଣ କଳାକାର ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କୃତିତ୍ୱ ହାସଲ କରିଥିବା କଳାକାରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ନାଟକ ପାଇଁ ମନୋଜ କୁମାର ପାଢ଼ୀ, ସମାଜସେବା ନିଳକମଳ ଗନ୍ତାୟତ, ଶିକ୍ଷାକ୍ଷେତ୍ରରେ ସ୍ୱାଗତିକା ମିଶ୍ର, ଶିଶୁ କଳାକାର ଭାବରେ ପ୍ରୀୟଂଶୀ ଜେନାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ଅବିର ଭୂଷଣ ପଣ୍ଡା ଓ ବିଷ୍ଣୁପ୍ରିୟା ଜେନା ପରିଚାଳନା କରିଥିଲେ।

## ବ୍ଲକ୍‌ସ୍ତରୀୟ ଜୁନିୟର ରେଡକ୍ରସ ତାଲିମ୍ ଶିବିର

**ପାରଳାଖେମୁଣ୍ଡି,୧।୧୨(ସମିସ):** ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ଓ ଜିଲ୍ଲା ଜୁନିଅର ରେଡକ୍ରସର ମିଳିତ ଆନୁକୂଲ୍ୟରେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ମାୟାଧର ସାହୁ ଓ ଜିଲ୍ଲା ଶାରୀରିକ କ୍ରୀଡ଼ା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏମ୍‌ଆରବି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସଙ୍କ ନେତୃତ୍ୱରେ ଗୋଷାଣି ବ୍ଲକର ବିଭିନ୍ନ ବିଦ୍ୟାଳୟର ପରାମର୍ଶଦାତାଙ୍କୁ ନେଇ ଆଜି ତାଲିମ ପ୍ରଦାନ କରାଯାଇଥିଲା। ତାଲିମ ଶିବିରରେ ସମୁଦାୟ ୨୧ ଜଣ ପରାମର୍ଶଦାତା ଯୋଗ ଦେଇଥିଲେ। ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ସଂଜୀବ କୁମାର ଦାସ, ଜିଲ୍ଲା ଜୁନିଅର ରେଡକ୍ରସର ସହ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପାଠୀ, ଜିଲ୍ଲା ଜୁନିଅର ରେଡକ୍ରସ ସମ୍ବଳ ସାଧନ କର୍ମୀ ମୁକ୍ତିକାନ୍ତ ମଲ୍ଲିକ୍, ଜିଲ୍ଲା ଜୁନିଅର ରେଡକ୍ରସର ସମ୍ବଳ ସାଧନ କର୍ମୀ ନିତେଶ ଲେଙ୍କା ଓ ଗୋଷାଣି ବ୍ଲକର ସଂଯୋଜକ ଗୋପୀନାଥ ଗୌଡ଼ ଯୋଗଦାନ କରି ପରାର୍ଶଦାତାଙ୍କୁ ବିଭିନ୍ନ ବିଷୟରେ ଶିକ୍ଷା ପ୍ରଦାନ କରିଥିଲେ।




## ଆଦିବାସୀ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ

**ବାଲିଗୁଡା,୧।୧୨(ସମିସ):** ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟ ଯୁବ ରେଡକ୍ରସ ତରଫରୁ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଲକ୍ଷ୍ମଣ ପାଳ, ଯୁବ ରେଡକ୍ରସ୍ ଦାୟିତ୍ୱରେ ଥିବା ବିଭୂତି ଭୂଷଣ ଆଚାର୍ଯ୍ୟ କାର୍ଯକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଉପଖଣ୍ଡ ଚିକିତ୍ସାଳୟର ଡା. ଦିପୁନ କୁମାର ମଲ୍ଲିକ ଓ ଆଇସିଟିସି କାଉନସିଲର ଗୀତାଞ୍ଜଳି ପଣ୍ଡା ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଏଡସ ସମ୍ପର୍କରେ ସଚେତନ କରାଯାଇଥିଲା। କାଉନ୍‌ସିଲର ଗୀତାଞ୍ଜଳି ପଣ୍ଡା ଏଡ୍‌ସର ଚିକିତ୍ସା ଓ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ବିଷୟରେ କହିଥିଲେ।

## ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



**ରାୟଗଡ,୧।୧୨(ସମିସ):** ରାୟଗଡ ବ୍ଲକ ସଦର ମହକୁମା ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଛି। ସକାଳେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜଗନ୍ନାଥ ମନ୍ଦିରରୁ ଶୋଭାଯାତ୍ରାରେ ମଶାଲ ଅଣାଯାଇଥିଲା। ପ୍ରଧାନ ଶିକ୍ଷକ ସୁରେଶ କୁମାର ସାହୁକାରଙ୍କ ସଭାପତିତ୍ୱରେ ହୋଇଥିବା ସମାରୋହରେ ମୁଖ୍ୟଅତିଥି ଭାବେ ରାୟଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ବାରିକ ଯୋଗ ଦେଇଥିଲେ। ପ୍ରଥମ ଦିନରେ କନିଷ୍ଠ ଓ ବରିଷ୍ଠ ବର୍ଗର ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏହି କ୍ରୀଡ଼ା ୩ ଦିନ ଧରି ଚାଲିବ। କ୍ରୀଡ଼ା ଶିକ୍ଷକ ସନ୍ତୋଷ ପ୍ରସାଦ ପଣ୍ଡା ପରିଚାଳନା କରିଥିବାବେଳେ ସମସ୍ତ କାର୍ଯ୍ୟକ୍ରମ ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ଶୀତ ମହୋତ୍ସବ ପାଇଁ ଗଠିତ ହେଲା କମିଟି

**ଜି.ଉଦୟଗିରି,୧।୧୨(ସମିସ):** ଜି.ଉଦୟଗିରିରେ ଶୀତ ମହୋତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆବାହକ ମହମ୍ମଦ ଜିଆଉଦିନଙ୍କ ଆହ୍ୱାନ କ୍ରମେ ସ୍ଥାନୀୟ ବ୍ୟବସାୟ ସଙ୍ଘ କାର୍ଯ୍ୟାଳୟ ଆୟୋଜିତ ବୈଠକରେ ଶୀତ ମହୋତ୍ସବ ସମ୍ପର୍କରେ ଆଲୋଚନା ହେବା ସହିତ କମିଟି ଗଠନ କରାଯାଇଛି। କମିଟିରେ ସଭାପତି ଭାବେ ଗ୍ରେସିଙ୍ଗିଆ ସରପଞ୍ଚ ତ୍ରିଶିଳା ପ୍ରଧାନ, କାର୍ଯ୍ୟକାରୀ ସଭାପତି ମହମ୍ମଦ ଜିଆଉଦିନ, ଉପ ସଭାପତି ସନ୍ତୋଷ କୁମାର ବାଘ, ମାନଗୋବିନ୍ଦ ପ୍ରଧାନ ଓ ମଧୁଲିନା ଦିଗାଳ ମନୋନୀତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ଅରୁଣ କୁମାର ଷଡ଼ଙ୍ଗୀ, ସମ୍ପାଦକ ଆମନ ଚନ୍ଦ୍ର ନାୟକ, ଜ୍ଞାନ ଚନ୍ଦ୍ର ପ୍ରଧାନ, କୋଷାଧକ୍ଷ ସଞ୍ଜୟ କୁମାର ସୁବୁଦ୍ଧି ମନୋନୀତ ହୋଇଛନ୍ତି।



କାର୍ଯ୍ୟକାରିଣୀ ସଭ୍ୟ ଭାବେ ସମୀର କୁମାର ପାଢ଼ୀ, ଦିଲୀପ କୁମାର ବଳ, ମାୟାବନ୍ଧୁ ପ୍ରଧାନ, ସଚିନ ପ୍ରଧାନ, ଅବୋଲାକର ପ୍ରଧାନ ଅଛନ୍ତି। କମିଟି ନିକଟରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିବା ପରେ ଚୂଡାନ୍ତ ରୂପରେଖ ପ୍ରସ୍ତୁତ କରାଯିବାକୁ ସ୍ଥିର କରାଯାଉଛି।

## ମହେନ୍ଦ୍ରଗିରିରେ ଖୋଲିଲା ଇକୋ ରିସର୍ଟ



**ରାୟଗଡ,୧।୧୨(ସମିସ):** ଦୀର୍ଘ ଦିନର ପ୍ରୟାସ ପରେ ପୁରାଣପ୍ରସିଦ୍ଧ ମହେନ୍ଦ୍ରଗିରିରେ ବନ ବିଭାଗ ପକ୍ଷରୁ ନିର୍ମାଣ ହୋଇଛି ଇକୋ ରିସୋର୍ଟ। ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକ ଯେଉଁସବୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ସେଥିରୁ ତ୍ରାହି ମିଳିବ। ସକାଳର ପ୍ରଥମ ସୂର୍ଯ୍ୟୋଦୟ ଅତ୍ୟନ୍ତ ମନୋରମ ହୋଇଥିବାରୁ ରାତିରେ ରହିବାକୁ ସୁବିଧା ନଥିବାରୁ ପର୍ଯ୍ୟଟକମାନେ ସନ୍ଧ୍ୟା ପୂର୍ବରୁ ଫେରିବାକୁ ବାଧ ହେଉଥିଲେ। ଏଠାରେ ରାତ୍ରି ରହଣିର ସୁବିଧା ପାଇଁ ବହୁଦିନ ହେଲା ଲୋକେ ଦାବି କରିଆସୁଥିଲେ। ବର୍ତ୍ତମାନ ଏହା ସଫଳ ହୋଇଛି। ଏଠାରେ ବନ ବିଭାଗ ପକ୍ଷରୁ ଇକୋ ରିସୋର୍ଟ ଆରମ୍ଭ ହୋଇଥିବା ବେଳେ ଗତ କିଛିଦିନ ତଳେ ଏହାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ଉଦଘାଟନ କରିଥିଲେ। ଏଠାରେ ୧୦ କଟେଜ ରହିଛି।

## ବାହାଘର ଶୋଭାଯାତ୍ରାରେ ଅଶୋଭନୀୟ ଘଟଣା

# ଦୁଇ ଅଭିଯୁକ୍ତଙ୍କୁ କୋର୍ଟଙ୍କ ଭର୍ତ୍ସନା

**ପାରଳାଖେମୁଣ୍ଡି,୧।୧୨(ସମିସ):** ବାହାଘର ଶୋଭାଯାତ୍ରାରେ ଅଶୋଭନୀୟ ଘଟଣାରେ ବିବାରପତି ଦୁଇ ଅଭିଯୁକ୍ତଙ୍କୁ ଭର୍ତ୍ସନା କରିଛନ୍ତି। ଚଳିତବର୍ଷ ଫେବୃଆରୀରେ ଏହି ଘଟଣା ଘଟିଥିଲା ଆର.ଉଦୟଗିରି ଥାନା ଅଞ୍ଚଳରେ। ଗଜପତି ଜିଲ୍ଲା ଆର. ଉଦୟଗିରିର ସିନିୟର ସିଭିଲ ଜଜ ତଥା ଜେଏମ୍ଏଫସି ସୌଦାମିନୀ ବିଶ୍ୱାଳ ରଣାଲଇ ଖ୍ରୀଷ୍ଟିଆନ ସାହିର ଦୁଇ ଭାଇ ସିଗଲ ମାଳି (୨୧) ଓ ଦିଗଲ ମାଳି (୨୦)ଙ୍କୁ ଦୋଷୀ ସାବ୍ୟସ୍ତ କରି ପ୍ରବେଶନ ଅଫ ଅଫେଣ୍ଡର୍ସ ଆକ୍ଟର ଧାରା ୩ ଅନୁଯାୟୀ ଭର୍ତ୍ସନା କରି ଅଭିଯୁକ୍ତଦ୍ୱୟଙ୍କ ଭବିଷ୍ୟତକୁ ନଜରରେ ରଖି ଏ ଭଳି କାର୍ଯ୍ୟରୁ ଭବିଷ୍ୟତରେ ନିବୃତ୍ତ ରହିବାକୁ ଚେତାବନୀ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ହରିକୃଷ୍ଣ ପ୍ରଧାନ ମାମଲାର ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପିପି ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ଫେବ୍ରୁଆରୀ ୨୮ ରାତିରେ ଏକ ବାହାଘର ଶୋଭାଯାତ୍ରା ଯାଉଥିବାବେଳେ ରଣାଲଇ ଖ୍ରୀଷ୍ଟିଆନ ସାହିର ଏତଲାକାରୀ ସୁଧରାଜ ପାଣି (୫୦)ଙ୍କ ସାନ ପୁଅର ଗୋଡ଼ ଅଭିଯୁକ୍ତ ସିଗଲ ମାଳି ଦେହରେ ବାଜିଯାଇଥିଲା। ଯାହାକୁ ନେଇ ଅଭିଯୁକ୍ତଜଣକ ରାଗିଯାଇ ଆକ୍ରମଣ କରିବାବେଳେ ଏତଲାକାରୀଙ୍କ ମଝିଆ ପୁଅ ଶୁଭକାନ୍ତ ପାଣି ମାମଲାର ସମାଧାନ କରିବା ସହ ଶାନ୍ତିରକ୍ଷା କରିବାକୁ ଅନୁରୋଧ କରିଥିଲେ। ସେହିଦିନ ରାତି ୧୧ଟାରେ ଶୁଭକାନ୍ତ ନିଜ ଘରକୁ ଫେରୁଥିବାବେଳେ ଚର୍ଚ୍ଚ ନିକଟରେ ଦୁଇ ଅଭିଯୁକ୍ତ ତାଙ୍କୁ ଗାଳି ଦେବା ସହ ମାଡ଼ମାରି ଅଚେତ କରିଦେଇଥିଲେ। କିଛି ଯୁବକ ଶୁଭକାନ୍ତଙ୍କୁ ଉଦ୍ଧାର କରିବା ସହ ତାଙ୍କୁ ପ୍ରଥମେ ଚନ୍ଦ୍ରଗିରି ଚିକିତ୍ସାଳୟ ଓ ପରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରିଥିଲେ। ଏହି ଘଟଣାକୁ ନେଇ ଆର. ଉଦୟଗିରି ଥାନାରେ ଏକ ମାମଲା ମାର୍ଚ୍ଚ ୨ ତାରିଖରେ ରୁଜୁ ହୋଇଥିଲା। ଆଜି ୧୨ଜଣ ସାକ୍ଷୀଙ୍କ ବୟାନ ତଥା ଦସ୍ତାବିଜକୁ ଭିତ୍ତି କରି ନ୍ୟାୟାଧୀଶ ଅଭିଯୁକ୍ତଦ୍ୱୟଙ୍କୁ ଉକ୍ତ ଘଟଣାରେ ଦୋଷୀ ସାବ୍ୟସ୍ତ କରି ଭବିଷ୍ୟତରେ ଏଭଳି କାର୍ଯ୍ୟରୁ ବିରତ ରହିବାକୁ ଚେତାବନୀ ଦେଇଛନ୍ତି।

# ସମ୍ବଲପୁର ଅଟୋ ଚାଳକ ମହାସଂଘର ବିକ୍ଷୋଭ ଓ ସମାବେଶ

**ସମ୍ବଲପୁର, ୧।୧୨ (ସମିସ)**

ସମ୍ବଲପୁର ତଥା ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଟୋ ଚାଳକ ସଂଘ ମାନଙ୍କୁ ନେଇ ସମ୍ବଲପୁର ଅଟୋ ଚାଳକ ମହାସଂଘ ପକ୍ଷରୁ ଆଜି ଶୋଭାଯାତ୍ରା ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଅଟୋ ଚାଳକ ମହାସଂଘର ଉପଦେଷ୍ଟା ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ଆଜି ଲକ୍ଷ୍ମୀଟକିଜ ଛକରୁ ବାହାରି ଗୋଲବଜାର ଦେଇ ଏକ ହଜାରରୁ ଊର୍ଦ୍ଧ୍ୱ ଅଟୋ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ଏକ ବିକ୍ଷୋଭ ସମାବେଶ ଆୟୋଜିତ ହୋଇଥିଲା। ଏହି ସଭାରେ ସମ୍ବଲପୁରରେ ଥିବା ୫ ହଜାର ଅଟୋଚାଳକଙ୍କ ଜୀବନ ଜୀବିକା ଓ ତାଙ୍କ ପରିବାରର ୨୦ ହଜାର ସଦସ୍ୟଙ୍କ ସୁରକ୍ଷା, ଭବିଷ୍ୟତ ପାଇଁ ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନ ପଦକ୍ଷେପ ନିଅନ୍ତୁ ବୋଲି ଉପଦେଷ୍ଟା ସଞ୍ଜିତ ମହାନ୍ତି ବକ୍ତବ୍ୟ ପ୍ରକାଶ କରିବା ସହ ଅଟୋଚାଳକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ହିନ୍ଦ୍ ମଜଦୂର ସଭାର ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି ଉଦବୋଧନ ଦେଇ ଅଟୋଚାଳକ ମାନେ ଆଜି ଶକ୍ତି ପ୍ରଦର୍ଶନ କରି ନିଜର ଦାବୀ ଜଣାଇଥିବାରୁ ଅଭିନନ୍ଦନ ଜଣାଇଥିଲେ। ଏହାସହିତ ମହାସଂଘର ସଂଗଠନକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଜଣାଇଥିଲେ।

ବିଭିନ୍ନ ଦାବି ମଧ୍ୟରେ ଅଟୋଚାଳକ ମାନଙ୍କୁ ପରିଚୟ ପତ୍ର ପ୍ରଦାନ, ସାମାଜିକ ସୁରକ୍ଷା ଯୋଜନା ଭିତରେ ଅନ୍ତର୍ଭୁକ୍ତ କରିବା ଯଥା - ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା, ଚିକିତ୍ସା ସହାୟତା, ମୃତ୍ୟୁକାଳୀନ ଆର୍ଥିକ ସହାୟତା ପ୍ରଦାନ, ଭତ୍ତା ପ୍ରଦାନ ଆଦି ଦାବୀ ସମେତ ସମ୍ବଲପୁରରେ ଥିବା ଅଟୋଷ୍ଟାଣ୍ଡର ଚିହ୍ନଟ ଜମି ପ୍ରଦାନ, ସରକାରୀ ଅନୁମୋଦନ ସହ ସହରର ବିଭିନ୍ନ ସ୍ଥାନରେ ଅଟୋଷ୍ଟାଣ୍ଡ ନିର୍ମାଣ, ଅଟୋଷ୍ଟାଣ୍ଡରେ ଚାଳକ ଓ ଯାତ୍ରୀମାନଙ୍କ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା, ଆମ ବସ୍ ଓ ଇ.ଭି. ବସ୍ ଚଳାଚଳ ପୂର୍ବରୁ ବିଭିନ୍ନ ସ୍ଥାନରେ ବସ୍ ରହଣି ପାଇଁ ବସ୍ ବେ ନିର୍ମାଣ, ବସ୍‌ର ରୁଟ ଚାର୍ଟ ପ୍ରସ୍ତୁତ କରି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିବା, ବସ୍ ଚଳାଚଳରେ ବସ୍ ମାନଙ୍କ ମଧ୍ୟରେ ପାର୍ଥକ୍ୟ ସମୟ ନିର୍ଘଣ୍ଟ, ଇଣ୍ଟର୍ ଡିଷ୍ଟ୍ରିକ୍ଟ ପାଇଁ ଆସିଥିବା ଇଭି ବସ୍ ଗୁଡିକୁ କାହାରି ଚାପରେ ବା କାହାରି ଲାଭ ପାଇଁ କେବଳ ସହର ଭିତରେ ସୀମିତ ରଖାନଯାଉ ବୋଲି ଦାବି କରାଯାଇଛି। ପ୍ରତିବାଦ ସଭାରେ ଏଚ.ଏମ୍.ଏସ. ଉପସାଧାରଣ ସମ୍ପାଦକ ଗୋକୁଳ ମେହେର, ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, ଏଆଇଟିୟୁସି ରବୀନ୍ଦ୍ର ମହାନ୍ତି, ଭିଏସଏସ ସଂଘର ସମ୍ପାଦକ ପ୍ରେମାନନ୍ଦ ମିଶ୍ର, ସୌରୀ ପାଣିଗ୍ରାହୀ, ମିଳନ ହୋତା, ପ୍ରକାଶ ଡାଙ୍ଗ, ସୁମିତ ପଟେଲ, ଦେବଜ୍ୟୋତି ପଟ୍ଟନାୟକ, ମଣ୍ଟୁ ମହାନ୍ତି, ଚୁମନ ପ୍ରଧାନ, ସଞ୍ଜୀବ ସାହୁ, ଆର୍ଯ୍ୟନ ବହିଦାର, ଚିତ୍ରସେନ ନାୟକ, ଜାଫର ଅଲ୍ଲୀ ଖାଁ, ଅଶୋକ ପଟେଲ, ଏମ୍‌ଡି ଇଶାକ, ବାଲ୍ମୀକି ନାୟକ, ମଞ୍ଜୁ ଓରାମ ସମେତ ବିଭିନ୍ନ ସଂଘର ସଭାପତି ମଧ୍ୟରେ ଦିଲ୍ଲୀପ ନାୟକ,



ବୁଲୁ ବାରିକ, ସନ୍ତୋଷ ଦାସ, ନୀତେଶ ନନ୍ଦ, ଶ୍ରୀକାନ୍ତ ପାଣ୍ଡେ, ଶରତ ତାଣ୍ଡି, ପ୍ରଶାନ୍ତ ମୁଣ୍ଡା, ଏମ୍‌ବି ଉସମନ୍, ଏସକେ ମୁରୁଦ୍ଦିନ, ପପୁ ମହାପାତ୍ର, ବିନୋଦ ପୋଡ଼, ଏମ୍‌ଡି ସରିଫ୍, ଜଗନ୍ନାଥ ନାଥ, ମୋନଜ୍ ଜୟସୁରିଆ, ମିଥୁନ ଭାଇ, ଯୁଗଳ କିଶୋର, ଜ୍ଞାନ ସିଂ, ସନ୍ତୋଷ ବିଭାର, ସୁଶାନ୍ତ ସାହୁ, ପ୍ରସନ୍ନ ମୁଣ୍ଡା, ରାଜକୁମାର ଗୁପ୍ତା, ମହାଦେବ ଲାକ୍ରା, ବିରେନ୍ଦ୍ର ସାହୁ, ରାଜୁ ଦେହୁରୀ, ଯୁଗଳ ଭୋଇ, ସୟତ ସିରାଉଡିଲ୍ଲ, ପଞ୍ଚାନନ ମିଶ୍ର, ଜୁନସ ମୁଣ୍ଡା, ସନ୍ତୋଷ ମହାକୁଲ, ସଞ୍ଜିତ ଘଡେଇ, ଆର୍ଯ୍ୟନ୍ ବେହେରା, ପ୍ରବୀଣ ବେହେରା, ଉତ୍ତମ ବାଘ, ବିଷ୍ଣୁ ସିଲ, ଆଶିଷ ଦତ୍ତ ଗଡଡ, ବିଭୀଷଣ କାଣ୍ଡ ପ୍ରମୁଖ ସାମିଲ ହୋଇଥିଲେ।



ସମ୍ବଲପୁର : ବ୍ୟବସ୍ଥିତ ହୋଇପାରିନି ମଣ୍ଡି
ଜମନକିରା ବ୍ଲକ୍ କୁଲୁଣ୍ଡି ଲ୍ୟାମ୍ପସରେ ସଜ ମାଟିରେ ଫସିଗଲା ଧାନଗାଡ଼ି

# ଧାନ କିଣିବା ସମସ୍ୟା ଜଟିଳ ହେବାରେ ଲାଗିଛି

**ସମ୍ବଲପୁର, ୧।୧୨ (ସମିସ) :** ବିଜୁ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜିତ ମହାନ୍ତି ପ୍ରେସବିବୃତିରେ କହିଛନ୍ତି ଯେ ସମ୍ବଲପୁରରେ ଗତ ମାସ ୨୮ ତାରିଖରୁ ଆଜି ପର୍ଯ୍ୟନ୍ତ ମଣ୍ଡିରୁ ବିଧିବଦ୍ଧ ଭାବରେ ବସ୍ତାଏ ବି ଧାନ କିଣା ଯାଇ ପାରିନାହିଁ କି ଧାନ ମିଲ ଭିତରକୁ ପ୍ରବେଶ ହୋଇ ପାରିନାହିଁ। ଚାଷୀମାନେ ଘୋର ହତାଶା ମଧ୍ୟରେ ଅଛନ୍ତି ଏବଂ ମଣ୍ଡି ମାନଙ୍କରେ ଚାଷୀ ପଡ଼ି ରହିଛନ୍ତି। ଏପରି ପରିସ୍ଥିତିରେ ସରକାରଙ୍କ ଖାଦ୍ୟ ଯୋଗାଣ ମନ୍ତ୍ରୀ ବାରମ୍ବାର ମଣ୍ଡିର ସମସ୍ୟା ଓ ଧାନ କିଣା ସମସ୍ୟା ସମାଧାନ ହୋଇଗଲାଣି ବୋଲି ରଖୁ ଥିବା ବକ୍ତବ୍ୟ ମିଥ୍ୟା ଓ ପ୍ରତାରଣାରେ ପରିଣତ ହୋଇଛି। ଆଜି ତାହାର ପ୍ରମାଣ ଚାଷୀ ମାନଙ୍କ ଦ୍ୱାରା ରାସ୍ତା ଅବରୋଧ ଆନ୍ଦୋଳନ ସରକାରଙ୍କ ଉଦାସୀନତା ଏବଂ ପ୍ରତାରଣାକୁ ପ୍ରମାଣିତ କରୁଛି। ମିଲ ମାଲିକ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ହେଉଥିବା ଆଲୋଚନା ବିଫଳ ହେଉଥିବା ଦେଖାଯାଉଛି। ଏହି ସମସ୍ୟା ରାଜ୍ୟ ସରକାରଙ୍କ ପ୍ରଶାସନିକ ସମସ୍ୟା ଏଦିଗରେ ସରକାରଙ୍କ ପ୍ରଚେଷ୍ଟାରେ ଆନ୍ତରିକତା ନଥିବା ଦେଖାଯାଉଛି। ଏଣୁ ରାଜ୍ୟ ସରକାର ବିଳମ୍ବ ନ କରି ମଣ୍ଡି ମାନଙ୍କରୁ ଚାଷୀ ମାନଙ୍କ ଧାନ ସୁରୁଖୁରୁରେ ଉଠିବା ପାଇଁ ଦୃଢ଼ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ମହାନ୍ତି ଦାବୀ କରିଛନ୍ତି। ପ୍ରକାଶ ଥାଉ କି ଦୁଇଦିନ ପୂର୍ବରୁ ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ବିଜେଡି ପ୍ରତିନିଧି ଦଳ ମଣ୍ଡି ଅବ୍ୟବସ୍ଥାକୁ ନେଇ ଜିଲ୍ଲାପାଳଙ୍କ ସହ ସାକ୍ଷାତକରି ଦୃଷ୍ଟି ଆକର୍ଷଣ କରିଥିଲେ।

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ୨ ଗିରଫ

**ରେଢ଼ାଖୋଲ, ୧।୧୨(ସମିସ):** କଲେଜ ପଢ଼ୁଆ ବଡ଼ ଭଉଣୀକୁ ଗାଁ ଛକରେ ଅପେକ୍ଷା କରିଥିବା ସାନ ଭଉଣୀକୁ ନିଛାଟିଆ ଦେଖି ଦୁଷ୍କର୍ମ ଉଦ୍ୟମ ମାମଲାରେ ଦୁଇ ଅଭିଯୁକ୍ତ ଯୁବକକୁ ଗିରଫ କରି ସୋମବାର ଦିନ କୋର୍ଟ ଚାଲାଣ କରିଛି ରେଢ଼ାଖୋଲ ପୁଲିସ। ଅଭିଯୋଗ ଅନୁଯାୟୀ ଯୁକ୍ତ ଦୁଇ ପଢ଼ୁଥିବା ନାବାଳିକା ବଡ଼ ଭଉଣୀ ସବୁଦିନ ପରି ଗତକାଲି ସନ୍ଧ୍ୟାରେ ଲକ୍ଷ୍ମୀ ବସ୍ ଯୋଗେ ଘରକୁ ଫେରୁଥିବା ବେଳେ ବଡ଼ ଭଉଣୀକୁ ଆଣିବା ପାଇଁ ଗାଁ ଛକରେ ଅପେକ୍ଷା କରିଥିବା ଅଷ୍ଟମ ଶ୍ରେଣୀ ପଢ଼ୁଥିବା ନାବାଳିକା ସାନ ଭଉଣୀକୁ ଏକୁଟିଆ ଗାଁ ଛକରେ ଦେଖି ଅରଖକୁଦ ଗାଁର ଦୁଇ ଯୁବକ ଟେକି ନେଇ ଦୁଷ୍କର୍ମ କରିଥିଲେ। ବଡ଼ ଭଉଣୀ ଆସିବା ପରେ ଦୁଇ ଯୁବକ ବଡ଼ ଭଉଣୀକୁ ଦୁଷ୍କର୍ମ ଉଦ୍ୟମ କରିବା ସହିତ କାହାକୁ କିଛି କହିଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ପରେ ଆଜି ରେଢ଼ାଖୋଲ ପୁଲିସ ଅରଖକୁଦ ଗାଁର ବାସିନ୍ଦା ମୁଖ୍ୟ ଅଭିଯୁକ୍ତ ପ୍ରମୋଦ ପ୍ରଧାନ(୨୨) ଏବଂ ଅନ୍ୟ ଜଣେ ୧୭ ବର୍ଷୀୟ ନାବାଳକ ଅଭିଯୁକ୍ତକୁ ଡାକ୍ତରୀ ଯାଞ୍ଚ କରି କୋର୍ଟ ଚାଲାଣ କରାଯାଇଥିଲା। ଏଥିରେ ନାବାଳକ ଅଭିଯୁକ୍ତ ଯୁବକକୁ ଯୁଭିନାଇଲ କୋର୍ଟ କୁ ଚାଲାଣ କରାଯିବ ବୋଲି ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର ପ୍ରତିକ୍ରିୟା ଦେଇଛନ୍ତି।

# ଚିପିଲିମା ଜଳ ବିଦ୍ୟୁତ୍ କେନ୍ଦ୍ରର ପାୱାର ହାଉସରେ ଅଗ୍ନିକାଣ୍ଡ

**ସମ୍ବଲପୁର, ୧।୧୨(ସମିସ):** ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଅଧିନ ସମ୍ବଲପୁର ଜିଲ୍ଲା ଚିପିଲିମା ଜଳ ବିଦ୍ୟୁତ୍ କେନ୍ଦ୍ରର ପାୱାର ହାଉସ ସ୍ୱିଚୟାର୍ଡ ସେକ୍ସନରେ ସର୍କିଟ ହୋଇ ୨ ଟି ସିଟି (କରେଣ୍ଟ ଟ୍ରାନ୍ସଫର୍ମର) ଫାଟିବାରୁ ଭୟଙ୍କର ଅଗ୍ନିକାଣ୍ଡ ଘଟି ସ୍ୱିଚୟାର୍ଡର ଭିତରେ ବିଛା ଯାଇଥିବା କେବୁଲ ତାର ପୋଡି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ସମଗ୍ର ଅଞ୍ଚଳ ଆଲୋକମୟ ହୋଇପଡ଼ିଥିଲା। ସ୍ୱିଚୟାର୍ଡରେ ଥିବା କେବୁଲ ଟ୍ରେଞ୍ଚରେ ନିଆଁ ଲାଗି ବିଭିନ୍ନ କେବୁଲ ଗୁଡ଼ିକ ତଥା ବିଭିନ୍ନ ଯନ୍ତ୍ରାଂଶ ଜଳି ଯାଇଥିଲା। ତୁରନ୍ତ ବୁର୍ଲା ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦିଆ ଯାଇଥିଲା ସେମାନେ ପହଞ୍ଚିବା ପୂର୍ବରୁ ଜଳ ବିଦ୍ୟୁତ୍ ଶକ୍ତି କେନ୍ଦ୍ରର ଅଧିକାରୀ ଓ କର୍ମଚାରୀ ଜଳୁଥିବା ନିଆଁକୁ ଆୟତ୍ତ କରିବାରେ ସମର୍ଥ ହୋଇଥିଲେ। ଅଗ୍ନିକାଣ୍ଡ ଯୋଗୁଁ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ ଠପ୍ ହୋଇଯିବାରୁ ସମଗ୍ର ଅଞ୍ଚଳ ଅନ୍ଧକାର ହୋଇପଡ଼ିଛି। ମଙ୍ଗଳବାର ମରାମତି କାର୍ଯ୍ୟ କରାଯିବ ବୋଲି ପ୍ରକଳ୍ପ ମୁଖ୍ୟ ଇଂ ବି ଶଙ୍କର ସୁବୁଦ୍ଧି ସୂଚନା ଦେଇଛନ୍ତି।



■ ଆୟୁଷ ଛାତ୍ରଛାତ୍ରୀ ଆନ୍ଦୋଳନକୁ ୨୬ ଦିନ ପୂରିଲା

# ଦିନରାତି ଧାରଣା ଦେଇ ୟୁନିଫର୍ମ ବର୍ଜନ କଲେ


**ସମ୍ବଲପୁର, ୧।୧୨(ସମିସ):** ଆୟୁଷ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ୨୬ ଦିନ ପୂରିଲା। ସ୍ୱାସ୍ଥ୍ୟ ମନ୍ତ୍ରୀ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ଆୟୁଷ ସଂଘ ନିଜର ଦାବିକୁ ଜଣାଇଥିଲା। ୨୬ ଦିନ ଧରି କଳାବ୍ୟାଚ୍ ପରିଧାନ କଲେ, କଲେଜ ସମ୍ମୁଖରେ ୮ ଦିନ ହେଲାଣି ତାଲା ପଡ଼ିଛି। ହେଲେ କେହି କର୍ଣ୍ଣପାତ କରିନଥିଲେ। ଆଜି ବାଧ୍ୟ ହୋଇ ସଂଘ ପକ୍ଷରୁ ଛାତ୍ରଛାତ୍ରୀ ନିଜର ଧଳା ୟୁନିଫର୍ମ ବର୍ଜନ କରିଛି। ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବି ପତ୍ର ମଧ୍ୟ ଦେଇଥିଲେ। କୌଣସି ସମାଧାନ ହୋଇନଥିବାରୁ ଆଜି ସମ୍ବଲପୁର ସ୍ଥିତ ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି ଆଣ୍ଡ ରିସର୍ଚ୍ଚର ଛାତ୍ରଛାତ୍ରୀ ପୋଷ୍ଟ ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ନିଜର ଧଳା ୟୁନିଫର୍ମ ବର୍ଜନ କରିଛି। ଆଗାମୀ ଦିନରେ ସମାଧାନ ନ ହେଲେ ପ୍ରତିବାଦ ଜୋରସୋର ହେବ ବୋଲି ସଂଘ ଚେତାବନୀ ଦେଇଛି।

# ବିକାଶ ନର୍ସିଂ କଲେଜର ପାବପାଲି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ



**ସମ୍ବଲପୁର, ୧।୧୨ (ସମିସ) :** ସମ୍ବଲପୁର ଜିଲ୍ଲା ଶାସନ ଗ୍ରାମ ପଞ୍ଚାୟତ ଅଧିନସ୍ଥ ପାବପାଲି ଗ୍ରାମରେ ବିଶ୍ୱ ଏଡ୍‌ସ ଦିବସ ଅବସରରେ ବିକାଶ ନର୍ସିଂ କଲେଜର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ସଚେତନତା ରାଲି ତଥା ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଦେବେଇପାଲି ଜନସ୍ୱାସ୍ଥ୍ୟ ଅଧିକାରୀ ରୁନି ପଟ୍ଟନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ ମହାପାତ୍ରଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ କଲେଜର ଶିକ୍ଷକ ଶିକ୍ଷୟିତ୍ରୀ, ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ଓ ଗ୍ରାମବାସୀମାନେ ଭାଗ ନେଇଥିଲେ। ଛାତ୍ରଛାତ୍ରୀମାନେ ସ୍ଲୋଗାନ ସହ ପ୍ଲାକାର୍ଡ ଓ ବ୍ୟାନର ଧରି ରାଲି କରି ଲୋକମାନଙ୍କୁ ସଚେତନ କରିଥିଲେ। ଜନସ୍ୱାସ୍ଥ୍ୟ ଅଧିକାରୀ ରୁନି ପଟ୍ଟନାୟକ କହିଲେ ଯେ, ଏଡ୍‌ସ ସମ୍ପର୍କରେ ଭ୍ରାନ୍ତି ଓ ଅଜ୍ଞାନତା ହେଉଛି ସବୁଠାରୁ ବଡ ଚିନ୍ତାର ବିଷୟ। ସମାଜ ଯଦି ସଠିକ ତଥ୍ୟ ପାଏ ଏବଂ ଯୁବପିଢ଼ି ଏପରି ପ୍ରଚାର ଅଭିଯାନରେ ସକ୍ରିୟ ହୁଏ, ତେବେ ଏଡ୍‌ସ ପ୍ରତିରୋଧ ଅଧିକ ପ୍ରଭାବଶାଳୀ ହେବା ନିଶ୍ଚିତ ସମ୍ଭବ।

କାର୍ଯ୍ୟକ୍ରମରେ ବିକାଶ ଅନୁଷ୍ଠାନ ସମୂହର ଚେୟାରମ୍ୟାନ ଜି. ଭାସ୍କର ରାଓ, ନିର୍ଦ୍ଦେଶକ ଜି. ରାମକୃଷ୍ଣ, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ, ବିକାଶ ନର୍ସିଂ କଲେଜର ଅଧକ୍ଷ ପ୍ରଫେସର ଈଶ୍ୱର ନାଗ ତଥା ବିକାଶ ନର୍ସିଂ କଲେଜର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନେ ସମାଜରେ ସଚେତନତା ସୃଷ୍ଟି କରିବାର ଏକ ମୁଖ୍ୟ ସ୍ରୋତ ବୋଲି ଚେୟାରମ୍ୟାନ ଶ୍ରୀ ଭାସ୍କର ରାଓ ଦୃଢୋକ୍ତି ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀମାନେ ଏଡ୍‌ସ ଉପରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ କଲେଜର ଶିକ୍ଷୟିତ୍ରୀ ସୁନିତା ଓରାମ ଓ କ୍ରିଷ୍ଟିୟାନା ୱିଲ୍ଲିୟମ ପରିଚାଳନା କରିଥିଲେ।




# ଏଡ୍‌ସ ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ନିବାରଣକୁ ଗୁରୁତ୍ୱ

## ସମ୍ବଲପୁର ରେଳ ମଣ୍ଡଳ

**ସମ୍ବଲପୁର, ୧।୧୨ (ସମିସ)**

ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ଆଜି ବିଶ୍ୱ ଏଡ୍‌ସ୍ ଦିବସ ପାଳନ କରିଛି ଯାହାର ଉଦ୍ଦେଶ୍ୟ ହେଉଛି ଏଡ୍‌ସ୍ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ରୋଗର ପ୍ରସାର ରୋକିବାରେ ସାମୂହିକ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା। ସମ୍ବଲପୁରର ମଣ୍ଡଳ ରେଳ ହସ୍ପିଟାଲରେ ଏକ ସ୍ୱତନ୍ତ୍ର ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା। ଯେଉଁଠାରେ ମୁଖ୍ୟ ଚିକିତ୍ସା ଅଧୀକ୍ଷକ ଏଚ୍.ଏସ୍.ବାରିକ ଏବଂ ରେଳ ସ୍ୱାସ୍ଥ୍ୟ ୟୁନିଟର ଅନ୍ୟାନ୍ୟ ଚିକିତ୍ସା ଅଧିକାରୀମାନେ କର୍ମଚାରୀଙ୍କୁ ଏଡ୍‌ସ୍ ରୋଗର ପ୍ରାରମ୍ଭିକ ଚିହ୍ନଟ ଏବଂ ନିବାରଣର ଗୁରୁତ୍ୱ ଏବଂ ଏହା ଚାରିପାଖରେ ଥିବା ମିଥ୍ୟାକୁ ଦୂର କରିବାର ଆବଶ୍ୟକତା ବିଷୟରେ ଅବଗତ କରାଇଥିଲେ। ସୂଚନାପ୍ରଦ ଅଡିଓ-ଭିଜୁଆଲ୍ ଉପସ୍ଥାପନା ଏବଂ ପାରସ୍ପରିକ ଆଲୋଚନା ମଧ୍ୟ କରାଯାଇଥିଲା। ସ୍ୱାସ୍ଥ୍ୟ ଏବଂ ଅନ୍ତର୍ଭୁକ୍ତିର ବାର୍ତ୍ତା ପ୍ରସାର ପାଇଁ ସମ୍ବଲପୁରର ରେଳ ନଗରରେ ସଚେତନତା ରାଲି ଆୟୋଜିତ ହୋଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ଏଡ୍‌ସ୍ ବିରୋଧରେ ଲଢ଼ିବାରେ ସାମୁଦାୟିକ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ କର୍ମଚାରୀଙ୍କୁ ଅବଗତ ରହିବା ଏବଂ ଅନ୍ତର୍ଭୁକ୍ତ ସ୍ୱାସ୍ଥ୍ୟ ପଦକ୍ଷେପକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ।

## ମହିଳା ମହାବିଦ୍ୟାଳୟ

**ସମ୍ବଲପୁର:** ବିଶ୍ୱ ଏଡ୍‌ସ୍ ଦିବସ ଉପଲକ୍ଷେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଯୁବ ରେଡକ୍ରସ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସହଭାଗିତାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ରେଡକ୍ରସ ଆବାହକ ପ୍ରଫେସର ପବିତ୍ର ମୋହନ ବେହେରା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ବିଶ୍ୱାଳ, ଜିଲ୍ଲା ନିଶା ନିବାରଣ ଚିକିତ୍ସକ ଡ. ଅରୁଣ କୁମାର ଡାଲମିଆ ଓ ମହାବିଦ୍ୟାଳୟ ଯୁବ ରେଡକ୍ରସ ସଂଯୋଜକ ଡ. ଦୀପକ କୁମାର ଓଝା ଯୋଗଦାନ କରିଥିଲେ। ପ୍ରଫେସର ଓଝା ରେଡକ୍ରସର ବାର୍ଷିକ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଯୁବ ରେଡକ୍ରସର କର୍ମକର୍ତ୍ତା ପ୍ରଫେସର ଶୁଭ ସ୍ୱରାଜ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ରେଡକ୍ରସ କର୍ମକର୍ତ୍ତା ପ୍ରଫେସର ପୁନମ ରଶ୍ମିତା ଟୋପୋ, ମଧୁସ୍ମିତା ବିଶ୍ୱାଳ, ସୁପ୍ରଭା ଭୋଇ, ସିଦ୍ଧାର୍ଥ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାଠଶାଳା

**ସମ୍ବଲପୁର:** ସ୍ଥାନୀୟ ବସୁନ୍ଧରା କମ୍ୟୁନିଟି ସେଣ୍ଟର ଦ୍ୱାରା ପରିଚାଳିତ ଦେୟମୁକ୍ତ ଶିକ୍ଷାଦାନ କେନ୍ଦ୍ରରେ ବିଶ୍ୱ ଏଡ୍‌ସ ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧାଂଶୁ ଶେଖର ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସଦର ଡାକ୍ତରଖାନାର ପରିଚାଳକ ସୁଦୀପ୍ତ ଦତ୍ତ ଯୋଗଦେଇଥିବା ବେଳେ ଅନୁଷ୍ଠାନର ଉପସଭାନେତ୍ରୀ ଝୁନୁ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଉପଦେଷ୍ଟା ଗୁଣରଞ୍ଜନ ସାଲିମା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏଡ୍‌ସ ଉପରେ ଆଧାରିତ ନୃତ୍ୟ ନାଟିକା ପ୍ରଦର୍ଶନ କରାଯାଥିଲା। ସମ୍ପାଦକ ପ୍ରବୀଣ ନାୟକ, ନୀଳିମା ବାରୁ, ରୁବିଲତା ମଲ୍ଲିକ, ଦେବେନ୍ଦ୍ର ନାଥ, ପ୍ରଶାନ୍ତ ମହାକୁଡ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶରତ ବହିଦାର, କିଶୋର ଧରେଇ, ମନୀଷା ନାୟକ ଓ ଜ୍ୟୋତି ମୁଣ୍ଡା ସହଯୋଗ କରିଥିବାବେଳେ ବରିଷ୍ଠ ଉପଦେଷ୍ଟା ପ୍ରଶାନ୍ତ ପାଙ୍ଗଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଏସଡବ୍ଲ୍ୟୁ ଫାଉଣ୍ଡେସନ

**ସମ୍ବଲପୁର:** ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ଶ୍ରୀପୁରା ଏବଂ ବାଞ୍ଜିବେର୍ଣ୍ଣା ଶ୍ରମିକ କଲୋନିରେ ବିଶ୍ୱ ଏଡ୍‌ସ ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଛି। ପ୍ରତିରୋଧକ ସ୍ୱାସ୍ଥ୍ୟ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଏହି ପଦକ୍ଷେପ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମାଜ (ଓଏସଏସିଏସ), ଗ୍ରାମ୍ୟ ବିକାଶ ସଂଗଠନ, ହେଲ୍ପଏଜ୍ ଇଣ୍ଡିଆ ସହଯୋଗରେ ଆୟୋଜିତ ହୋଇଥିଲା। ଶ୍ରମିକ, ପ୍ରବାସୀ ଶ୍ରମିକ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ଏହି ରୋଗର ନିବାରଣ, ସଂକ୍ରମଣ, ପ୍ରାରମ୍ଭିକ ପରୀକ୍ଷା ଏବଂ ସମୟୋଚିତ ଚିକିତ୍ସା ସେବାର ଗୁରୁତ୍ୱ ଉପରେ ଶିକ୍ଷା ଦେଇଥିଲେ। ସମସ୍ତଙ୍କୁ ସଚେତନତା ସାମଗ୍ରୀ, ସୂଚନାମୂଳକ ଲିଫଲେଟ୍ ଏବଂ ପ୍ରତିରୋଧକ ସାମଗ୍ରୀ ବଣ୍ଟନ କରାଯାଇଥିଲା। ମୋଟ ୧୨୪ ଜଣ ଭାଗ ନେଇଥିଲେ। ନିକଟବର୍ତ୍ତୀ ଗ୍ରାମର ତିନୋଟି ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ୍ ଦିବସ ବିଷୟବସ୍ତୁ ଉପରେ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ମା' ଝାଡେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ସମ୍ବଲପୁର:** ମା' ଝାଡେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠାନର ୟୁଥ ରେଡକ୍ରସ ଓ ରେଡ୍ ରିବନ କ୍ଲବ ପକ୍ଷରୁ ବିଶ୍ୱ ଏଡ୍‌ସ୍ ଦିବସ ପାଳିତ ହୋଇଛି। ଅଧକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବରିଷ୍ଠ ଅଧିକାରୀ ଡ. ପ୍ରତାପ ଚନ୍ଦ୍ର ନାଏକ ଏଡସ୍ ବ୍ୟାପିବା କାରଣ ଓ ଏଥିରୁ ସମାଜକୁ ମୁକ୍ତ କରିବା ନିମନ୍ତେ ବିଭିନ୍ନ ପ୍ରତିକାରାତ୍ମକ କାର୍ଯ୍ୟ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଡ.ଚାନ୍ଦିନୀ ମେହେର ଏଡସ୍ ପ୍ରତି ସଚେତନ ହେବା ସହ ଏଡ୍‌ସ ରୋଗୀଙ୍କୁ ସହାୟତା କରିବା ସହ ସେମାନଙ୍କୁ ମାନସିକ ସହଯୋଗ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏଏନମ୍ ସାବିତ୍ରୀ ଓରାମ ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ।ୟୁଥ ରେଡକ୍ରସ ୟୁନିଟର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ସ୍ମାରକୀ ମାହାର ପ୍ରାରମ୍ଭିକ ସୂଚନା ସହ ଧନ୍ୟବାଦ ଅର୍ପଣ କରିଥିଲେ ବେଳେ ଅଧ୍ୟାପକ ରବୀନ୍ଦ୍ର ନାରାୟଣ ଠାକୁରଙ୍କ ସଂଯୋଜନାରେ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମିନତି ଦାଶ, ଆନନ୍ଦିନୀ ପଣ୍ଡା ଦଦୀପ୍ତାରେଖା ପଣ୍ଡା, ସ୍ୱାତି ପତି, ମୌସୁମୀ ଷଡଙ୍ଗୀ, ଅନ୍ତର୍ଯ୍ୟାମୀ ମହାକୁର, ସୁଶୀଳ କୁମାର ବାଗ, ସୁଶ୍ରୀତ ଷଡଙ୍ଗୀ, ପ୍ରମୋଦ କୁମାର ଲହରିଆ, ଜୀବର୍ଦ୍ଧନ ସେଠ, ଚୈତନ୍ୟ ସେନାପତି, ଅରୁଣ କୁମାର ଲୁହୁରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ହୀରାକୁଦ ମହାବିଦ୍ୟାଳୟ

**ସମ୍ବଲପୁର:** ସୋମବାର ହୀରାକୁଦ ମହାବିଦ୍ୟାଳୟରେ ଯୁବ ରେଡ୍ କ୍ରସ୍ ଏବଂ ରେଡ୍ ରିବନ୍ କ୍ଲବ୍‌ର ଆନୁକୂଲ୍ୟରେ ଅଧକ୍ଷା ଦାୟିତ୍ୱରେ ଥିବା ସୀମାନ୍ତିକା ଦାସଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଏଡ୍‌ସ୍ ଦିବସ ପାଳିତ ହୋଇଛି। ବାଣିଜ୍ୟ ବିଭାଗର ଅଧାପକ ତଥା ସଂଯୋଜକ ଡ. ସଞ୍ଜୟ ଜେନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଆଇକ୍ୟୁଏସିର ସଂଯୋଜକ ଡ. ଅକ୍ଷୟ କୁମାର ସୁତାର, ଡ. ମଞ୍ଜୁଲତା ପଣ୍ଡା, ଡ. ସିଦ୍ଧାନ୍ତ ମହାନ୍ତି ମଞ୍ଚାସୀନ ଥିଲେ। ହୀରାକୁଦ ମହାବିଦ୍ୟାଳୟର ଅଧାପକ ଅଧାପିକା ଏବଂ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଏନଏସ୍‌ସିବି ମହାବିଦ୍ୟାଳୟ

**ସମ୍ବଲପୁର :** ସ୍ଥାନୀୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ଅଧକ୍ଷ ଡ. ପ୍ରଦୀପ କୁମାର ହରପାଲଙ୍କ ନେତୃତ୍ୱରେ ବିଶ୍ୱ ଏଡ୍‌ସ ଦିବସ ଏବଂ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଛି। ଏହି ଅବସରରେ ଏନଏସଏସ ଓ ରେଡ କ୍ରସ ୟୁନିଟ ତରଫରୁ ଏକ ବିଶାଳ ରାଲି ଆୟୋଜିତ ହୋଇଥିଲା। ଏହି ସମୟରେ ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।ଏଡସ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା। ରେଡକ୍ରସ ଅଧିକାରୀ ଡ. ମିଲି ସାହୁ, ଡ. ସନ୍ଧ୍ୟା କୁଅଁର ଏବଂ ଏନଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ମୋଜ୍ଞା ପୂର୍ତ୍ତି ଓ ସତ୍ୟପ୍ରକାଶ ଟୁଡୁ ପରିଚାଳନା କରିଥିଲେ। ଅନୁଷ୍ଠାନର ପ୍ରମୁଖ ପ୍ରାଧ୍ୟାପକ ଡ. ପ୍ରଶାନ୍ତ କୁମାର ପଣ୍ଡା ତଥା ଅଧାପକ ସୁଧାଂଶୁ ଆଚାର୍ଯ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## କୁଚିଣ୍ଡା କଲେଜ

**କୁଚିଣ୍ଡା:** କୁଚିଣ୍ଡା କଲେଜରେ ବିଶ୍ୱ ଏଡସ ଦିବସ ପାଳନ କରାଯାଇଛି।ଛାତ୍ରଛାତ୍ରୀ କଲେଜରୁ ଏଡ୍‌ସ୍ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ। ପରେ କଲେଜ ଅଡିଟୋରିୟମରେ ଛାତ୍ରଛାତ୍ରୀଙ୍କୁ ଏଚଆଇଭି / ଏଡ୍‌ସ ସମ୍ବନ୍ଧରେ ସଚେତନତା କରାଗଲା। ସଭାରେ କଲେଜର ଭରପ୍ରାପ୍ତ ଅଧକ୍ଷ ଡ. ସୁମନ୍ତ ପଟେଲଙ୍କ ଅଧକତାରେ ଆୟୋଜନ କରାଗଲା। ଡ. ସୁବୋଧ କୁମାର ନାୟକ ଏବଂ ଡ. ପ୍ରତୀକ୍ଷା ପ୍ରିୟଦରଶନୀ ପଣ୍ଡା ଏଚଆଇଭି / ଏଡ୍‌ସର କାରଣ ଏବଂ ନିରାକରଣ ସମ୍ବନ୍ଧରେ ଆଲୋଚନା କରିଥିଲେ। କାର୍ଯ୍ୟକର୍ମକୁ ଯୁବ ରେଡକ୍ରସର ଅଧିକାରୀ ଭିଖାରି ଓରାମ ଏବଂ ସୁସୁମା କରଙ୍କ ନେତୃତ୍ୱରେ ଆୟୋଜନ କରଯାଇଥିଲା।ସଚେତନତା ସଭାରେ ଅନ୍ୟ ଅଧ୍ୟାପକ ମହାଦେବ ମେହେର, କାହ୍ନୁ ଚରଣ ମୁନ୍ନା, ପ୍ରୋମୋଦ କୁମାର ପ୍ରଧାନ, ମନୋଜ କୁମାର ଜେନା ଏବଂ ଅଧ୍ୟାପିକା ଗଜମାତି କୁମୁରା, ରିତୁପ୍ରିୟ ନାୟକ ଉପସ୍ଥିତ ଥିଲେ।

## ନାକଟିଦେଉଳ ସ୍ୱାତକ ମହାବିଦ୍ୟାଳୟ

**ନାକଟିଦେଉଳ:** ନାକଟିଦେଉଳ ସ୍ୱାତକ ମହାବିଦ୍ୟାଳୟରୁ ୟଥ୍ ରେଡ୍‌କ୍ରସ ୟୁନିଟ୍ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହେବା ସହ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱ ଓ ଯୁବ ରେଡ଼କ୍ରସ ପରାମର୍ଶଦାତା ଅଧାପକ ଦେବେଶ କୁମାର ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡାକ୍ତର ଅଭିଷେକ ଦାଶ, ସମ୍ମାନିତ ଅତିଥି ଭାବରେ ଯୁବ ସଂଗଠକ ପ୍ରଦୀପ କୁମାର ବିଶ୍ୱାଳ, ବ୍ଲଡ଼ ବ୍ୟାଙ୍କର ଭାରପ୍ରାପ୍ତ ସହଯୋଗୀ ଅଧିକାରୀ ନୃସିଂହ ଚରଣ ବିଶ୍ୱାଳ ଓ ରେଢ଼ାଖୋଲ ବ୍ଲଡ୍‌ବ୍ୟାଙ୍କର ଟେକ୍ନିସିଆନ ଇନ୍ଦ୍ରମଣି ବେହେରା ଯୋଗ ଦେଇ ଏଡ୍‌ସ ରୋଗର କାରଣ ତଥା ନିରାକରଣ, ପ୍ରତିକାର ସମ୍ପର୍କରେ ଆଲୋକପାତ କରିଥିଲେ। ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ତଥା ବ୍ଲଡ୍ ବ୍ୟାଙ୍କର ସହଯୋଗରେ ପରିଚାଳିତ ରକ୍ତଦାନ ଶିବିରରେ ମୋଟ୍ ୩୦ଜଣ ରକ୍ତଦାନ କରିଥିଲେ। ଇନ୍ଦ୍ରମଣି ବେହେରା ଓ ମନୋରମା ଧଳଙ୍କ ସଂଯୋଜନାରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଅଧାପକ ବିନୋଦ ବିହାରୀ ପ୍ରଧାନ, ଶେଷଦେବ ବିଶ୍ୱାଳ, ଅଧାପିକା ଗିରିଶି ବାଳା ନାୟକ, ଲିଟିନା ପ୍ରିୟ ଦର୍ଶନୀ, ଜୟନ୍ତୀ ପ୍ରଧାନ ଏବଂ ଶ୍ୱେତାଶ୍ରୀ ପ୍ରଧାନ ସହଯୋଗ କରିଥିଲେ।

## ଭୀମଭୋଇ କଲେଜ

**ରେଢାଖୋଲ:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଭୀମଭୋଇ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍, ରେଡ ରିବନ କ୍ଲବ୍, ଏନସିସି ତରଫରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସେଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। କଲେଜର ଅଧକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ଶୋଭାଯାତ୍ରାକୁ ଉଦ୍‌ଘାଟନ କରି ଏଡ୍‌ସ୍ ରୋଗର ନିରାକାରଣ ପାଇଁ ସଚେତନତା ହିଁ ଏକମାତ୍ର ମାଧ୍ୟମ ବୋଲି କହିଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ଅଞ୍ଜନ କୁମାର ମିଶ୍ର ଏବଂ ଜାତୀୟ ସେବା ଯୋଜନାର ଅଧିକାରୀ ଲିବନେସ କିଣ୍ଡୋଙ୍କ ତତ୍ତ୍ୱାଧାନରେ ଛାତ୍ରଛାତ୍ରୀ ଶୋଭାଯାତ୍ରା କରି ଜନସାଧାରଣଙ୍କୁ ସଚେତନ କରିଥିଲେ।ପରେ ଅଧକ୍ଷ ଶ୍ରୀ ପାଢ଼ୀଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭାରେ ଡ. ଅଂଶୁମାନ କର ବିଷୟ ବିଶେଷଜ୍ଞ ଭାବରେ ଯୋଗ ଦେଇ ଏଡ୍‌ସ୍ ରୋଗର କାରଣ ଓ ନିରାକାରଣ ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ, , ଅଧ୍ୟାପକ ସୁଶାନ୍ତ ନନ୍ଦ, ଡ.ବିରଞ୍ଚି ଖଡିଆ, ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଓ ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ରାଜା ପ୍ରଧାନ, ଶ୍ରେୟାଂଶୁ ମହାପାତ୍ର, ସନ୍ତୋଷ୍ମିତା ବିଶ୍ୱାଳ, ଗାୟତ୍ରୀ ସାହୁ ଓ ଅନିଶା ଶାସନୀ ପ୍ରମୁଖ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।ଶେଷରେ ଅଧ୍ୟାପିକା ସମିତା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶୁଭମିତ୍ରା ହତ୍ୟା ପଛରେ 'ବିବାହ ବିବାଦ'

ଭୁବନେଶ୍ୱର, ୧।୧୨ (ସମିସ): ବହୁଚର୍ଚ୍ଚିତ ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟା ମାମଲାରେ ଚାର୍ଜସିଟ୍ ଦାଖଲ କରିଛି କ୍ୟାପିଟାଲ ଥାନା ପୁଲିସ। ଦଫା ୧୦୩(୧), ୨୩୮ ଓ ୬୧(୨) ବିଏନ୍ଏସରେ ଚାର୍ଜସିଟ୍ ଦାଖଲ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ତଥା ଶୁଭମିତ୍ରାଙ୍କ ସ୍ୱାମୀ ଦୀପକ ରାଉତ, ମାଉସୀ ପୁଅ ଭାଇ ବିନୋଦ ବିହାରୀ ଭୂୟାଁ ଓ ଜଟିଆ ଓ ସନ୍ତୁ ମହନ୍ତକୁ ଅଭିଯୁକ୍ତ ଦର୍ଶାଇଛି। ଆନୁଷ୍ଠାନିକ

- ଦାଖଲ ହେଲା ୬୦୦ ପୃଷ୍ଠାର ଚାର୍ଜସିଟ୍
- ପରିଚୟ ଠାରୁ ହତ୍ୟା ପର୍ଯ୍ୟନ୍ତ ରହିଛି ପ୍ରମାଣ
- ୩ ଅଭିଯୁକ୍ତଙ୍କ ପାଇଁ ୪୨ ସାକ୍ଷୀ
- ୭ ଲକ୍ଷ ନ ଦେବା ପାଇଁ ମାରିଦେଲା
- ମୃତ୍ୟୁ ପରେ ଟଙ୍କା ପାଇବାକୁ କରିଥିଲା ବୀମା

ବିବାହ କରିବାକୁ ଶୁଭମିତ୍ରା ଧାର ଦେଇଥିବା ଟଙ୍କା ମାଗିବା ହିଁ ହତ୍ୟାର ମୁଖ୍ୟ କାରଣ ବୋଲି ଚାର୍ଜସିଟରେ ଦର୍ଶାଯାଇଛି। ଏଥିସହିତ ଶୁଭମିତ୍ରାଙ୍କ ମୃତ୍ୟୁପରେ ଟଙ୍କା ହାତେଇବାକୁ ଦୀପକ କୋଟିଏ ୨୫ ଲକ୍ଷ ଟଙ୍କାର ବୀମା କରିଥିଲା ବୋଲି ପୁଲିସ ତଦନ୍ତରେ ଉଲ୍ଲେଖ ରହିଛି। ପରିଚୟ ଠାରୁ ଆରମ୍ଭ କରି ଶୁଭମିତ୍ରାଙ୍କୁ ହତ୍ୟା କରିବା ପର୍ଯ୍ୟନ୍ତ ବିଭିନ୍ନ ପ୍ରମାଣକୁ ଏକାଠି କରି ତଦନ୍ତକାରୀ ଅଧିକାରୀ ତଥା ଇନ୍ସପେକ୍ଟର ବିପିନ ବିହାରୀ ହୋତା ପ୍ରାୟ ୬୮୦ ପୃଷ୍ଠାର ଚାର୍ଜସିଟ୍ ଆଜି କୋର୍ଟରେ ଦାଖଲ କରିଛନ୍ତି।

ସୂଚନା ଅନୁସାରେ, ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ଓ ସିପି ଅଫିସ୍ ଆକାଉଣ୍ଟ ସେକ୍ସନର କନେଷ୍ଟବଳ ଦୀପକ ଗତବର୍ଷ ଜୁଲାଇରେ ଖଣ୍ଡଗିରି ସବରେଜିଷ୍ଟ୍ରାରଙ୍କ ନିକଟରେ କୋର୍ଟ ମ୍ୟାରେଜ୍ କରିଥିଲେ। ଦୀପକ ଗତ ସେପ୍ଟେମ୍ବର ମାସ ୬ ତାରିଖ ଦିନ ଶୁଭମିତ୍ରାଙ୍କୁ ୟୁନିଟ୍ ୬ ଅଞ୍ଚଳରେ ହତ୍ୟାକରି ଘଟଗାଁ ଜଙ୍ଗଲରେ ପୋତି ଦେଇଥିଲା। ଝିଅ ଘରକୁ ନ ଫେରିବାରୁ ମାଆ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ସିଡିଆର ରିପୋର୍ଟ ଆଧାରରେ ଦୀପକକୁ ଉଠାଇ ଆଣି ପଚରାଉଚରା କରିବା ପରେ ସବୁ ସତ ପଦାକୁ ଆସିଥିଲା। ପୁଲିସର ଏକ ଟିମ୍ ଦୀପକକୁ ଧରି ୟୁନିଟ୍ ୬ ସ୍ଥିତ ହତ୍ୟାକାଣ୍ଡ ସ୍ଥଳ ଓ ସେଠାରୁ ଘଟଗାଁ ଯାଇଥିଲା। ଜେସିବି ମେସିନରେ ଖୋଳି ମାଟି ତଳୁ ଶୁଭମିତ୍ରାଙ୍କ ମୃତଦେହ ଠାବ କରିଥିଲା। ଶୁଭମିତ୍ରାଙ୍କୁ ହତ୍ୟା କରିବା ପୂର୍ବରୁ ଦୀପକ ତା'ର ମାଉସୀ ପୁଅ ଭାଇ ବିନୋଦ ଓ ଜଟିଆ ସହ ମିଶି ଷଡ଼ଯନ୍ତ୍ର କରିଥିଲା ଓ ହତ୍ୟାର ୬ ଦିନ ପୂର୍ବରୁ ବିନୋଦ ଜେସିବି ଡକାଇ ଜଟିଆ ବାଡ଼ିରେ ଗାତ ଖୋଳିଥିଲା ବୋଲି ପ୍ରମାଣ ମିଳିଥିଲା। ଘଟଣାରେ ଜେସିବି



ଡ୍ରାଇଭର ଓ ମାଲିକଙ୍କ ବୟାନ ରେକର୍ଡ କରିବା ସହ ଦୀପକ, ବିନୋଦ ଓ ଜଟିଆକୁ ପୁଲିସ ଗିରଫ କରିଥିଲା।

ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିବା ପୁଲିସ ଯେତିକି କଷ୍ଟକର ଥିଲା ପ୍ରମାଣ ଯୋଗାଡ଼ କରିବା ମଧ୍ୟ ତା' ଠାରୁ ଅଧିକ ଚ୍ୟାଲେଞ୍ଜ ରହିଥିଲା। କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶୁଭମିତ୍ରାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ମୃତଦେହର ବିଭିନ୍ନ ନମୁନା ଓ ଶୁଭମିତ୍ରା



ବାପାମାଆଙ୍କ ରକ୍ତ ନମୁନା ଦ୍ୱାରା ଡିଏନ୍ଏ ପ୍ରୋଫାଇଲିଂ କରି ମୃତଦେହଟି ଶୁଭମିତ୍ରାଙ୍କର ବୋଲି ପ୍ରମାଣ ହାତେଇଛି ପୁଲିସ। କୌଣସି ବିଷକ୍ରିୟା ଜନିତ ମୃତ୍ୟୁ ହୋଇନଥିବା ଭିସେରା ପରୀକ୍ଷା ରିପୋର୍ଟରୁ ସ୍ପଷ୍ଟ ହୋଇଥିବା ବେଳେ ଅଣନିଃଶ୍ୱାସୀ ବା ଶ୍ୱାସରୁଦ୍ଧରୁ ଶୁଭମିତ୍ରାଙ୍କର ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରେ ଉଲ୍ଲେଖ ରହିଛି।

ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଆନୁଷ୍ଠାନିକ ବିବାହ ପାଇଁ ଧାର ଦେଇଥିବା ଟଙ୍କା ମାଗିବାରୁ ଶୁଭମିତ୍ରାଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ଚାର୍ଜସିଟରେ ଉଲ୍ଲେଖ ରହିଛି। ଶୁଭମିତ୍ରା ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୭ ଲକ୍ଷ ଟଙ୍କା ଦୀପକକୁ ଦେଇଥିବା ସେଥିରୁ ୧୦ ଲକ୍ଷ ଟଙ୍କା ଫେରି ପାଇଥିଲେ। ଉଭୟ କୋର୍ଟରେ ମ୍ୟାରେଜ କରିଥିଲେ ମଧ୍ୟ ଆନୁଷ୍ଠାନିକ ବିବାହ କରିନଥିଲେ। ଆନୁଷ୍ଠାନିକ ବିବାହ ଓ ଭୋଜିଭାତ ଆୟୋଜନ କରିବାକୁ ଥିବାରୁ ବାକି ୭ ଲକ୍ଷ ଟଙ୍କା ଫେରାଇବାକୁ ଶୁଭମିତ୍ରା ସବୁବେଳେ କହି ଆସୁଥିଲେ। ଘଟଣା ଦିନ ମଧ୍ୟ ସେହି ଟଙ୍କା ଫେରାଇବାକୁ ନେଇ ବଚସା ହେବାରୁ ଦୀପକ ତାଙ୍କୁ ହତ୍ୟା କରିଥିବାର ପ୍ରମାଣ ପୁଲିସ କୋର୍ଟରେ ଦାଖଲ କରିଛି। ତା' ଠାରୁ ସାଙ୍ଘାତିକ କଥା ହେଉଛି, ଶୁଭମିତ୍ରାଙ୍କ ମୃତ୍ୟୁପରେ ଟଙ୍କା ହାତେଇବାକୁ ଦୀପକ ତାଙ୍କ ନାମରେ ପ୍ରାୟ କୋଟିଏ ୨୫ ଲକ୍ଷ ଟଙ୍କାର ବୀମା କରିଥିବାର ଦସ୍ତାବିଜ ପୁଲିସ ହାତରେ ଲ । ଗି ଛି । କୋର୍ଟ ମ୍ୟାରେଜ ପରେ ଏହି ବୀମା କରିଥିବା ବେଳେ ଦୀପକ ନିଜେ ହିଁ ନୋମିନି ରହିଛି। ସେ ସଂକ୍ରାନ୍ତୀୟ ତଥ୍ୟ ମଧ୍ୟ ଚାର୍ଜସିଟରେ ଦର୍ଶାଇଛି ପୁଲିସ। ସିଡିଆର ରିପୋର୍ଟ, ଶବ ବ୍ୟବଚ୍ଛେଦ ରିପୋର୍ଟ, ଡିଏନ୍ଏ ପ୍ରୋଫାଇଲିଂ ରିପୋର୍ଟ, ମୃତଦେହ ମିଳିଥିବା ଜମିର ବିବରଣୀ, ଟଙ୍କା ନେଣଦେଣର ତଥ୍ୟ, ବୀମାର ଦସ୍ତାବିଜ, ଘଟଗାଁ ଯିବାଆସିବା ସମୟରେ ସିସିଟିଭି କ୍ୟାମେରା ଫୁଟେଜ ଆଦି କୋର୍ଟରେ ଦାଖଲ କରିଛି। ସୋମବାର କୋର୍ଟରେ ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ଖୁବଶୀଘ୍ର ଚାର୍ଜଫ୍ରେମ୍ କରି ମାମଲାର ଶୁଣାଣି ଆରମ୍ଭ ହେବ।

### ଲିଡିଂ ଟୁ ଡିସକଭରୀ

ଶୁଭମିତ୍ରା ହତ୍ୟାରେ ସମ୍ପୃକ୍ତି ଆସିବା ପରେ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍ଏ) ଧାରା ୨୩ ଅନୁଯାୟୀ ଦୁଇ ଜଣ ସାଧାରଣ ଲୋକଙ୍କ ଉପସ୍ଥିତିରେ ଦୀପକର ବୟାନ ରେକର୍ଡ କରିଥିଲା ପୁଲିସ। ବାରମ୍ବାର ଟଙ୍କା ମାଗିବା ଓ ଆନୁଷ୍ଠାନିକ ବିବାହ ପାଇଁ ଜିଦ୍ କରିବାରୁ ସେ ଶୁଭମିତ୍ରାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲା। କେଉଁଠି ଓ କିପରି ହତ୍ୟା କରିଥିଲା, ହତ୍ୟା ପରେ ମୃତଦେହକୁ କିପରି ଘଟଗାଁ ନେଇଥିଲା, ସେଠାରେ କାହା ସହଯୋଗରେ ଓ କେମିତି ପୋତି ଥିଲା ସେସବୁ ପୁଲିସ ଆଗରେ ବଖାଣିଥିଲା। ଏସବୁ ଚାଞ୍ଚଲ୍ୟକର ତଥ୍ୟ ପାଇବା ପରେ ଦୀପକକୁ ନେଇ ଘଟଣାସ୍ଥଳକୁ ଯାଇଥିଲା ପୁଲିସ। ସେଠାରେ ଦୁଇ ଜଣ ସାକ୍ଷୀଙ୍କ ଉପସ୍ଥିତିରେ ଘଟଣାର ସିନ୍ ରିକ୍ରିଏସନ୍ କରିଥିଲା। ଶୁଭମିତ୍ରାଙ୍କୁ କେଉଁଠି ହତ୍ୟା କରି କାହା କାହା ସହାୟତାରେ କେଉଁଠି ପୋତିଥିଲା ସବୁକିଛି ଦେଖାଇଥିଲା ଦୀପକ। ବିଏସ୍ଏ ଧାରା ଅନୁସାରେ ରେକର୍ଡ ହୋଇଥିବା ବୟାନକୁ କୋର୍ଟରେ ବଳିଷ୍ଠ ପ୍ରମାଣ ଭାବେ ଉପସ୍ଥାପନ କରିଛି ପୁଲିସ।

# ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚଢ଼ଉ



ଭୁବନେଶ୍ୱର, ୧।୧୨(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଚଢ଼ାଉ କରାଯାଇଛି। ରାଜ୍ୟରେ ପନିପରିବା ଦରବୃଦ୍ଧି ନିୟନ୍ତ୍ରଣ କରିବା ଏବଂ ଯୋଗାଣ ଶୃଙ୍ଖଳ ବଜାୟ ରଖିବା ପାଇଁ ଯାଞ୍ଚ କଡାକଡି କରାଯାଇଛି। ରାଜ୍ୟରେ ଗତ କିଛିଦିନ ଧରି ପନିପରିବା ଦରବୃଦ୍ଧି ହେଉଥିବା ଅଭିଯୋଗକୁ ଭିତ୍ତିକରି ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂଙ୍କ ନିର୍ଦ୍ଦେଶ କ୍ରମେ, ପନିପରିବାର ଦରବୃଦ୍ଧିକୁ ରୋକିବା ପାଇଁ ବିଭାଗର ବିପଣୀ ଗୁପ୍ତବାର୍ତ୍ତା (ମାର୍କେଟିଂ ଇଣ୍ଟେଲିଜେନ୍ସ) କ୍ଷେତ୍ର କର୍ମଚାରୀ ମାନଙ୍କ ଦ୍ୱାରା ରାଜ୍ୟର ପ୍ରମୁଖବଜାରରେ ଯାଞ୍ଚ କରଯାଇଥିଲା।

ଚଳିତ ବର୍ଷ ରାଜ୍ୟର ଅନେକ ସ୍ଥାନରେ ଅଦିନିଆ ବର୍ଷା ଯୋଗୁଁ ସ୍ଥାନୀୟ ଋତୁକାଳୀନ ଫସଲ ନଷ୍ଟ ହୋଇଥବାରୁ ଏବଂ ଚାହିଦା ପାଇଁ ଝାଡଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ତଥା କର୍ଣ୍ଣାଟକ ଭଳି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବା ଦୃଷ୍ଟିରୁ ଗତ କିଛିଦିନ ରାଜ୍ୟରେ ଦରଦାମ ବୃଦ୍ଧି ଲକ୍ଷ୍ୟ କରାଯାଇଛି। ମାତ୍ର ବଜାରକୁ ସ୍ଥାନୀୟ ଫସଲର କିଛି ମାତ୍ରାରେ ଆମଦାନୀ ହେଉ ଥିବାରୁ ବର୍ତ୍ତମାନ ବଜାରରେ ପନିପରିବାର ସାମାନ୍ୟ ଦର ହ୍ରାସ ଘଟୁଅଛି। ଆଗାମୀ ଦୁଇ ସପ୍ତାହ ମଧ୍ୟରେ ସ୍ଥାନୀୟ ଋତୁକାଳୀନ ଫସଲ ବହୁଳ ମାତ୍ରାରେ ବଜାରକୁ ଆସିବାର ସମ୍ଭାବନା ଥିବାରୁ ପନିପରିବା ଦର ହ୍ରାସ ଘଟିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି। ଏପରିକି ଯୋଗାଣ ଶୃଙ୍ଖଳ ନିରବରଛିନ୍ନ ଥିବା ଏବଂ ଉଚିତ ମୂଲ୍ୟରେ ଖାଉଟି ମାନେ ପନିପରିବା ପାଇବା ନେଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି।

# ଅଟୋ ଡିକି ଭାଙ୍ଗି ଲୁଟ୍; ଦୁଇ ଗିରଫ



ଭୁବନେଶ୍ୱର, ୧।୧୨ (ସମିସ): ଅଟୋ ଡିକି ଭାଙ୍ଗି ଲୁଟ୍ କରିଥିବା ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସତ୍ୟନଗରର ଅମିତ ପଣ୍ଡା (୧୯) ଓ ଅଶୋକ ନଗରର ଆକାଶ ଅନୁପମ (୨୬)।

ପୁଲିସ ସୂଚନା ଅନୁଯାୟୀ, ଗତମାସ ୨୯ ତାରିଖ ରାତିରେ ସନ୍ତୋଷ କୁମାର ନାୟକ ତାଙ୍କ ଅଟୋଟିକୁ ସତ୍ୟ ନଗର ଦୁର୍ଗା ମଣ୍ଡପ ସମ୍ମୁଖରେ ପାର୍କିଂ କରିଥିଲେ। ବିଳମ୍ବିତ ରାତିରେ ଅମିତ ଓ ଆକାଶ ପଥରରେ ବାଡ଼?ଇ ଡିକି ଭାଙ୍ଗି ୩୨୦୦ ଟଙ୍କା ଚୋରି କରି ନେଇଥିଲେ। ପରଦିନ ସକାଳେ ତାଙ୍କ ଅଟୋର ଡିକି ଭାଙ୍ଗି ଚୋରି ହୋଇଥିବା ଦେଖି ସନ୍ତୋଷ ଖାରବେଳ ନଗର ଥାନାରେ ଏତଲା ଦେଇଥିଲେ। ପୁଲିସ ସିସିଟିଭି ଫୁଟେଜରୁ ଅମିତ ଓ ଆକାଶକୁ ଚିହ୍ନଟ କରିଥିଲା। ଆଜି ସତ୍ୟନଗର କାଳୀ ମନ୍ଦିର ନିକଟରୁ ଦୁଇ ଜଣଙ୍କୁ ଗିରଫ କରିବା ସହ ୧୬୦୦ ଟଙ୍କା ଜବତ କରିଥିଲା। ପୂର୍ବରୁ ଅମିତ ନାମରେ ସହିଦନଗର ଥାନା ଓ କ୍ୟାପିଟାଲ ଥାନାରେ ୨ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

### ନୂଆବର୍ଷ ପୂର୍ବରୁ ଅବକାରୀ ଧରପଗଡ଼

# ମତୁଆଲା ହୁଅ; କିନ୍ତୁ ନିୟମ ଭାଙ୍ଗନି



- ସେଲିବ୍ରେସନ କର; କିନ୍ତୁ ଅପରାଧ କରନି
- ଖିଲାପକାରୀଙ୍କୁ ଜଗିବା ପାଇଁ ଏକାଧିକ ଫ୍ଲାଇଂ ସ୍କ୍ୱାଡ୍ ଗଠନ

ଭୁବନେଶ୍ୱର, ୧।୧୨(ସମିସ): ନୂଆବର୍ଷ ପାଇଁ ଅବକାରୀ ବିଭାଗର ଧରପଗଡ଼ ଆରମ୍ଭ କରିଛି। ସ୍କାନରରେ ରାଜଧାନୀର ବାର୍ ଓ ପବ। ବଡ଼ଦିନ, ଜିରୋ ନାଇଟ, ନୂଆବର୍ଷ ପୂର୍ବରୁ ଆକ୍ସନ ମୋଡରେ ଅବକାରୀ ବିଭାଗ। ସୋମବାରଠାରୁ ଭୁବନେଶ୍ୱରରେ ସ୍ପେଶାଲ ଡ୍ରାଇଭ ଆରମ୍ଭ ହୋଇଛି। ସେଲିବ୍ରେସନ କର କିନ୍ତୁ ଅପରାଧ କରନି। ମତୁଆଲା ହୁଅ କିନ୍ତୁ ନିୟମ ଭାଙ୍ଗନି। ନିଉ ଇୟର ପୂର୍ବରୁ ଏଭଳି ଚେତାବନୀ ଦେଇଛି ଅବକାରୀ ବିଭାଗ। ଜିରୋ ନାଇଟ ସେଲିବ୍ରେସନ ପାଇଁ ମାସକ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ୨୦୨୪ କୁ ସ୍ୱାଗତ ପାଇଁ ହୋଟେଲ, ପବ, ଡ୍ୟାନ୍ସ ବାର ପ୍ରସ୍ତୁତ ହୋଇରହିଥିବା ବେଳେ ସେମାନଙ୍କ ଉପରେ ଆଖି ରଖିଛି ଅବକାରୀ ବିଭାଗ। ୧୨ ଟା ରାତି ପର୍ଯ୍ୟନ୍ତ କ୍ଲବ, ପବ ଚଳାଇବା ପାଇଁ ଏବେ ନିୟମ ରହିଛି। ଆବେଦନ ମୁତାବକ ଏହାକୁ ଦେଢ଼ ଘଣ୍ଟା ବଢ଼ାଯିବ। ୩୧ ତାରିଖ ରାତିରେ ଜିରୋ ନାଇଟ ସେଲିବ୍ରେସନ ନେଇ କୌଣସି ଇଭେଣ୍ଟ ବା ପ୍ରାଇଭେଟ ସଂସ୍ଥାକୁ ଆଇନଶୃଙ୍ଖଳା ଦୃଷ୍ଟିରୁ ଅନୁମତି ମିଳିନାହିଁ। ଖିଲାପକାରୀଙ୍କୁ ଜଗିବା ପାଇଁ ଏକାଧିକ ଫ୍ଲାଇଂ ସ୍କ୍ୱାଡ ଗଠନ ହୋଇଥିବା ନେଇ ଅବକାରୀ ସୁପରିଟେଣ୍ଡେଣ୍ଟ ଦେବାଶିଷ ପଟେଲ କହିଛନ୍ତି। ସହିଦନଗର ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲାଥିବା ପବ୍ ଉପରେ କମିସନରେଟ ପୁଲିସ ଚଢ଼ାଉ କରିଥିଲା। ଡିଜେ ସିଜ ସହ ସାମୟିକ ଭାବେ ପବକୁ ବନ୍ଦ କରାଯାଇଥିଲା। ସେହିପରି କିଛିଦିନ ତଳେ କଳିଙ୍ଗବିହାର ଅଞ୍ଚଳରେ ଏକ ରେସ୍ତୋରାଁର ମଦ ବେପାର ଚାଲୁଥିବା ବେଳେ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ଅବକାରୀ କମିସନରଙ୍କ ନିର୍ଦ୍ଦେଶ କ୍ରମେ ଆଜିଠାରୁ ସ୍ପେସାଲ ଡ୍ରାଇଭ ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ଏହା ବଳବତ୍ତର ରହିବ। ସେହିପରି କେବଳ ମଦ ନୁହେଁ, ବରଂ ବ୍ରାଉନସୁଗର, କୋକେନ୍, କଫ ସିରଫ ମାଫିଆଙ୍କ ମଧ୍ୟ ଅବକାରୀ ବିଭାଗର କଡା ନଜର ଥିବା ସୁପରିନ୍‌ଟେଣ୍ଡେଣ୍ଟ କହିଛନ୍ତି।

# ୩୪ ଲକ୍ଷର ବ୍ରାଉନ୍‌ସୁଗର୍ ଜବତ

● ମହିଳାଙ୍କ ସମେତ ଦୁଇ ଯୁବକ ଗିରଫ



ଭୁବନେଶ୍ୱର, ୧।୧୨(ସମିସ): ଅବକାରୀ ବିଭାଗ ପକ୍ଷରୁ ୩୪ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗର ଜବତ କରାଯାଇଛି। ହେରୋଇନ୍ କାରବାର ଅଭିଯୋଗରେ ଅବକାରୀ ବିଭାଗ ୨ ଯୁବକଙ୍କ ସହ ଜଣେ ମହିଳାଙ୍କୁ ଗିରଫ କରିଛି। ସେମାନେ ହେଲେ ମହିଁଷାଖାଲ ଅଞ୍ଚଳର ରମେଶ ସେଠୀ, ସୀମାଚଳ ଗୌଡ଼ ଏବଂ ମମତା ଦେ। ଅଭିଯୁକ୍ତମାନଙ୍କ ଠାରୁ ୩୪୦ ଗ୍ରାମ୍‌ର ହେରୋଇନ୍ ଜବତ କରାଯାଇଛି। ଏହାସହ ହେରୋଇନ୍ କାରବାରରେ ବ୍ୟବହୃତ ସ୍କୁଟିକୁ ଜବତ କରାଯାଇଛି। ଅବକାରୀ ସୁପରିନ୍‌ଟେଣ୍ଡେଣ୍ଟ୍ ଦେବାଶିଷ ପଟେଲଙ୍କ ସୂଚନା ମୁତାବକ ଏମାନେ ବ୍ରାଉନ୍‌ସୁଗର କାରବାର କରୁଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଗୁଇନ୍ଦା ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ଏହି ଚଢଉ କରାଯାଇଥିଲା। ରମେଶ ଓ ସୀମାଞ୍ଚଳ ମହିଁଷାଖାଲ ଏକ ସରକାରୀ ଆପାର୍ଟମେଣ୍ଟ୍‌ର ବ୍ଲକ ନମ୍ବର-୨ରେ ଅଞ୍ଚଳକୁ ଯାଇଥିଲେ। ସେ ମମତାଙ୍କୁ ୩୪୦ ଗ୍ରାମ୍‌ର ବ୍ରାଉନ୍‌ସୁଗର ହସ୍ତାନ୍ତର କରିଥିଲେ। ଏହି ସମୟରେ ଅବକାରୀ ବିଭାଗ ସୋମାନଙ୍କୁ ମାଡ଼ି ବସିଥିଲା। ଅନ୍ୟପକ୍ଷରେ ଖଣ୍ଡଗିରି ଥାନା ପୁଲିସ ୨୦ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରିଛି। ବ୍ରାଉନସୁଗର କାରବାର ଅଭିଯୋଗରେ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅଞ୍ଚଳର ଅରୁଣ ପାତ୍ର, ଶକ୍ତି ନାରାୟଣ ନନ୍ଦ, ଜଗନ୍ନାଥ ସାହୁ, ଦାସରଥୀ ଦଳେଇ। ୩ ଜଣଙ୍କ ବିରୋଧରେ ପୂର୍ବରୁ ଏକାଧିକ ମାମଲା ରହିଛି। ଅଭିଯୁକ୍ତମାନଙ୍କ ଠାରୁ ଅପରାଧରେ ବ୍ୟବହୃତ ସ୍କୁଟି ଜତ କରାଯାଇଛି।

### ରାଜଧାନୀକୁ 'ମାତାଲ' କରୁଛି କିଏ?

# ମନଇଚ୍ଛା ଲାଇସେନ୍ସ ବାଣ୍ଟୁଛି ଅବକାରୀ ବିଭାଗ

ଭୁବନେଶ୍ୱର, ୧।୧୨(ସମିସ): ରାଜଧାନୀରେ ଗୋଟିଏ ବି ମଦ ଦୋକାନ ଖୋଲା ଯାଇ ନାହିଁ। ଠିପି ବନ୍ଦ ବିଦେଶୀ କିମ୍ବା ଦେଶୀ ମଦ ଦୋକାନ ଖୋଲିବାର କୌଣସି ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ। ଏପରିକି ଏନେଇ ଚିନ୍ତା ବି କରାଯାଇ ନାହିଁ। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ ଏଭଳି ଉତ୍ତର ରଖିଛନ୍ତି। ମନ୍ତ୍ରୀଙ୍କ ଉତ୍ତର ଅନୁଯାୟୀ, ଶାସକ ଦଳ ରାଜଧାନୀରେ ଗୋଟିଏ ବି ମଦ ଦୋକାନ ନ ଖୋଲିବା ପ୍ରତିଶ୍ରୁତିରେ ଅଟଳ ରହିଛି।

କିନ୍ତୁ ରାଜଧାନୀର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଏଠାରେ ଠିପି ଖୋଲା ମଦ ବ୍ୟବସାୟର ଲାଇସେନ୍ସ ମନଇଚ୍ଛା ବଣ୍ଟା ଯାଉଛି। ହୋଟେଲ ବାର୍ ପାଇଁ ଯେତେ ପାରିବ ଖୋଲ, କୌଣସି ଅସୁବିଧା ନାହିଁ। ଏହି ଲାଇସେନ୍ସ ଦେବାରେ କୌଣସି ରୋକ୍ ବି ନାହିଁ। ମଦ ବ୍ୟବସାୟୀ ହୋଟେଲ କିମ୍ବା ରେସ୍ତୋରାଁ ନାମରେ ଠିପି ଖୋଲା ମଦ ବିକ୍ରି କରିବେ ବୋଲି ଅବକାରୀ ବିଭାଗ ପକ୍ଷରୁ ଅନୁମତି ନେଉଛନ୍ତି। ହେଲେ ଠିପି ଖୋଲା ବଦଳରେ ଠିପି ବନ୍ଦ ମଦ ବିକ୍ରି କରୁଛନ୍ତି। ଏହି ଲାଇସେନ୍ସକୁ ମଦ ଦୋକାନର ଲାଇସେନ୍ସ ଭଳି ବ୍ୟବହାର କରୁଛନ୍ତି।

ଏହି ବ୍ୟସାୟୀକ କେନ୍ଦ୍ର ଗୁଡ଼ିକ ଠିପି ଖୋଲା ହୋଟେଲ କିମ୍ବା ରେସ୍ତୋରାଁ ମଦ ଦୋକାନ ଠାରୁ କୌଣସି ଗୁଣରେ କମ୍ ନୁହଁ। ମଦ ଦୋକାନରେ ଯେଉଳି ଠିପି ବନ୍ଦ ମଦ ବିକ୍ରି ହେଉଛି। ଏଠିବି ସେହିଭଳି ଠିପିବନ୍ଦ ମଦ ବିକ୍ରି କରାଯାଉଛି। ଲୋକେ ଆସୁଛନ୍ତି, ଟଙ୍କା ଦେଉଛନ୍ତି। ସମାନ ଦରରେ ମଦ ବୋତଲ ନେଇ ଘରକୁ ଯାଉଛନ୍ତି। ଠିପି ଖୋଲା ହୋଟେଲ କିମ୍ବା ବାର୍‌ରେ ଠିପି ବନ୍ଦ ମଦ ବିକ୍ରି କରିବା ବେଆଇନ୍। ହେଲେ ଅବକାରୀ ବିଭାଗ ଏସବୁକୁ ଅଖିବୁଜି ଦେଉଛି।

### ଠିପି ଖୋଲା ଦୋକାନରେ ଠିପିବନ୍ଦ ମଦ ବିକ୍ରି


ଯାହା ପ୍ରମାଣିତ କରୁଛି ରାଜଧାନୀରେ ମଦ ଦୋକାନ ସଂଖ୍ୟା କାଗଜପତ୍ରରେ କମ୍ ରହିଛି। କିନ୍ତୁ ବାସ୍ତବରେ ଠିପି ବନ୍ଦ ମଦ ଦୋକାନ ସଂଖ୍ୟା ହୁ ହୁ ହୋଇ ବଢ଼ି ଚାଲିଛି।

ମଦ ଦୋକାନ ଖୋଲିବାକୁ ହୋଟେଲକୁ କେବଳ ଢାଲ କରାଯାଉଛି। ଆଇନର ଗଳାବାଟକୁ ଏମାନେ ସମ୍ପୂର୍ଣ୍ଣ ଭାବେ ଉପଯୋଗ କରୁଛନ୍ତି। ଅବକାରୀ ବିଭାଗ ମଧ୍ୟ ସବୁ ଜାଣି ଅଜଣା ଭଳି ଅଭିନୟ କରୁଛି। ଏହି ବ୍ୟବସାୟୀଙ୍କ ପ୍ରକୃତ ଉଦ୍ଦେଶ୍ୟ ଠିପି ବନ୍ଦ ମଦ ବ୍ୟବସାୟ କରିବା। ସାଇନ୍ ବୋର୍ଡରେ ଲେଖାଯାଉଛି ଠିପି ଖୋଲା ମଦ ଦୋକାନ। କିଛି ସ୍ଥାନରେ ହୋଟେଲ କିମ୍ବା ରେସ୍ତୋରାଁ ଆଳରେ ଲାଇସେନ୍ସ ଦିଆଯାଇଥିବା ବ୍ୟକ୍ତିଙ୍କର କୌଣସି ହୋଟେଲ




କିମ୍ବା ରେସ୍ତୋରାଁ ନାହିଁ। ହୋଟେଲ ରେସ୍ତୋରାଁ ନାମରେ ଏଠାରେ କେବଳ ବୁଣ୍ଟ କିମ୍ବା ମକ୍କା ଭଳି ଚାଖଣା ବିକ୍ରି କରାଯାଉଛି। ସେହିପରି ଏହି ସ୍ଥାନରେ ରାତି ୧୨ ପର୍ଯ୍ୟନ୍ତ ମଦ ଉପଲବ୍ଧ ରହୁଛି। ଯାହା ଭୁବନେଶ୍ୱରବାସୀଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ଅଭ୍ୟାସ କରାଇବାକୁ ଯଥେଷ୍ଟ।

ରାଜଧାନୀରେ ରସୁଲଗଡ଼ ଛକରେ ମଦ ବିକ୍ରିର ଲାଇସେନ୍ସ ପାଇଥିବା ପ୍ରତ୍ୟେକ ବାର ଏବଂ ହୋଟେଲ ବେଫିକର ଭାବେ ଠିପି ବନ୍ଦ ମଦ ବ୍ୟବସାୟ କରୁଛନ୍ତି। ଦିନଟିଏ ବି ଏମାନଙ୍କୁ ରୋକିବାକୁ ଅବକାରୀ ବିଭାଗ ଆସୁଥିବା ନେଇ କେହି କେବେ ଦେଖି ନାହାନ୍ତି। ରାଜଧାନୀର ରସୁଲଗଡ଼, ଖଣ୍ଡଗିରି, ପୁରୀ ବାଇପାସ ଅଞ୍ଚଳରେ ଥିବା ବିଭିନ୍ନ ହୋଟେଲରେ ମଦ ବିକ୍ରି ହେଉଛି। କଣ ପାଇଁ ବେଆଇନ୍ ଭାବେ ଏଭଳି ମଦ ବିକ୍ରି କରାଯାଉଛି ବୋଲି ପଚାରିବାରୁ ସବୁବେଳେ ଗୋଟିଏ ଉତ୍ତର ମିଳୁଛି ଅବକାରୀ ବିଭାଗ ପାଖରେ କର୍ମଚାରୀ ଅଭାବ। ଏଣୁ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ପାରୁନି। ତେବେ ଯଦି କର୍ମଚାରୀ ଅଭାବ ତେବେ ହୋଟେଲ ଏବଂ ରେସ୍ତୋରାଁକୁ ନୂତନ ଅନୁମତି କଣ ପାଇଁ ଦିଆଯାଉଛି। ଅବକାରୀ ବିଭାଗ ରାଜ୍ୟରେ ସବୁଠାରୁ ଅଧିକ ରାଜସ୍ୱ ଯୋଗାଡ଼ କରୁଛି। ହେଲେ ଏହି ବିଭାଗରେ ଅବକାରୀ ନୀତିକୁ କାଡାକଡି ଭାବେ ପାଳନ କରିବାକୁ କର୍ମଚାରୀ ନାହାନ୍ତି କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି।



■ ୬ ଗାଁକୁ ରାଜସ୍ୱ ଗ୍ରାମ ଘୋଷଣା ଦାବି

# ଜିଲ୍ଲାପାଳଙ୍କୁ ଭେଟିଲେ ପ୍ରତିନିଧି ଦଳ

**କୋକସରା, ୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡାଗୁଡା ପଞ୍ଚାୟତର ୬ଟି ପଡ଼ା ଗ୍ରାମ ତାଲାଗାଁ, ଦାବ୍ରିଗୁଡା, ବାବେକୋହରା, ଭାଲିଆଯୋର,



ସର୍ଗିଗୁଡା ଓ ରଏନଗୁଡାକୁ ରାଜସ୍ୱ ବିଭାଗ ପକ୍ଷରୁ ରାଜସ୍ୱ ଗ୍ରାମ ଭାବେ ଅନୁମୋଦନ ମିଳି ସାରିଛି। ତେବେ ଆଜି ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ କିମ୍ବା ରାଜସ୍ୱ ବିଭାଗର ଅବହେଳା କାରଣରୁ ରାଜସ୍ୱ ଗ୍ରାମ ଘୋଷଣା କରାଯାଇନାହିଁ। ଏନେଇ ଏହି ୬ ଗ୍ରାମର ଲୋକେ ଅନେକ ସମୟରେ କୋକସରା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିବା ସ୍ୱତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ରାଜସ୍ୱ ଗ୍ରାମ ଘୋଷଣା ନ ହେବା କାରଣରୁ ୬ ପଡ଼ା ଗ୍ରାମଲୋକେ ବିଭିନ୍ନ ସରକାରୀ ଯୋଜନାରେ ନିଜକୁ ଅନ୍ତର୍ଭୁକ୍ତ କରି ପାରୁନାହାନ୍ତି। ଏନେଇ ସୋମବାର ୬ ଖଣ୍ଡ ଗାଁର ଏକ ପ୍ରତିନିଧି ଦଳ କଳାହାଣ୍ଡି ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇ ଶୀଘ୍ର ରାଜସ୍ୱ ବିଭାଗ ଦ୍ୱାରା ଅନୁମୋଦନ ହୋଇଥିବା ୬ ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା କରିବା ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳରେ ଭଜମାନ ନାଏକ, ପରକ୍ଷୀତ ବେଶ୍ରା, କୃଷ୍ଣ ନାଏକ, ଉଦ୍ଧବ ନାଏକ, ଡମ୍ବରୁ ଧଙ୍ଗଡ଼ା ମାଝୀ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

କଳାହାଣ୍ଡି ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

# ୧୭ ଅଭିଯୋଗର ତୁରନ୍ତ ସମାଧାନ

**ଭବାନୀପାଟଣା, ୧।୧୨(ସମିସ)**

କଳାହାଣ୍ଡି ଜିଲ୍ଲାସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି।ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବାରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୨୩ ଟି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥିମଧ୍ୟରୁ ବ୍ୟକ୍ତିଗତ ୯୨ଟି ଓ ସାମୂହିକ ୧୮ ଟି ରହିଥିବା ବେଳେ ୧୭ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୨ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ଜଣଙ୍କୁ ରେଡ୍‌କ୍ରସ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଶିବିରରେ ରାସ୍ତା ଘାଟ, ଭତ୍ତା, ପାନୀୟଜଳ, ଜମିବିବାଦ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଶିଶୁ ସୁରକ୍ଷା, ଶ୍ରମ, ପୂର୍ତ୍ତ ଜଙ୍ଗଲ, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡ଼ା, ଉପଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ନିହାରେନ୍ଦ୍ର ପଣ୍ଡା, ମୁଖ୍ୟ ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ସୁଜାତା ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ସହନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

ବିଧାୟକ ଓ ଜୋନ୍ ସଭାପତିଙ୍କୁ ଆକ୍ରମଣ ଘଟଣା

# କଂଗ୍ରେସ ପକ୍ଷରୁ ପ୍ରତିବାଦ ସଭା

**କେସିଙ୍ଗା, ୧।୧୨(ସମିସ):** ଗତ ସପ୍ତାହରେ କେସିଙ୍ଗା ବ୍ଲକ ଦେପୁର ଜୋନ କଂଗ୍ରେସ ସଭାପତି ଦେବାନନ୍ଦ ଯୋଶୀଙ୍କୁ କିଛି ଦୁର୍ବୃତ୍ତ ଆକ୍ରମଣ କରି ଜୀବନରୁ ମାରିଦେବା ପାଇଁ ଧମକ ଚମକ ଦେବା ସହିତ ସଭାପତିଙ୍କ ମାଧ୍ୟମରେ ସଦର ବିଧାୟକ ସାଗରଚରଣ ଦାସଙ୍କୁ ମଧ୍ୟ ହତ୍ୟା ଧମକ ଘଟଣା ସାରା ଜିଲ୍ଲାରେ ଚହଳ ପକାଇଛି। ହେଲେ ଆଜି ପର୍ଯ୍ୟନ୍ତ ପୁଲିସ ଧମକ ଦେଇ ଥିବା ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହୋଇଛି। ପୁଲିସ ବିଫଳତାକୁ ନେଇ ସୋମବାର ଦିନ କେସିଙ୍ଗା କଂଗ୍ରେସ



ପକ୍ଷରୁ ଟାଉନ ସଭାପତି ସୁଭାଷ ଜୈନ ଓ କେସିଙ୍ଗା ବ୍ଲକ କଂଗ୍ରେସ ସଭାପତି ରାହାସ ସାହୁଙ୍କ ଆହ୍ୱାନକ୍ରମେ ଅଞ୍ଚଳର ପୁରୁଖା କଂଗ୍ରେସ କର୍ମୀ ଉପସ୍ଥିତିରେ ସ୍ଥାନୀୟ ରାଜୀବ ଗାନ୍ଧି ଛକ ପୁରୁଣା ଷ୍ଟେଟବ୍ୟାଙ୍କ ଅଫିସ ପାଖରେ ପ୍ରତିବାଦ ସଭା ଆୟୋଜନ କରାଯାଇ ଘଟଣାକୁ ତୀବ୍ର ନିନ୍ଦା କରାଯିବା ସହ ଘଟଣାରେ ଜଡ଼ିତ ସମସ୍ତ ଅଭିଯୁକ୍ତଙ୍କୁ ଯଥା ଶୀଘ୍ର ଗିରଫ ଦାବି କରାଯାଇଥିଲା।ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାନଗଲେ ଆଗାମୀ ଦିନରେ କଂଗ୍ରେସ ଦଳ ପକ୍ଷରୁ ବହୁତ ବଡ ଆନ୍ଦୋଳନ କରାଯିବ ବୋଲି ଉପସ୍ଥିତ କଂଗ୍ରେସ ନେତାମାନେ ଚେତାବନୀ ଦେଇଛନ୍ତି। ପ୍ରତିବାଦ ସଭାରେ ଜିଲ୍ଲା କଂଗ୍ରେସ ସଭାପତି ଜଳନ୍ଧର ନାଏକ, ପୂର୍ବତନ ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ, ସଦର ବ୍ଲକ ସଭାପତି ସୁଭାଷ ପ୍ରଧାନ, ଜିଲ୍ଲା ୟୁଥ୍ ସଭାପତି ସାହେବ ବାବୁ, ଜୋର୍ସ୍ନା ବଗର୍ତ୍ତି, ଦଳର ବରିଷ୍ଠ ନେତା ମହେନ୍ଦ୍ର ନାଏକ, ଯୁବନେତା ବିଜୟ ଦୀପ, ଦୟାସାଗର ସାହା, ଜଗଦୀଶ ଅଗ୍ରୱାଲ, ରାଜ କୁମାର ସରାଫ, ରାମଲାଲ ସୁନାନୀ, ଧରଣୀଧର ନାଏକ, ସୁବାସ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଜିଲ୍ଲା ଏସ୍‌ପିଙ୍କୁ କେସିଙ୍ଗା ଥାନା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ପଲାସ ସରପଞ୍ଚଙ୍କୁ ମାଡ଼ ଅଭିଯୋଗ, ଥାନାରେ ମାମଲା

**ଜୁନାଗଡ଼, ୧।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ପଲାସ ପଞ୍ଚାୟତର ସରପଞ୍ଚ ପ୍ରଭାକର ସେଠିଙ୍କୁ ସେହି ପଞ୍ଚାୟତର ମଥୁରା ଗ୍ରାମର କିଛି ଯୁବକ ମାଡ଼ମାରି ଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସରପଞ୍ଚ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜୁନାଗଡ଼ ପୁଲିସ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି। ସୂଚନା ମତେ ପଲାସ ସରପଞ୍ଚ ପ୍ରଭାକର ସେଠି କୌଣସି କାମରେ ମହିଚଳା ଗ୍ରାମକୁ ଯାଉଥିବା ବେଳେ ଗୌଡ଼ ସର୍ଗିଗୁଡା ଛକ ନିକଟରେ ମଥୁରା ଗ୍ରାମର କିଛି ଯୁବକ ଜବରଦସ୍ତି ଅଟକାଇ ବାଇକ୍‌ରେ ଆଣି ମଥୁରା ଢ଼ାବା ନିକଟରେ ଓହ୍ଲାଇ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ସଂଘବଦ୍ଧ ହୋଇ ମାଡ଼ ମାରିଥିଲେ।ଏ ସଂକ୍ରାନ୍ତରେ ଜୁନାଗଡ଼ ଥାନା ରେ ସରପଞ୍ଚ ସେଠିଙ୍କ ତରଫରୁ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଜୁନାଗଡ଼ ପୋଲିସ ଭାରତୀୟ ନ୍ୟାୟ ସଂହିତା ଦଫା ୧୨୬/୨, ୨୯୬, ୧୧୫/୨, ୩୫୧/୨, ୩/୫ଏଟ୍ରୋସିଟି ଆକ୍ଟ ୩/୧ଆର, ୩/୧ଏସ, ୩/୨ଭି ଏ ରେ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଚାଲୁ ରଖିଛି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ପକ୍ଷରୁ ଏକ ପାଲଟା ଅଭିଯୋଗ କରିଥିବା ଜୁନାଗଡ଼ ଥାନା ଅଧିକାରୀ ଶେଷଦେବ ବେହେରା ପ୍ରକାଶ କରିଛନ୍ତି। ଅଭିଯୋଗକାରି ଜଣେ ନିର୍ବାଚିତ ଜନପ୍ରତିନିଧି ହୋଇଥିବା ବେଳେ ନିକଟରେ ମଧ୍ୟ ସଦର ବିଧାୟକଙ୍କୁ ମଧ୍ୟ ହତ୍ୟା ଧମକ ହୋଇଥିବା ଅଭିଯୋଗ ହୋଇଥିଲା। ଯାହା ଫଳରେ କଳାହାଣ୍ଡିରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ଆଙ୍ଗୁଳି ନିର୍ଦ୍ଦେଶ ହେଉଛି। ଘଟଣା ପ୍ରତି ଜିଲ୍ଲା ପୁଲିସ ପ୍ରଶାସନ ଯତ୍ନବାନ ହେବାକୁ ଦାବି ହେଉଛି।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ଅଭିଯୋଗଶୁଣାଣି ଶିବିର

**ନୂଆପଡ଼ା, ୧।୧୨ (ସମିସ):** ନୂଆପଡ଼ା ମୁଖ୍ୟାଳୟ ସଭାବନାସଭା ଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂହଙ୍କ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୬୫ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି। ୪୮ ଟି



ବ୍ୟକ୍ତିଗତ ଏବଂ ୧୭ଟି ସାମୂହିକ ଅଭିଯୋଗ ଥିଲା।ଅଭିଯୋଗ ଉପରେ ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଦୁଇ ଜଣ ଅସହାୟଙ୍କୁ ରେଡକ୍ରସ ପାଣ୍ଠିରୁ ତତ୍କାଳ ସହାୟତା ଯୋଗାଇ ଦିଆଯାଇଥିଲା। ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହିତ ବନଖଣ୍ଡ ଅଧିକାରୀ ଖଡିଆଳ ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁଜୁର, ଜିଲ୍ଲା ମୂଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ବିଡ଼ିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ରଞ୍ଜନ ସାହୁ, ଡେପୁଟି କଲେକ୍ଟର ଚିନ୍ମୟ ସାଗର, ଶେଖ ନସିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଅଭିଯୋଗ ଶିବିର ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ହୋଇଥିଲା।ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବର୍ଦ୍ଧିତ ଜନଶୁଣାଣି ହୋଇଥିବା ସାରାବଙ୍ଗ ଗାଁରେ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ପ୍ରାଣୀ ଚିକିତ୍ସା ଶିବିର ମଧ୍ୟ ଆୟୋଜନ କରାଯାଇଥିଲା।

କେସିଙ୍ଗା କପ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

# ଉକ୍ରେଲାକୁ ହରାଇ ବୋରିଆ ଚାମ୍ପିଅନ

**କେସିଙ୍ଗା, ୧।୧୨ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାର ଜେବିଆର କ୍ରିକେଟ ଟିମ୍ ତରଫରୁ କେସିଙ୍ଗା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଇତି ମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳରେ ବୋରିଆ ଦଳ ଟସ ଜିତି ୧୮୯ ରନ କରିଥିଲା ଏବଂ ଉକ୍ରେଲା ଦଳ ୧୪୩ ରନ କରି ଅଲଆଉଟ ହୋଇଥିଲେ।




ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଜେପି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼, ସମ୍ମାନିତ ଅତିଥି ଭାବରେ କେସିଙ୍ଗା ଏନ୍‌ଏସି ପୂର୍ବତନ ଭାଇସ ଚେୟାରମ୍ୟାନ ଗୋବିନ୍ଦ ବନଛୋର, ଲଇତରା ସରପଞ୍ଚ ଅଶୋକ ପୋଢ଼, ଉକ୍ରେଲା ସମାଜ ପ୍ରତିନିଧି ଅର୍ଜୁନ ପୋଢ଼ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜେତା ଦଳ ବୋରିଆକୁ ୫୦ହଜାର ଟଙ୍କା ସହ ଟ୍ରଫି ଓ ଉପ ବିଜେତା ଉକ୍ରେଲା ଦଳକୁ ୩୦ହଜାର ସହ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

# ସର୍ଟ ସର୍କିଟ୍‌ରୁ ଘର ସହ ଆସବାବପତ୍ର ଜଳିଗଲା

**କୋକସରା, ୧।୧୨(ସମିସ):** ସର୍ଟ ସର୍କିଟ ହୋଇ କୋକସରା ବ୍ଲକ ଡହଗାଁ ପଞ୍ଚାୟତ ନୂଆଗୁଡା ଗ୍ରାମର ନିତ୍ୟାନନ୍ଦ ବନ୍ଧୀଛୋଡଙ୍କ ଘରେ ସୋମବାର ବିଦ୍ୟୁତ୍ ସର୍ଟ ସର୍କିଟ ହୋଇ ନିଆଁ ଲାଗି ଯାଇଛି। ଫଳରେ ଆସବାବପତ୍ର ସହ ଘରେ ଥିବା ଧାନ, ଚାଉଳ, ଓ ୨୫ ବାସ୍ତା ସିମେଣ୍ଟ ଜଳି ନଷ୍ଟ ହୋଇଯାଇଛି। କୌଣସି କାରଣ ବଶତଃ ବିଦ୍ୟୁତ୍ ସର୍ଟ ସର୍କିଟ ହୋଇଥିଲା। ଏଥିଯୋଗୁଁ ନିତ୍ୟନନ୍ଦ ବନ୍ଧୀଛୋଡଙ୍କ ଘର ଜଳି ବିଭିନ୍ନ ଘରୋଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜଳି ନଷ୍ଟ ହୋଇଯାଇଛି। କୋକସରା ଅଗ୍ନିଶମ ବିଭାଗ ଖବର ଦେବା ପରେ ଅଗ୍ନିଶମ ବିଭାଗର ଓଆସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଛନ୍ତି। ଫଳରେ ପରିବାରର ସମସ୍ତ ସଦସ୍ୟ ସୁରକ୍ଷିତ ଥିବା ଜଣାପଡ଼ିଛି।ତେବେ ଘରେ ନିଆଁ ଲାଗିବା ପରେ ପରିବାର ବେସାହାରା ହୋଇ ପଡ଼ିଛନ୍ତି। ନିତ୍ୟାନନ୍ଦ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବା ବେଳେ ଶୀଘ୍ର ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ବିଶ୍ୱ ଏଡ୍‌ସ ଦିବସ

# ଏଡ୍‌ସ ମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ଆଗେଇ ଆସନ୍ତୁ













**ଭବାନୀପାଟଣା, ୧।୧୨ (ସମିସ)**

କଳାହାଣ୍ଡି ଜିଲ୍ଲାସ୍ତରୀୟ ବିଶ୍ୱ ଏଡସ୍ ଦିବସ ସ୍ଥାନୀୟ ଟାଉନ ହଲ ଭବାନୀପାଟଣାରେ ପାଳିତ ହୋଇଯାଇଛି। ଓଏସ୍‌ଏସିଏସ୍ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ବେଦାନ୍ତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରୁ ଟାଉନ ହଲ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ହୋଇଥିଲା।ପରେ ଟାଉନହଲ ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ନିହାରେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ ଡଃ. ଉମେଶ ଚନ୍ଦ୍ର ଶତପଥୀ, ସମ୍ମାନିତ ଅତିଥିଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କହଁର, ବେଦାନ୍ତ ପ୍ରକଳ୍ପର ମୁଖ୍ୟ ପ୍ରତିକ କୁମାର, ବେଦାନ୍ତର ସୁରକ୍ଷା ଓ ପ୍ରଶାସନ ମୁଖ୍ୟ ଦେବାଶିଷ ଦତ୍ତ, ବେଦାନ୍ତର ଅଧିକାରୀ ଦିଲ୍ଲୀପ ପ୍ରଜାପତି, ଡିପିଏମ୍ (ଏନ୍‌ଏଚଏମ୍) ଦିଲୀପ ଦୁବେ, ଡିପିଏଚସିଓ ଧର୍ମେନ୍ଦ୍ର ତାଣ୍ଡି ପ୍ରମୁଖ ଯୋଗଦେଇ ଏଡସ୍ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଡସ୍ ରୋଗର କାରଣ ଓ ଏହାର ନିରାକରଣ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପଣ୍ଡା, ମୁଖ୍ୟବକ୍ତା ଡଃ. ଶତପଥି ଅବଗତ କରାଇଥିଲେ। ବିଶେଷ କରି ଛାତ୍ରଛାତ୍ରୀ, ଯୁବପିଢ଼ି ଏଡସ୍ ସମ୍ପର୍କରେ ଅଧିକ ସଚେତନ ହୋଇ ନିଜକୁ ସୁସ୍ଥ ଓ ସୁରକ୍ଷିତ ରଖିବା ସହିତ ଏଡସ୍ ମୁକ୍ତ ସମାଜ ଗଠନ ଦିଗରେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ।।ଏଡସ୍ ସଚେତନତା ସମ୍ବନ୍ଧୀୟ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଏଏନ୍‌ଏମ୍ କଲେଜ, ଅନ୍ୟାନ୍ୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ବିଭାଗୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆଇସିଟିସି.ର ପରାମର୍ଶ ଦାତା ରାମଚନ୍ଦ୍ର ବସନ୍ତିଆ ପରିଚାଳନା କରିଥିଲା ବେଳେ ଡିଆଇଏସ. ସୁରେଶ ଚନ୍ଦ୍ର ସାହୁ ସହଯୋଗ କରିଥିଲେ। ଶେଷରେ ମାନସ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କାଣ୍ଡେଲ ଆରୋଗ୍ୟ ମନ୍ଦିର ଓ ଯୁକ୍ତ ଦୁଇ ମହାବିଦ୍ୟାଳୟ

**କେସିଙ୍ଗା:** ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପରିଚାଳିତ ଟି ଆଇ ପ୍ରୋଜେକ୍ଟ କେସିଙ୍ଗା, ଆରୋଗ୍ୟ ମନ୍ଦିର ଓ ଯୁକ୍ତ ଦୁଇ ମହାବିଦ୍ୟାଳୟ




କାଣ୍ଡେଲର ସହଯୋଗିତାରେ କାଣ୍ଡଲ ହାଇସ୍କୁଲରେ ବିଶ୍ୱ ଏଡସ ଦିବସ ପାଳନ ହୋଇଯାଇଛି। ଯୁକ୍ତ ଦୁଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଙ୍କୁ ନେଇ ଶୋଭାଯାତ୍ରା କରାଯାଇଥିଲା ଓ ପରେ ସଭା କାର୍ଯ୍ୟ କରାଯାଇଥିଲା।ସଭାରେ ଆରୋଗ୍ୟ ମନ୍ଦିର କାଣ୍ଡେଲର ଡ. ହରେକୃଷ୍ଣ ଧଳ, ଡ଼.ପ୍ରଣତି କଂଶରାଡି, ଏଏନଏମ୍ ଆଶଲତା ହୋତା ଓ ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟାପକ ଉପେନ୍ଦ୍ର ଭୋଇ, ଟିଆଇ ଯୋଜନାର ପ୍ରୋଗ୍ରାମ ମେନେଜର ଶୁକଦେବ ଭୋଇ ଅତିଥି ରୂପେ ଯୋଗଦେଇ ଏଚଆଇଭି ଏଡ୍‌ସକୁ ନେଇ ସଚେତନ ବାର୍ତ୍ତା ଦେଇଥିଲେ। କଲେଜ୍ ଛାତ୍ରଛାତ୍ରୀଙ୍କୁ ନେଇ କୁଇଜ ଓ ଟାର୍ଗେଟ ଗ୍ରୁପଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରା ଯାଇଥିଲା। ହାଇସ୍କୁଲ ଶିକ୍ଷକ ହେମନ୍ତ ମାଝୀ, ଟିଆଇର ଭି, ମୁରଲୀ କ୍ରିଷ୍ଣା କବିତା ତାଣ୍ଡି, ଅନୁରାଧା, ବର୍ଷା, ଡମ୍ବରୁ, ବଦ୍ୟ, କାଉନସିଲର କ୍ଷିରସିନ୍ଧୁ ରଣା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଓଆରଡବ୍ଲୁ କମ୍ପପାଣି ବାଗ ପରିଚାଳନା କରିଥିଲେ।

## ନ୍ୟାସନାଲ କଲେଜ

**ନୂଆପଡ଼ା:** ନୂଆପଡ଼ା ଜିଲ୍ଲା ନ୍ୟାସନାଲ ମହାବିଦ୍ୟାଳୟରେ ଯୁବ ରେଡ଼କ୍ରସ, ରେଡ଼ ରିବନ କ୍ଲବ୍ ଓ ରାଷ୍ଟ୍ରୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡ଼ସ ଦିବସ ପାଳିତ ହୋଇଯାଇଛି।ଜିଲ୍ଲା ଯୁବରେଡ଼କ୍ରସ ଆବାହକ-ସମ୍ପାଦକ ଶିବ ପ୍ରସାଦ ସା, ଯୁବ ରେଡ଼କ୍ରସ ପରାମର୍ଶ ଦାତା ବୈକୁଣ୍ଠ ବେହେରା, ଜାତୀୟ ସେବା ଯୋଜନା ଅଧିକାରୀ ହେମାଳ ସାଙ୍କ ନେତୃତ୍ୱରେ ସଚେତନତା ଶୋଭାଯାତ୍ରା ପରିକ୍ରମା କରି ଲୋକଙ୍କୁ ଗ୍ରାମବାସୀଙ୍କୁ ଏଡ଼ସ ବିଷୟରେ ସଚେତନ କରାଇଥିଲେ।ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ହିତେଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖରିଆରରୋଡ଼ ସ୍ୱାସ୍ଥ୍ୟକେନ୍ଦ୍ରର ଏଡ଼ସ କାଉନସିଲର ବସନ୍ତ ଓଝା ମୁଖ୍ୟବକ୍ତା, ଅଧ୍ୟପକ ବୈଦ୍ୟନାଥ ଗଡ଼ତିଆ ଓ ମମତା ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପକ ଶିବ ପ୍ରସାଦ ସା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ବୈକୁଣ୍ଠ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଷ୍ଟ୍ରୀୟ ସେବା ଯୋଜନା ଅଧିକାରୀ ହେମାଳ ସା ଉପସ୍ଥିତ ଅତିଥି ଓ ସ୍ୱେଚ୍ଛାସେବୀଙ୍କୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଶୁକଦେବ ଭିଲ, ଗୋପୀଗୋପାଳ ସୁନା, ହିମାଚଳ ନାଏକ, ପ୍ରକାଶ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଲଖିରାମ ଅଗ୍ରୱାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟ

**ଧର୍ମଗଡ଼:** ଧର୍ମଗଡ଼ ବ୍ଲକ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବେହେରା ଯୁବ ରେଡକ୍ରସ୍ ଓ ରେଡ ରିବନ କ୍ଲବ୍ ଆନୁକୂଲ୍ୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ସଚେତନତା ଶୋଭାଯାତ୍ରା ପରିକ୍ରମା କରି ଏଡ଼ସ ବିଷୟରେ ସଚେତନ ସୃଷ୍ଟି କରାଯାଇଥିଲା। ଅଧକ୍ଷ ନିର୍ମଳ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅଧ୍ୟାପକ ରଞ୍ଜନ କୁମାର ପଣ୍ଡା, ଅକ୍ଷୟ କୁମାର ପଟ୍ଟନାୟ, ନିକୁଞ୍ଜ ବିହାରୀ ସାହୁ, ସୁରେନ୍ଦ୍ର କୁମାର ସାହୁ, ଫକିର ଚଣ୍ଡି ମଞ୍ଚାସିନ ଥିଲେ। ଯୁବ ରେଡକ୍ରସ୍ ତଥା ରେଡ ରିବନ କ୍ଲବ ପରାମର୍ଶଦାତା ମୋହନ ଚରଣ ବିଷିଙ୍କ ତତ୍ୱାବଧାନରେ ଟୁଲେନ୍ଦ୍ରି ବାରିକ, ଲବନୀ ଖମାରୀ, ଲିନା ତାଙ୍କର, ସୀମା ନାଏକ, ଦୁବିତା ଗୋପାଳ, ଦୌପଦୀ ଗୋପାଳ, ତରୁଣୀ ଛତ୍ରିଆ, ତପସ୍ୱିନୀ ଜାଲ ଏଡସ୍ ସମ୍ପର୍କିତ ବିଭିନ୍ନ ବିଷୟରେ ନିବନ୍ଧ ଉପସ୍ଥାପନା କରିଥିଲେ। ଲବଣୀ ଖମାରୀ, ଜୁହିତା ବିଷି, ସୀମା ନାଏକ, ତରୁଣୀ ଛତ୍ରିଆ, ତପସ୍ୱିନୀ ଜାଲ ଏଡସ୍ ସଚେତନତା ଉପରେ ଏକ ନାଟକ ପ୍ରଦର୍ଶନ କରିଥିଲେ।ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଟୁଲେନ୍ଦ୍ରି ବାରିକ ଓ ତରୁଣୀ ଛତ୍ରିଆ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଅଶୋକ ଚଣ୍ଡି ଓ ସାନୁର୍ଯ୍ୟ ଗୋପାଳ ସହଯୋଗ କରିଥିଲେ।

## କୋମନା +୨ କଲେଜ

**କୋମନା:** ନୂଆପଡ଼ା ଜିଲ୍ଲା କୋମନା ସଦରସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡ଼ସ୍ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଡ. ଦୀପକ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଡାକ୍ତର ସୋମ୍ ପ୍ରକାଶ ମିଶ୍ର, ଡ. ଶ୍ରୀତମ୍ ସାହୁ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ରୂପେ ଅଧ୍ୟାପକ ବଚନ ଭୋଇ, ନାରାୟଣ ମିଶ୍ର, ଆଧ୍ୟାପିକା ପ୍ରୀତିବନ୍ୟା ପାଢ଼ୀ, ସୁଜାତା ବନଗୋଲା, ଅର୍ଚ୍ଚନା ନାଏକ୍ ଯୋଗଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରଷ୍କୃତ କରାଗଲା। କାର୍ଯ୍ୟକ୍ରମକୁ ରେଡକ୍ରସ୍ ଯୁବ କାଉନ୍‌ସେଲର୍ ଅଧ୍ୟାପକ ଅଶ୍ୱିନୀ ଓତା ସଂଯୋଜନା ଓ ପରିଚାଳନା କରିଥିଲେ। ଶେଷରେ ସ୍ୱେଚ୍ଛାସେବୀଙ୍କୁ ନେଇ ସଚେତନତା ଶୋଭାଯାତ୍ରା ହୋଇଥିଲା।

## ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ

**ଭବାନୀପାଟଣା:** ସ୍ଥାନୀୟ ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ସିସି, ଏନ୍‌ଏସ୍‌ଏସ୍, ୟୁଥ୍ ରେଡ୍‌କ୍ରସ୍ ଓ ଅନେକ ଛାତ୍ରଛାତ୍ରୀ ଭାଗନେଇଥିଲେ।କାର୍ଯ୍ୟକ୍ରମରେ ଅଧ୍ୟାପକ ସୁଶାନ୍ତ କୁମାର ଦାଶ, ପୁରୀତ ରଣା, ଫାଲଗୁନି ପ୍ରଧାନୀ, ମିନକେତନ ସାହୁ, ମିକୁମିକ୍ସ ନିଆଲ, ମନ୍ଦାକିନି ପ୍ରଧାନ, ମାନସ ଠାକୁର, ନାଜନିନ ସୁଲତାନା, ଅନୁକୁଲ ସାହାଣି, ଦୀନବନ୍ଧୁ ନାଗ, ସୁନିଲ କୁମାର ଗହିର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଉତ୍ତମ ସ୍ୱାସ୍ଥ୍ୟ ଓ ଶୃଙ୍ଖଳିତ ଜୀବନଯାପନ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ।ଶେଷରେ ଏନ୍‌ସିସି ଅଫିସର୍ ଅଧ୍ୟାପକ ସୁଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## କେସିଙ୍ଗା ମହାବିଦ୍ୟାଳୟ

**କେସିଙ୍ଗା:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ମହାବିଦ୍ୟାଳୟରେ ଏଡସ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିସରରେ ଅଧକ୍ଷ ସୁଶାନ୍ତ କୁମାର ପାଢ଼ୀଙ୍କ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡକ୍ରସ ଏବଂ ରେଡ ରିବନ ସେଲ୍‌ଫ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷ ଏଡସ ରୋଗର ଭୟଭିୟତା ଓ ଏହାର ନିରାକରଣ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବରେ ଡାକ୍ତର ଝାସକେତନ୍ ସାହୁ ଯୋଗ ଦେଇ ଏଡସ କେମିତି ହୁଏ, କାହିଁକି ହୁଏ ଏବଂ ଏହି ରୋଗରୁ କିପରି ରକ୍ଷା ମିଳିବ ବୁଝାଇଥିଲେ।ମହାବିଦ୍ୟାଳୟ ର ବରିଷ୍ଠ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପଟ୍ଟନାୟକ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଏଡସ ସମ୍ପର୍କରେ ଉଦବୋଧନ ଦେଇଥିଲେ। ୟୁଥ୍ ରେଡକ୍ରସ୍ ଏବଂ ରେଡ ରିବନ୍ ସେଲ କାଉନସିଲର ଅଧ୍ୟାପକ ରାଇ ମୋହନ ମାଝୀ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ଅଧ୍ୟାପକ ଉମେଶ ଚନ୍ଦ୍ର ବାରିକ ମଞ୍ଚ ପରିଚାଳନା କରିଥିଲେ।ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବିଭିନ୍ନ ସ୍ଥାନରେ ବିଶ୍ୱ ଏଡ୍‌ସ ଦିବସ

# 'ସ୍ୱାସ୍ଥ୍ୟର ବିକାଶରେ ଦେଶର ବିକାଶ'




ବଲାଙ୍ଗିର,୧।୧୨(ସମିସ) : ବଲାଙ୍ଗିର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ଆନୁକୂଲ୍ୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭା କାର୍ଯ୍ୟକ୍ରମରେ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଔଷଧ ଚିକିତ୍ସା ବିଶେଷଜ୍ଞ ଡାକ୍ତର ତ୍ରିବିକ୍ରମ ରାୟ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ଏହି ଅବସରରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରାଚୀ ମେହେର, ସୀତା ସତନମୀ, ଅଲିଶା ପଟେଲ, ପ୍ରବନ୍ଧ ଲିଖନରେ ଶୁଭଶ୍ରୀ ପଟେଲ, ପ୍ରିୟାଶ୍ରୀ ପଟେଲ, ଦୀପା ପଟେଲ, କବିତା ଲିଖନରେ ଗାୟତ୍ରୀ ସାହୁ, ମନୋଜ ଭୋଇ, ଅଶୋକ କନ୍ଧେର, ବକ୍ତୃତାରେ ସୁକେଶ ପଟେଲ, ମୋହନ ପଣ୍ଡା, ରମା ନାଗ ଓ କୁଇଜରେ ତନ୍ମୟ ସା, ଅମିଶା ନାଏକ, ସୁମିତ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସଭାକୁ ୟୁଥ୍ ରେଡକ୍ରସର ସଂଯୋଜକ ଡ. ଲିଙ୍ଗରାଜ ମେହେର ସଂଯୋଜନା କରିଥିବାବେଳେ ଅନ୍ୟତମ ସଂଯୋଜକ ରୁପେଶ କୁମାର ଷାଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଏଡସ୍ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଯୁକ୍ତ ଦୁଇ ଓ ଯୁକ୍ତ ତିନି ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଆଇ.କ୍ୟୁ.ଏସିର ସଂଯୋଜକ ଦୈତାରି ଶବର, ସହ-ସଂଯୋଜକ ନୀଳାମ୍ବର ବାରିକ ଓ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

### ● ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ

**ମୁରିବାହାଲ :** ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଯୁବରେଡକ୍ରସ ତରଫରୁ ଅଧ୍ୟାପକ ଦିଲୀପ କୁମାର ପଶାୟତଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଛି। ଏହି ଅବସରରେ ଡ.ସନ୍ଦୀପ ଚକ୍ରା, ଡ଼. ରଶ୍ମୀରେଖା ଟାଳି, ଡ.ସିପ୍ରା ରାଣୀ ସାହୁ, ଡ଼ ରାଜେଶ କୁମାର ଅଗ୍ରୱାଲ, ଅଧ୍ୟାପକ ଗୁଣସାଗର ମେହେର, ପ୍ରମୁଖ ମଞ୍ଚାସିନ ଥିଲେ। ମଞ୍ଚାସିନ ଅତିଥି ବୃନ୍ଦ ସଚେତନ ବାର୍ତ୍ତା ପଦାନ କରି ଛାତ୍ରଛାତ୍ରୀଙ୍କୁ ସ୍ୱାସ୍ଥ୍ୟର ବିକାଶରେ ଦେଶର ବିକାଶ କଥା କହିବା ସହିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏଥିରେ ଅଧ୍ୟାପକ ଛନ୍ଦାଚରଣ ଖୁଣ୍ଟିଆ, ପ୍ରେମଚାନ୍ଦ ତାଣ୍ଡି, ଫାଲଗୁନି ଦାସ, ପର୍ଶୁରାମ ବାଗ, ବାସୁଦେବ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ରେଡ୍‌କ୍ରସ କାଉନସିଲର ଅଧ୍ୟାପକ ଘନଶ୍ୟାମ ଖମାରୀ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ଭିଙ୍ଗରାଜ ରଣା ଧନ୍ୟବାଦ ଅର୍ପଣ କରିଥିଲେ।




**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଅଧୀନ କୁତୁର୍ଲା ଧୃବାନନ୍ଦ କଲେଜରେ ସୋମବାର ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଅଧ୍ୟାପକ ହେମନ୍ତ କୁମାର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷ ପ୍ରମୋଦ କୁମାର ବଡ଼ପଣ୍ଡା ଯୋଗଦେଇ ଏଡସ ରୋଗର ଭୟାବହତା ତଥା ନିରାକରଣ ଉପରେ ବକ୍ତବ୍ୟ ରଖିଥିଲେ।



ମୁଖ୍ୟ ବକ୍ତା ଭାବେ ପୂର୍ବତନ ରେଡକ୍ରସ କାଉନସିଲର ବିଜୟ କୁମାର ଜାଲ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ବଳରାମ ପଧାନ, ମଙ୍ଗଳ ସାହୁ, କ୍ରୀଡ଼ା ଶିକ୍ଷକ ସରୋଜ କୁମାର ନାୟକ ପ୍ରମୁଖ ଯୋଗଦେଇ ଥିଲେ। ସେହିପରି ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ମଧ ବିଶ୍ୱ ଏଡସ୍ ଦିବସ ଓ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଳୟ ରଞ୍ଜନ ରଣାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ. ସୁରେଶ ପ୍ରସାଦ ଷଡ଼ଙ୍ଗୀ ଯୋଗଦେଇଥିଲେ। ଅଧ୍ୟାପିକା କରିଶ୍ମା ସା ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ଯୁକ୍ତ ଦୁଇ କଲେଜରେ ଅଧକ୍ଷ ଉପମନ୍ୟୁ ବାଗଙ୍କ ତତ୍ୱାବଧାନରେ ବିଶ୍ୱ ଏଡସ୍ ଦିବସ ଅବସରରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ତଦୃପ ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ଅଧ୍ୟାପକ ବିଷ୍ଣୁ ଚରଣ ସାହୁଙ୍କୁ ପରିଚାଳନା ଓ ଅଧକ୍ଷ ପୁରୁଷୋତ୍ତମ ମେହେରଙ୍କ ସଭାପତିତ୍ୱରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି।

## ବରିଷ୍ଠ କଳାକାର ଶଙ୍କର ପ୍ରସାଦ ସାହୁଙ୍କ ପରଲୋକ

**ଦେଓଗାଁ,୧।୧୨(ସମିସ):** ଦେଓଗାଁର ବରିଷ୍ଠ କଳାକାର ଶଙ୍କର ପ୍ରସାଦ ସାହୁ (୭୯)ଙ୍କ ସୋମବାର ପରଲୋକ ହୋଇଯାଇଛି। ସେ ମଞ୍ଚ କଳାକାର, ଲେଖକ, କବି, ନାଟ୍ୟକାର ଭାବେ ସୁନାମ ଅର୍ଜନ କରିଥିବାବେଳେ ଜଣେ ଭଗବତପ୍ରେମୀ ଥିଲେ। ତାଙ୍କ ବିୟୋଗରେ ବ୍ଲକ କଳା ସଂସ୍କୃତି ସଂଘ ଉପ-ସଭାପତି ସୁଦାମ ବିଶି ତଥା ଅନ୍ୟମାନେ ଶୋକବ୍ୟକ୍ତ କରିଥିବା ବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକପ୍ରକାଶ ପାଇଛି। ତାଙ୍କ ୨ ପୁତ୍ର ଓ ୫ ଝିଅ ଥିବା ବେଳେ ସୋନଗଡ ନଦୀରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସୌମ୍ୟରଞ୍ଜନ ସାହୁ ମୁଖାଗ୍ନି ଦେଇଥିଲେ।



## ଏଡ୍‌ସ ସଚେତନତା ପଦଯାତ୍ରା

ବଙ୍ଗୋମୁଣ୍ଡା,୧।୧୨(ସମିସ): ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବଙ୍ଗୋମୁଣ୍ଡା ଠାରେ ଯୁବ ରେଡ୍‌କ୍ରସ୍ ବିଭାଗ ଏବଂ ରେଡ୍‌ରିବନ୍ କ୍ଲବ୍ ତରଫରୁ ଏକ ଏଡ୍‌ସ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟିକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ମୀନତି ରଥ, ଲକ୍ଷ୍ମୀନାରାୟଣ ମାରାଣ୍ଡି, ସଞ୍ଜୀବ କୁମାର ପ୍ରଧାନ, ଯୁଗଧର ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀନାରାୟଣ ମାରାଣ୍ଡି ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ରେଡ୍‌କ୍ରସ୍ ବିଭାଗର ସ୍ୱେଚ୍ଛାସେବୀମାନେ ଏଡସ୍ ସମ୍ବନ୍ଧୀୟ ସ୍ଲୋଗାନ୍ ଦେଇ ବଙ୍ଗୋମୁଣ୍ଡା ଅଞ୍ଚଳ ପରିକ୍ରମା କରିଥିଲେ। ଏହି ସଚେତନତା ପଦଯାତ୍ରା କାର୍ଯ୍ୟକ୍ରମକୁ ଯୁବ ରେଡ୍‌କ୍ରସ୍ ବିଭାଗର ସଂଯୋଜକ ଅଧ୍ୟାପକ ରଶ୍ମୀରଞ୍ଜନ ସ୍ୱାଇଁ ପରିଚାଳନା କରିଥିବାବେଳେ ଅଧ୍ୟାପକ ଅକ୍ଷୟ କୁମାର ପ୍ରଧାନ, ନରୋତ୍ତମ ପଣ୍ଡା, ମହମ୍ମଦ ସଲ୍‌ମନ୍ ଖାନ୍, ସାଗର ରଞ୍ଜନ ରଥ, କ୍ଷୀରୋଦ୍ର ରଣା, ମୁରଲୀ ଧର ମେହେର, ସୁନୀତା ଦାସ, ଐଶ୍ୱର୍ଯ୍ୟା ବାରିକ, ଅଭିଲିପ୍ସା ବହିଦାର ଯୁଗଳ କିଶୋର ବେହେରା, ଏବଂ ଅଣଶିକ୍ଷକ କର୍ମଚାରୀ, ସୁଧାଂଶୁ ଶେଖର ପୁଟେଲ୍, ରିଖରାମ ପୁଟେଲ୍, ପବନ ସାହୁ, ମୁରଲୀଧର ପୁଟେଲ୍, କଳ୍ପନା ମେହେର ପ୍ରମୁଖ ସହଯୋଗ କରିଥିଲେ।




## ଦଶାହ କାର୍ଯ୍ୟରୁ ଫେରୁଥିଲେ, ଦୁର୍ଘଟଣାରେ ଚାଲିଗଲା ଜୀବନ

**ମୁରିବାହାଲ,୧।୧୨(ସମିସ):** ଦଶାହ କାର୍ଯ୍ୟରୁ ଫେରୁଥିବାବେଳେ ଦୁର୍ଘଟଣାରେ ଜଣକର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ୍ ପତ୍ରାପାଲି(କ) ପଞ୍ଚାୟତର ଜାମୁଟ ଗ୍ରାମର ସୁବିଧା ପୁଟେଲ (୫୫) ଦଶାହ କାର୍ଯ୍ୟରୁ ଫେରୁଥିବା ସମୟରେ ଅଇଲାଭଟା ଏବଂ ଭୋଇପଡା ମଝିରେ ରାସ୍ତା ଦବି ଯାଇଥିବା ଖାଲରେ ପଡ଼ି ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ସୁବିଧା ପୁଟେଲ ଏବଂ ତାଙ୍କ ସ୍ୱାମୀ ଦୁଧେଶ୍ୱର ପୁଟେଲ (୬୦) ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟପାଇଁ ମାଲିଶିରା ଗ୍ରାମକୁ ଶନିବାର ବାଇ୍‌ରେ ଯାଇ ଅପରାହ୍ଣରେ ୪ଟା ସମୟରେ ଫେରୁଥିବା ସମୟରେ ରାସ୍ତାମଝି ଦବି ଯାଇଥିବା ଖାଲରେ ପଡ଼ି ଭରସାମ୍ୟ ହରାଇ ବାଇକଟି ଦୁର୍ଘଟଣାର ଶିକାର ହୋଇଥିଲା। ଦୁର୍ଘଟଣାସ୍ଥଳରେ ସୁବିଧା ପୁଟେଲଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଘରଲୋକ ଖବର ପାଇ କଣ୍ଟାବାଞ୍ଜି ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ବଲାଙ୍ଗିର ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସୋମବାର ବୁର୍ଲା ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଥିଲା। ପତ୍ରାପାଲିରୁ ଭୋଇପଡାକୁ ନୂତନ ପ୍ରଧାନମନ୍ତ୍ରୀ ସଡ଼କ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



**ବଙ୍ଗୋମୁଣ୍ଡା,୧।୧୨(ସମିସ):** ବଙ୍ଗୋମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟରେ ଜିଲ୍ଲାପ୍ରଶାସନର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର, ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜୀ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ଉପ ଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ଉପସ୍ଥିତ ଥିଲେ। ୮୦ ଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା। ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ବଙ୍ଗୋମୁଣ୍ଡା ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ତହସିଲଦାର ଜ୍ୟୋସ୍ନା ମାଝୀ, ଜିପିଡିଓ ପୁରୁଷୋତ୍ତମ ମାଝୀଙ୍କ ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମୁରିବାହାଲ ବ୍ଲକ୍ ତିଖାରି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଥିବା ୯ ଟି ଗ୍ରାମ ମଧ୍ୟରୁ ୪ ଟି ଗ୍ରାମକୁ ରାଜସ୍ୱ ମାନ୍ୟତା ମିଳିଥିବା ବେଳେ ଅନ୍ୟ ୫ ଟି ଜଙ୍ଗଲ ଗ୍ରାମ୍ୟ ଶୁକନୀପଦର, ବେହେରଖାଇ, ଲତାସହଡା, ରାଣୀସିଲେଟ, କୁଟନୀଝରନ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଇ ନାହିଁ। ଏହି ୫ ଖଣ୍ଡ ଗ୍ରାମର ଲୋକେ ଜିଲ୍ଲାପାଳଙ୍କୁ ରାଜସ୍ୱ ଗ୍ରାମ୍ୟ ମାନ୍ୟତା ପ୍ରଦାନ ପାଇଁ ଦାବି ଜଣାଇଥିଲେ। ବଙ୍ଗୋମୁଣ୍ଡା ବ୍ଲକର ବିରିପାଲି ପଞ୍ଚାୟତରେ ଏକ ହୋମିଓପ୍ୟାଥିକ ଡାକ୍ତରଖାନା ଖୋଲିବା ପାଇଁ ୨୦୨୪ ମସିହାରେ ତହସିଲଦାରଙ୍କୁ ୧ ଏକର ଜମି ଯୋଗାଇଦେବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପତ୍ର ମାଧ୍ୟମରେ ଜଣାଇଥିଲେ ସୁଦ୍ଧା ତହସିଲଦାରଙ୍କ ପକ୍ଷରୁ ମାତ୍ର ୨୦ ଡିସମିଲ ଜମି ଯୋଗାଇ ଦିଆଯାଇଛି। ହୋମିଓପ୍ୟାଥିକ ଡାକ୍ତରଖାନା ପାଇଁ ୧ ଏକର ଜମି ଯୋଗାଇଦେବା ପାଇଁ ବିରିପାଲି ପଞ୍ଚାୟତର ବେଦ୍ରା ଭୋଇ,ରୁପା ବେହେରା ପ୍ରମୁଖ ଜିଲାପାଳ ଙ୍କ ଅଭିଯୋଗ ଶୁଣାଣିର ଦ୍ୱାରସ୍ଥ ହୋଇଥିଲେ। କପିଲାଭଟା ପଞ୍ଚାୟତର ଅସୁର୍ଲା ଗ୍ରାମର ଜବକାଡର୍‌ଧାରୀ ଶ୍ରମିକ ମାନେ ମନରେଗା ଯୋଜନାରେ କାମ କରି ପାଉଣା ପାଇନଥିବା ନେଇ ଅଭିଯୋଗ କରିଥିଲେ। ବଙ୍ଗୋମୁଣ୍ଡା ତହସିଲରେ କାର୍ଯ୍ୟରତ କ୍ଲାରିକାଲ ବିଭାଗରେ ୭ ବର୍ଷ, ୫ବର୍ଷ, ୩ ବର୍ଷ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିଥିବା କର୍ମଚାରୀମାନଙ୍କୁ ବଦଳି କରିବା ପାଇଁ ଓକିଲ ସଂଘ ବଙ୍ଗୋମୁଣ୍ଡାର କର୍ମକର୍ତ୍ତା ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଜଣାଇଥିଲେ।

## ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ

# ବାଜି ମାରିନେଲେ ଭବାନୀ, ଓମ୍ ଏବଂ ପ୍ରିୟବ୍ରତ

**କଣ୍ଟାବାଞ୍ଜି,୧।୧୨(ସମିସ):** କଣ୍ଟାବାଞ୍ଜି ଜିଆର ପ୍ୟାଲେସଠାରେ ଚେସ୍ ଆସୋସିଏସନ ପକ୍ଷରୁ ଆୟୋଜିତ ହୋଇଥିବା ଦୁଇଦିନିଆ ପଶ୍ଚିମ ଓଡ଼ିଶା ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଏନ୍‌ଏସି ଅଧକ୍ଷ ବରିୟମ ସିଂହ ସାଲୁଜା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପ୍ରଦୀପ ଖଣ୍ଡେଲବାଲ, ପବନ କୁମାର ଅଗ୍ରୱାଲ, କମିଟିର ମୁଖ୍ୟ ଉପଦେଷ୍ଟା ଶୁକଦେବ ମହାନ୍ତି, ସଭାପତି ଦେବେନ୍ଦ୍ର ଯୋଶୀ, ସମ୍ପାଦକ ମଛିନ୍ଦ୍ର ନାରାୟଣ ବେହେରା, ଉପଦେଷ୍ଟା ଚିନ୍ମୟ କୁମାର ଯୋଶୀ ମଞ୍ଚସିନ ଥିଲେ। ଚାମ୍ପିଅନ ଭାବେ ଭବାନୀପ୍ରସାଦ ମେହେର ଖେଳକୁ ନିଜ ହାତକୁ ନେଇ ଥିବାବେଳେ ଦ୍ୱିତୀୟ ସ୍ଥାନରେ ଓମ୍ ପ୍ରକାଶ ସତନାମୀ ଓ ତୃତୀୟ ସ୍ଥାନରେ ପ୍ରିୟବ୍ରତ ପଣ୍ଡା ରହିଥିଲେ। ତେବେ ଅତିଥି ମାନଙ୍କ ଉପସ୍ଥିତି ରେ ଏହି କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ଅନ୍ୟ ୭୮ ଜଣ ପ୍ରତିଯୋଗୀ ଙ୍କୁ ମଧ ଟ୍ରଫି ଦେଇ ମାନ ପତ୍ର ଦିଆଯାଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଭବେଶ ମହାନ୍ତି, ବିଘ୍ନେସର ଯୋଶୀ ଓ କ୍ଷୀରୋଦ୍ର କୁମାର ଦଳାଇ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ଦେବ କୁମାର ମହାନ୍ତି, ମୁଖ୍ୟ ଉପଦେଷ୍ଟା ସୁକଦେବ ମହାନ୍ତି, ଉପଦେଷ୍ଟା ଚିନ୍ମୟ କୁମାର ଯୋଷୀ, କୋଷାଧକ୍ଷ ପ୍ରଶାନ୍ତ କୁମାର ପାଢ଼ୀ, ଉପସଭାପତି ବିନୟ କୁମାର ବେହେରା, ବିକାଶ ମେହେର, ସହ ସମ୍ପାଦକ ଭବାନୀ ପ୍ରସାଦ ମେହେର, ନବୀନ ଦୀପ, ଉପଦେଷ୍ଟା କମିଟିର ସଦସ୍ୟ ଧର୍ମୁ ବାଗ, ଅରବିନ୍ଦ ଚନ୍ଦନ, ଗଣେଶ ଚିନାଗୁଣ, ତନ୍ମୟ ଦାସ, ପ୍ରିତିଶ ମହାନ୍ତି ରହିଥିବାବେଳେ ଅରୁନ ମହାର, କୁନୁ ଚନ୍ଦନ, ସୁକୁ ପୁଟେଲ, ପିଣ୍ଟୁ ସୁନା, ଶିବ ଦାସ, ଆଇନ ପରାମର୍ଶଦାତା ବିବେକ ଶର୍ମା ପ୍ରମୁଖ ସହଯୋଗ କରିଥିଲେ।



### ବ୍ଲକ୍‌ସ୍ତରୀୟ ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତା


# ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ ସକରାତ୍ମକ ପରିବେଶ ପ୍ରତ୍ୟେକଙ୍କ ଦାୟିତ୍ୱ

ବଲାଙ୍ଗିର,୧।୧୨(ସମିସ)

ସମଗ୍ର ଶିକ୍ଷା ବଲାଙ୍ଗିର ଓ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସ୍ଥାନୀୟ ପିପି ଏକାଡେମୀଠାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସକରାତ୍ମକ ପରିବେଶ ସୃଷ୍ଟି ନିମନ୍ତେ ବ୍ଲକସ୍ତରୀୟ ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତା ସମାରୋହ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ବ୍ଲକ ଶିକ୍ଷାଧିକାରୀ ନୀଳମଣି ପଟେଲ, ମୁଖ୍ୟବକ୍ତା ଭାବେ ପିପି ଏକାଡେମୀର ପ୍ରଧାନ ଶିକ୍ଷକ ଦ୍ୱିତୀ ରଞ୍ଜନ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ଏବିଇଓ ସନ୍ଧ୍ୟାରାଣୀ ଧରୁଆ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଶ୍ରୀ ପଟେଲ ନିଜ ବକ୍ତବ୍ୟରେ ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ ସକରାତ୍ମକ ପରିବେଶ ସୃଷ୍ଟି କେବଳ ବିଦ୍ୟାଳୟ କିମ୍ବା ପରିବାରର ନୁହେଁ ସମାଜର ପ୍ରତ୍ୟେକ ଲୋକଙ୍କର ଦାୟିତ୍ୱ। ସମାଜ ଯଦି ସେମାନଙ୍କ ପାଇଁ ସୁଯୋଗ, ସ୍ୱୀକୃତି ଓ ସମ୍ମାନ ଦେଉଛି ତେବେ ପ୍ରତ୍ୟେକ ଦିବ୍ୟାଙ୍ଗ ଶିଶୁ ସଫଳତା, ସ୍ୱାଭିମାନ ଓ ସମ୍ପୂର୍ଣ୍ଣତାର ଶିଢ଼ି ଚଢି ପାରିବେ ବୋଲି କହିଥିଲେ। ଏହି ଅବସରରେ ଆୟୋଜିତ ଜୁନିଅର ବିଭାଗର ସଂଗୀତ ପ୍ରତିଯୋଗିତାରେ ପ୍ରଥମ ବବିତା ତ୍ରିପାଠୀ, ଦ୍ୱିତୀୟ ଶିଳ୍ପୀ ସାହୁ ଏବଂ ତୃତୀୟ ପ୍ରାଚୀ ନାଏକ, ମ୍ୟୁଜିକ ଚେୟାରରେ ପ୍ରଥମ ସୁମନ୍ତ ବେହେରା, ଦ୍ୱିତୀୟ ଶିବ ରାଉତ, ତୃତୀୟ ଅଲିଶା ବାରିକ, ବକ୍ତୃତାରେ ପ୍ରଥମ ପ୍ରାଚୀ ସ୍ୱାଇଁ, ଦ୍ୱିତୀୟ ଖୁସି ବାଗ, ତୃତୀୟ ହେମନ୍ତ ପଧାନ, ଚାମଚ ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ରିତେଶ ବନଗୁଲା, ଦ୍ୱିତୀୟ ଆରୁଷି ପଟେଲ, ତୃତୀୟ ସ୍ଥାନ ଅଧିକାର କରିଥିଲେ ନିକିତା ମହାକୁର। ସିନିଅର ବିଭାଗର ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ଆରାଧ୍ୟା ବିଶି, ଦ୍ୱିତୀୟ ମୀରା ସାହୁ, ତୃତୀୟ ଅଙ୍କିତା ସୁନା ସେହିପରି ସଂଗୀତ ପ୍ରତିଯୋଗିତାରେ ପ୍ରଥମ ସ୍ୱାତି ବରାଡ଼, ଦ୍ୱିତୀୟ ଗୀତାଞ୍ଜଳି ଦୀପ, ତୃତୀୟ ଏସ୍‌ବି ସାଇନି, ଚାମଚ ଦୌଡ଼ ପ୍ରତିଯୋଗିତାରେ ପ୍ରଥମ ଜ୍ୟୋତିର୍ମୟୀ ଗଡ଼ତ୍ୟା, ଦ୍ୱିତୀୟ ବୈଷ୍ଣବ ଷାଣ୍ଢ, ମ୍ୟୁଜିକ ଚେୟାରରେ ପ୍ରଥମ ଅର୍ଚ୍ଚିତା ପଟେଲ, ଦ୍ୱିତୀୟ ସୋମନାଥ ତାଣ୍ଡି ଏବଂ ତୃତୀୟସ୍ଥାନ ସିଦ୍ଧି ମାଝୀ ଅଧିକାର କରି ଅତିଥିମାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସଂଯୋଜନା ଶିକ୍ଷକ ମହାଦେବ ମେଶ୍ୱା କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ସିଆରସିସି ହେମନ୍ତ ବେହେରା। ବ୍ଲକ୍ ସାଧନକର୍ମୀ ସୁନିତ୍ରୀ ମିଶ୍ର ଓ ଗୋମତୀ ସାହୁ ସମସ୍ତ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ପୌରାଞ୍ଚଳ ତଥା ସଦର ବ୍ଲକ୍ ଅଧୀନ ସମସ୍ତ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହ ତାଙ୍କ ଅଭିଭାବକ ଯୋଗଦେଇଥିଲେ। ସିଆରସିସି ଗିରିଶ ରାମ ବେହେରା, ସନ୍ତୋଷ ସାହୁ, କବିତା ରାଣୀ ମିଶ୍ର, ମାନସ ମିଶ୍ର, ଶୁଭସ୍ମିତା ମାହାଣା, ସବ୍ୟସାଚୀ ଦାଶ, ଉମେଶ ନାଏକ, ବେଣୁଧର ମାଝୀ, ହେମନ୍ତ ବେହେରା, ବିନାୟକ ପଟେଲ, ଡୋଳାମଣି ଭୋଇ, ଅନୀଲ ବରିହା, ଶେଖ ଅବଦୁଲ ଆଲାମ, ଶିକ୍ଷକ ସୁନୀଲ ମେହେର, ସତ୍ୟାନନ୍ଦ ବିଶ୍ୱାଳ, ରାଜକୁମାର ରଣା, ଶିକ୍ଷୟିତ୍ରୀ ଗୀତାଞ୍ଜଳି ମେହେର, ସସ୍ମିତା ତ୍ରିପାଠୀ ସହଯୋଗ କରିଥିଲେ।




ଦ୍ୱାଦଶାହ ଅବସରରେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି




୰ ସ୍ୱର୍ଗତ ହିନା ପଟ୍ଟନାୟକ
ଗ୍ରାମ- ଗନ୍ଧିପାଲି
ଆବିର୍ଭାବ : ୧୦.୦୫.୧୯୪୦, ତିରୋଧାନ : ୨୧.୧୧.୨୦୨୫
ଦ୍ୱାଦଶାହ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା
ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

# ଦନ୍ତାର ଅବାଧ ବିଚରଣରୁ ଲୋକେ ଆତଙ୍କିତ

କୋଲାବିରା, ୧।୧୨(ସମିସ): କୋଲାବିରା ବନାଚଙ୍କର ବିଭିନ୍ନ ସ୍ଥାନରେ ଦୁଇଦିନ ହେଲା ଗୋଟିଏ ଦନ୍ତା ହାତୀ ଘୁରି ବୁଲୁଥିବା ଦେଖିବାକୁ ମିଳିଛି। ଏକୁଟିଆ ବୁଲୁଥିବା ଦନ୍ତାଟି ଏପର୍ଯ୍ୟନ୍ତ କାହାରି କିଛିକ୍ଷତି କରିନାହିଁ। ମାତ୍ର ତାର ଉପସ୍ଥିତିରେ ଲୋକେ ଆତଙ୍କିତ ରହିଛନ୍ତି। ଶନିବାର ରାତିରେ କୁଲୁପାଲି ସ୍ଥିତ ସାହୁ ବଗିଚାରେ ନଡିଆ ଗଛ ମାଡି ନଷ୍ଟ କରିଥିଲା। ଏହାପରେ ଅଞ୍ଚଳ ଛାଡି ଚାଲିଯାଇଥିଲେ ହେଁ ହାତୀଟି ପୁଣି ଫେରିଆସି ରବିବାର ରାତି ୮ ଟାରେ କୋଲାବିରା ବସ୍ତି ମଝୀ ସାହୁପଡା କିର୍ତନ ପଡିଆ, ତେଲେଙ୍ଗାପଡା ଦେଇ ବସ୍ତି ଅଞ୍ଚଳ ଅତିକ୍ରମ କରୁଥିବା ଦେଖାଯାଇଥିଲା। ଏଥପାଇଁ କିଛି ସମୟ ଧରି ଏନଏଚ ୪୯ ରେ ଯାତାୟାତ ବନ୍ଦ ରହିଥିଲା। ହାତୀ ଉପସ୍ଥିତି ବିଷୟରେ ବନ ବିଭାଗ ଅବଗତ ଥିଲେ ମଧ୍ୟ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ସ୍ଥାନୀୟ କିଛି ଯୁବକଙ୍କୁ ଗଜ ସାଥି ଭାବେ ବ୍ୟବହାର କରାଯାଉଛି। ସାରା ରାତି ବିଭାଗୀୟ କର୍ମଚାରୀ ଉଜାଗର ରହୁଥିବା କହୁଛନ୍ତି। ହାତୀକୁ ଘଉଡେଇବାକୁ ସମସ୍ତ ଉଦ୍ୟମ ବିଫଳ ହୋଇଛି। ଯଦି ହାତୀକୁ ଦୂର ଜଙ୍ଗଲକୁ ଘଉଡା ନଗଲେ କେତେବେଳେ ଯେ ଦୁର୍ଘଟଣା ଘଟିଯିବ ବୋଲି ସ୍ଥାନୀୟ ଅଞ୍ଚଳ ଲୋକ ଚିନ୍ତା ପ୍ରକଟ କରିଛନ୍ତି।

● ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ପ୍ରତିଯୋଗିତା

# ସମ୍ବଲପୁର ଫୁଟବଲ କ୍ଲବ୍ ଚାମ୍ପିଅନ



ଦେବଗଡ,୧।୧୨(ସମିସ): ପ୍ରଧାନପାଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଗତ ୨୪ ତାରିଖ ଠାରୁ ଆରମ୍ଭ ହୋଇଥିବା ସର୍ବଭାରତୀୟ "ପ୍ରଧାନ୍‌ପାଟ୍ କପ୍' ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସମ୍ବଲପୁର ଫୁଟବଲ ଏକାଡେମୀକୁ ୨-୧ ଗୋଲରେ ପରାସ୍ତ କରି ସମ୍ବଲପୁର ଫୁଟବଲ କ୍ଲବ୍ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍‌କୁ ରେଫରୀ ଭାବେ ରାଜ ମଣ୍ଡଳ, ସାଗର ନାଏକ, ଚନ୍ଦ୍ର କିସାନ ଓ ସୌରଭ ନାୟକ ପରିଚାଳନା କରିଥିବା ବେଳେ ହେମନ୍ତ ମହାପାତ୍ର ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଭାବେ ବେଣୁଧର ଗଡନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ସମ୍ବଲପୁର ଫୁଟବଲ କ୍ଲବର ଖେଳାଳୀ ସୁମିତ ଓରାମ ମ୍ୟାନ ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ସନ୍ଧ୍ୟାରେ ପ୍ରଧାନପାଟ କ୍ଲବର ସଭାପତି ବିକାଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ,ସମ୍ମାନିତ ଅତିଥି ଭାବେ ଦେବଗଡ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପତ୍ରଜିତ କୁମାର ଭୋଜ,ପୂର୍ତ୍ତ ବିଭାଗ, ଅନୁଗୁଳ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ରାଜୁ ଧାଉଁଳିଆ,ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ, ଜିଲ୍ଲା କ୍ରୀଡା ସଂସଦର ଉପସଭାପତି ଇଂ.ଚିତ୍ତରଞ୍ଜନ ପ୍ରଧାନ, ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ଇଂ. ସୁଜିତ ପ୍ରଧାନ ଓ ଓଡିଶା ଓଲମ୍ପିକ ଏସୋସିଏସନର ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ ଯୋଗଦେଇ ଚମ୍ପିଅନ ସମ୍ବଲପୁର ଫୁଟବଲ କ୍ଲବ୍‌କୁ ଟ୍ରଫି ସହିତ ନଗଦ ୪୧ ହଜାର ଟଙ୍କା ଓ ରନର୍ସ ଅପ୍ ସମ୍ବଲପୁର ଫୁଟବଲ ଏକାଡେମୀକୁ ଟ୍ରଫି ସହିତ ନଗଦ ୩୧ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦ ଟୁର୍ଣ୍ଣାମେଣ୍ଟ ଭାବେ ଅଭୟ ମୁଣ୍ଡା, ବେଷ୍ଟ ଡିଫେନ୍ସ ଭାବେ ଅରୁଣ ମୁଣ୍ଡା ଓ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ଦେବଗଡ଼ ଦଳକୁ ପୁରସ୍କୃତ କରାଯାଇଥିଲା। କ୍ଲବର ସମ୍ପାଦକ ସଞ୍ଜୀବ ନାଏକ ଧନ୍ୟବାଦ ଦେଇଥିଲେ।

ପୁରୁଣା ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି

# ସପ୍ତାହ ବ୍ୟାପୀ ୧୨ ଘଣ୍ଟିଆ ରିଲେ ଧାରଣା ଆରମ୍ଭ

ଦେବଗଡ଼,୧।୧୨(ସମିସ)



ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ନୂଆଁବାଲିରୋଇକୁ ସ୍ଥାନାନ୍ତର ପରଠାରୁ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ ଜିଲ୍ଲା ପ୍ରଶାସନ ଠାରୁ ରାଜ୍ୟ ସରକାର ଠାରେ ଦାବି ହୋଇଆସୁଛି। ମାତ୍ର ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ କେବଳ ଦିନ ଗଡ଼ାଇ ଚାଲିଛନ୍ତି। କିଛି ମାସ ପୂର୍ବରୁ ଏନେଇ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ମାସକରେ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ହେଲେ ବାସ୍ତବିକତଃ ଏହା କାର୍ଯ୍ୟକାରୀ ନ ହେବାରୁ ମଞ୍ଚ ପୁନର୍ବାର ଜୋରଦାର ଆନ୍ଦୋଳନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଏହି କ୍ରମରେ ଗତକାଲି ସନ୍ଧ୍ୟାରେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱ ଓ ପୌରପରିଷଦ କାଉନସିଲର ଧର୍ମେନ୍ଦ୍ର ଦେବତାଙ୍କ ନେତୃତ୍ୱରେ ପୁରୁଣା ମୁଖ୍ୟ ଚିକିତ୍ସାଳୟ କୋଠାରେ ମଞ୍ଚର ବହୁ ସଦସ୍ୟ ଏକତ୍ରିତ ହୋଇଥିଲେ। ସୋମବାର ଠାରୁ ଏକ ସପ୍ତାହ ପର୍ଯ୍ୟନ୍ତ ରିଲେ ଧାରଣା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିସହ ଏକ ସପ୍ତାହ ମଧ୍ୟରେ ରାଜ୍ୟ ସରକାର ଦାବି ପୂରଣ ନ କଲେ ଏକତା ମଞ୍ଚ ପକ୍ଷରୁ ଚରମ ପଦକ୍ଷେପ ନିଆଯିବା ପାଇଁ ନିଷ୍ପତ୍ତି ନିଯାଇଥିଲା। ଆଜି ଯୁବ ଏକତା

**ଦାବି କାର୍ଯ୍ୟକାରୀ ନ ହେଲେ ଆଗକୁ ଚରମ ନିଷ୍ପତ୍ତି**

ମଞ୍ଚ ପକ୍ଷରୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ରିଲେ ଗଣ ଧାରଣା ଆରମ୍ଭ ହୋଇଛି। ବିଭିନ୍ନ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ଓ ଜନସାଧାରଣ ଧାରଣା ସ୍ଥଳରେ ଉପସ୍ଥିତ ରହି ମଞ୍ଚର ଏହି ପଦକ୍ଷେପକୁ ସମର୍ଥନ କରୁଥିବା ଦେଖିବାକୁ ମିଳିଛି।

# ବିରାଟ ଗୋପଲୀଳା ଯାତ୍ରା ଶୁଭାରମ୍ଭ

**ନନ୍ଦ ମହାରାଜଙ୍କ ରାଜ୍ୟାଭିଷେକ, ନଗର ପରିକ୍ରମା ଓ ଗିରି ଗୋବର୍ଦ୍ଧନ ପୂଜା**

ଝାରସୁଗୁଡ଼ା,୧।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଲୋଇସିଂହ ପଞ୍ଚାୟତ ଅଧୀନ ଡିଗ୍ରୀପଡ଼ା ଠରକଶପୁର ଠାରେ ୭୦ତମ ବିରାଟ ଗୋପଲୀଳା ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ଯାତ୍ରା ଅବସରରେ ସୋମବାର ନନ୍ଦ ମହାରାଜଙ୍କ ରାଜ୍ୟାଭିଷେକ କରାଯାଇଛି। ଏହାପରେ ଗାଁରେ ଥିବା ପାହାଡ ଠାରେ ନନ୍ଦ ମହାରାଜ ସମସ୍ତଙ୍କ ମଙ୍ଗଳ ପାଇଁ ଗିରିଗୋବର୍ଦ୍ଧନ ପୂଜା କରିଥିଲେ। ନନ୍ଦ ମହାରାଜଙ୍କ ଗିରିଗୋବର୍ଦ୍ଧନ ପୂଜା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଧଉରାଅଡା, ଗମ୍ଭାରୀଡିହି, ରେଣ୍ଡା, ଠରକଶପୁର, ଡିଗ୍ରୀପଡା ଆଦି ନଗର ପରିକ୍ରମା କରିଥିଲେ। ଏଥର ନନ୍ଦରାଜା ଭୂମିକାରେ ହରିଶଙ୍କର ପଟେଲ, ମନ୍ତ୍ରୀ ସଞ୍ଜିବ ଭୋଇ, ସେନାପତି ବୃନ୍ଦାବନ ପ୍ରଧାନ, କୃଷ୍ଣ ମହେଶ ଭୋଇ, ବଲରାମ ସ୍ୱାଧିନ ଭୋଇ ଅଭିନୟ କରୁଛନ୍ତି। କର୍ତ୍ତା ଭାବେ ସୁରେନ୍ଦ୍ର ଭୋଇ ଓ ହୀରାବତୀ ଭୋଇ ଏବଂ ପୂଜକ ଭାବେ ବିମଳ ଶତପଥୀ ଭୂମିକା ନିର୍ବାହ କରୁଛନ୍ତି। ନନ୍ଦ ମହାରାଜଙ୍କୁ ପୂର୍ବତନ ନନ୍ଦ ମହାରାଜ ଦୁର୍ଯୋଧନ ଖମାରି ଅଭିଷେକ କରିଥିଲେ। ମନ୍ତ୍ରୀଙ୍କୁ ବିରାଟ ଗୋପଲୀଳା ଯାତ୍ରା ପରିଷଦର ସଭାପତି ରାଜେଶ ପ୍ରଧାନ, ସେନାପତିଙ୍କୁ ବିରାଟ ଗୋପଲୀଳା ଯାତ୍ରା ପରିଷଦ ସମ୍ପାଦକ ସପ୍ନେଶ୍ୱର ଭୋଇ ଅଭିଷେକ କରିଥିଲେ। ଯାତ୍ରାରେ ପରିଚାଳନା କମିଟି ସଭାପତି ରାଜେଶ ପ୍ରଧାନ, ଉପସଭାପତି ରୋହିତ ସାହୁ, ସମ୍ପାଦକ ସପ୍ନେଶ୍ୱର ଭୋଇ, ସହ ସମ୍ପାଦକ ରଞ୍ଜନ ପ୍ରଧାନ, କୋଷାଧ୍ୟକ୍ଷ ନିର୍ମଳ ଭୋଇ, ପିଣ୍ଟୁ ଭୋଇ, ଯଜାତି ଭୋଇଙ୍କ ସମେତ ବରିଷ୍ଠ ଗ୍ରାମବାସୀ ଏବଂ କମିଟିର ସଦସ୍ୟ ମାନେ ସହଯୋଗ କରିଥିଲେ। ମଙ୍ଗଳବାର ଗୋପଲୀଳା ଯାତ୍ରା, ନାବକେଳି, କଂସ ଦରବାର ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାତ୍ରିରେ ବୀଣାପାଣି ନାଟ୍ୟ କଳାପରିଷଦ ଡିଗ୍ରୀପଡା ଏବଂ ଜୟ ହିନ୍ଦ ନାଟ୍ୟ ସଙ୍ଘ ପକ୍ଷରୁ ନାଟକ 'ଆଖି ଅବୁଝାକୁ ଲୁହ ଅବୁଝା' ପରିବେଷଣ କରାଯିବା କାର୍ଯ୍ୟକ୍ରମ ରହିଛି।



# ଜିଲ୍ଲାସ୍ତରୀୟ ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା

ଦେବଗଡ଼,୧।୧୨(ସମିସ): ଜିଲ୍ଲା କ୍ରୀଡା ସଂଘ ଅନୁକୂଲ୍ୟରେ ଡିସେମ୍ବର ୧୧, ୧୨ ଓ ୧୩ ତାରିଖରେ ତିନି ଦିନ ଧରି ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜିତ ହେବା କାର୍ଯ୍ୟକ୍ରମ ରହିଛି। ଏଥିରେ ୧୪, ୧୬, ୧୮, ୨୦ ଓ ୨୩ ବର୍ଷର ବାଳକ ଓ ବାଳିକା ବର୍ଗର ଏବଂ ପୁରୁଷ ଓ ମହିଳା ପ୍ରତିଯୋଗୀ ଭାଗ ନେଇ ପାରିବେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ପ୍ରଦର୍ଶନକୁ ଭିତ୍ତି କରି କଟକ ପୁଲିସ ସିନ୍ଥେଟିକ ଗ୍ରାଉଣ୍ଡ ଟ୍ରାକରେ ୭୧ତମ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେଥିପାଇଁ ଡିସେମ୍ବର ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବର୍ଗ ପାଇଁ ଖେଳାଳି ଚୟନ କରାଯିବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ଆସନ୍ତା ୫ ତାରିଖ ସୁଦ୍ଧା ଇଚ୍ଛୁକ ପ୍ରତିଯୋଗୀ ନାମ ପଞ୍ଜୀକରଣ କରିପାରିବେ। ସମସ୍ତ ପ୍ରତିଯୋଗୀ ନିଜନିଜର ଆଧାର କାର୍ଡ, ଜନ୍ମ ପ୍ରମାଣ ପତ୍ର ସହିତ ୨ଟି ପାସପୋର୍ଟ ଫଟୋ ଓ ମୋବାଇଲ ନମ୍ବର ସହିତ ନିଜ ଅନୁଷ୍ଠାନ ଜରିଆରେ ଆବେଦନ କରି ପାରିବେ ବୋଲି ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାୟକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

# କର୍ମଜୀବୀ ମହିଳା ହଷ୍ଟେଲ 'ସଖୀ ନିବାସ' ଉଦ୍‌ଘାଟିତ

ଦେବଗଡ଼,୧।୧୨(ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜିତା' ସହଯୋଗରେ ସୋମବାର ଦେବଗଡ଼ ପୌରାଞ୍ଚଳ ଠାରେ କର୍ମଜୀବୀ ମହିଳା ହଷ୍ଟେଲ 'ସଖୀ ନିବାସ' ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଡାକଘର ନିକଟସ୍ଥ ଘରୋଇ କୋଠାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଜିଲ୍ଲାପାଳ କବିନ୍ଦ୍ର ସାହୁ, ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ ଭୋଜ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ ପ୍ରମୁଖ 'ସଖୀ ନିବାସ'ର ଉଦ୍‌ଘାଟନ କରିଥିଲେ। ମାସିକ ୩୫ ହଜାର ଟଙ୍କାରୁ କମ ଆୟ କରୁଥିବା ସରକାରୀ ଓ ବେସରକାରୀ ମହିଳା ମାନେ କର୍ମଜୀବୀ ମହିଳା ହଷ୍ଟେଲରେ ରହିପାରିବେ। ଏଥିସହ ଉଚ୍ଚ ଶିକ୍ଷା ଲାଭ ଓ ତାଲିମ କାର୍ଯ୍ୟକ୍ରମରେ ଥିବା ସମସ୍ତ ମହିଳା ମଧ୍ୟ ରହିପାରିବେ। ପ୍ରାରମ୍ଭିକ ଭାବେ 'ସଖୀ ନିବାସ'ରେ ୨୦ଟି ଶଯ୍ୟା ରହିଛି। ପରବର୍ତ୍ତୀ ସମୟରେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ। ଏଠାରେ ୨୪ ଘଣ୍ଟା ସୁରକ୍ଷା ଓ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇଛି। 'ସଖୀ ନିବାସ'କୁ ଜିତା ଅନୁଷ୍ଠାନ ପରିଚାଳନା କରିବେ। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ, ସ୍ୱୟଂ ସହାୟତା ଗୋଷ୍ଠୀ ଓ 'ଜିତା' ଅନୁଷ୍ଠାନ କର୍ମକର୍ତ୍ତା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ମନୋରଞ୍ଜନ ସୁତାର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଯୁବ ସଂସଦ ଓ ବିଜ୍ଞାନ ଭିତ୍ତିକ କୁଇଜ ପ୍ରତିଯୋଗିତା



ଦେବଗଡ଼,୧।୧୨(ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ଯୁବ ସଂସଦ ଓ ବିଜ୍ଞାନ ଭିତ୍ତିକ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୩ଟି ବ୍ଲକ୍‌ରୁ ଚୟନ ହୋଇ ଆସିଥିବା ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଚାରକ ଭାବେ ଦେବଗଡ଼ ମହିଳା ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ସୁନୀଲ ଦାସ, ଶିକ୍ଷାବିତ ଡ.ରାମଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉଦୟ ପ୍ରଧାନ, ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସତ୍ୟନାରାୟଣ ସାହୁ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ। କନିଷ୍ଠ ବର୍ଗ କୁଇଜ ପ୍ରତିଯୋଗିତାରେ ଗାଙ୍ଗନଣ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ଅମିତ ସାହୁ, ବରିଷ୍ଠ କୁଇଜ ବର୍ଗରେ ନାଉଲିପଡା ଉଚ୍ଚ ବିଦ୍ୟାଳୟ ଛାତ୍ର ଚିନ୍ମୟ ଦେହୁରୀ ପ୍ରଥମ, ଜିଲ୍ଲା ସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତାରେ ପିଏମଶ୍ରୀ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ର ତରଣୀସେନ ବିଶ୍ୱାଳ ପ୍ରଥମ, କୁଣ୍ଢେଇଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଆଲୁମିନି ଧଳ ଦ୍ୱିତୀୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବୁଢ଼ାପାଳ ଛାତ୍ରୀ ମୋନାଲିସା ଧଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅପରାହ୍ଣରେ ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ, ଶିକ୍ଷାବିତ ଡ.ରାମଚନ୍ଦ୍ର ମହାପାତ୍ର ପ୍ରମୁଖ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ପରିଚାଳନା କରିଥିଲେ। ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷୟିତ୍ରୀ ସ୍ମିତାରାଣୀ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ସତ୍ୟ ପ୍ରକାଶ ମିଶ୍ର, କାର୍ଯ୍ୟାଳୟ ସହାୟକ ଗୌରହରି ସାହୁଙ୍କ ସମେତ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଚଳନ୍ତା ଟ୍ରେନ୍‌ରୁ ଗୋଡ଼ ଖସି ବୃଦ୍ଧଙ୍କ ମୃତ୍ୟୁ

ଝାରସୁଗୁଡ଼ା,୧।୧୨(ସମିସ): ଚଳନ୍ତା ଟ୍ରେନକୁ ଚଢ଼ିବା ସମୟରେ ଗୋଡ଼ ଖସିଯିବାରୁ ସୋମବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଝାରସୁଗୁଡ଼ା ରେଲଷ୍ଟେସନ ପ୍ଲାଟଫର୍ମ ୧ରେ ସକାଳ ୭.୩୦ରେ ଜ୍ଞାନେଶ୍ୱରୀ ଏକ୍ସପ୍ରେସ ରାୟପୁର ପଟକୁ ଯିବାକୁ ଆରମ୍ଭ କରିଥିଲା। ଏହି ସମୟରେ ବୃଦ୍ଧ ପଣ୍ଡିତ ବି. ଶିବଶଙ୍କର ସାହୁ (୬୫) ଚଳନ୍ତା ଟ୍ରେନକୁ ଚଢ଼ିବାକୁ ଚେଷ୍ଟା କରୁଥିବା ବେଳେ ଟ୍ରେନ ତଳକୁ ଗଳିପଡ଼ି ପ୍ରାଣ ହରାଇଛନ୍ତି। ଶନିବାର ଏକ ବିବାହରେ ପୂଜା କରିବା ପାଇଁ ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ଥାନା ଅଧୀନ ସାରଙ୍ଗପୁର ଗାଁର ପଣ୍ଡିତ ବି. ଶିବଶଙ୍କର ଝାରସୁଗୁଡ଼ା ଆସିଥିଲେ। ରବିବାର ବିବାହ କାର୍ଯ୍ୟ ସାରିଲା ପରେ ଝାରସୁଗୁଡ଼ା ବିଟିଏମ ଅଞ୍ଚଳରେ ରହୁଥିବା ଜଣେ ଶିଷ୍ୟଙ୍କ ଘରେ ରାତ୍ରି ଯାପନ କରିଥିଲେ। ସୋମବାର ସକାଳେ ରାୟପୁରକୁ ଯିବା ପାଇଁ ଝାରସୁଗୁଡ଼ା ମୁଖ୍ୟ ରେଲଷ୍ଟେସନକୁ ଯାଇଥିଲେ। ତାଙ୍କର ସମସ୍ତ ଆସବାବପତ୍ର ଜ୍ଞାନେଶ୍ୱରୀ ଏକ୍ସପ୍ରେସରେ ରଖୁରଖୁ ଟ୍ରେନଟି ଚାଲିବା ଆରମ୍ଭ ହୋଇଯାଇଥିଲା। ଫଳରେ ଶ୍ରୀ ସାହୁ ଚଳନ୍ତା ଟ୍ରେନ୍‌ରେ ଚଢ଼ିବାକୁ ଚେଷ୍ଟା କରିଥିଲେ। ଏଥିରେ ତାଙ୍କର ଗୋଡ ଖସିଯିବାରୁ ସେ ଏକ୍ସପ୍ରେସ ଓ ପ୍ଲାଟଫର୍ମ ମଧ୍ୟରେ ପଡି ଯାଇଥିଲେ। ସ୍ଥାନୀୟ ରେଲୱେ ପୁଲିସ ଓ ଯାତ୍ରୀଙ୍କ ଚେଷ୍ଟା ଦ୍ୱାରା ଟ୍ରେନ ଟିକୁ ବନ୍ଦ କରାଯାଇଥିଲା। କିନ୍ତୁ ସେତବେଳକୁ ଶ୍ରୀ ସାହୁଙ୍କ ଜୀବନ ଚାଲିଯାଇଥିଲା। ମୃତ ବି.ଶିବଶଙ୍କରଙ୍କ ପରିବାର ଲୋକଙ୍କୁ ଦୁର୍ଘଟଣା ନେଇ ଖବର ଦିଆଯାଇଥିବା ବେଳେ ପୋଷ୍ଟମର୍ଟମ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରାଯିବା ନେଇ ରେଲୱେ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ସଚେତନତା ଆଣିଲା ବିଶ୍ୱ ଏଡ୍‌ସ ଦିବସ




ଦେବଗଡ଼,୧।୧୨(ସମିସ): ବାରକୋଟ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ରେଡ୍ ରିବନ୍ କ୍ଲବ୍ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରକୋଟ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରିୟଙ୍କା ସାହୁ, ଷ୍ଟାଫନର୍ସ ବିଷ୍ଣୁ ପ୍ରିୟା ସାହୁ, ଫାର୍ମାସିଷ୍ଟ ଚିନ୍ମୟ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ଥିଲା। କଲେଜର ଯୁବ ରେଡକ୍ରସ ସଂଯୋଜିକା ଅଧ୍ୟାପିକା ମଧୁମିତା ନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ଭୁବନେଶ୍ୱରୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଦେବଗଡ଼:** ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଛି। ସକାଳ ୭ଟାରେ ଜନ ସଚେତନତା ପାଇଁ ଶୋଭାଯାତ୍ରା ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ସହର ପରିକ୍ରମା କରିଥିଲା। ରାଲିକୁ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡ.ପ୍ରଭାତ ଓଝା ଉଦ୍‌ଘାଟନ କରିଥିଲେ। ଏହାପରେ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହ ଠାରେ ଏନମଟିସିର ଛାତ୍ରୀ, ଆଶାକର୍ମୀ ଏବଂ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ନେଇ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଓଝା ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ଡ.ମନୋରଞ୍ଜନ ସାମଲ, ଆଇସିଟିସିର ଡାକ୍ତର ଡ.ସ୍ମୃତିରଞ୍ଜନ ନନ୍ଦ, ଭାରପ୍ରାପ୍ତ ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ ଯୋଗ ଦେଇଥିଲେ। କୁଇଡ଼ଜ ପ୍ରତିଯୋଗିତା କରାଯାଇ ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଏନଏମଟିସିର ଛାତ୍ରୀ ମାନଙ୍କ ଦ୍ୱାରା ଏଡ୍‌ସ ରୋଗରେ ମୃତ ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ମହମବତି ପ୍ରଜ୍ୱଳନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମନ୍ୱିତ ପରାମର୍ଶ ଓ ରକ୍ତ ପରୀକ୍ଷା କେନ୍ଦ୍ରର ସୁପରଭାଇଜାର ନରେଶ ପାତ୍ର, କାଉନସିଲର ଅମ୍ରିତା ସିହ୍ନା ଏବଂ ସରୋଜ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।



**ଇବଥର୍ମାଲ:** କୁମାରବନ୍ଧ ପଞ୍ଚାୟତ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଶ୍ୱ ଏଡ୍‌ସ ଦିବସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଡ୍‌ସ ସଚେତନତା ପାଇଁ ଛାତ୍ରଛାତ୍ରୀଙ୍କୁ ନେଇ ସାଧାରଣ ସଭା ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ମହାବିଦ୍ୟାଳୟରୁ କୁମ୍ଭାରବନ୍ଧ ଗାଁ ପର୍ଯ୍ୟନ୍ତ ସଚେତନତା ପଦଯାତ୍ରା କାର୍ଯ୍ୟକ୍ରମ ହୋଇଥିଲା। କଲେଜର ଅଧ୍ୟକ୍ଷ ରାଜକିଶୋର ବିଶ୍ୱାଳ ଏହାର ମାର୍ଗଦର୍ଶନ କରିଥିଲେ। ଅଧ୍ୟାପିକା ସୁନିତା ବାରିକ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ।




**ଝାରସୁଗୁଡ଼ା:** ଝାରସୁଗୁଡ଼ା ଜିଲ୍ଲା ହଂ.କଟାପାଲି ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷା ବିଭାଗର ଅଧ୍ୟାପିକା ତଥା ଯୁବ ରେଡକ୍ରସର କାଉନସିଲର୍ ମନ୍ଦାକିନୀ ଶତପଥୀଙ୍କର ସଭାପତିତ୍ୱରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୁବ ରେଡକ୍ରସ୍‌ର ଜିଲ୍ଲା ସଂଯୋଜକ ପ୍ରାଧ୍ୟାପକ ସୁରେନ୍ଦ୍ର ପଧାନ ଓ ମୁଖ୍ୟ ବକ୍ତାରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମେଡିକାଲ୍ ଅଫିସର ଡ.ଆକାଶ ଅଗ୍ରୱାଲ ଯୋଗ ଦେଇଥିଲେ। ଅଧ୍ୟାପିକା କିରଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।




# ଜିଲ୍ଲାପାଳଙ୍କ ଯୁଗ୍ମଅଭିଯୋଗ ଶୁଣାଣି

ଦେବଗଡ଼,୧।୧୨(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୧୯ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୭ଟି ବ୍ୟକ୍ତିଗତ ଏବଂ ୨ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। ବିଶେଷ କରି ବାର୍ଦ୍ଧକ୍ୟ ଭତ୍ତା, ରାସ୍ତା, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ କରଣ ଓ ଗାଧୁଆ ଘାଟ ସମସ୍ୟା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଅଞ୍ଜୁନିକୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

**ଝାରସୁଗୁଡ଼ା:** ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଆଇଏଏସ୍ ପ୍ରବେଶନର ପ୍ରଜ୍ଞାନନ୍ଦନ ଗିରି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୬୭ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୧ଟି ସାମୂହିକ ଓ ୫୬ଟି ବ୍ୟକ୍ତିଗତ। କୁମ୍ଭାରୀରେ ବିସ୍ଥାପିତଙ୍କୁ ପିଡିଏଫ ଗ୍ରୁପରେ ସାମିଲ କରାଯିବା, ଜମିହରାଙ୍କୁ ପୁନର୍ବାସ ଏବଂ ଏନଏଲ୍‌ସି କମ୍ପାନୀ ପକ୍ଷରୁ କ୍ଷତିପୂରଣ, ସର୍ବସାଧାରଣ ରାସ୍ତାକୁ ପାଚେରୀ ଦ୍ୱାରା ଅବରୋଧ କରାଯାଇଥିବାରୁ ଯାନବାହନ ଓ ଗ୍ରାମବାସୀଙ୍କ ଯାତାୟତରେ ଅସୁବିଧା, ବୃନ୍ଦାମାଲ ଗ୍ରାମ୍ୟ ମୁଖ୍ୟରାସ୍ତାରୁ ମଦଭାଟି ସ୍ଥାନାନ୍ତରଣ, ଦଲକି ଗାଁରେ ଖେଳପଡିଆ, ସଭାଗୃହ ଓ ମିନିପାର୍କ ନିର୍ମାଣ ସହ ଓପନ ଜିମ୍ ପ୍ରତିଷ୍ଠା, ଏନ୍‌ଏଲ୍‌ସି କମ୍ପାନୀ ପକ୍ଷରୁ ପତ୍ରାପାଲିରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା, ପଣ୍ଡରୀପଥର ଗାଁରେ ଜମିହରା ବ୍ୟକ୍ତିଙ୍କୁ ରୁଙ୍ଗଟା କମ୍ପାନୀରେ ପୁନଃ ନିଯୁକ୍ତି, କୁରେବଗାରେ ଫ୍ଲାଏଆସ୍ ଦ୍ୱାରା ଚାଷ ଜମିକ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ଓ କୁକୁର ଜଙ୍ଘାରେ ଶିବଶକ୍ତି ଏଣ୍ଟରପ୍ରାଇଜେସ ଦ୍ୱାରା ପ୍ରଦୂଷଣ ସମ୍ପର୍କିତ ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ମଧ୍ୟ ଶୁଣାଣି କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

**୧୩ ଗାଁକୁ ବିଜୁଳି ସାତସପନ**

# ସୁବର୍ଣ୍ଣପୁରରେ ଜଳିଲା; ଆମର କେବେ?

ଧରାକୋଟ,୧।୧୨(ସମିସ)

ଧରାକୋଟ ବ୍ଲକର ଉପାନ୍ତ ଅଞ୍ଚଳ ସାବା ଓ ବଳରାମପୁର ପଞ୍ଚାୟତର ୧୩ ଗାଁରେ ବିଜୁଳି ଏବେବି ସାତ ସପନ ହୋଇଛି । ଘନ ଅନ୍ଧାର ରାତିରେ ଡିବିରି ଆଲୁଅ ସେମାନଙ୍କର ସାହାରା ପାଲଟିଛି । ଗଣମାଧ୍ୟମର ଖବର ପ୍ରସାରଣ ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଝାଡ଼ବନ୍ଧ ପଞ୍ଚାୟତର ସୁବର୍ଣ୍ଣପୁର ଗାଁରେ ବିଜୁଳି ଆଲୁଅ ଜଳିଛି । ଯାହାକୁ ନେଇ ଉପାନ୍ତ ଅଞ୍ଚଳର ଏହି ଗାଁରେ ଖୁସିର ମହୋଲ ଦେଖିବାକୁ ମିଳିଛି । ଅପରପକ୍ଷେ ସେହି ଉପାନ୍ତ ଅଞ୍ଚଳରେ ଥିବା ସାବା ପଞ୍ଚାୟତର ହିଞ୍ଜଳବସା, ଶାଗକିଆରୀ, ନୂଆଁସାହି, ତୋରାଣିପାଣି, ବେତବଣ, କାଞ୍ଜିଆମା, ଜୟସିଂହ, ଖଜୁରୀଝୋଲା ଓ ବଳରାମ ପୁର ପଞ୍ଚାୟତର ଝିରଝିରା, ଗୁଡୁରୁଗୁମା, ପୁଞ୍ଜିଆମ୍ବ, ଜିରୋନଗର, ବଟଖାଲ ଓ ନାକଡିରିରେ ବିଜୁଳି ସାତ ସପନ ପାଲଟିଛି । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ସେମାନଙ୍କ ମଧ୍ୟରେ ନୂତନ ଆଶାର ସଂଚାର କରିଛି । ବିନା ବିଜୁଳିରେ



ମହମବତି ଓ ଡିବିରି ଆଲୁଅ ଏବେ ସୁଦ୍ଧା ଘନ ଅନ୍ଧାରରେ ଥିବା ଆଦିବାସୀ ଅଧ୍ୟୁଷିତ ଏହି ତେର ଗାଁ ଲୋକ ମାନଙ୍କ ସାହାରା ପାଲଟିଛି । ଯାହା ଫଳରେ ସ୍ୱାଧୀନତାର ସ୍ୱାଦ ଉପାନ୍ତ ଅଞ୍ଚଳର ଏହି ଲୋକ ମାନଙ୍କ ଠାରୁ ଢ଼େର ଦୂରରେ ରହିଛି । ଏବେବି ଏହି ଅନ୍ଧାରୀ ମୂଲକର ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ତିନୋଟି ପାହାଡ ତଳକୁ ଆସି ମାଣିକପୁର କିମ୍ବା ଟି.ଗୋବିନ୍ଦପୁର ଉପରେ ନିର୍ଭର କରୁଥିବା ବେଳେ, ଜଙ୍ଗଲ ସଫା କରି ଜନା, କଙ୍ଗୁ, ମକା ଚାଷ କରି ପରିବାର ଚଳାନ୍ତି । ବଣ ମୂଳକର ଝରଣା ପାଣି ପିଇବା ପାଇଁ ସେମାନେ ବ୍ୟବହାର କରୁଥିବାବେଳେ ଗାଁକୁ ସଂଯୋଗ ପାଇଁ ଭଲ ରାସ୍ତାଟିଏ ନାହିଁ । ଏତେସବୁ ଅଭାବ ଅସୁବିଧା ସତ୍ତ୍ୱେ ଆଶାର ଆଲୋକ ପାଲଟିଛି ସୁବର୍ଣ୍ଣପୁରକୁ ବିଜୁଳି ପହଞ୍ଚିବା ଘଟଣା । ଏଣୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖିବା ପରେ ପ୍ରଶ୍ନଟିଏ ପଚାରୁଛନ୍ତି ବାବୁ ଆମ ଗାଁରେ ବିଜୁଳି କେବେ ଜଳିବ? ସତରେ ନେତା ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆମ ଗାଁ ଉପରେ ପଡ଼ିବ? ଏନେଇ ଧରାକୋଟ ବିଡିଓ ସଂଗ୍ରାମ କେଶରୀ ଜେନାଙ୍କ ସହ ଯୋଗାଯୋଗ ବେଳେ ଘଟଣା ସମ୍ପର୍କରେ ମୁଁ ବିଦ୍ୟୁତ ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ଚିଠି ଲେଖି ଜଣାଇଛି । ସ୍ଥିତାବସ୍ଥା ଦେଖିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି । ହେଲେ ଉପାନ୍ତ ଅଞ୍ଚଳର ଗାଁ ଲୋକଙ୍କ ପ୍ରଶ୍ନ ସୁବର୍ଣ୍ଣପୁରରେ ଜଳିଲା ହେଲେ ଆମର କେବେ?

## ବ୍ଲକ୍ ପ୍ରଶାସନ ପକ୍ଷରୁ ଡିପିଆର୍ ପ୍ରସ୍ତୁତ



ଗଞ୍ଜାମ,୧।୧୨(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ବଟେଶ୍ୱର ପୀଠକୁ ଗତ ୨୪ ତାରିଖରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ପରିଦର୍ଶନ କରିଥିଲେ । ମନ୍ଦିର ଉନ୍ନତିକରଣ ପାଇଁ କଣ କଣ ସମସ୍ୟା ରହିଛି ତାହାର ଡିପିଆର ପ୍ରସ୍ତୁତି ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସୋମବାର ବ୍ଲକ ପକ୍ଷରୁ ଏଇ ଅଚ୍ୟୁତାନନ୍ଦ ପଟ୍ଟନାୟକ, ଯନ୍ତ୍ରୀ ସାଗରୀକା ପାଢ଼ୀ ପ୍ରମୁଖ ମନ୍ଦିର ପରିଚାଳନା କମିଟି ଉପସ୍ଥିତରେ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସମୁଦ୍ର କୂଳର ସୌନ୍ଦର୍ଯ୍ୟକରଣ, ପାର୍କର ଉନ୍ନତିକରଣ, ରାସ୍ତା ଘାଟ, ଯାତ୍ରା ପଡ଼ିଆ ଉନ୍ନତିକରଣ, ଭୋଗ ମଣ୍ଡପ ସୌନ୍ଦର୍ଯ୍ୟକରଣ ତଥା ଅନ୍ୟାନ ଆନୁସଙ୍ଗିକ ବ୍ୟବସ୍ଥା କିଭଳି ହୋଇପାରିବ ସେନେଇ ଡିପିଆର ପ୍ରସ୍ତୁତି ପାଇଁ ଅନୁଧ୍ୟାନ କରିଥିଲେ । ପରିଚାଳନା କମିଟି ଉପଦେଷ୍ଟା ତଥା ପୂର୍ବତନ ସରପଞ୍ଚ ଦିଲୀପ ଛୋଟରାୟ, କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ, ଉପସଭାପତି ଶବର ତରାଇ, ସମ୍ପାଦକ ରଞ୍ଜିତ କୁମାର ପଲାଇ, ପବିତ୍ର ସ୍ୱାଇଁ, ଶିବରାମ ପଲେଇ, କୋଷାଧକ୍ଷ ନିରାକାର ଜେନା, ଦୁର୍ଯ୍ୟୋଧନ ପ୍ରଧାନଙ୍କ ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନେଇ ଆଲୋଚନା କରିଥିଲେ ।

## ବିଶ୍ୱ ଏଡ୍ସ ଦିବସ ପାଳିତ

କୋଦଳା,୧।୧୨(ସମିସ): ସ୍ଥାନୀୟ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ରଘୁନାଥ ମୁଦୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ରଞ୍ଜୁବାଳା ନନ୍ଦ କାର୍ଯ୍ୟକ୍ରମ ସମ୍ପର୍କରେ ମତାମତ ରଖିଥିଲେ । ସଂଯୋଜକ ସପନ କୁମାର ଦାଶ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ (ବାଳକ ୟୁନିଟ), ଡକ୍ଟର ପ୍ରଦୀପ କୁମାର ପଣ୍ଡା ଓ (ବାଳିକା ୟୁନିଟ) ସାଗରିକା ଦାଶ, ଆମ ଗୌରବ ଆମ କଲେଜ ପରିଚାଳନା ସଂଗଠନର ସଂଯୋଜକ ଭବାନୀ ଶଙ୍କର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ବର୍ଣ୍ଣନା କରିଥିଲେ । ଜ୍ୟୋତିପ୍ରଭା ସେଠୀ, ଜସ୍ମିନ ଦତ୍ତ ପ୍ରମୁଖ ଦିବସର ମହତ୍ୱ ସମ୍ପର୍କରେ କହିଥିଲେ । ଅଧାପିକା ପ୍ରିୟଦର୍ଶିନୀ ସାହୁ ସଂଯୋଜନା କରିଥିଲେ । ଅଧାପକ ଭବାନୀ ଶଙ୍କର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ

ପାତ୍ରପୁର,୧।୧୨(ସମିସ): ଜରଡା ଥାନା ନାରାୟଣପୁର ଗ୍ରାମରେ ରବିବାର ରାତିରେ ଜଣେ ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର ହୋଇଛି । ମୃତ ମହିଳା ଜଣକ ହେଲେ ଉକ୍ତ ଗ୍ରାମର କୃଷ୍ଣ ପ୍ରଧାନଙ୍କ ସ୍ତ୍ରୀ କୁମାରୀ ପ୍ରଧାନ (୬୦) । ତେବେ ହତ୍ୟା କରାଯିବା ପରେ ଆତ୍ମହତ୍ୟା ରୂପ ଦେବା ପାଇଁ ଚେଷ୍ଟା କରାଯାଇଛି ବୋଲି କୁମାରୀଙ୍କ ଭାଇ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଯାଇ ଘଟଣାସ୍ଥଳ ପରିଦର୍ଶନ କରିଛି । ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ନାରାୟଣପୁରର କୃଷ୍ଣ ପ୍ରଧାନ ପ୍ରାୟ ୩୫ ବର୍ଷ ପୂର୍ବେ ଖରଣିପଡା ଗ୍ରାମର କୁମାରୀ ପ୍ରଧାନଙ୍କୁ ବିବାହ କରିଥିଲେ । ଗତ ରବିବାର ରାତିରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିବା ବେଳେ ରାତିରେ କୁମାରୀ ଫ୍ୟାନ୍‌ରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ସ୍ୱାମୀ କହିଥିବା ବେଳେ କୁମାରୀଙ୍କ ପରିବାର ବର୍ଗ ଓ ପୁଲିସ ପହଞ୍ଚିବା ପୂର୍ବରୁ ଗାମୁଛା କାଟି କୁମାରୀଙ୍କ ଶବକୁ ତଳକୁ କାଢ଼ିଥିବା ଦେଖିବାକୁ ମିଳିଛି । ଯାହାକୁ କୁମାରୀଙ୍କ ପରିବାର ଲୋକେ ସହଜରେ ଗ୍ରହଣ କରିପାରିନଥିଲେ । କାରଣ କୁମାରୀ ଦେହରେ କ୍ଷତ ଚିହ୍ନ ରହିଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ନିର୍ଯାତନା ପରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ଘଟଣାସ୍ଥଳରୁ ପୁଲିସ ନିଶୁଣି ଓ ବ୍ୟବହୃତ ଚାଦର ଜବତ କରିଥିବା ବେଳେ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ବ୍ୟବଚ୍ଛେଦ ତଥ୍ୟ ଓ ତଦନ୍ତ ପରେ ଘଟଣାର ସତ୍ୟତା ଜଣାପଡିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି ।

## ସ୍କାଉଟ୍ ଓ ଗାଇଡ୍‌ଙ୍କ ଦୀକ୍ଷା ଗ୍ରହଣ କାର୍ଯ୍ୟକ୍ରମ

ବେଲଗୁଣ୍ଠା,୧।୧୨(ସମିସ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କ୍ଷତ୍ରୀୟବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାରତ ସ୍କାଉଟ ଓ ଗାଇଡ ସ୍ୱେଚ୍ଛାସେବୀଙ୍କ ଦୀକ୍ଷା ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଅଧକ୍ଷା ରୁନିବାଳା ତ୍ରିପାଠୀ ଉଦଘାଟନ କରିବା ସହ ଉପସ୍ଥିତ ନୂତନ ସ୍ୱେଚ୍ଛାସେବୀଙ୍କୁ ସ୍କାର୍ଫ ଓ ସ୍କାଉଟ କ୍ୟାପ ପିନ୍ଧାଇ ସେବା କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବାକୁ ଉଦ୍‌ବୋଧନ ଦେଇଥିଲେ । ଛାତ୍ର ଶୁଭ୍ରକାନ୍ତ ଗୁରୁ ଧ୍ୱଜା ଉତ୍ତୋଳନ କରିଥିଲେ ଓ ବରିଷ୍ଠ ସ୍ୱେଚ୍ଛାସେବୀ ଅମିତ କୁମାର ସ୍ୱାଇଁ, ଛାତ୍ରୀ ବିଜିଲି ବାରିକ ନୂତନ ସ୍ୱେଚ୍ଛାସେବୀଙ୍କୁ ଶପଥ ପାଠ କରାଇଥିଲେ । କାର୍ଯ୍ୟକ୍ରମକୁ ରୋଭର ଲିଡର ପି.ଦିପକ ରାଓ ଏବଂ ରେଞ୍ଜର ଲିଡର ଜୟଶ୍ରୀ ସେଠୀ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବ ରେଡକ୍ରସ ସଂଯୋଜକ ସୁଶାନ୍ତ କୁମାର ଲେଙ୍କା, ପ୍ରଶାସନିକ ଅଧିକ୍ଷକ ତ୍ରିନାଥ ବେହେରା, ଅଧାପକ ଗାଙ୍ଗୁଲି ପାଲଟା ସିଂ, ଜଗତ ରଞ୍ଜନ ବିଶ୍ୱାଳ, ଆଶୁତୋଷ ପ୍ରଧାନ, ମନୋଜ କଅଁର, ଅଧାପିକା କିରଣ କଅଁର, ଭାରତୀ ବିଶ୍ୱାଳ ଓ ଗାର୍ଡେନର ରମେଶ ଚନ୍ଦ୍ର ବିଷୋୟୀ, ବଳରାମ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ ।

**ପ୍ରେମିକାଙ୍କ ଆତ୍ମହତ୍ୟା ଘଟଣା**

## ଗ୍ରାମ କମିଟି ବୈଠକ ପରେ ଶବ ସତ୍କାର

ଖଲ୍ଲିକୋଟ,୧।୧୨(ସମିସ): ଖଲ୍ଲିକୋଟ ବ୍ଲକ ତଥା ରମ୍ଭା ଥାନା ଅଧୀନସ୍ଥ ସାବୁଳିଆ ଗ୍ରାମରେ ପ୍ରେମିକର ନିର୍ଯାତନା ସହି ନ ପାରି ପ୍ରେମିକା ଆତ୍ମହତ୍ୟା କରିଥିଲେ । ରବିବାର ବିଳମ୍ବିତ ରାତିରେ ଗାଁ କମିଟି ବୈଠକ ପରେ ଶବ ସତ୍କାର କରାଯାଇଛି । ସାବୁଳିଆ ଗ୍ରାମ ବାଦଭୂମୀ ସାହିର ଝାନ୍ସି ବେହେରା ସେହି ଗାଁର ନିରଞ୍ଜନ ଜାଲିଙ୍କୁ ଭଲ ପାଉଥିଲେ । ଉଭୟ କିଛି ମାସ ତଳେ ଘରୁ ଫେରାର ହୋଇ ଯାଇଥିଲେ । ଏ ସମ୍ପର୍କରେ ଝାନ୍ସୀଙ୍କ ପରିବାର ଲୋକେ ରମ୍ଭା ଥାନାରେ ଅଭିଯୋଗ କରିଥିଲେ । ପରବର୍ତ୍ତି ସମୟରେ ଉଭୟ ପ୍ରେମୀ ଯୁଗଳ ଫେରି ଆସିବା ସହିତ ଗାଁରେ ଏକ ବୈଠକ ବସି ଆଗାମୀ ଏକ ବର୍ଷ ଭିତରେ ଉଭୟଙ୍କ ବିବାହ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଇତି ମଧ୍ୟରେ ୬ ମାସ ବିତି ଯାଇଥିବା ବେଳେ ପୁଅ ସମେତ ତାଙ୍କ ଘର ପକ୍ଷରୁ ଫୋନ ଦ୍ୱାରା ଝାନ୍ସିଙ୍କ ଚରିତ୍ରକୁ ଆପେକ୍ଷ କରି ବିଭିନ୍ନ ନିର୍ଯାତନା ଦିଆ ଯାଉଥିବା ଭଉଣୀ ଲିପି ବେହେରା ଓ ଭିଣୋଇ ଗୋପାଳ ପଲେଇ ଅଭିଯୋଗ କରିଥିଲେ । ଭାବି ଶଶୁରଙ୍କ ପରିବାର ମାନସିକ ନିର୍ଯାତନା ଦେବା ଯୋଗୁ ତାଙ୍କ ଭଉଣୀ ଆତ୍ମହତ୍ୟା କରିବାକୁ ବାଧ ହୋଇଛି ବୋଲି ସେମାନେ ଅଭିଯୋଗ କରିଥିଲେ । ଏନେଇ ରମ୍ଭା ଥାନାରେ ଏକ ମାମଲା ରୁଜୁ ହୋଇଛି । ଶବ ବ୍ୟବଛେଦ ପରେ ପରିବାର ଲୋକେ ଶବ ସତ୍କାର ନ କରି ପ୍ରେମିକ ଘର ବାରଣ୍ଡାରେ ରଖି ନ୍ୟାୟ ପାଇଁ ଦାବି କରିଥିଲେ । ପ୍ରେମିକ ନିରଞ୍ଜନଙ୍କ ପରିବାର ଲୋକେ ଘରେ ତାଲା ପକାଇ କୁଆଡେ ଚାଲି ଯାଇଥିବା ଦେଖିବାକୁ ମିଳିଥିଲା । ଏହାପରେ ଗାଁରେ ବୈଠକ ବସିଥିଲା । ପ୍ରାୟ ୧୦ ଘଣ୍ଟା ଧରି ପ୍ରେମିକର ବାରଣ୍ଡାରେ ପଡି ରହିଥିଲା ପ୍ରେମିକାର ଶବ । ରାତି ୧୨ଟାରେ ଝାନ୍ସିଙ୍କ ବାପା, ମାଆ ଚେନ୍ନାଇରୁ ଆସି ପହଞ୍ଚିଥିଲେ । ଏହାପରେ ଗାଁ କମିଟି ବୈଠକ ବସି ବିସ୍ତୃତ ଆଲୋଚନା ପରେ ରାତି ପ୍ରାୟ ୨ଟାରେ ଶବ ଗାଁ ଶ୍ମଶାନରେ ସତ୍କାର କରାଯାଇଥିଲା ।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦିଗପହଣ୍ଡି, ୧।୧୨(ସମିସ): ଦିଗପହଣ୍ଡି ସ୍ଥିତ ବଡଖେମୁଣ୍ଡି ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଏମ୍. ଗୌରାଙ୍ଗଙ୍କ ଅବସର ଗ୍ରହଣ ପରିପ୍ରେକ୍ଷୀରେ ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ଦାସଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ଼.ଶଙ୍କରନାରାୟଣ ବେଜ ମୁଖ୍ୟ ଅତିଥି ଭାବେ ଯୋଗ



ଦେଇଥିବା ବେଳେ ପରିଚାଳନା କମିଟି ସଭାପତି ଉଦୟନାଥ ସାମନ୍ତ, ସିଆରସିସି ଅନିଲ୍ କୁମାର ଦାସ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ବୃନ୍ଦ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ସଭାରେ ସହରର ବହୁ ଗଣ୍ୟମାନ୍ୟ ବ୍ୟକ୍ତି, ସାଙ୍ଗ ସାଥି ଉପସ୍ଥିତ ଥିଲେ । ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ ହାଇସ୍କୁଲ ଛାତ୍ରଙ୍କୁ ତାଲିମ ପ୍ରଦାନ ପୂର୍ବକ ଉତ୍ସାହିତ କରି ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ହାଇସ୍କୁଲର ସୁନାମ ବୃଦ୍ଧି କରିବାକୁ ସକ୍ଷମ ହୋଇଥିବା କ୍ରୀଡ଼ା ଶିକ୍ଷକଙ୍କ ଉଲ୍ଲେଖନୀୟ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ । ପରେ ଛାତ୍ର ବୃନ୍ଦ ତାଙ୍କୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ରାଣୀସାହି ସ୍ଥିତ ବାସଭବନରେ ଛାଡିଥିଲେ ।

## ଅଧ୍ୟାପକଙ୍କୁ ଶିକ୍ଷା ପ୍ରଦୀପ ସମ୍ମାନ



ପୋଲସରା,୧।୧୨(ସମିସ): ସମ୍ବର୍ଦ୍ଧନା ପରିବାର ତରଫରୁ ଶରଣକୁଳ ନୟାଗଡ ଦ୍ୱାରା ଆୟୋଜିତ ଷଷ୍ଠ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ତଥା ଯୁବ ସାହିତ୍ୟିକ ଦେବାଶିଷ ସ୍ୱାଇଁଙ୍କୁ ଶିକ୍ଷାପ୍ରଦୀପ ସମ୍ମାନ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଆକାଶବାଣୀ କଟକ ଏବଂ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱରର ପ୍ରାକ୍ତନ ନିର୍ଦ୍ଦେଶକ ଡ଼ଃ ଶାନ୍ତନୁ କୁମାର ରଥ, କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ, ନିରାକାରପୁରର ପ୍ରାକ୍ତନ ପ୍ରାଧ୍ୟାପକ ଡ଼ଃ ବେଣୁଧର ଦାସ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭବାନୀପାଟଣାର ପ୍ରାକ୍ତନ ଅଧକ୍ଷ ଡ଼ଃ ଯଦୁନାଥ ପ୍ରଧାନ, ସଭାପତି କବିକୁସୁମ ନିରାକାର ସ୍ୱାଇଁ, ସମ୍ପାଦିକା ହରପ୍ରିୟା ଦ୍ୱିବେଦୀ, ପ୍ରତିଷ୍ଠାତା ସଦସ୍ୟ ଏମ ଦିନବନ୍ଧୁ, ଗୋଦାବରୀ ବସନ୍ତିଆ, ଉପସଭାନେତ୍ରୀ ଅଧାପିକା ନୀଳିମା ନନ୍ଦ, କବି ତଥା ଗୀତିକାର ନୀଳାଦ୍ରି ବିହାରୀ ମହାପାତ୍ର ଉପସ୍ଥିତ ଥିଲେ ।

## ଯୁବତୀଙ୍କ ଆତ୍ମହତ୍ୟା

ବୁଗୁଡା,୧।୧୨(ସମିସ): ବୁଗୁଡ଼ା ଥାନା ଅନ୍ତର୍ଗତ ଚଢ଼େୟାପଲ୍ଲୀ ଗାଁର ଜନୈକା ଯୁବତୀ ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ମୃତ ଯୁବତୀ ଜଣକ ହେଲେ କାଳିଆ ପ୍ରଧାନଙ୍କ ଝିଅ ମାମି ପ୍ରଧାନ (୨୬) । ଏନେଇ କେସ୍‌ନଂ ୨୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପାରିବାରିକ ଅଶାନ୍ତି କାରଣରୁ ଗତ ରବିବାର ରାତିରେ ମାମି ବିଷ ପିଇ ଦେଇଥିଲେ । ତାଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପୁଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ।

**ବୁଗୁଡା ବ୍ଲକ୍‌ରେ ରାଜନୈତିକ ଆକ୍ରୋଶ**


## ଜିଲ୍ଲାପାଳଙ୍କୁ ଭେଟିଲେ ପୂର୍ବତନ ମନ୍ତ୍ରୀ

ଛତ୍ରପୁର,୧।୧୨(ସମିସ)

ରାଜ୍ୟରେ ନୂଆ ସରକାର । ସମସ୍ତଙ୍କ ଆଶା କିଛି ପରିବର୍ତ୍ତନ ହେବ । ଲୋକଙ୍କୁ ମିଳିବ ଅଧିକ ସରକାରୀ ଯୋଜନା । କିନ୍ତୁ ରାଜନୈତିକ ଆକ୍ରୋଶ ଯୋଗୁଁ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ଲୋକେ । ଏଭଳି ଅଭିଯୋଗ ଆଣିଛନ୍ତି ବିଜୁ ଜନତା ଦଳର ନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ । ଗଞ୍ଜାମ ଜିଲ୍ଲାର ପୋଲସରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଗୁଡା ବ୍ଲକରେ ରାଜନୈତିକ ଆକ୍ରୋଶ ରଖି ଜନ ପ୍ରତିନିଧି ଓ ବିଭିନ୍ନ ପଞ୍ଚାୟତର ଜନସାଧାରଣଙ୍କୁ ଅଣଦେଖା କରାଯାଉଥିବା ନେଇ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ବହୁ ଜନ ପ୍ରତିନିଧି ସୋମବାର ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନଙ୍କ ନିକଟରେ ଅଭିଯୋଗ କରିଛନ୍ତି । ମନ୍ତ୍ରୀଙ୍କ ଚାପରେ ବୁଗୁଡା ବିଡିଓ ଏବଂ ଯନ୍ତ୍ରୀ ଓ




ଅନ୍ୟ କର୍ମଚାରୀ ମାନେ ପଞ୍ଚାୟତକୁ ଆସୁଥିବା ଟଙ୍କା ବିନିଯୋଗରେ ସହଯୋଗ କରୁନଥିବା ଅଭିଯୋଗ କରିଛନ୍ତି । ଦୀର୍ଘ ଦେଢ ବର୍ଷ ହେଲା ସରକାର ପରିବର୍ତ୍ତନ ହେବା ପରେ ବୁଗୁଡା ବ୍ଲକର ପ୍ରାୟ ୧୨ଟି ପଞ୍ଚାୟତର ଜନ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯାଉଛି । ଏମିତିକି ପଞ୍ଚାୟତର ଉନ୍ନତି ପାଇଁ ଆସୁଥିବା ଟଙ୍କାକୁ ମଧ୍ୟ ଖର୍ଚ୍ଚ କରିବାକୁ ଦେଉନାହାନ୍ତି । ରାଜନୈତିକ ଚାପ ଯୋଗୁଁ ହୋଇପାରୁନଥିବା ବିଡିଓ କହୁଛନ୍ତି ବୋଲି ପୂର୍ବତନ ବିଧାୟକ ଶ୍ରୀ ସାହୁ ଅଭିଯୋଗ କରିଛନ୍ତି । ଏହା ସହ ବିଜେପିରେ ମିଶିଲେ ହିଁ ପଞ୍ଚାୟତରେ କାର୍ଯ୍ୟ କରିପାରିବ ବୋଲି କୁହାଯାଉଥିବା ସେମାନେ କହିଛନ୍ତି । ଏଥିସହ ଆଗାମୀ ଦିନରେ ଉକ୍ତ ସମସ୍ୟାର ସମାଧାନ ନ ହେଲେ ବୁଗୁଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏନେଇ ପୂର୍ବରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ବିଭଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଅବଗତ କରାଯାଇଥିବା ଜଣାପଡିଛି ।



















# ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ



ଅନୁଗୋଳ,୧।୧୨(ସମିସ): ନାଲକୋ ଥାନା ଅନ୍ତର୍ଗତ ନାଲକୋ କଲୋନୀରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ, କାର୍ତ୍ତିକେଶ୍ୱର ପ୍ରଧାନଙ୍କ ସ୍ତ୍ରୀ ମଧୁସ୍ମିତା ପ୍ରଧାନ (୩୫)। କାର୍ତ୍ତିକେଶ୍ୱର ନାଲକୋ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟ କରନ୍ତି। ସବୁଦିନ ପରି ସୋମବାର ସକାଳେ ସେ ଡ୍ୟୁଟିକୁ ଯାଇଥିଲେ। ଅପରାହ୍ଣ ୧ଟା ୪୦ରେ ଝିଅକୁ ସ୍କୁଲରୁ ଧରି ଘରକୁ ଫେରିଥିଲେ। ସାମ୍ନା କବାଟ ବନ୍ଦ ଥିବାରୁ ପଛ ପଟରେ ଘର ଭିତରକୁ ପ୍ରବେଶ କରିବା ବେଳକୁ ମଧୁସ୍ମିତା ତଳେ ନିଶ୍ଚଳ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତାଙ୍କୁ ତୁରନ୍ତ ନାଲକୋ ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଅନୁଗୋଳ ଏସ୍‌ଡିପିଓ, ନାଲକୋ ଥାନା ଅଧିକାରୀ ଓ ନାଲକୋ ଘରୋଇ ସୁରକ୍ଷା କର୍ମୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

# ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ ଉତ୍ସବ

ବଅଁରପାଳ,୧।୧୨(ସମିସ): ବଅଁରପାଳ ବ୍ଲକ ତୁଳସୀପାଳ ଓ ଲଙ୍ଗୁଳିଆବେଡ଼ା ଗ୍ରାମ ତାସିରୀ ମଠ ପରିସରରେ ନିର୍ମାଣାଧୀନ ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ ଉତ୍ସବ ଓ ବଜ୍ରବାରକ ଇନ୍ଦ୍ରଇନ୍ଦ୍ରାଣୀ ପୂଜା ସମାରୋହରେ ପାଳିତ ହୋଇଛି। ମନ୍ଦିର ପରିଚାଳନା କମିଟି ସଭାପତି କମଳକାନ୍ତ ବିଶ୍ୱାଳ ଓ ଧର୍ମପତ୍ନୀ ଅନୀତା ବିଶ୍ୱାଳ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ଅଭିମନ୍ୟୁ ଶତପଥୀ, ସୁବାସ ନନ୍ଦ, ଚନ୍ଦ୍ରଶେଖର ମହାପାତ୍ର ଓ ମୀନକେତନ ମିଶ୍ର ପ୍ରମୁଖ ପୂଜାପାଠ କରିବା ସହ ହୋମଯଜ୍ଞ ଓ ରତ୍ନମୁଦ ଆଦି କର୍ମ କରିଥିଲେ। ଆଖପାଖ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ କରିଥିଲେ। ଶ୍ରଦ୍ଧାଳୁମାନେ ରତ୍ନମୁଦ ଗହ୍ୱରରେ ବିଭିନ୍ନ ଶସ୍ୟ, ଅର୍ଥ, ସୁନା ଓ ରୁପା ଆଦି ଧାତୁ ଅର୍ପଣ କରିଥିଲେ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ତଥା ଉପବାଚସ୍ପତି ରଜନୀକାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ, ବଅଁରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଯୁବ ବିଜେଡି ନେତା ଅରୁଣାଭ ସିଂହ, ଜିଲ୍ଲା ପରିଷଦ ସଭ୍ୟ ମୀରା ଗଡ଼ନାୟକ, ଗୋପାଳ ଚନ୍ଦ୍ର ନାଏକ ପ୍ରମୁଖଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉତ୍ସବରେ ଯୋଗଦେଇଥିଲେ।

# କିଶୋରନଗରରେ ଜିଲ୍ଲାପାଳଙ୍କ ଜନଶୁଣାଣି



କିଶୋରନଗର,୧।୧୨(ସମିସ): କିଶୋରନଗର ବ୍ଲକ ରାଜୀବ ଗାନ୍ଧୀ ସେବକେନ୍ଦ୍ର ସଭାଗୃହରେ ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ୍ ଅଖତରଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୩୫ ଅଭିଯୋଗର ଶୁଣାଣି କରାଯାଇ ତା'ର ସମାଧାନ କରାଯାଇଥିଲା। ତହସିଲ ସଂକ୍ରାନ୍ତୀୟ ଲୋକଙ୍କ ସମସ୍ୟାଗୁଡ଼ିକ ତ୍ୱରିତ ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ସିଡିଏମଓ ମଧୁସୂଦନ ବିଶ୍ୱାଳ, ଆଠମଲ୍ଲିକ ଏସଡିପିଓ ସୁଶାନୁ କୁମାର ତାଡଡିଆ, ବିଡିଓ ସୁବ୍ରତ ବେହେରା, ତହସିଲଦାର ବିକ୍ରମ କେଶରୀ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଆରଡବ୍ଲ୍ୟୁଏସ୍‌ଏସ୍ ନିର୍ବାହୀ ଯନ୍ତ୍ରୀ ଚଟୀନ ମିଶ୍ର, ପୂର୍ତ୍ତ ବିଭାଗ ଏସଡିଓ ସହରାଇ ସିଂହ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ରେଡ୍‌କ୍ରସ ପାଣ୍ଠିରୁ ଚିକିତ୍ସା ବାବଦ ନାକଚି ମଧୁପୁର ଗାଁର ସତୀଶ ପ୍ରଧାନଙ୍କୁ ୭୫୦୦ ଓ ଧଡ଼ରପାଳ ଗାଁର କ୍ୟାନସର ପୀଡ଼ିତା ଝରଣା ବେହେରାଙ୍କୁ ୧୦୦୦୦ ଟଙ୍କା ଅର୍ଥରାଶି ଚେକ୍ ଆକାରରେ ପ୍ରଦାନ କରାଯାଇଛି।

# ଜାତୀୟ ଶିକ୍ଷାନୀତିର କୌଶଳ ସମ୍ପର୍କିତ ଆଲୋଚନାଚକ୍ର



କିଶୋରନଗର,୧।୧୨(ସମିସ): ସାମ୍ପ୍ରତିକ ସମୟ ହେଉଛି ଯୁବସମାଜର। ଯୁବସମାଜ କୌଶଳୀ ହେଲେ କୁଶଳ ଭାରତ ସମ୍ଭବ ହୋଇପାରିବ। ଆଠମଲ୍ଲିକ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ତରଫରୁ ଆୟୋଜିତ ଆଲୋଚନାଚକ୍ରରେ ଏହି ମତ ପ୍ରକାଶ ପାଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ କାର୍ଯ୍ୟକ୍ରମକୁ ଉଦଘାଟନ କରି ଏହାର ଆଭିମୁଖ୍ୟ ଓ ଆତ୍ମନିର୍ଭର ଭାରତ ସମ୍ପର୍କରେ ଯୁବଗୋଷ୍ଠୀର କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ପ୍ରଶିକ୍ଷକ ନିକୁଞ୍ଜ ବିହାରୀ ଦାଶ ଓ ରାଜେଶ ସାହୁ ପାଠପଢ଼ା ସହ ପ୍ରଶିକ୍ଷଣର ଆବଶ୍ୟକତା ଏବଂ କ୍ଷୁଦ୍ରଶିଳ୍ପ ଓ ଉଦ୍ୟୋଗ ତରଫରୁ ପ୍ରଦାନ କରାଯାଉଥିବା ସ୍ୱଳ୍ପ ମିଆଦି ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ତରଣୀସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରନ୍ଥାଗାରିକ ଗୋବର୍ଦ୍ଧନ ପ୍ରଧାନ, ଅଭିଜିତ ପ୍ରଧାନ ସୁଶାନ୍ତ ରାଉଳ ପ୍ରମୁଖ ସହଯୋଗ କରିଥିଲେ।

## ମାଲ୍ୟଗିରି ମହାବିଦ୍ୟାଳୟ ଛକରେ ବଢ଼ୁଛି ଦୁର୍ଘଟଣା

# ପ୍ରତିଷେଧକ ବ୍ୟବସ୍ଥା ପାଇଁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ପାଲଲହଡ଼ା,୧।୧୨(ସମିସ)

ମାଲ୍ୟଗିରି ମହାବିଦ୍ୟାଳୟ ଛକରେ ବଢ଼ୁଛି ଦୁର୍ଘଟଣା। ଶନିବାର ଗାଡ଼ି ଧକ୍କାରେ କଲେଜର ଅଧ୍ୟାପକ ଭାସ୍କର ଚନ୍ଦ୍ର ସାହୁ ଗୁରୁତର ଆହତ ହେଇଥିଲେ। ସୋମବାର ସକାଳେ ଭୁବନେଶ୍ୱରର ଘରୋଇ ହସ୍ପିଟାଲରେ ତାଙ୍କ ମୃତ୍ୟୁ ହୋଇଛି। ମହାବିଦ୍ୟାଳୟ ସମ୍ମୁଖରେ ଚାରିଥାକିଆ ରାଜପଥ ଉପରେ ଦ୍ରୁତ ଗତିରେ ଚଳାଚଳ କରୁଥିବା ଯାନବାହାନ ପାଇଁ କୌଣସି ନିୟନ୍ତ୍ରଣ ବ୍ୟବସ୍ଥା ନ ଥିବାରୁ ପ୍ରତେକ ଦିନ ଦୁର୍ଘଟଣା ଘଟୁଛି। ପ୍ରାୟ ୨୦୦୦ ଛାତ୍ରଛାତ୍ରୀଙ୍କ ପାଇଁ ଏହି ସ୍ଥାନ ମରଣଯନ୍ତା ପାଲଟିଛି। ସୋମବାର ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କୁ ଭେଟି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଚାରି ଦଫା ସମ୍ବଳିତ ଦାବିପତ୍ର ଦେଇଛନ୍ତି। ମହାବିଦ୍ୟାଳୟ ନିକଟରେ ସର୍ଭିସ ରାସ୍ତା ନିର୍ମାଣ, ରାଜପଥ ଉପରେ ସ୍ପିଡ୍ ବ୍ରେକର ନିର୍ମାଣ, କଲେଜ ଛକରୁ ୧୦୦ ମିଟର ଦୂରରେ ଉଭୟ ପାଶ୍ୱର୍ ରେ ଥିବା ଟ୍ରକ ପାର୍କିଂ ସ୍ଥଳ ଉଚ୍ଛେଦ ଏବଂ କଲେଜ ଛକରେ ଟ୍ରାଫିକ ପୁଲିସ ନିୟୋଜନ କରିବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ସମସ୍ତ ଛାତ୍ରଛାତ୍ରୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଛାତ୍ରସଂସଦ ପକ୍ଷରୁ ଚେତାବନୀ ଦିଆଯାଇଛି।

**କାର୍ଯ୍ୟକାରୀ ନ ହେଲେ ଆନ୍ଦୋଳନ କରିବାକୁ ଛାତ୍ରଛାତ୍ରୀଙ୍କ ଚେତାବନୀ**

# ଉପଜିଲ୍ଲାପାଳଙ୍କ ଜରୁରୀ ବୈଠକ



ପାଲଲହଡ଼ା,୧।୧୨(ସମିସ): ଜାତୀୟ ରାଜପଥ ୪୯ ଏବଂ ୧୪୯ରେ ସଡ଼କ ଦୁର୍ଘଟଣା ବଢ଼ି ଚାଲିଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପାଇଁ ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି। ମାଲ୍ୟଗିରି କଲେଜ ଛାତ୍ର ସଂସଦର ଦାବି କ୍ରମେ ସ୍କୁଲ/କଲେଜ ଏବଂ ଆବାସିକ ଅଞ୍ଚଳରେ ସାଇନ୍ ବୋର୍ଡ ଲଗାଇବା, ଷ୍ଟ୍ରିଟ୍ ଲାଇଟ ଲଗାଇବା, ଦୁର୍ଘଟଣା ପ୍ରବଣ ଅଞ୍ଚଳ ଚିହ୍ନଟ କରି ସ୍ପିଡ୍ ଲିମିଟ କରିବା, ଆମ୍ବୁଲାନ୍ସ ସେବା ସମ୍ପର୍କ ନମ୍ବର ପ୍ରଦର୍ଶନ କରିବା, ଦୃଷ୍ଟିଗୋଚର ହେବା ପାଇଁ ରାସ୍ତା କଡ଼ର ଗଛବୁଦାକୁ କାଟିବା, ସ୍ପିଡ ବ୍ରେକର ଲଗାଇବା, ସର୍ଭିସ ରୋଡ ପ୍ରସ୍ତାବ ଦେବା, ଯାନବାହାନ ଚେକିଂ ପାଇଁ ଟ୍ରାଫିକ ପୁଲିସ ସଂଖ୍ୟା ବଢ଼ାଇବା ଆଦି କାର୍ଯ୍ୟ କରିବାକୁ ଜାତୀୟ ରାଜପଥ ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସବୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ଜାତୀୟ ରାଜପଥ ଅଧିକାରୀ, ତହସିଲଦାର ଆକାଂକ୍ଷା ମହାପାତ୍ର, ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରଦୀପ ମହାନ୍ତ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶି ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ବାଳକର ଗୋଡ଼ ଛିଣ୍ଡିଲା



ତାଳଚେର,୧।୧୨(ସମିସ): ମାତ୍ର ୧୦ବର୍ଷ ବୟସରେ ଜାଣି ନ ଥିଲେ ଯେ ଏପରି ଏକ ଝଡ଼ ଜୀବନରେ ଆସିବ ବୋଲି। ପାଲଲହଡ଼ାରୁ ତାଳଚେର ଯାତ୍ରା ଜୀବନରେ ଦେଇଗଲା ବଡ଼ ଦୁଃଖ। ଦୁର୍ଘଟଣାରେ ଛିଣ୍ଡିଗଲା ଜଣେ ବାଳକର ଗୋଡ଼। ୧୪୯ନଂ ଜାତୀୟ ରାଜପଥର ତାଳଚେର ତାଳବେଡ଼ାଠାରୁ ବଅଁରପାଳ ପର୍ଯ୍ୟନ୍ତ ମରଣାଯନ୍ତା ସାଜିଥିବା ବେଳେ ଆଜି ଆଉ ଗୋଟିଏ ହୃଦୟ ବିଦାରକ ଘଟଣା ସମସ୍ତଙ୍କୁ ମର୍ମାହତ କରିଛି। ତାଳଚେର ଟାଉନଥାନା ଅନ୍ତର୍ଗତ ବହ୍ଲର ଛକରେ ବାଇକ ଦୁର୍ଘଟଣାରେ ପାଲଲହଡ଼ା ଉପଖଣ୍ଡ ସାମିଆପାଲି ଗ୍ରାମର କମଳ ଧିବରଙ୍କ ବଡ଼ପୁଅର ବାମ ଗୋଡ଼ ଛିଣ୍ଡିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ମଣ୍ଡାପାଳ ଡାକ୍ତରଖାନା ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏହି ଜାତୀୟ ରାଜପଥ ଅଣଓସାରିଆ ହୋଇଥିବା ବେଳେ ଖାଲଖମା ଓ ଗୋଡ଼ି ଉଠି ରାସ୍ତା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ଦୈନନ୍ଦିନ ଦୁର୍ଘଟଣା ଘଟି ଲୋକେ ମୃତାହତ ହେଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

● ନାଲକୋନଗର ଏସଭିଏମରେ ବାର୍ଷିକ କ୍ରୀଡ଼ା ଉତ୍ସବ

# 'ସୁସ୍ଥ ଶରୀର ପାଇଁ କ୍ରୀଡ଼ାଭ୍ୟାସ ଅପରିହାର୍ଯ୍ୟ'

ନାଲକୋନଗର,୧।୧୨(ସମିସ): ନାଲକୋନଗର ସରସ୍ୱତୀ ବିଦ୍ୟା ମନ୍ଦିରର ୩୯ତମ ବାର୍ଷିକ କ୍ରୀଡ଼ା ଉତ୍ସବର ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ନାଲକୋ ସିପିପି ଜିଏମ (ଏଚ ଆଣ୍ଡ ଏ) ପ୍ରସନ୍ନ କୁମାର ସାହୁ ଯୋଗଦେଇ କହିଲେ, ବିଦ୍ୟାଳୟ ସ୍ତରରେ ପାଠ୍ୟକ୍ରମ ସହ ଶାରୀରିକ ବିକାଶ ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ପିଲାଙ୍କ ବୌଦ୍ଧିକ ବିକାଶ ସହ ସୁସ୍ଥ ଶରୀର ଅପରିହାର୍ଯ୍ୟ। ଏଥିପାଇଁ ପାଠ ପଢ଼ିବା ସହ କ୍ରୀଡ଼ା ଅଭ୍ୟାସ ଜାରି ରଖିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଶ୍ୱଜିତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତିନିଦିନିଆ କ୍ରୀଡ଼ା ଉତ୍ସବର ଉଦଘାଟନୀ ସମାରୋହରେ ମୁଖ୍ୟବକ୍ତା ଭାବେ ଶିକ୍ଷା ବିକଶ ସମିତି ପ୍ରାନ୍ତ ପରୀକ୍ଷା ସଂଯୋଜକ ମନୋଜ କୁମାର ଦାଶ ଯୋଗଦେଇ ଛାତ୍ରଛାତ୍ରୀମାନେ ନିୟମିତ ବ୍ୟାୟାମ, ଯୋଗ କରିବା ସହ ସୁଷମ ଖାଦ୍ୟ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଛାତ୍ର ତଥା ଜାତୀୟ ସ୍ତରର କ୍ରୀଡ଼ାବିତ ଧନଞ୍ଜୟ ନାୟକ ମଶାଲ ପ୍ରଜ୍ୱଳନ କରିଥିଲେ। ଅଧ୍ୟକ୍ଷ ଡ. ତ୍ରିପାଠୀ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନିଲ କୁମାର ବିଶ୍ୱାଳ ଓ ଦେବରାଜ ମୂଳିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ବିଦ୍ୟାଳୟର ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ବରିଷ୍ଠ କ୍ରୀଡ଼ା ଶିକ୍ଷକ ଗଦାଧର ପାଣିଗ୍ରାହୀ ଓ ବିଜୟ କୁମାର ବିଶ୍ୱାଳ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରୁଛନ୍ତି। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଚିତ୍ରାନନ୍ଦ ନାୟକ (ରେଡକ୍ରସ), ଅହିଂସା ପ୍ରିୟଦର୍ଶିନୀ ସେନାପତି (ସ୍କାଉଟ୍), ଜଗନ୍ନାଥ ପାଣିଗ୍ରାହୀ (ଏନସିସି), ସୁଶାନ୍ତ କୁମାର ତ୍ରିପାଠୀ (ସଂଯୋଜକ), ମନୋରଞ୍ଜନ ମହାପାତ୍ର (ସ୍କାଉଟ୍) ପ୍ରମୁଖ ସହଯୋଗ କରୁଛନ୍ତି।

# ବିଶ୍ୱ ଏଡ୍‌ସ ଦିବସରେ ସଚେତନତା




କିଶୋରନଗର,୧।୧୨(ସମିସ): କିଶୋରନଗର ସ୍ନାତକ ମହାବିଦ୍ୟାଳୟରେ ରେଡ ରିବନ କ୍ଲବ ତରଫରୁ କିଶୋରନଗର ଆଇସିଟିସି କେନ୍ଦ୍ର ସହଯୋଗରେ ବିଶ୍ୱ ଏଡ୍‌ସ୍ ଦିବସ ଉପଲକ୍ଷେ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ଅଧ୍ୟାପିକା ବୀଣାପାଣି ସାହୁ, ପୁରୁଷୋତ୍ତମ ସାହୁ, ରୋଜାଲିନ ପ୍ରଧାନ, ଶୁଭଶ୍ରୀ ବିଶ୍ୱାଳ ଯୋଗଦେଇ ରେଡକ୍ରସ ଓ ଏଡ୍‌ସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ରେଡ୍‌କ୍ରସ କାଉନସେଲର ପୁରୁଷୋତ୍ତମ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବୀଣାପାଣି ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

କଣିହାଁ: କଣିହାଁ ବ୍ଲକ କୁଲୁମା ପଞ୍ଚାୟତ ଜଗମୋହନ କଲେଜ ପରିସରରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ତଥା କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ କୁଲୁମା ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି କଲେଜରେ ପହଞ୍ଚିବା ପରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ରେଡକ୍ରସ ୟୁନିଟ ସଂଯୋଜକ ଅଧ୍ୟାପକ ନିରଞ୍ଜନ ସ୍ୱାଇଁ ଓ ସହସଂଯୋଜକ ଡେମୋନଷ୍ଟ୍ରେଟର ବିଷ୍ଣୁଚରଣ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳ ଛାତ୍ରଛାତ୍ରୀଙ୍କୁ ଏଡ୍‌ସର ଭୟାବହତା ଓ ସାମାଜିକ ସଚେତନତା ସମ୍ପର୍କରେ ଅବଗତ କରାଇଥିଲେ। ବରିଷ୍ଠ ଅଧ୍ୟାପକ ଇନ୍ଦ୍ରମଣି ସାହୁ, ଓଡ଼ିଆ ବିଭାଗ ଅଧ୍ୟାପକ ବସନ୍ତ ପାଣି ଏଡ୍‌ସର କାରଣ, ଭୟାବହତା ଓ ନିରାକରଣ ସହ ସମାଜରେ ବ୍ୟାପକ ସଚେତନତା ଦ୍ୱାରା ଏହି ବ୍ୟାଧିରୁ ମୁକ୍ତି ସମ୍ଭବ ବୋଲି କହିଥିଲେ। ସହସଂଯୋଜକ ବିଷ୍ଣୁଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।


# ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀକୁ ହତ୍ୟା

ପାଲଲହଡ଼ା, ୧।୧୨(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଅନ୍ତର୍ଗତ ସିଆରିମାଳିଆ ଗ୍ରାମ ବରସାହିରେ ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀକୁ ହତ୍ୟା କରିଛି ସ୍ୱାମୀ। ମୃତ ମହିଳା ହେଲେ, ଗ୍ରାମର ସୁଦର୍ଶନ ହେମ୍ବ୍ରମଙ୍କ ସ୍ତ୍ରୀ ମଞ୍ଜୁ ହେମ୍ବ୍ରମ। ହତ୍ୟାକାଣ୍ଡ ଘଟାଇବା ପରେ ସୁଦର୍ଶନ ସମ୍ପର୍କୀୟ ଶଳାକୁ ଫୋନରେ ସୂଚନା ଦେଇ ଫେରାର୍ ହୋଇଯାଇଛି। ସୂଚନାନୁଯାୟୀ, ସୁଦର୍ଶନ ପାଲଲହଡ଼ା ଥାନା ହାତୀମୁଣ୍ଡ ଗ୍ରାମର ମଞ୍ଜୁଙ୍କୁ ବିବାହ କରିଥିଲେ। ବିବାହର କିଛିବର୍ଷ ପରେ ଦୁହିଁଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା। ମଞ୍ଜୁଙ୍କ ପରପୁରୁଷ ସହ ସଂପର୍କ ଥିବା ସୁଦର୍ଶନ ସନ୍ଦେହ କରୁଥିଲେ। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ପ୍ରାୟ ସମୟ କଳହ ହେଉଥିଲା। ଏପରିକି, ସୁଦର୍ଶନ ମଞ୍ଜୁଙ୍କୁ ମାରପିଟ୍ ମଧ୍ୟ କରୁଥିଲେ। ରବିବାର ମଞ୍ଜୁ ହାଟକୁ ଆସିଥିବା ବେଳେ ଜଣେ ସମ୍ପର୍କୀୟ ଯୁବକଙ୍କ ସହ କଥା ହେଉଥିଲେ। ସୁଦର୍ଶନ ଏହା ଦେଖିଥିଲେ। ଏହାକୁ କେନ୍ଦ୍ର କରି ବିଳମ୍ବିତ ରାତିରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ସୁଦର୍ଶନ ଉତ୍ତ୍ୟକ୍ତ ହୋଇ ମଞ୍ଜୁଙ୍କୁ ନିସ୍ଠୁକ ମାଡ଼ ମାରିବା ସହ ଏକ ନିଆଁ କାଠରେ ତାଙ୍କ ଶରୀରର ବିଭିନ୍ନ ଅଙ୍ଗକୁ ଚେଙ୍କ ଦେଇଥିଲା। ଫଳରେ ମଞ୍ଜୁଙ୍କ ମୃତ୍ୟୁ ହୋଇଥିଲା। ସୋମବାର ସକାଳେ ସୁଦର୍ଶନ ନିଜ ସମ୍ପର୍କୀୟ ଶଳାକୁ ଫୋନ ଯୋଗେ ସବୁ ଘଟଣା କହିବା ପରେ ଫେରାର ହୋଇଯାଇଛି। ମଞ୍ଜୁଙ୍କ ଭାଇ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ



ଅନୁଗୋଳ,୧।୧୨(ସମିସ): ଜିନ୍ଦଲ ଷ୍ଟିଲର ସାମାଜିକ ଦାୟିତ୍ୱବୋଧ ବିଭାଗ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଅନୁଗୋଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ସହିତ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ସଚେତନତା ରାଲିରେ ସାବିତ୍ରୀ ଜିନ୍ଦଲ ଡିଏଭି ହାଇସ୍କୁଲ, କଲେଜ ଏବଂ ନର୍ସିଂ ଛାତ୍ରଛାତ୍ରୀ ସମେତ ତୃତୀୟ ଲିଙ୍ଗୀ ସମ୍ପ୍ରଦାୟର ସଦସ୍ୟ ଏବଂ ଅନ୍ୟ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରତିରୋଧକ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଅଞ୍ଚଳରେ କଣ୍ଡୋମ ଭେଣ୍ଡିଂ ମେସିନ୍ ଲଗାଯାଇଥିଲା। ଏଚଆଇଭିର ଭୟାବହତା ଏବଂ ନିଜକୁ ସୁରକ୍ଷିତ ରଖିବାର ଉପାୟ ବିଷୟରେ ସଚେତନ କରାଯାଇଥିଲା। ଜିଲ୍ଲା ଏଡ୍‌ସ ନିବାରଣ ଏବଂ ନିୟନ୍ତ୍ରଣ ୟୁନିଟ୍ (ଡିଏପିସିୟୁ) ସହିତ ମିଳିତ ଭାବେ ଅନୁଗୋଳ ସହରରେ ବିଶାଳ ଶୋଭାଯାତ୍ରା କରାଯାଇଥିଲା। ଆଇସିଟିସି ପଦକ୍ଷେପ ମାଧ୍ୟମରେ ଜିନ୍ଦଲ ଫାଉଣ୍ଡେସନର ଅନୁଗୋଳ ୟୁନିଟ୍ ୫.୩୪ ଲକ୍ଷ ଲୋକଙ୍କ ପାଖରେ ପ୍ରତିରୋଧ, ଯତ୍ନ ଏବଂ ସମର୍ଥନ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପହଞ୍ଚାଇ ପାରିଛି। ବର୍ତ୍ତମାନ ସୁଦ୍ଧା ୫.୦୩ ଲକ୍ଷ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ଏଚ୍‌ଆଇଭି ପରୀକ୍ଷା କରିବାର ସୁବିଧା ପାଇଛନ୍ତି। ଏହାଦ୍ୱାରା ପ୍ରାରମ୍ଭିକ ଚିହ୍ନଟ ଏବଂ ସମୟୋଚିତ ଚିକିତ୍ସା ସମ୍ଭବ ହୋଇପାରିଛି ବୋଲି ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଜିନ୍ଦଲ ଷ୍ଟିଲର ଲଜିଷ୍ଟିକ୍ସ ବିଭାଗ ପକ୍ଷରୁ ପ୍ରୋଜେକ୍ଟ କବଚ ଅଧୀନରେ ଲାଷ୍ଟ ମାଇଲ କେୟାର ସଂଗଠନ ସହଭାଗିତାରେ ଟ୍ରକ ପାର୍କିଂ ଅଞ୍ଚଳରେ ଡିସେମ୍ବର ୩ରୁ ସପ୍ତାହବ୍ୟାପୀ ଏଚଆଇଭି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏହି ପଦକ୍ଷେପ ଜରିଆରେ ଟ୍ରକ୍ ଡ୍ରାଇଭରମାନଙ୍କ ପାଇଁ ପଥପ୍ରାନ୍ତ ନାଟକ ଏବଂ ସଚେତନତା ଅଧିବେଶନ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି କୁହାଯାଇଛି।



# ଅନୁଗୋଳରେ ଇ-ବିଟ୍ ପୁଲିସ ପାଟ୍ରୋଲିଂ ସୁରକ୍ଷା ସାଥୀର ଶୁଭାରମ୍ଭ







ଅନୁଗୋଳ,୧।୧୨(ସମିସ)

ଅନୁଗୋଳ ଜିଲ୍ଲାର ବର୍ଦ୍ଧିତ ଜନସଂଖ୍ୟା ଏବଂ ଅପରାଧ ପରିସ୍ଥିତିକୁ ବିଚାରକୁ ନେଇ ଜିଲ୍ଲାରେ ଜନସାଧାରଣଙ୍କ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଅନୁଗୋଳ ପୁଲିସ ଇ-ବିଟ୍ ପାଟ୍ରୋଲିଂ ସିଷ୍ଟମ ସୁରକ୍ଷା ସାଥୀ ଆରମ୍ଭ କରିଛି। ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତାରଙ୍କ ସହଯୋଗରେ ତଥା ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଏହାର ନିୟନ୍ତ୍ରଣ କକ୍ଷ ସ୍ଥାପନ ହୋଇଛି। ଏସପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍ତର-କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ବ୍ୟବସ୍ଥାର ଉଦଘଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଅବଦାଲ ମହମ୍ମଦ ଅଖତାର ଉପସ୍ଥିତ ଥିଲେ। ଇ-ବିଟ୍ ପାଟ୍ରୋଲିଂ ପଦକ୍ଷେପ ସ୍ମାର୍ଟ ପୁଲିସିଂ ଦିଗରେ ପ୍ରମୁଖ ପଦକ୍ଷେପ। ଏହା ଆମ ପୁଲିସ ପାଟ୍ରୋଲିଂ କାର୍ଯ୍ୟରେ ଅଧିକ ଦାୟିତ୍ୱ, ସ୍ୱଚ୍ଛତା ଏବଂ ଦକ୍ଷତା ଆଣିବ। ଏହା ଜିଲ୍ଲାର ନାଗରିକଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରିବ ବୋଲି ଆଇଜି ଭୋଇ ପ୍ରକାଶ କରିଥିଲେ। ଜିଲ୍ଲାର ସମସ୍ତ ୨୫ ଥାନା ଅଞ୍ଚଳର ପ୍ରମୁଖ ଅପରାଧ ପ୍ରବଣ ଅଞ୍ଚଳ, ଜନଗହଳିପୂର୍ଣ୍ଣ ଅଞ୍ଚଳ, ପର୍ଯ୍ୟଟନସ୍ଥଳ ଆଦିକୁ ଅନ୍ତର୍ଭୁକ୍ତ କରି ୧୩୩୧ଟି ଇ-ବିଟ ପୋଷ୍ଟ ଚୟନ କରାଯାଇଛି। ସେ ସବୁର ନିୟନ୍ତ୍ରଣ କକ୍ଷ ପୁଲିସ ଜିଲ୍ଲା କାର୍ଯ୍ୟାଳୟରେ ସ୍ଥାପନ ହୋଇଛି। ଏହି ନୂତନ ପଦକ୍ଷେପ ଅନୁଯାୟୀ, ପୁଲିସ କର୍ମଚାରୀମାନେ ପାଟ୍ରୋଲିଂ ସମୟରେ ବିଟ୍ ପୋଷ୍ଟକୁ ଯାଇ ଜିପିଏସ୍-ସକ୍ଷମ ଡିଭାଇସ୍ (ମୋବାଇଲ୍ ଫୋନ୍) ବ୍ୟବହାର କରି ଇ-ବିଟ୍ ଆପ୍ ମାଧ୍ୟମରେ ରିଅଲ୍-ଟାଇମ୍ ଡିଜିଟାଲ୍ ରିପୋର୍ଟିଂ କରିପାରିବେ। ଏହି ସିଷ୍ଟମ୍ ପୁଲିସ କର୍ମଚାରୀଙ୍କୁ ତତ୍କାଳ ତତ୍ତ୍ୱାବଧାନୀ ଏବଂ ବରିଷ୍ଠ ଅଧିକାରୀଙ୍କ ସହିତ ସୂଚନା ଅଂଶୀଦାର କରିବାକୁ ସକ୍ଷମ କରିବ। ଫଳରେ ଜରୁରୀ ପରିସ୍ଥିତିରେ ଶୀଘ୍ର ନିଷ୍ପତ୍ତି ନିଆଯିବ ଏବଂ ସମୟୋଚିତ ହସ୍ତକ୍ଷେପ ଗ୍ରହଣ କରାଯିବ। ଏହା ଅନୁଗୋଳ ପୁଲିସର ଏକ ଅଭିନବ ପ୍ରୟାସ ଯାହା ସମ୍ବେଦନଶୀଳ ଏବଂ ଅଧିକ ଟ୍ରାଫିକ୍ ଅଞ୍ଚଳଗୁଡ଼ିକରେ ଏବଂ ପ୍ରବର୍ତ୍ତନ କାର୍ଯ୍ୟକଳାପ ସମୟରେ ୨୪ ଘଣ୍ଟିଆ ନଜର ରଖିବା ସୁନିଶ୍ଚିତ କରିବ କରିବ ବୋଲି ଏସପି ଜୈନ ସୂଚନା ଦେଇଛନ୍ତି। ଶେଷରେ ଅତିରିକ୍ତ ଏସପି ରାଜୀବ ଲୋଚନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ବାଇକ୍‌ରୁ ଖସିପଡ଼ି ମହିଳାଙ୍କ ମୃତ୍ୟୁ

ଜଳେଶ୍ୱର,୧।୧୨(ସମିସ): ସ୍ୱାମୀ ପୁଅ ସହ ଡାକ୍ତର ଖାନାରୁ ଘରକୁ ଫେରୁଥିବା ବେଳେ ବାଇକ୍‌ରୁ ଖସିପଡ଼ି ମହିଳାଙ୍କ ଅକାଳ ମୃତ୍ୟୁ ଘଟିଛି। ଜଳେଶ୍ୱର ଥାନା ରାଜପୁର ପଞ୍ଚାୟତ ବାଘାବାଳୀ ଗାଁର ଦିନବନ୍ଧୁ ଜେନାଙ୍କ ପୁଅ ପ୍ରଶାନ୍ତ, ଧର୍ମପତ୍ନୀ ଶାନ୍ତିଲତା(୩୬) ସହ ପୁଅକୁ ଧରି ରବିବାର ସକାଳେ ବାଇକ୍ ଯୋଗେ ଜିକେ ଭଟ୍ଟର ହସ୍ପିଟାଲକୁ ଯାଇଥିଲେ। ପୁଅକୁ କୁକୁର କାମୁଡା ଇଂଜେକସନ ଦେଇ ଘରକୁ ଫେରିବା ବେଳେ ନୂଆ ବଜାର ଦାସ କଲୋନୀ ନିକଟରେ ଶାନ୍ତିଲତା ବାଇକ୍‌ରୁ ଖସି ପଡ଼ି ଗୁରୁତର ହୋଇଥିଲେ। ଗୁରୁତର ଭାବେ ସନ୍ମକଟ ହସ୍ପିଟାଲରେ ଭର୍ତ୍ତି ପରେ ପରିସ୍ଥିତି ଜଟିଳ ଥିବାରୁ ରେମୁଣା ସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଭୁବନେଶ୍ୱର ନେବା ରାସ୍ତାରେ ଅପରାହ୍ନରେ ତାଙ୍କ ପ୍ରାଣବାୟୁ ଉଡି ଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ଗ୍ରାମକୁ ଆଣି ସୁବର୍ଣ୍ଣରେଖା ନଦୀକୂଳ ଶ୍ମଶାନରେ ପୁଅ ବ୍ରହ୍ମାନନ୍ଦ, ପୁତୁରା ଚନ୍ଦନ, କାହ୍ନା ମିଳିତ ଭାବେ ମୁଖାଗ୍ନି ଦେଇଥିଲେ। ସରପଞ୍ଚ ମମତା ପରିଡ଼ା, ଦିଲ୍ଲୀପ ପରିଡ଼ା, ବିଜୟ କୁମାର ଦାସ, କିଶୋରୀ ଚନ୍ଦ୍ର ଦାସ, ବିଷ୍ଣୁ ଚରଣ ପାଳ ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଚନ୍ଦନେଶ୍ୱର,୧।୧୨(ସମିସ): ଭୋଗରାଇର ସାହାବାଜିପୁର ପଂଚାୟତ ଅଧୀନ ସେହି ଗାଁର ସୀତାରାମ ମଲ୍ଲିକଙ୍କ ସାନ ପୁଅ ବଳିଆ(୨୧)ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ତାଳସାରୀ ସାମୁଦ୍ରିକ ଥାନା ପକ୍ଷରୁ ମୃତ ଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠା ଯାଇଛି। ପାଠପଢାରେ ଡୋରି ଲାଗିବା ପରେ ବଳିଆ ଉଦୟପୁର ବେଳାଭୂମିରେ ଉଠା ଦୋକାନ କରି ବେଶ ଦୁଇ ପଇସା ରୋଜଗାର କରୁଥିଲେ। ଆଜି ସକାଳେ ବେଳାଭୂମିରେ ଦୋକାନକୁ ଯାଇଥିଲେ। ସନ୍ଧ୍ୟାରେ ପରିବାର ଲୋକେ ଘରକୁ ଫେରି ଶୋଇବା କୋଠରୀରେ ଝୁଲୁଥିବା ଦେଖିଥିଲେ। ପରେ ଏ ନେଇ ସାମୁଦ୍ରିକ ଥାନାକୁ ଖବର ଦେଇଥିଲେ।

## ପୂର୍ବତନ ୱାର୍ଡସଭ୍ୟଙ୍କ ପରଲୋକ

ଚନ୍ଦନେଶ୍ୱର, ୧।୧୨ (ସମିସ) : ଭୋଗରାଇର ସାହାବାଜିପୁର ପଂଚାୟତ ଅଧୀନ ଭଟ୍ଟପୁର ଗାଁର ପୂର୍ବତନ ୱାର୍ଡସଭ୍ୟ ସୁବଳ ଚନ୍ଦ୍ର କର(୮୨)ଙ୍କ ପରଲୋକ ହୋଇ ଯାଇଛି। ତାଙ୍କ ବିୟୋଗରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଶୋକ ପ୍ରକାଶ କରିବା ସହିତ ଦଳର ଜଣେ ଟାଣୁଆ ନେତାଙ୍କୁ ହରାଇଲା ବୋଲି ପ୍ରକାଶ କରିଛନ୍ତି। ସ୍ୱର୍ଗତ କର ଅଭିଭକ୍ତ ହୁଗୁଳି ପଂଚାୟତର ଜଣେ ଦରଦୀ ନେତା ଭାବେ ଭଟ୍ଟପୁର ଗାଁରୁ ନିର୍ବାଚିତ ହୋଇ ଗାଁର ସର୍ବାଙ୍ଗୀନ ବିକାଶ କରିବାରେ ଅଗ୍ରଣୀ ଭୂମିକା ତୁଲାଇ ଥିଲେ। ବାର୍ଦ୍ଧକ୍ୟ କାରଣରୁ ସେ ବେଶ କିଛିଦିନ ହେଲା ଶଯ୍ୟାଶାୟୀ ଥିଲେ। ରବିବାର ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ମୃତ୍ୟୁ ଖବର ପାଇ ସାହାବାଜିପୁର ପଂଚାୟତର ସମିତି ସଦସ୍ୟ ତରଣୀ କାନ୍ତ ସେନାପତି, ୱାର୍ଡସଭ୍ୟ ସଞ୍ଜୟ ସେନାପତି, ଗାଁର ବିଶିଷ୍ଟ ବ୍ୟକ୍ତି ହରିଶ୍ଚନ୍ଦ୍ର ପରିଡାଙ୍କ ସମେତ ବହୁବ୍ୟକ୍ତି ତାଙ୍କର ଅନ୍ତିମ ଦର୍ଶନ କରିଥିଲେ। ଗାଁ ପରିକ୍ରମା କରି ତାଳସାରୀ ବେଳାଭୂମିକୁ ନିଆଯାଇଥିଲା। ଏକମାତ୍ର ପୁତ୍ର ଅଜିତ କର ମୁଖାଗ୍ନି ଦେଇଥିଲେ।

## ସିରିଜ ଦୁର୍ଘଟଣା; ଜଣେ ଗୁରୁତର, ୩ ଆହତ

ରାଜଘାଟ,୧।୧୨ (ସମିସ): ୧୬ନଂ ଜାତୀୟ ରାଜପଥର ସନ୍ତୋଷପୁର ପୁରୁଣା ଟୋଲଗେଟ ନିକଟରେ ଆଜି ଅପରାହ୍ନ ଚାରିଟା ସମୟରେ ସୋର ଆଡୁ ଆସୁଥିବା



ବାଇକ ଭେଲୋରା ଛକ ପାରହୋଇ ଜଳେଶ୍ୱର ଅଭିମୁଖେ ଯାଉଥିବା ଏକ ପଲସର ବାଇକ ଆରୋହୀକୁ ଭାରସାମ୍ୟ ହରାଇ ପଛ ପଟୁ କାର ଧକ୍କା ଦେଇ ରାସ୍ତାର ଡିଭାଇଡର ଉପରକୁ ଚଢି ଯାଇ ଓଲଟି ପଡିଥିଲା। ବାଇକ ଚାଳକ ଆଗରେ ଥିବା ଅନ୍ୟ ଏକ କାରକୁ ଧକ୍କା ଦେଇଥିଲା ଏବଂ ସେହି କାର ସମ୍ମୁଖରେ ଯାଉଥିବା ଅନ୍ୟ କାର ମଧ୍ୟ ଦୁର୍ଘଟଣାରେ ସମ୍ମୁଖୀନ ହୋଇଥିଲା। ଖବରପାଇ ରାଜପଥ ପାଟ୍ରୋଲିଂ ପୁଲିସ ଘଟଣା ସ୍ଥଳରେ ପହଂଚି ଗୁରୁତର ବାଇକ ଚାଳକଙ୍କୁ ପ୍ରଥମେ ବସ୍ତା ଡାକ୍ତରଖାନା ଏବଂ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତର ଖାନାକୁ ପଠାଇଥିଲେ। କାରରେ ଥିବା ଚାଳକଙ୍କ ସହିତ ଅନ୍ୟ ଦୁଇ ଜଣ ମହିଳା ଆହତ ହୋଇଥିବାର ଜଣାପଡିଛି। ଅମର୍ଦାରୋଡ ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଂଚି ତଦନ୍ତ ଚଳାଇଛନ୍ତି। ଗୁରୁତର ବାଇକ ଆରୋହୀ ମନୋଜ ନନ୍ଦୀ (୩୩) ଘର ସୋର ଥାନା ଅଞ୍ଚଳର ଏବଂ ସେ ଜଳେଶ୍ୱର ଆଇଡିଏଫସି ବ୍ୟାଙ୍କର କର୍ମଚାରୀ ଅଟନ୍ତି।

## ପଥର ଖାଦାନରେ ବ୍ଲାଷ୍ଟିଂ ପ୍ରସ୍ତୁତି, ଜଣେ ଅଟକ

ସୋର, ୧।୧୨(ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଖାଦାନରେ ଆଜି ମଧ୍ୟାହ୍ନରେ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ଅଚାନକ ଚଢ଼ଉ କରି ବିସ୍ଫୋରକ ଜବତ କରିବା ସହିତ ଜଣଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡିଛି। ଏହି ଖାଦାନ ଅଞ୍ଚଳରେ ବେଆଇନ ବ୍ଲାଷ୍ଟିଂ ପାଇଁ ମାଫିଆମାନେ ପ୍ରସ୍ତୁତି ହେଉଥିବା ଖବର ପାଇ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ହଠାତ ଚଢ଼ଉ କରିଥିଲେ। ଏହି ଚଢ଼ଉ ହେଉଥିବା ଜାଣିପାରି ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପୁଲିସ ଜଣକୁ ଉଠାଇ ଆଣି ଥାନାରେ ଅଟକ ରଖିଛନ୍ତି। ତେବେ ପୁଲିସ ତା ନିକଟରୁ ବିସ୍ଫୋରକ ସମେତ ଏଥିରେ ବ୍ୟବହୃତ କେବୁଲ ତାରକୁ ଜବତ କରିଛି।

# ନଭେମ୍ବରର ଭତ୍ତା ପାଇନାହାନ୍ତି ଶତାଧିକ ହିତାଧିକାରୀ

ଖଇରା,୧।୧୨ (ସମିସ)





ବାଲେଶ୍ୱର ଜିଲା ଖଇରା ବ୍ଲକରେ ଚଳିତ ମାସ ବହୁ ବୃଦ୍ଧାବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗଙ୍କ ଭତ୍ତା ଗତ ନଭେମ୍ବର ମାସରେ ସେମାନଙ୍କ ଆକାଉଣ୍ଟକୁ ଆସିନଥିବା ନେଇ ସଂପୃକ୍ତ ହିତାଧିକାରୀ ମାନେ ସଂପୃକ୍ତ ପଞ୍ଚାୟତର ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଶେଷ କରି ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ୪୦ଜଣ ଓ ଡୁଙ୍ଗୁରା ପଞ୍ଚାୟତରେ ୭୦ ଜଣ ଭତ୍ତାରୁ ବଞ୍ଚିତ ହୋଇଥିବା ବେଳେ ଅନ୍ୟ ୩୫ ପଞ୍ଚାୟତରେ ମଧ୍ୟ ବହୁ ସଂଖ୍ୟାର ହିତାଧିକାରୀଙ୍କୁ ଅର୍ଥ ମିଳିନାହିଁ। ସୋମବାର ଶ୍ୟାମସୁନ୍ଦରପୁର ପଞ୍ଚାୟତର ଭତ୍ତା ପାଇନଥିବା ବହୁ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ସରପଞ୍ଚ ବନିତା ପ୍ରଧାନଙ୍କ ନିକଟରେ ଅଭିଯୋଗ କରିବା ପରେ ଏହି ଘଟଣା ଜଣାପଡିଛି। ସେହିଭଳି ଡୁଙ୍ଗୁରା ପଞ୍ଚାୟତର ସରପଞ୍ଚ ପ୍ରକାଶ ଲେଙ୍କା ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରୋଜ କୁମାର ନାୟକଙ୍କୁ ପଚାରିବା ପରେ ଯେଉଁମାନଙ୍କର ଗ୍ରାମ୍ୟବ୍ୟାଙ୍କରେ ଆକାଉଣ୍ଟ ଅଛି ଆଇଏଫଏସସି କୋର୍ଡରେ ପରିବର୍ତ୍ତନ ଯୋଗୁଁ ଅର୍ଥ ଆସିବାରେ ସମସ୍ୟା ହୋଇଛି। ସେମାନେ ସେମାନଙ୍କର ଆଧାରକାର୍ଡ ନେଇ ବ୍ଲକକୁ ଆସିବା ପରେ ଏଗୁଡିକୁ ଯାଞ୍ଚକରି ଅର୍ଥ ଆସିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ମହିଳାଙ୍କ ମୃତ୍ୟୁ ଘଟଣା; ଶାଶୂ, ନଣନ୍ଦ ଓ ନଣନ୍ଦେଇ ଗିରଫ

ସୋର, ୧।୧୨ (ସମିସ): ସୋର ଥାନା ଆଟପୁର ଗ୍ରାମରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ସୋର ପୁଲିସ ମହିଳାଙ୍କ ଶାଶୂ, ନଣନ୍ଦ ଏବଂ ନଣନ୍ଦେଇକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଗ୍ରାମର ସ୍ୱର୍ଗତ ସନ୍ତୋଷ ଜେନାଙ୍କ ସ୍ତ୍ରୀ ସବିତା ବିଶ୍ୱାଳ(୨୫)ଙ୍କୁ ତାଙ୍କ ଶାଶୂ, ନଣନ୍ଦ ଏବଂ ନଣନ୍ଦେଇ ଅଧିକ ଯୌତୁକ ଦାବି କରି ମାନସିକ, ଶାରୀରିକ ନିର୍ଯାତନା ଦେଉଥିଲେ। ଫଳରେ ଏଥିରେ ଅତିଷ୍ଠ ହୋଇ ସବିତା ଗତକାଲି ସକାଳେ ନିଜ ଶୋଇବା ଘରେ ଗଡାଣରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ସବିତାଙ୍କ ବାପା କୈଳାଶ ତାଙ୍କ ଝିଅକୁ ଅଧିକ ଯୌତୁକ ଦାବି କରି ନିର୍ଯ୍ୟାତନା ଦେବା ସହିତ ତାଙ୍କୁ ଶାଶୂଘର ଲୋକେ ମାରି ଦେଇଥିବା ନେଇ ସୋର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଶାଶୂ ଭାରତୀ ଜେନା(୫୧), ନଣନ୍ଦ ଗୀତାରାଣୀ ଜେନା (୨୭)କୁ ଥାନାରେ ଅଟକ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିଲା। ଆଜି ସକାଳେ ପୁଲିସ ଉଭୟଙ୍କ ସମେତ ଅନ୍ୟତମ ଅଭିଯୁକ୍ତ ନଣନ୍ଦେଇ ଜନ୍ମେଜୟନାୟକ(୩୦)କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ପୁଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ଫାଶୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଭୋଗରାଇ,୧।୧୨(ସମିସ): ଭୋଗରାଇ ବ୍ଲକ କୁମ୍ଭୀରଗଡି ପଞ୍ଚାୟତ ବାଇଁଶଖଣା ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କ ସ୍ତ୍ରୀ କାଞ୍ଚନ ବେହେରା (୨୮) ବେକରେ ଶାଢ଼ୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଲକ୍ଷ୍ମୀଧର ବାହାର ରାଜ୍ୟରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। କାଞ୍ଚନ ଏକା ଘରେ ୨ଟି ଛୋଟ ଛୋଟ ପିଲାଙ୍କୁ ନେଇ ରହୁଥିଲେ। ଆଜି ସକାଳେ ପଡ଼ୋଶୀ ତାଙ୍କ ଘରକୁ ଯାଇ ଡାକିବାକୁ ସେ ନ ଶୁଣିବାରୁ ସେମାନେ ଝରକା ଦେଇ କାଞ୍ଚନ ଫ୍ୟାନରେ ଲୁଗା ଲଗାଇ ଝୁଲୁଥିବା ଦେଖି ସଙ୍ଗେ ସଙ୍ଗେ ଭୋଗରାଇ ଥାନାକୁ ଖବର ଦେଇଥିଲେ। ଭୋଗରାଇ ପୁଲିସ କାଞ୍ଚନର ଶବକୁ ଜବତ କରିବା ସହିତ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଆସିଥିଲେ। ପୁଲିସ ମୃତ କାଞ୍ଚନର ଶବ ବ୍ୟବଚ୍ଛେଦ କରାଇ ଗ୍ରାମବାସୀଙ୍କୁ ହସ୍ତାନ୍ତର କରିଛନ୍ତି।

## ପୋଖରୀ ଭିତରୁ ବାଇକ ଉଦ୍ଧାର

ସୋର, ୧।୧୨(ସମିସ): ସୋର ପୌରପାଳିକା ଅନ୍ତର୍ଗତ ବାଲେଶ୍ୱର ଶିବ ମନ୍ଦିର ପଛ ପାଖରେ ଥିବା ପୋଖରୀରୁ ଏକ ବାଇକକୁ ସୋର ପୁଲିସ ଉଦ୍ଧାର କରିଛି। ଆଜି ସକାଳେ ସୋର ପୌରପାଳିକା ଅନ୍ତର୍ଗତ ବାଲେଶ୍ୱର ଗ୍ରାମର ଶିବ ମନ୍ଦିର ପଛରେ ଥିବା ପୋଖରୀରେ ଏକ ବାଇକ ପଡିଥିବାର ଲୋକମାନେ ଦେଖିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗର ଏକ ଦମକଳ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀମାନେ ବାଇକଟିକୁ ପାଣିରୁ ଉଦ୍ଧାର କରି ସୋର ପୁଲିସ ଜିମା ଦେଇଥିଲେ। ବାଇକଟିର ଇଞ୍ଜିନ ଓ ଚେଚିସ ନମ୍ବର ଲିଭା ଯାଇଥିବାରୁ ତାହା ଚୋରା ବାଇକ ବୋଲି ସନ୍ଦେହ କରାଯାଉଛି। ପୁଲିସ ବାଇକ ଟିକୁ ଜବତ କରି ସୋର ଥାନାରେ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଫାଇନାନ୍ସ କମ୍ପାନୀ କିସ୍ତି ଟଙ୍କା ହଡ଼ପ ମାମଲା / କଷ୍ଟମର ରିଲେସନ୍ ଅଫିସର ଗିରଫ

ରୂପସା, ୧।୧୨ (ସମିସ): ଆଇଆଇଏଫ୍‌ଏଲ୍ ସମସ୍ତା ଫାଇନାନ୍ସ କମ୍ପାନୀର ଋଣ କିସ୍ତି ଟଙ୍କା ହଡ଼ପ ଘଟଣାରେ ଆଜି କଷ୍ଟମର ରିଲେସନ୍ ଅଫିସର ଗିରଫ ହୋଇଛନ୍ତି। ଗିରଫ ଅଫିସର ହେଲେ ବାଲିଆପାଳ ଥାନା ନାବଦା ଗ୍ରାମର ହରିନାରାୟଣ ସାହୁ (୨୬)। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ, ବାଲେଶ୍ୱର ଜିଲ୍ଲା ରୂପସା ପାଟପୁର ବଜାର ନିକଟସ୍ଥ ଏକ ଭଡ଼ା ଘରେ ଉକ୍ତ ଫାଇନାନ୍ସ କମ୍ପାନୀର ଏକ ବ୍ରାଞ୍ଚ ଅଫିସ ଚାଲୁଥିଲା। ଏହି କମ୍ପାନୀ ତରଫରୁ ମହିଳାମାନଙ୍କୁ ଋଣ ଦିଆଯାଇ ମାସିକ ଆକାରରେ କିସ୍ତି ସଂଗ୍ରହ ହେଉଥିଲା। ଅଭିଯୁକ୍ତ ଅଫିସର ଜଣକ ମହିଳାମାନଙ୍କ ଠାରୁ



ସେମାନଙ୍କର କିସ୍ତି ନିୟମିତ ଆଦାୟ କରୁଥିଲେ ହେଁ ବ୍ରାଞ୍ଚ ଅଫିସରେ ଉକ୍ତ ଟଙ୍କା ଜମା କରୁ ନ ଥିଲେ। ଅଫିସର ଜଣକ ମୋଟ୍ ୩ ଲକ୍ଷ ୭୩ ହଜାର ଟଙ୍କା ହଡ଼ପ କରିଥିବା ନେଇ ବ୍ରାଞ୍ଚ ମ୍ୟାନେଜର ଦେବେନ୍ଦ୍ର ପଣ୍ଡା ୨୦୨୪ ମସିହାରେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ୨୦୨୪ ଅଗଷ୍ଟ ୧୭ରେ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପରେ ଅଭିଯୁକ୍ତ ଜଣକ ଫେରାର ଥିଲେ। ଘଟଣାର ଏକ ବର୍ଷ ୪ ମାସ ପରେ ରୂପସା ଥାନା ପୁଲିସ ସଦଳବଳେ ଚଢ଼ଉ କରି ଅଭିଯୁକ୍ତ ଜଣଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ।

## ବେଆଇନ ବାଲି ଖାଦାନରେ ଚଢ଼ଉ; ଖଣି ଅଧିକାରୀ ଅଟକ

ଭୋଗରାଇ/ଚନ୍ଦନେଶ୍ୱର, ୧।୧୨(ସମିସ): ଭୋଗରାଇର ସୁବର୍ଣ୍ଣରେଖା ଅଞ୍ଚଳରେ ମାତିଛନ୍ତି ବାଲିମାଫିଆ। ନଦୀରୁ ବେଆଇନ ଭାବରେ ବାଲି ଉତ୍ତୋଳନ କରି ଟ୍ରାକ୍ଟର ଓ ଡମ୍ପର ସାହାଯ୍ୟରେ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ହେଲା ପରେ ଜୁନିୟର ଖଣି ଅଧିକାରୀଙ୍କ ବାଲି ମାଫିଆଙ୍କ ଉପରେ ବଡ଼ ଧରଣର ଛାଟ ଲଗାଇଛନ୍ତି। ଭୋଗରାଇର ଆରୁହାବୃତ୍ତି, ଦହମୁଣ୍ଡା ନିକଟରେ ବେଆଇନ୍ ଭାବରେ ଡ଼ଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରି ଗଚ୍ଛିତ ରଖିଥିବା ସମସ୍ତ ବାଲିକୁ ଜେସିବି ମାଧ୍ୟମରେ ତାଡ଼ି ନଦୀକୁ ଫିଙ୍ଗି ଦେଲେ। ଭୋଗରାଇର ଲକ୍ ନିକଟରେ ଦୀର୍ଘ ଦିନ ଧରି ସୁବର୍ଣ୍ଣରେଖା ନଦୀରୁ ଡଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରି ଆସୁଥିଲେ।ଖବର ପାଇ ଜୁନିୟର ଖଣି ଅଧିକାରୀ ତାପସ କୁମାର ବେହେରା ଆସି ପହଞ୍ଚି ଥିଲେ। ସେଠାରେ ଗଚ୍ଛିତ ଥିବା ସମସ୍ତ ବାଲିକୁ ଜେସିବି ମାଧ୍ୟମରେ ତାଡ଼ି ନଦୀକୁ ଫିଙ୍ଗି ଦେଇଛନ୍ତି। ଜୁନିୟର ଖଣି ଅଧିକାରୀଙ୍କ ଏଭଳି କାର୍ଯ୍ୟ ଦେଖି ବାଲି ମାଫିଆଙ୍କ ଛନକା ପଶିଥିଲା। ଖରାଦିପିପଳ ସରପଞ୍ଚଙ୍କ ସ୍ୱାମୀ ଗ୍ରାମବାସୀଙ୍କ ସହାୟତାରେ ଖଣି ଅଧିକାରୀ ଓ ଏନ୍ଫୋର୍ସମେଣ୍ଟ ଟିମକୁ ଏକ ଘଣ୍ଟା ଧରି ଅଟକ ରଖିଛନ୍ତି ବୋଲି ଖଣି ଅଧିକାରୀ ଅଭିଯୋଗ କରିଥିବା ବେଳେ ସରପଞ୍ଚ ସ୍ୱାମୀ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି

ବାଲେଶ୍ୱର,୧।୧୨(ସମିସ): ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ୧୬୨ ଜଣ ଅଭିଯୋଗକାରୀ ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଗୁଡିକ ମଧ୍ୟରୁ ୧୪୫ଟି ବ୍ୟକ୍ତିଗତ, ୪ଟି ସାମୁହିକ, ୧୨ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଏବଂ ୧ଟି ରେଡକ୍ରସ ସହାୟତା ପାଇଁ ଦରଖାସ୍ତ ପ୍ରଦାନ କରିଥିଲେ। ତନ୍ମଧ୍ୟରୁ ୨୧ଟି ଦରଖାସ୍ତର ଆଶୁ ସମାଧାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା, ଉପ ଜିଲ୍ଲାପାଳ ବାଲେଶ୍ୱର ଶିବ ମାଳବ୍ୟ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ପଥର ଖାଦାନକୁ ଉପଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ

ସୋର, ୧।୧୨(ସମିସ): ସୋର ଥାନା ବାଗୁଡ଼ି ଖଞ୍ଜାମାହାଲ ପଥର ଖାଦାନ ସମେତ ବିଭିନ୍ନ କ୍ରସରକୁ ଆଜି ସନ୍ଧ୍ୟାରେ ବାଲେଶ୍ୱର ଉପଜିଲ୍ଲାପାଳ ଅଚାନକ ପରିଦର୍ଶନ କରିଥିଲେ। ଉପଜିଲ୍ଲାପାଳ ଶିଭ ମାଳବ୍ୟ, ସୋର ତହସିଲଦାର ଦୈତାରୀ ମଲ୍ଲିକଙ୍କ ସହିତ ଅଚାନକ ସେଠାରେ ପହଞ୍ଚି ଖାଦାନର ବିଭିନ୍ନ ପ୍ରବେଶ ଏବଂ ପ୍ରସ୍ଥାନ ସ୍ଥାନ ସହ ପୂର୍ବରୁ ସିଲ କରାଯାଇଥିବା କ୍ରସରର ସ୍ଥିତି ପରିଦର୍ଶନ କରିଥିଲେ। ଏହି ପଥର ଖାଦାନରୁ ବେଆଇନ ପଥର ଚାଲାଣ ରୋକିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଏ ଭଳି ପଦକ୍ଷେପ ନିଆଯାଉଥିବା ତହସିଲଦାର ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

## ଗୋଡ଼ ଉପରେ ଚଢ଼ିଗଲା ଟ୍ରାକ୍ଟର, ଯୁବକ ଆହତ

ନୀଳଗିରି, ୧।୧୨ (ସମିସ): ଗୋଡ଼ ଉପରେ ଚଢ଼ି ଗଲା ଟ୍ରାକ୍ଟର, ଯୁବକ ଆହତ। ସୋମବାର ସକାଳ ପ୍ରାୟ ୮ଟା ସମୟରେ ନୀଳଗିରି ଏନ୍‌ଏସିର ୧୦ନମ୍ବର ୱାର୍ଡର ବିଷ୍ଣୁ ମହଲଙ୍କ ପୁଅ ସରୋଜ ନିଜ ଟ୍ରାକ୍ଟରରେ ତେଲ ପକାଇବାକୁ ଏସ ଆର୍ ପେଟ୍ରୋଲ ପମ୍ପକୁ ଯାଇଥବା ବେଳେ ଟ୍ରାକ୍ଟର ଷ୍ଟାର୍ଟରେ ଥିବାବେଳେ ହଠାତ୍ ଟ୍ରାକ୍ଟରଟି ଗଡ଼ିବାକୁ ଲାଗିଥିଲା। ଚକ ନିକଟରେ ଥିବା ସରୋଜ ଗୋଡ଼ ସାଇଡ୍‌ରେ ମାଡ଼ି ଯିବାରୁ ଅଳ୍ପକେ ଜୀବନରୁ ବର୍ତ୍ତି ଯାଇଛନ୍ତି। ଗୋଡ଼ରେ ଆଘାତ ଲାଗିଥିବା ବେଳେ ସ୍ଥାନୀୟ ଲୋକେ ତୁରନ୍ତ ନୀଳଗିରି ମେଡିକାଲକୁ ଆଣିଥିଲେ।

## ସୁବର୍ଣ୍ଣରେଖାରେ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

ଜଳେଶ୍ୱର ବ୍ଲକ, ୧।୧୨ ( ସମିସ): ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଗୁଆଗଡ଼ିଆ ନିକଟସ୍ଥ ସୁବର୍ଣ୍ଣରେଖା ନଦୀରେ ଗତ ନଭେମ୍ବର ୧୬ରେ ପାର ହେଉଥିବା ବେଳେ ଖୁଦିଆମାଝୀ ସାହି ପଞ୍ଚାୟତର ସୁରେଶ ମାରାଣ୍ଡି (୪୧) ଚୋରା ବାଲିରେ ଫସି ନିଖୋଜ ହୋଇ ଯାଇଥିଲେ। ଘଟଣାର ୧୬ ଦିନ ପରେ ସେ ବୁଡି ଯାଇଥିବା ସ୍ଥାନରୁ ୧୦୦ ମିଟର ତଳକୁ ପହରାଜପୁର ଗ୍ରାମ ନଦୀ କୂଳରେ ମୃତ ଶରୀର ଭାସୁଥିବାର ଲୋକେ ଦେଖିବାକୁ ପାଇଥିଲେ। ରାଇବଣିଆ ପୁଲିସ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ସରପଞ୍ଚ ଚଞ୍ଚଳା ସେଠୀ, କ୍ଷୀତିଶ ଦେ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହିତ କିପରି ସରକାରୀ ସହାୟତା ଖୁବ୍‌ଶୀଘ୍ର ମିଳି ପାରିବ ସେ ନେଇ ସ୍ଥାନୀୟ ପ୍ରଶାସନକୁ ଦାବି କରିଛନ୍ତି।





# ବିଶ୍ୱ ଏଡ୍‌ସ ଦିବସ ପାଳିତ

ବାଲେଶ୍ୱର,୧।୧୨(ସମିସ)

ବଳାଙ୍ଗୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ୍ ସଂସ୍ଥା ଏବଂ ଜାତୀୟ ସେବା ସଂସ୍ଥାର ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ଅଧକ୍ଷା ଅଞ୍ଜୁବାଳା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଡ. ଉମାକାନ୍ତ ଜେନା, ପରମାନନ୍ଦ ଭଦ୍ର, ରେଡକ୍ରସ ସଂସ୍ଥାର ସଂଯୋଜକ ପ୍ରଶାନ୍ତ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଖେଳ ଶିକ୍ଷକ ଦୁର୍ଯୋଧନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଏକ ରାଲି ବଡଖୁଆ ଗ୍ରାମ ପରିକ୍ରମା କରିଥିଲା।

ନୀଳଗିରି: ବିଶ୍ୱ ଏଡ୍ସ ଦିବସ ପରୀପ୍ରେକ୍ଷୀରେ ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟର ୟୁଥ୍ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ମଞ୍ଜୁଶ୍ରୀ ପଣ୍ଡାଙ୍କ ନିର୍ଦ୍ଦେଶମୂଳେ ଶତାଧିକ ଏକ ସଚେତନତା ପଦଯାତ୍ରା ମହାବିଦ୍ୟାଳୟରୁ ବାହାରି ସମଗ୍ର ନୀଳଗିରି ସହର ପରିକ୍ରମା କରିଥିଲା। ପରେପରେ ମହାବିଦ୍ୟାଳୟ ପରିସରରେ ସାଧାରଣ ଜ୍ଞାନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ଶେଷରେ ଅଧକ୍ଷାଙ୍କ ପୌରୋହିତ୍ୟରେ ସଚେତନତା ଶିବିରରେ ଏନ୍ ଏସ ଏସ ର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମୌସୁମୀ ଭୋଳ ପରିଚାଳନା କରିଥିବାବେଳେ ବରିଷ୍ଠ ଅଧ୍ୟାପିକା ଡ. ଶିବାନୀ ଡଗର, ଅଧ୍ୟାପକ ଡ. ହରିପଦ ଦାଶ, ଅଧ୍ୟାପିକା ମଣିମାଳା ବିଶ୍ୱାଳ, ମମତା ପ୍ରିୟଦର୍ଶିନୀ ସାହୁ ଓ ୟୁଥ୍ ରେଡ କ୍ରସର କାଉନସେଲର ଡ. ପ୍ରଦୀପ୍ତ କୁମାର ମିଶ୍ର ଅତିଥି ଭାବରେ ମତ ଉପସ୍ଥାପନ କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ କୁମାରୀ ପୁଷ୍ପଲତା ବେହେରା ଓ ମଧୁସ୍ମିତା ବଳ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଭୋଗରାଇ: ଭୋଗରାଇର ଆଜାଦ କ୍ଲବ, ଚନ୍ଦନେଶ୍ୱର ପରିସରରେ ବିଶ୍ୱ ଏଡସ ଦିବସ ଅବସରରେ ପର୍ନଉତ୍ଥାନ ସ୍ୱେଚ୍ଛାସେବୀ ସଂଗଠନ ବାଲେଶ୍ୱର ତରଫରୁ ଏଡସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସଙ୍ଗଠନ ତରଫରୁ ନଗର ପରିକ୍ରମା କରାଯାଇ ସଚେତନତାର ବାର୍ତ୍ତା ପ୍ରଚାର କରାଯାଇଥିଲା। ବାୟୁସେନାରୁ ଅବସର ପରେ ସମାଜସେବାରେ ଲିପ୍ତ ଆଶିଷ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ହୁଗୁଳି ପଞ୍ଚାୟତ ସମିତି ସଦସ୍ୟ ଗୋବିନ୍ଦ ଦାସ୍, ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଏଡସ ସଚେତନତାର ପ୍ରୋଗ୍ରାମ ଅଫିସର ରଜନୀ କାନ୍ତ ବେହେରା ଯୋଗଦେଇ ଏଡସର ଲକ୍ଷଣ, ପ୍ରତିକ୍ରିୟା, ନିରାକରଣ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଙ୍ଗଠନର କୋଷାଧକ୍ଷ ବାଣୀବ୍ରତ ପାତ୍ର ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିବାବେଳେ କୁନିଝିଅ ଅଭିପ୍ସା ପାତ୍ର ଆବାହନୀ ନୃତ୍ୟ ଓ ବିଶ୍ଳେଷକ ଅମିତା ରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଚନ୍ଦନେଶ୍ୱର: ବାଲେଶ୍ୱର ପୁନଃରୁଥାନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଏଡ୍ସ ସଚେତନତାରେ ସମସ୍ତେ ଚନ୍ଦନେଶ୍ୱର ପେଟ୍ରୋଲ ପମ୍ପ ନିକଟରୁ ବାହାରି ବଜାର ପରିକ୍ରମା କରି ଆମ୍ବେଦ ୟୁଥ ଏସୋସିଏସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ପରେ ଏକ ସଚେତନତା ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏ ନେଇ ଆୟୋଜିତ ସଭାକୁ ସଂଗଠନର ପ୍ରୋଗ୍ରାମ ମେନେଜର ରଜନୀକାନ୍ତ ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଗୋଛିଦାଡେଘରି ପଞ୍ଚାୟତର ସମିତି ସଦସ୍ୟ ରାଧାଶ୍ୟାମ ଦେ ଯୋଗଦେଇ କୁସଂସ୍କାର, ଗୁଣି ଗାରେଡି ଏବଂ ଅନ୍ଧ ବିଶ୍ୱାସକୁ ଗ୍ରହଣ ନ କରି ସଚେତନତାକୁ ଅଧିକ ଗୁରୁତ୍ୱ ଦେବାକୁ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଂଗଠନର କୋଷାଧକ୍ଷ ବାଣିବ୍ରତ ପାତ୍ର, କାଉନସିଲର ଅମିତା ରାଣୀ ମହାନ୍ତି, ସମାଜସେବୀ ଅନାଦି ନନ୍ଦନ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

କାଳିପଦା : ଜାମଶୂଳୀସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜର ଯୁବ ରେଡକ୍ରସ ୟୁନିଟ, ଜାତୀୟ ସେବା ଯୋଜନା ପୁରୁଷ ଓ ମହିଳା ବିଭାଗ ୟୁନିଟ ପକ୍ଷରୁ ସୋମବାର କଲେଜ ସମ୍ମିଳନୀ କକ୍ଷରେ ବିଶ୍ୱ ଏଡ଼ସ ଦିବସ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି। କଲେଜ ଅଧକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ପ୍ରାଧ୍ୟାପକ ଦେବବ୍ରତ ଦାସ, ସଂଗ୍ରାମ କେଶରୀ ନାୟକ, ଡ଼ଃ ଶିବ ନାରାୟଣ ମହାପାତ୍ର, ନିର୍ମଳ କୁମାର ସାମଲ, ପରମାନନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇ ଏଡ଼ସର ଭୟାବହତା ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ପ୍ରାକ ସୂଚନା ପ୍ରଦାନ କରିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ର, ବାଙ୍କିମ ଚନ୍ଦ୍ର ମୈକାପ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଦ୍ୱାଦଶାହ ଅବସରରେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୯ ସ୍ୱର୍ଗତ ହିନା ପଟ୍ଟନାୟକ
ଗ୍ରାମ- ଗନ୍ଧିପାଳି
ଆବିର୍ଭାବ : ୧୦.୦୫.୧୯୪୦, ତିରୋଧାନ : ୨୧.୧୧.୨୦୨୫
ଦ୍ୱାଦଶାହ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା
ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

### ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ସଚେତନତା ଶୋଭାଯାତ୍ରା

# ଏଡ୍‌ସଠାରୁ ଦୂରେଇବା ପାଇଁ ବାର୍ତ୍ତା ଦେଲେ ଛାତ୍ରଛାତ୍ରୀ



ପୁରୀ,୧।୧୨(ସମିସ): ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନର ଛାତ୍ରଛାତ୍ରୀ ଓ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ବିଶ୍ୱ ଏଡ୍‌ସ ଦିବସ ଅବସରରେ ସୋମବାର ଏକ ସଚେତନତା ଶୋଭାଯାତ୍ରା ଶ୍ରୀଗୁଣ୍ଡିଚା ମନ୍ଦିରଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ ସଚେତନତା ଯାତ୍ରାକୁ ଉଦ୍‌ଘାଟନ କରିବା ସହ ଏଡ୍‌ସ ଭଳି ମାରାତ୍ମକ ବିଶ୍ୱ ବ୍ୟାଧିକୁ କିଭଳି ପ୍ରତିହତ କରିହେବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡ. ବାବୁଲା ବେହେରା ଏଥିରେ ପୌରୋହିତ୍ୟ କରି ସ୍ୱାସ୍ଥ୍ୟ ସଚେତନତା ଦ୍ୱାରା ଏଚ୍‌ଆଇଭି ଭୂତାଣୁ ସଂକ୍ରମଣ ଓ ଏଡ୍‌ସକୁ ଦୂରେଇ ଦିଆଯାଇପାରିବ ବୋଲି ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଅନୁଷ୍ଠାନର ଅଧ୍ୟକ୍ଷା କମଳା ପଣ୍ଡା, ପ୍ରାଧ୍ୟାପିକା, ଅଧ୍ୟାପିକା ଓ ଅଧ୍ୟାପକ ପ୍ରମୁଖ ଯୋଗଦେଇ ଏଡ୍‌ସ ସମ୍ପର୍କିତ ବାର୍ତ୍ତା ଦେଇଥିଲେ। କଲେଜର ସହ ନିର୍ଦ୍ଦେଶିକା ମଧୁସ୍ମିତା ରଥ ସମସ୍ତ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କିତ ବାର୍ତ୍ତା ଦେବା ସହ ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶିତ ବାର୍ତ୍ତା ଏଡ୍‌ସ ନିରାକରଣରେ ସବୁ ପ୍ରତିବନ୍ଧକ ଓ ତାହାର ନିରାକରଣ ସହିତ ୨୦୩୦ ସୁଦ୍ଧା ବିଶ୍ୱ କିଭଳି ଏଡ୍‌ସମୁକ୍ତ ହେବ ସେ ସମ୍ପର୍କିତ ବିଷୟବସ୍ତୁ ଉପରେ ନିଜ ଅଭିମତ ପ୍ରକାଶ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହି ବିଷୟ ସମ୍ପର୍କିତ ଝୋଟି, ମୁରୁଜ ଚିତା, ବକ୍ତୃତା ପ୍ରତିଯୋଗିତା ଓ ଏଡ୍‌ସ ସମ୍ପର୍କିତ ଆଲୋଚନା ବାଲିଗୁଆଳିସ୍ଥିତ ଅନୁଷ୍ଠାନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା।

## ପୁରୀ ଷ୍ଟେସନରୁ ୧୪.୬ କେଜି ଗଞ୍ଜେଇ ଜବତ

ପୁରୀ,୧।୧୨(ସମିସ): ବିଭିନ୍ନ ସମୟରେ ଟ୍ରେନ୍‌ରେ ଗଞ୍ଜେଇ ଚୋରାଚାଲାଣ କରାଯାଉଛି। ଧରପଗଡ଼ ବେଳେ ଅନେକ ସମୟରେ ଗଞ୍ଜେଇ ଜବତ ହେଉଥିବାବେଳେ ଅଭିଯୁକ୍ତ ବି ଧରାପଡୁଛନ୍ତି। ତେବେ ସୋମବାର ପୁରୀ ରେଳ ଷ୍ଟେସନରୁ ୧୪ କେଜି ୬୦୦ ଗ୍ରାମ୍ ଗଞ୍ଜେଇ ଜବତ କରିଛି ଜିଆର୍‌ପି ଥାନା ପୁଲିସ। ଜିଆର୍‌ପି ଥାନାଧିକାରୀଙ୍କ ସୂଚନା ଅନୁଯାୟୀ, ପୂର୍ବାହ୍ଣ ପ୍ରାୟ ସାଢ଼େ ୧୧ଟା ସମୟରେ ୧ ନମ୍ବର ପ୍ଲାଟ୍‌ଫର୍ମ ୨୦ ନମ୍ବର ପିଲାର ନିକଟରେ ଏକ ଟ୍ରଲି ବ୍ୟାଗ୍ ପଡ଼ିଥିଲା। ପାଟ୍ରୋଲିଂ କର୍ମଚାରୀ ଏହାକୁ ଦେଖି ଥାନାଧିକାରୀଙ୍କୁ ଖବର ଦେଇଥିଲେ। ଥାନାଧିକାରୀ ଏବଂ ଅନ୍ୟମାନେ ପହଞ୍ଚି ସନ୍ଦେହଜନକ ଭାବେ ପଡ଼ିଥିବା ଏହି ବ୍ୟାଗ୍‌କୁ ସତର୍କତାର ସହ ଖୋଲିଥିଲେ। ସେଥିରେ ଏକ ଜରିବ୍ୟାଗ୍ ସିଲ୍ ହୋଇ ରହିଥିଲା। ତାହାକୁ ଖୋଲିବାରୁ ୧୪ କେଜି ୬୦୦ ଗ୍ରାମ୍ ଗଞ୍ଜେଇ ମିଳିଥିଲା। ତେବେ ତଦନ୍ତରୁ ଜଣାପଡ଼ିଥିଲା ଯେ, ସୋମବାର ସକାଳେ ଜଣେ ଅଜଣା ଗଞ୍ଜେଇ ବେପାରୀ ଷ୍ଟେସନକୁ ଆସିଥିଲା। ଏଠାରୁ ଟ୍ରେନ୍‌ରେ ଅନ୍ୟ ଏକ ଷ୍ଟେସନକୁ ଗଞ୍ଜେଇ ଚାଲାଣ କରିଥା'ନ୍ତା। ପୁଲିସ ଓ ପାଟ୍ରୋଲିଂ କର୍ମଚାରୀଙ୍କୁ ଦେଖିବା ପରେ ଗିରଫରୁ ବର୍ତ୍ତିବା ପାଇଁ ଗଞ୍ଜେଇ ଭର୍ତ୍ତି ବ୍ୟାଗ୍‌କୁ ଲୁଚାଇବାକୁ ଚେଷ୍ଟା କରିଥିଲା। ତେଣୁ ତାହାକୁ ସେଠାରେ ପକାଇ ଦେଇଥିଲା। ଜିଆର୍‌ପି ପୁଲିସ ଏକ ମାମଲା ରୁଜୁ କରି ଏ ନେଇ ଅଧିକ ତଦନ୍ତ ଚଳାଇଛି।

### ■ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

## ୧୨୧ ଅଭିଯୋଗରୁ ୧୦୧ ବ୍ୟକ୍ତିଗତ

ପୁରୀ,୧।୧୨(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ସୋମବାର ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୧୨୧ଟି ଅଭିଯୋଗ ମିଳିଥିଲା। ସେଥିରୁ ୧୦୧ଟି ବ୍ୟକ୍ତିଗତ, ୧୩ଟି ଗ୍ରାମ ସମ୍ବନ୍ଧୀୟ, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ୭ଟି ଅଭିଯୋଗ ରହିଥିଲା। ତତ୍‌କ୍ଷଣାତ୍ ୧୭ଟିର ସମାଧାନ କରାଯାଇଥିବାବେଳେ ଅନ୍ୟ ଅଭିଯୋଗଗୁଡ଼ିକୁ ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଏଡିଏମ୍‌ଓ, ଡେପୁଟି କଲେକ୍ଟର ଅନୁସ୍ରବ ଗନ୍ତାୟତ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣି ଅଧିକାରୀ ପଞ୍ଚାନନ ପରିଜା ପ୍ରମୁଖ ଯୋଗଦେଇଥିଲେ।

## ଶ୍ରୀଜଗନ୍ନାଥାୟନରେ ନାଟକ 'ମୋକ୍ଷ'

ପୁରୀ,୧।୧୨(ସମିସ): ସତ୍ କର୍ମ ଭିତରେ ଠାକୁରଙ୍କ ପାଖରେ ସମର୍ପଣ ହେଲେ ମୋକ୍ଷ ପାଇବା ଅସମ୍ଭବ ନୁହେଁ ବୋଲି କହିଛନ୍ତି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ଥିଏଟର ମାରାଥନ୍ କଟକ ପକ୍ଷରୁ ନାଟକ 'ମୋକ୍ଷ' ଅନୁଷ୍ଠିତ ହୋଇଛି। ବିଶିଷ୍ଟ ନାଟ୍ୟକାର ସରୋଜ ସାମଲଙ୍କ ରଚନା ଓ ଚଳଚ୍ଚିତ୍ର ଅଭିନେତା ଉମେଶ ଦାସଙ୍କ ନିର୍ଦ୍ଦେଶନାରେ କିମ୍ବଦନ୍ତୀ ଆଧାରିତ ମାଣିକ ବାରାଙ୍ଗନା କଥାବସ୍ତୁକୁ ନେଇ ପ୍ରଦର୍ଶିତ ଏହି ନାଟକରେ ସନ୍ଦିପ ପାଣି, ବିଭୁ ମିଶ୍ର, ଆଦ୍ୟାଶା, ସୌମ୍ୟା ଓ ଓମଶିବ୍ ପ୍ରମୁଖ ଅଭିନୟ କରିଥିଲେ। ସନ୍ଧ୍ୟାରେ ଅତିଥି ଭାବେ ଗୀତିକାର ଆର୍ତ୍ତତ୍ରାଣ ଶତପଥୀ, ପ୍ରସନ୍ନ ମିଶ୍ର, ନାଟ୍ୟକାର ଦୟାନିଧି ତ୍ରିପାଠୀ, ସମାଜସେବୀ ଚକ୍ରଧର ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରାୟ, ବିଜୟ ପଣ୍ଡା, ଶତ୍ରୁଘ୍ନ ନାୟକ, ଗୌରଙ୍ଗ ଖୁଣ୍ଟିଆ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସମୀର ଶତପଥୀ। ନାଟ୍ୟ ନିର୍ଦ୍ଦେଶକ ଗୋବିନ୍ଦ ମହାନ୍ତି, ରାମକୃଷ୍ଣ ମହାପାତ୍ର ଓ ବିକ୍ରମ ସାହୁ ଏହାକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ପ୍ରତାପ କୁମାର ପଣ୍ଡା ଭକ୍ତି ସଂଗୀତ ପରିବେଷଣ କରିଥିଲେ।

### ● ପଟ୍ଟଚିତ୍ର ସଚେତନତା କର୍ମଶାଳା ଓ ପ୍ରଦର୍ଶନୀ

## ପଟ୍ଟଚିତ୍ରର ମୌଳିକତା ବଜାୟ ରଖିବାକୁ ଗୁରୁତ୍ୱ



ପୁରୀ,୧।୧୨(ସମିସ): ଭାରତ ସରକାରଙ୍କ ବିକାଶ ଆୟୁକ୍ତ ହସ୍ତଶିଳ୍ପ ବିଭାଗ ପ୍ରାୟୋଜିତ ଏବଂ ହସ୍ତଶିଳ୍ପ ପଟ୍ଟଚିତ୍ର ଉତ୍ପାଦକ କମ୍ପାନୀ ଲିମିଟେଡ୍, ଐତିହ୍ୟଗ୍ରାମ ରଘୁରାଜପୁର ପକ୍ଷରୁ ପଟ୍ଟଚିତ୍ରକୁ ନେଇ ଏକ ତ୍ରିଦିବସୀୟ କର୍ମଶାଳା ଓ ପ୍ରଦର୍ଶନୀ ସ୍ଥାନୀୟ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ବିଶ୍ୱନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶିକା ସଂଯୁକ୍ତା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଶିଳ୍ପୀଗୁରୁ ଦୀନବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିଳ୍ପୀଗୁରୁ ବିଜୟ କୁମାର ପରିଡ଼ା, ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଗୁରୁ ରବିନ୍ଦ୍ର କୁମାର ବେହେରା, ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଗୁରୁ ଶରତ କୁମାର ସାହୁ, ଭାରତ ସରକାରଙ୍କ ହସ୍ତଶିଳ୍ପ ପ୍ରବନ୍ଧନ ଅଧିକାରୀ ବୀର ଭରତ ମାରାଣ୍ଡି ଏବଂ ପୁରୀ କ୍ରିଏଟିଭ୍ କୋ-ଅପରେଟିଭ୍ ସୋସାଇଟି ସଭାପତି ଦେବୀ ପ୍ରସନ୍ନ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ପଟ୍ଟଚିତ୍ରର ଅତୀତ, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବା ସହ ଏହାର ମୌଳିକତା କିପରି ବଜାୟ ରହିବ ଏବଂ ପ୍ରାଚୀନ ଅଙ୍କନ ଶୈଳୀର ଆଧାରରେ ପାରମ୍ପରିକ ପ୍ରାକୃତିକ ରଙ୍ଗର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ମଠ, ମନ୍ଦିର ଓ ରାଜପ୍ରାସାଦର ପାରମ୍ପରିକ ଚିତ୍ର ଅନୁଧ୍ୟାନ କରି ସେହି ଶୈଳୀକୁ ଆପଣାଇବା ପାଇଁ ଉତ୍ସାହିତ କରିଥିଲେ। ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତି ସଭାକୁ ସଞ୍ଚାଳନ କରିଥିବାବେଳେ ଅନୁଷ୍ଠାନର ଉପଦେଷ୍ଟା ଡ. ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ, ରଘୁରାଜପୁର ପକ୍ଷରୁ ଗୁରୁ ଲକ୍ଷ୍ମଣ ମହାରଣାଙ୍କ ନିର୍ଦ୍ଦେଶନାରେ ଶିଳ୍ପୀମାନେ ଗୋଟିପୁଅ ନୃତ୍ୟରେ ମଙ୍ଗଳାଚରଣ, ଅଭିନୟ ଏବଂ ବନ୍ଧ ନୃତ୍ୟ ପରିବେଷଣ କରିଥିଲେ। ପ୍ରକାଶଥାଉ କି, କର୍ମଶାଳାରେ ପୁରୀ ସଦର ବ୍ଲକ୍‌ରୁ ୨୦ ଜଣ ଶିଳ୍ପୀ ଯୋଗଦେଇ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୩ ତାରିଖରେ ହେବାକୁ ଥିବା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କର ଚିତ୍ର ସବୁ ପ୍ରଦର୍ଶିତ ହେବା ସହ ଶିଳ୍ପୀମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯିବ।

## ସିପିଏସ୍‌ର ଜନସଚେତନତା ପଦଯାତ୍ରା

ପୁରୀ,୧।୧୨(ସମିସ): ସ୍ଥାନୀୟ ବାଲିଗୁଆଳିସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ (ସିପିଏସ୍) ତରଫରୁ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗୁଣ୍ଡିଚା ମନ୍ଦିରଠାରୁ ବଳଗଣ୍ଡି ଛକ ପର୍ଯ୍ୟନ୍ତ ଏକ ଜନସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ଏହି ପଦଯାତ୍ରାକୁ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର, ଚେୟାରପର୍ସନ ଅନିମା ଦାଶ ସମ୍ମାନିତ ଅତିଥି ଓ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିନୋଦ ବିହାରୀ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ "ଓଭରକମିଙ୍ଗ୍ ଡିସ୍‌ରପସନ୍ ଟ୍ରାନ୍ସଫର୍‌ମିଙ୍ଗ୍ ଦ ଏଡ୍‌ସ ରେସ୍‌ପନ୍ସ' ଉପରେ ନିଜର ମତବ୍ୟକ୍ତ କରିବା ସହିତ ଚିକିତ୍ସା କ୍ଷେତ୍ରରେ ଏଡ୍‌ସ ଭଳି ଦୁରାରୋଗ୍ୟର ଉପଚାର ପାଇଁ ବିଭିନ୍ନ ବାଧାବିଘ୍ନକୁ କିପରି ଦୂର କରିହେବ ତା' ଉପରେ ବକ୍ତବ୍ୟ ରଖିଥିଲେ। ପଦଯାତ୍ରାରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏଡ୍‌ସ ଭଳି ମାରାତ୍ମକ ରୋଗଠାରୁ ନିଜକୁ କିପରି ଦୂରେଇ ରଖାଯାଇପାରିବ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଜନଜାଗରଣ ସୃଷ୍ଟି କରାଯାଇଥିଲା। ଏହି ପଦଯାତ୍ରାକୁ ଅଧ୍ୟାପିକା ସୁନୀତା ମିଶ୍ର, ସ୍ୱଦେସ୍ନା ମହାନ୍ତି, ଅଧ୍ୟାପକ ଅସିତ୍ ଷଡ଼ଙ୍ଗୀ, ଅନୁପ ପାତ୍ର ଓ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପରିଚାଳନା କରିଥିଲେ।

### ● ମହିଳାଙ୍କୁ ସରପଞ୍ଚଙ୍କ ମରଣାନ୍ତକ ଆକ୍ରମଣ

## ଥାନାରୁ ନିରାଶ, ଏସ୍‌ପି ଅଫିସରେ ଦମ୍ପତିଙ୍କ ଧାରଣା



ପୁରୀ,୧।୧୨(ସମିସ): ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ଶାଇଁସ ଶାସନ ସରପଞ୍ଚଙ୍କ ବିରୋଧରେ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଦଳିତ ମହିଳା। ତିନିଦିନ ବିତିଲାଣି କିନ୍ତୁ ବଳଙ୍ଗା ପୁଲିସ ହାତବାନ୍ଧି ବସିଛି। ଥାନାରୁ ନ୍ୟାୟ ନ ପାଇବାରୁ ଦଳିତ ମହିଳା ଓ ତାଙ୍କ ସ୍ୱାମୀ ସୋମବାର ଏସ୍‌ପି ଅଫିସରେ ଧାରଣାରେ ବସିଛନ୍ତି। ସମ୍ପୃକ୍ତ ମହିଳାଙ୍କୁ ଜଣେ ବାହୁବଳୀ ସରପଞ୍ଚ ଅତ୍ୟାଚାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବଳଙ୍ଗା ଥାନା ଅଞ୍ଚଳ ଉଗ୍ରେଶ୍ୱର ଦେଉଳିର ଶୈଳବାଳା ବେହେରାଙ୍କର ଏକ ଗ୍ରୋସରୀ ଦୋକାନ ଗାଁ କେନାଲ ବନ୍ଧ ପାଖରେ ଅଛି। ଗତ ୨୮ ତାରିଖରେ ତାଙ୍କ ସ୍ୱାମୀ ଧୋବେଇ ବେହେରା ବନ୍ଧୁ ଘରକୁ ଯାଇଥିଲେ। ରାତିରେ ଘରକୁ ନ ଫେରିବାରୁ ପୀଡ଼ିତା ଛୋଟ ନାତିକୁ ନେଇ ଦୋକାନ ଘରେ ଶୋଇଥିଲେ। ୨୯ ତାରିଖ ରାତି ପ୍ରାୟ ୩ଟା ସମୟରେ କେହି ଦୋକାନ କବାଟ ବାଡ଼େଇଥିଲେ। କିଏ ସେ କବାଟ ବାଡ଼ଉଛ ବୋଲି ପୀଡ଼ିତା ଭିତରୁ ଥାଇ ପଚାରିଥିଲେ। ସେ ସରପଞ୍ଚ ଟୁଲା ଭାଇନା ପରିଚୟ ଦେଇଥିଲା। ତାଙ୍କ ପାଟି ଶୁଣି ପୀଡ଼ିତା ମହିଳା ଘରର କବାଟ ଖୋଲି ଦେବା ମାତ୍ରେ ଟୁଲା ଭିତରକୁ ପଶିଯାଇଥିଲା। ହାତରେ ଧରିଥିବା ଏକ ଭୁଜାଲିକୁ ପୀଡ଼ିତାଙ୍କ ବେକରେ ଲଗାଇ ଅଶ୍ଳୀଳ ଭାଷାରେ ଗାଳିମନ୍ଦ କରି ଧମକ ଦେଇ କହିଲା, ତୋ ସ୍ୱାମୀକୁ କହିଦେବୁ ମୋ ବିରୁଦ୍ଧରେ ଯିବ ନାହିଁ। ନଚେତ୍ ଗାଡ଼ି ମଡ଼େଇ ଜୀବନରେ ମାରିଦେବି। ମହିଳା ଜଣକ ପ୍ରତିବାଦ କରିବାରୁ ସେ ତାଙ୍କୁ ମାଡ଼ ମାରିବା ସହ ଅସଦାଚରଣ କରିଥିଲା। ମହିଳା ଜଣଙ୍କ ଡାକ ପକାଇବାରୁ ଟୁଲା ତାଙ୍କ ତଣ୍ଟିକୁ ଧରି ପକାଇଥିଲା। ସେ ଚେତାଶୂନ୍ୟ ହୋଇପଡ଼ିବାରୁ ଟୁଲା ସେଠାରୁ ଫେରାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଦୋଷୀଙ୍କ ପ୍ରତି ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିରେ ଦଳିତ ମହିଳା ଓ ତାଙ୍କ ସ୍ୱାମୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ ରିପୋର୍ଟ ଲେଖା ହେବା ବେଳକୁ ରାତି ପର୍ଯ୍ୟନ୍ତ ସେମାନେ ଧାରଣାରେ ବସିଥିଲେ।

## ଓଡ଼ିଶା ମହିଳା କ୍ରିକେଟ୍ ଦଳର ନୂତନ ପ୍ରୟାସ

ପୁରୀ,୧।୧୨(ସମିସ): ସ୍ଥାନୀୟ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ୍‌ରେ ଓଡ଼ିଶାର ଭେଟେରାନ ମହିଳା ଦଳ (୪୦ ବର୍ଷରୁ ଊର୍ଦ୍ଧ୍ୱ) ଓ ଆସାମର ଭେଟେରାନ ମହିଳା ଦଳ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ରାଜ୍ୟ ଅଲିମ୍ପିକ୍ ସଂଘ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ପୁରୀର କ୍ରୀଡ଼ା ସଂଗଠକ ଜିତେନ୍ଦ୍ର ନାଥ ଦାସ ଓ ସିଦ୍ଧାର୍ଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଓଡ଼ିଶା ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯୫ ରନ୍ ସଂଗ୍ରହ କରିଥିଲା। ୯୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆସାମ ୯୦ ରନ୍ ସଂଗ୍ରହ କରିଥିଲା। ଫଳରେ ଏହି ମ୍ୟାଚ୍ ଜିତିଥିଲା ଓଡ଼ିଶା। ଓଡ଼ିଶା ଭେଟେରାନ୍ ଦଳର ଖେଳାଳି ରାଜଲକ୍ଷ୍ମୀ ଦାସ ଓ ସୁଚରିତା ତ୍ରିପାଠୀ ଆଗାମୀ ଦିନରେ କିଭଳି ପୁରୀରେ ମହିଳା କ୍ରିକେଟର ପ୍ରଚାରପ୍ରସାର ହୋଇପାରିବ ସେ ସମ୍ପର୍କରେ ମତ ରଖିଥିଲେ। ସେହିପରି ଆଗାମୀ ଦିନରେ ପୁରୀରେ ଏକ ଜାତୀୟସ୍ତରୀୟ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ରାଜ୍ୟସଭା ସାଂସଦ ଶ୍ରୀ ଖୁଣ୍ଟିଆ ପ୍ରତିଶ୍ରୁତି ଦେଇଥିଲେ।

## ଆଇଏମ୍‌ଟି ଫାର୍ମାସୀ କଲେଜରେ ଏଡ୍‌ସ ଦିବସ ପାଳିତ

ପୁରୀ,୧।୧୨(ସମିସ): ସ୍ଥାନୀୟ ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜ ପରିସରରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଆୟୋଜିତ ସଚେତନତା ପଦଯାତ୍ରାରେ କଲେଜର ଛାତ୍ରଛାତ୍ରୀ ବହୁଳ ସଂଖ୍ୟାରେ ଯୋଗଦେଇଥିଲେ। ଗୁଣ୍ଡିଚା ମନ୍ଦିରଠାରୁ ବାହାରିଥିବା ଏହି ପଦଯାତ୍ରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଛାତ୍ରଛାତ୍ରୀ ସଚେତନତା ବାର୍ତ୍ତା ଓ ପ୍ରଚାରପତ୍ର ବାଣ୍ଟିଥିଲେ। ପଦଯାତ୍ରାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକାରୀଙ୍କ ସମେତ ଆଇଏମ୍‌ଟି ଫାର୍ମାସୀ କଲେଜ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ଅଧ୍ୟାପକ ଦେବଦତ୍ତ ସାହୁ, ଦେବାଶିଷ ଦାସ, ପ୍ରସାଦ ମହାପାତ୍ର, ଚନ୍ଦ୍ରକାନ୍ତ ଜେନା, ପ୍ରଦୀପ ସ୍ୱାଇଁ, ଭବାନୀ ସାମନ୍ତରାୟ, ନିରଞ୍ଜନ ନାୟକ, ଲକ୍ଷ୍ମୀନାରାୟଣ ସେଠୀ, ରବି ସାହୁ ପ୍ରମୁଖ ରାଲି ପରିଚାଳନା କରିଥିଲେ। ଆଇଏମ୍‌ଟି ଫାର୍ମାସୀ କଲେଜ ପରିସରରେ ଆୟୋଜିତ ସଭାରେ ଶୈକ୍ଷିକ ନିର୍ଦ୍ଦେଶକ ପ୍ରଫେସର ଡ. ଅନ୍ନଦା ମହାପାତ୍ର ସଭାପତିତ୍ୱ କରି ଏଡ୍‌ସ, ସ୍ୱାସ୍ଥ୍ୟ ରକ୍ଷଣ ଓ ନିଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଥିରେ ଅଧ୍ୟକ୍ଷ ପ୍ରଫେସର ଡ. ଅଗ୍ନିମିତ୍ର ଦିଣ୍ଡା ଉଦ୍‌ବୋଧନ ଦେଇଥିବାବେଳେ




ଉପାଧ୍ୟକ୍ଷ ଡ. ତୁଷାର ମହାପାତ୍ର ଏବଂ ସମସ୍ତ ବିଭାଗୀୟ ମୁଖ୍ୟ ତଥା ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ସେହିପରି ବକ୍ତୃତା ମାଧ୍ୟମରେ ଛାତ୍ରଛାତ୍ରୀମାନେ ଏଡ୍‌ସ ସଚେତନତା ସୃଷ୍ଟି କରିବା ପାଇଁ ପ୍ରୟାସ କରି ପ୍ରଶଂସିତ ହୋଇଥିଲେ। ଆଇଏମ୍‌ଟି କଲେଜ ଓ ଉପହାର ଅନୁଷ୍ଠାନର ମିଳିତ ସହଯୋଗରେ ଛାତ୍ରଛାତ୍ରୀଙ୍କ ପାଇଁ ଜାତୀୟସ୍ତରର କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଆଇଏମ୍‌ଟିର ୯ ଜଣ ଛାତ୍ରଛାତ୍ରୀ ପ୍ରଥମ ୧୦ ରାଙ୍କ ମଧ୍ୟରେ ସଫଳ ହୋଇଥିଲେ। ଏହି ସଭାକୁ ଚନ୍ଦ୍ରକାନ୍ତ ଜେନା ପରିଚାଳନା କରିଥିବାବେଳେ ନିରଞ୍ଜନ ନାୟକ ତଥା ଅନ୍ୟ କର୍ମକର୍ତ୍ତା ସହାୟତା କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ବର୍ଷା ପଲାଇ।

### ● ଗୁଣ୍ଡିଚା ମନ୍ଦିରରେ ପଶି ଜେସିବି ଭାଙ୍ଗିବା ଘଟଣା

## ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ଦେଲା ଆପ୍

ପୁରୀ,୧।୧୨(ସମିସ): ଗୁଣ୍ଡିଚା ମନ୍ଦିର ଭିତରେ ପଶି ଜେସିବି ବିଭିନ୍ନ ନିର୍ମାଣ ଭାଙ୍ଗିବାକୁ ସବୁ ମହଲରୁ ବିରୋଧ କରାଯାଉଛି। ଯଦି ମନ୍ଦିର ଭିତରେ କିଛି ଉଚ୍ଛେଦ କରିବାକୁ ଥିଲା, ଲୋକ ଲଗାଇ ହାତରେ ଏହାକୁ କରାଯାଇପାରିଥାଆନ୍ତା। କିନ୍ତୁ ଏହା କରା ନ ଯାଇ ମନ୍ଦିର ଭିତରେ ଜେସିବି ପୂରାଇ ଭାଙ୍ଗିବା ଦ୍ୱାରା ଏହା ଅନ୍ୟ ମନ୍ଦିର ସୁରକ୍ଷା ପ୍ରତି ବିପଦ ଆଣିଥିବ ବୋଲି ଅଭିଯୋଗ କରିଆସୁଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଏ ନେଇ ଆପ୍ ପକ୍ଷରୁ ସୋମବାର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ଶ୍ରମିକମାନେ କିପରି କର୍ମ ନିଯୁକ୍ତି ପାଇବେ ସେଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ବହୁ ଯୋଜନା ହେଉଛି। କିନ୍ତୁ ଗୁଣ୍ଡିଚା ମନ୍ଦିର କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ମନ୍ଦିର ପୁନରୁଦ୍ଧାର କାମରେ ଜେସିବି ଓ ଟ୍ରାକ୍ଟର ବ୍ୟବହାର କରାଯାଉଛି। ହାତୁଡ଼ି ଓ ଛେଣି ଦ୍ୱାରା ଏହି କାମ ହୋଇଥା'ନ୍ତା। କିନ୍ତୁ ଜେସିବି ଦ୍ୱାରା କାମ କରାଇବାରୁ କେତେ ଶ୍ରମିକଙ୍କ ହାତରୁ କାମ ଚାଲିଗଲା। ଏଥିପାଇଁ ଦାୟୀ କିଏ? ଠିକାଦାର ନା ମନ୍ଦିର ପ୍ରଶାସନ? ଏହାଦ୍ୱାରା ଶ୍ରମ ଆଇନକୁ ମଧ୍ୟ ଉଲ୍ଲଂଘନ କରାଯାଇଛି। ଏମିତି ସବୁ କାମ ମେସିନ କଲେ ଶ୍ରମିକ ଆଉ କାମ ପାଇବେ ନାହିଁ। ଏ ବିଷୟରେ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଅବଗତ କରାଇ ଠିକା ସଂସ୍ଥା ବା ଯେ କାମ କରାଉଛି ସେଠି କିପରି ଶ୍ରମିକ କାମ ପାଇବେ ସେଥିପାଇଁ ବନ୍ଦୋବସ୍ତ କରିବାକୁ ଆପ୍ ପକ୍ଷରୁ ଶ୍ରମ ଅଧିକାରୀଙ୍କୁ ସ୍ମାରକପତ୍ର ଦିଆଯାଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଆପ୍ ନେତା ଦେବ ପ୍ରଧାନ ଓ ସାଥୀ ଏହି ଦାବିପତ୍ର ଦେଇଛନ୍ତି।

## ହ୍ୱାଇଟ୍ କୋଟ୍ ବର୍ଜନ କଲେ ଆୟୁଷ ଛାତ୍ରଛାତ୍ରୀ




ପୁରୀ,୧।୧୨(ସମିସ): ଲୋକଙ୍କ ସେବା ପାଇଁ ଡାକ୍ତର ହେବାର ସ୍ୱପ୍ନ ଦେଖିଥିବା ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀ ସୋମବାରଠାରୁ ନିଜେ ପିନ୍ଧିଥିବା ହ୍ୱାଇଟ୍ କୋର୍ଟ ବା ଧଳା କୋର୍ଟ ବର୍ଜନ କରିଛନ୍ତି। ୮ ଦଫା ଦାବି ନେଇ ୨୮ ଦିନ କଳା ବ୍ୟାଜ୍ ପିନ୍ଧି ଆନ୍ଦୋଳନ, ୮ ଦିନ ଧରି କଲେଜ ମୁଖ୍ୟ ଫାଟକ ବନ୍ଦ କରି ଧାରଣା ଓ ରବିବାର ଅହୋରାତ୍ର ଧାରଣା ପରେ ସ୍ଥାନୀୟ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଡାକ୍ତରଙ୍କ ସହ ଆଲୋଚନା କଲେ ନାହିଁ ସରକାର। ଆୟୁର୍ବେଦ ଓ ଆୟୁଷ ଡାକ୍ତରଙ୍କ ପାଇଁ ଅନେକ କିଛି କହୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନକୁ ମଧ୍ୟ ଧୂଳିସାତ୍ କରି ଦିଆଯାଇଛି। ଲଗାତାର ଆନ୍ଦୋଳନ ସତ୍ତ୍ୱେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ କର୍ଣ୍ଣପାତ କରି ନ ଥିବାରୁ ସୋମବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ସହସ୍ର ଡାକ୍ତରୀ ଛାତ୍ରଛାତ୍ରୀ ସ୍ଲୋଗାନ ଦେଇ କଲେଜ ପରିସରରୁ ବାହାରି ମୋତିସାହି ଛକସ୍ଥିତ ମୁଖ୍ୟ ଡାକଘରକୁ ଆସିଥିଲେ। ସମସ୍ତ ଛାତ୍ରଛାତ୍ରୀ ହ୍ୱାଇଟ୍ କୋର୍ଟ କାଢ଼ି ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ପଠାଇଛନ୍ତି। ନିଜ ହକ୍ ଓ ଅଧିକାର ନ ପାଇବା ପର୍ଯ୍ୟନ୍ତ ସେମାନେ ଏହି ହ୍ୱାଇଟ୍ କୋର୍ଟ ପିନ୍ଧିବେ ନାହିଁ ବୋଲି କହିଛନ୍ତି।

# ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ମେଳି ବାନ୍ଧିଲେ ୮ ସାହି ଆଖଡ଼ା




ପୁରୀ,୧।୧୨(ସମିସ): ଆଠ ସାହି ଆଖଡ଼ାର ମୁଖିଆ ସାମିଲ୍ ହେଲେ ପୁରୀବାସୀଙ୍କ ସ୍ୱତନ୍ତ୍ର ଶ୍ରୀଜଗନ୍ନାଥ ଦର୍ଶନ ଅଭିଯାନରେ। ଗୋଟିଏ ସ୍ୱରରେ ଆଠ ସାହି ଆଖଡ଼ା ସମନ୍ୱୟ ସମିତି ପକ୍ଷରୁ ଦାବି ଉଠିଲା ପୁରୀବାସୀଙ୍କ ସୁବିଧାରେ ଶ୍ରୀଜଗନ୍ନାଥ ଦର୍ଶନ ନିମନ୍ତେ। ଜାଗା ଆଖଡ଼ାର ସଭାପତି, ସମ୍ପାଦକ ଏକ ସ୍ୱରରେ ଆହ୍ୱାନ ଦେଇଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ହଜାର ହଜାର ପୁରୀବାସୀ ଏକାଠି ହେବା ସହ ପ୍ରତିବାଦ କରିବା ପାଇଁ ଆହ୍ୱାନ କରିଛନ୍ତି। ପୁରୀବାସୀଙ୍କ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ଯୋଜନା ତରଫରୁ ୭ ତାରିଖରେ ଶୋଭାଯାତ୍ରା ପାଇଁ ରବିବାରଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରକ୍ରିୟାର ପ୍ରଥମ ଚରଣରେ ୨୮ଟି ସାମାଜିକ ଅନୁଷ୍ଠାନ ଏକତ୍ରିତ ହୋଇ ସାମାଜିକ ଗଣମାଧ୍ୟମରେ ସଚେତନତା ସୃଷ୍ଟି କରିବେ। ଆସନ୍ତା ୨ ତାରିଖଠାରୁ ପ୍ରତି ଗଳିକନ୍ଦିରେ ବୈଠକ କରିବା ସହ ସଚେତନତା ସୃଷ୍ଟି କରାହେବ ଏବଂ ଦସ୍ତଖତ ଅଭିଯାନ ଆରମ୍ଭ ହେବ।

ପ୍ରତିଦିନ ଜଗନ୍ନାଥଙ୍କୁ ଦର୍ଶନ କରି ନିଜର ଦୈନନ୍ଦିନ ଜୀବନ ଆରମ୍ଭ କରିଥା'ନ୍ତି ପୁରୀବାସୀ। ଘର ପ୍ରତିଷ୍ଠା, ବ୍ରତୋପନୟନ, ବିବାହ, ନିର୍ବନ୍ଧ ଏବଂ ଅନେକ ପୂଜାର୍ଚ୍ଚନା କାର୍ଯ୍ୟରେ ମହାପ୍ରସାଦ ପାଇଁ ଯାଇଥା'ନ୍ତି ପୁରୀବାସୀ। ଏବେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ଯେ, ମାଳ ମାହାର୍ଦ୍ଦ ପାଇଁ ମଧ ଯିବା ସମ୍ଭବ ହେଉନାହିଁ। ଯାହାର ପରିଣତି ୧୦୦ ଟଙ୍କାର ମହାପ୍ରସାଦ ବାହାରେ ରହି କିଣିବା ଫଳରେ ତା'ର ଦର ଅହେତୁକ ମୂଲ୍ୟ ବୃଦ୍ଧି ପାଉଛି। ସାହି ଆଖଡ଼ା ସମନ୍ୱୟ ସମିତିର ସଭାପତି ରବିନାରାୟଣ ସେନାପତି, ସମ୍ପାଦକ ନରେନ୍ଦ୍ର ମହାନ୍ତି, ପଥର ଆଖଡ଼ାର ଯୁଗ୍ମ ସମ୍ପାଦକ ରାମଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ବିଶ୍ୱଜିତ୍ ସେନାପତି, ଗଉଡ଼ବାଡ଼ ସାହି ଆଖଡ଼ାର ସମ୍ପାଦକ ରଘୁନାଥ ଖୁଣ୍ଟିଆ, ମାଟି ମଣ୍ଡପ ସାହି ଆଖଡ଼ାର ଉପସଭାପତି ଗଣେଶ ମହାସୁଆର, ପାଣ୍ଡ ଜାଗାର ସମ୍ପାଦକ ତ୍ରିଲୋଚନ ପ୍ରଧାନ, ଗଦାସାଆଣ ଜାଗାର ସଭାପତି ସୁବାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୭ ତାରିଖ ଦିନ ଅପରାହ୍ଣ ୪ଟାରେ ଗୁଣ୍ଡିଚା ମନ୍ଦିର ନିକଟରେ ପୁରୀବାସୀମାନେ ଏକତ୍ରିତ ହେବା ପାଇଁ ମଞ୍ଚ ତରଫରୁ ନିବେଦନ କରାଯାଇଛି।